ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.146, Monday, 14 September 2026, Puri, Pages - 20, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୬, ସୋମବାର, ୧୪ ସେପ୍ଟେମ୍ବର ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Wonder world
Water Park & Resort

Happy
Ganesh
Chaturthi

May the Lord Ganesha remove all obstacles
and shower you with bounties.

MALATIPATPUR, PURI | FOLLOW US - | CALL US - 8144916946

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.146, Monday, 14 September 2026, Puri, Pages - 20, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୬, ସୋମବାର, ୧୪ ସେପ୍ଟେମ୍ବର ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.146, Monday, 14 September 2026, Puri, Pages - 20, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୬, ସୋମବାର, ୧୪ ସେପ୍ଟେମ୍ବର ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

୫ ଓରାଙ୍ଗଉଟାନ ଠାବ ଘଟଣା

ଗଠନ ହେଲା ୫ ଜଣିଆ ବୈଷୟିକ କମିଟି

ବାଲେଶ୍ୱର(ଅମୃତ ମିଡ଼ିଆ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ବିଚିତ୍ରପୁର ବଡ଼ପାହି ଜଙ୍ଗଲରୁ ଉଦ୍ଧାର କରାଯାଇ ଭୁବନେଶ୍ୱରର ନନ୍ଦନକାନନରେ ରଖାଯାଇଥିବା ୫ ଓରାଙ୍ଗଉଟାନ ଛୁଆଙ୍କ ପାଇଁ ଗଠନ କରାଯାଇଛି ୫ ଜଣିଆ ବୈଷୟିକ କମିଟି। ପିସିସିଏଫ (ବନ୍ୟପ୍ରାଣୀ) ଏହି କମିଟି ଗଠନ କରିଛନ୍ତି। ଏହି ୫ ଜଣିଆ ବୈଷୟିକ କମିଟିରେ କର୍ଣ୍ଣାଟକାର ମହାଶୂର ସ୍ଥିତ ଶ୍ରୀ ଚାମରାଜେନ୍ଦ୍ର ପ୍ରାଣୀ ଉଦ୍ୟାନର ଜଣେ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସହିତ ଡେରାଡୁନ ସ୍ଥିତ ୱାଇଲ୍ଡ ଲାଇଫ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକଙ୍କ ଜଣେ ପ୍ରତିନିଧି, ଭୁବନେଶ୍ୱର ସ୍ଥିତ ଓୟୁଏଟିର ସେଣ୍ଟର ଫର ୱାଇଲ୍‌ଡଲାଇଫ୍ ହେଲ୍‌ଥର ପ୍ରୋଜେକ୍ଟ କୋଅର୍ଡିନେଟର, ନୂଆଦିଲ୍ଲୀ ସ୍ଥିତ ଜାତୀୟ ପ୍ରାଣୀ ଉଦ୍ୟାନର ନିର୍ଦ୍ଦେଶକଙ୍କ ଦ୍ୱାରା ମନୋନୀତ ଜଣେ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ନନ୍ଦନକାନନର ନିର୍ଦ୍ଦେଶକ ସଦସ୍ୟ ରହିଛନ୍ତି। ନନ୍ଦନକାନନର ନିର୍ଦ୍ଦେଶକ ଏହି କମିଟିର ଆବାହକ ଦାୟିତ୍ୱ ନିର୍ବାହ କରିବେ। ଉଦ୍ଧାର ହୋଇଥିବା ୫ ଓରାଙ୍ଗଉଟାନଙ୍କ ଉଚିତ୍ ଦେଖାଶୁଣା କରିବା ପାଇଁ ଏହି ବୈଷୟିକ କମିଟି ପରାମର୍ଶ ଦେବ ବୋଲି ପିସିସିଏଫ (ବନ୍ୟପ୍ରାଣୀ)ଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶରେ କୁହାଯାଇଛି। ଏଥିପାଇଁ ଏହି କମିଟି ଜାତୀୟ/ଅନ୍ତର୍ଜାତୀୟ ସ୍ତରର କୌଣସି ବ୍ୟକ୍ତିବିଶେଷ ବା ସଂଗଠନର ପରାମର୍ଶ ନେଇପାରିବେ।

ୟୁଏଇରୁ ଗସ୍ତ ସାରି ଫେରିଲେ ମୁଖ୍ୟମନ୍ତ୍ରୀ

ଓଡ଼ିଶାକୁ ଆସିବ ବିପୁଳ ପୁଞ୍ଜି ନିବେଶ

- ୨.୪୩ ଲକ୍ଷ କୋଟିର ନିବେଶ ପ୍ରସ୍ତାବ
- ସୃଷ୍ଟିହେବ ୯ ଲକ୍ଷ ନିଯୁକ୍ତି
- ୨୨.୫ ଲକ୍ଷ କୋଟିରେ ପହଞ୍ଚିଲା ପୁଞ୍ଜିନିବେଶ ପ୍ରସ୍ତାବ

ଭୁବନେଶ୍ୱର(ବ୍ୟୁରୋ)

ରାଜ୍ୟର ଯୁବପିଢ଼ିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଆମ ସରକାର ନିଜର ସର୍ବାଧିକ ସାମର୍ଥ୍ୟର ଉପଯୋଗ କରୁଛନ୍ତି ବୋଲି ୟୁଏଇ ଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି ସେ କହିଛନ୍ତି ଯେ ରାଜ୍ୟର ପୁଅ-ଝିଅ ପାଠପଢ଼ା ସାରିବା ପରେ ଯେପରି ନିଜ ମାଟିରେ ହିଁ ସମ୍ମାନଜନକ ନିଯୁକ୍ତି ପାଇପାରିବେ, ତାହା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ଏଥିପାଇଁ ଆରମ୍ଭରୁ ହିଁ ଶିକ୍ଷାୟନ ଅଭିଯାନକୁ ବ୍ୟାପକ କରାଯାଇଛି। ଭୁବନେଶ୍ୱର ବିମାନବନ୍ଦର ଠାରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ନିକଟରେ ବିବୃତ୍ତି ରଖି ସେ କହିଥିଲେ ଯେ, ଏହି ୟୁଏଇ ଗସ୍ତ, ଗତ ଦୁଇ ବର୍ଷ ଧରି ସରକାରଙ୍କ ଶିକ୍ଷାୟନ ଅଭିଯାନର ଆଉ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି । ୨୦୨୫ ଜାନୁୟାରୀରେ ଭୁବନେଶ୍ୱରରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା – ମେକ ଇନ ଓଡ଼ିଶା କନକ୍ଲେଭ' ପରେ ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, କୋଲକାତା, ଗୁଜରାଟ ଠାରୁ ଆରମ୍ଭ କରି ସିଙ୍ଗାପୁର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନକୁ ଗସ୍ତ କରି ପୁଞ୍ଜି ଯୋଗାଡ଼ କରିବା ପାଇଁ ଓଡ଼ିଶା ସରକାରଙ୍କ ଏକ ସମର୍ପିତ ଟିମ୍ ନିରବିଚ୍ଛିନ୍ନ ଉଦ୍ୟମ ଜାରି ରଖିଛନ୍ତି । ଏହି ଉଦ୍ୟମ ଦ୍ୱାରା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ଏବଂ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏହା ଗୋଟିଏ ଗୋଟିଏ ମାଇଲଖୁଣ୍ଟ ଭାବେ ପରିଗଣିତ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ ଗତ ସେପ୍ଟେମ୍ବର ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ ଓ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ୟୁଏଇ ଗସ୍ତ କାଳରେ ୯, ୧୦ ଓ ୧୧ ତାରିଖ— ତିନି ଦିନ ଧରି ଆବୁଧାବି ଏବଂ ଦୁବାଇରେ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇଛି । ଟଇର ଗସ୍ତରେ ସମୁଦାୟ ୫୨ଟି ବିଜନେସ ମିଟିଙ୍ଗ୍, ୬ଟି ରାଉଣ୍ଡଟେବୁଲ ମିଟିଙ୍ଗ, ୪୬ଟି ୱାନ୍-ଟୁ-ୱାନ୍ ମିଟିଙ୍ଗ୍ ସହ ପ୍ରାୟ ୪୦୦ ଶିଳ୍ପ ନେତୃତ୍ୱ ଓ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଛି। ଏହି ଗସ୍ତ କାଳରେ ସମୁଦାୟ ୮ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହ ୧୬ଟି ନିବେଶ ସମ୍ଭାବନା ସୃଷ୍ଟି ହୋଇଛି, ଯାହାଦ୍ୱାରା ରାଜ୍ୟକୁ ୨ ଲକ୍ଷ ୪୩ ହଜାର ୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ ହୋଇଛି। ଏହାଦ୍ୱାରା ୬ ଲକ୍ଷ ୧୮ ହଜାର ୭୨୫ ପ୍ରତ୍ୟକ୍ଷ ସୁଯୋଗ ସୃଷ୍ଟି ହେବ। ପରୋକ୍ଷ ନିଯୁକ୍ତି ସହ ସମୁଦାୟ ପ୍ରାୟ ୯ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବରୁ ହାସଲ ହୋଇଥିବା ୨୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ପ୍ରସ୍ତାବକୁ ମିଶାଇ ବର୍ତ୍ତମାନ ରାଜ୍ୟର ମୋଟ ନିବେଶ ପ୍ରସ୍ତାବ ୨୨.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ଏହି ଗସ୍ତ କାଳରେ ୟୁଏଇ ର ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ତଥା ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧ୍ୟକ୍ଷ ଅବ୍‌ଦୁଲା ବିନ୍ ତକ୍ ଅଲ୍ ମାରି ୟୁଏଇ ପରିଚାଳନା ନିର୍ଦ୍ଦେଶକ ସୟଦ ବସର୍ ସୁଏବ୍‌ଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ଏହା ସହିତ ୟୁଏଇର ସଫଳ ଓଡ଼ିଆ ଉଦ୍ୟୋଗୀ ଓ ପ୍ରବାସୀ ଓଡ଼ିଆମାନଙ୍କ ସହ ଭାବର ଆଦାନପ୍ରଦାନ କରାଯାଇଛି, ଯାହା ଦ୍ୱିପାକ୍ଷିକ ବ୍ୟବସାୟିକ ଓ ସାଂସ୍କୃତିକ ସମ୍ପର୍କକୁ ଅଧିକ ମଜବୁତ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଏବଂ ଆସନ୍ତା ଦଶ ବର୍ଷ ମଧ୍ୟରେ ରାଜ୍ୟକୁ ୫୦୦ ବିଲିଅନ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି ।

ସ୍ତ୍ରୀର ବେକ କାଟି ହତ୍ୟା କଲା ସ୍ୱାମୀ

ବାରିପଦା(ଅମୃତ ମିଡ଼ିଆ)

ବାରିପଦା ଟାଉନ ଥାନା ବାଗଡ଼ିହା ଛକରେ ଅଘଟଣ। ରାସ୍ତାରେ ଛୁରିରେ ସ୍ତ୍ରୀର ବେକ କାଟି ଦେଲା ସ୍ୱାମୀ । ଏଥିରେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ଗଉଡୁଣୀଡୁବା ଗାଁର ସୁକାନ୍ତି ନାଏକ। ଶୁଳିଆପଦା ଥାନା ଗଉଡୁଣୀଡୁବା ଗାଁର କାଟିଆ ନାଏକ ଏବଂ ତାଙ୍କ ସ୍ତ୍ରୀ ସୁକାନ୍ତି ନାଏକ ବାଗଡ଼ିହା ଛକରେ ବସି କଥାବାର୍ତ୍ତା ହେଉଥିଲା । ଏହି ସମୟରେ ହଠାତ୍ କୌଣସି କଥାକୁ ନେଇ କଟିଆ ରାଗିଯାଇ ଏକ ଛୁରରେ ସ୍ତ୍ରୀର ବେକକୁ କାଟି ଦେଇଥିଲା । ରକ୍ତ ଜୁତୁବୁତୁ ଅବସ୍ଥାରେ ସୁକାନ୍ତି ଚିତ୍କାର କରିଥିଲେ । ଏହାପରେ ସ୍ଥାନୀୟ ଲୋକେ ଦୌଡି ଆସି ତାଙ୍କ ରକ୍ତସ୍ରାବ ବନ୍ଦ କରିବାକୁ ଉଦ୍ୟମ କରିଥିଲେ । । ଏହାପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି । ବେକରେ ଗଭୀର ଆଘାତ ବାଜିଥିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି ।

ସରିଲା ବ୍ରିକ୍ସ ସମ୍ମିଳନୀ, ବଢ଼ିଲା ସଂପର୍କ

ଫୋକସ୍‌ରେ ଗ୍ଲୋବାଲ ସାଉଥ୍‌ର ବିକାଶ

ନୂଆଦିଲ୍ଲୀ

ନୂଆଦିଲ୍ଲୀରେ ସରିଲା ବିଶ୍ୱ ନେତାଙ୍କ ମହାମିଳନ। ବ୍ରିକ୍ସ ସମ୍ମିଳନୀ ସାରି ନିଜ ଦେଶକୁ ଫେରିଲେ ଜିନପିଙ୍ଗ ଓ ପୁଟିନଙ୍କ ଭଳି ବିଶ୍ୱ ନେତା। ଗୋଟିଏ ମଂଚରେ ମନ ମିଶିଲା, ସଂପର୍କ ବଢିଲା, ଏକାଠି ଫଟୋ ପୋଜ୍ ବି ଦେଲେ। ସମ୍ମିଳନୀ ଅବସରରେ ଭାରତ, ଚୀନ୍ ସମେତ ୧୫ ରାଷ୍ଟ୍ରନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବି କରିଛି। ବିଶ୍ୱନେତାଙ୍କ ଆଗରେ ରଖିଛି ବ୍ରିକ୍ସ ଆୟୋଜନ ପଛରେ ମୁଖ୍ୟ ଉଦ୍ଦେଶ୍ୟ। ବ୍ରିକ୍ସ ମଂଚରେ ଏକାଠି ବିଶ୍ୱ ନେତା। ଭାରତରୁ ସାରା ବିଶ୍ୱକୁ ଯାଇଛି ବାର୍ତ୍ତା। ଉଦଯାପନୀ ଦିବସରେ ଗ୍ଲୋବାଲ ସାଉଥ୍ ବା ବିକାଶଶୀଳ ଦେଶଗୁଡିକର ସାମୂହିକ ବିକାଶ ଉପରେ ଫୋକସ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ବ୍ରିକ୍ସ ନେତାଙ୍କ ଆଗରେ ରଖିଛନ୍ତି, ୪ଟି ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ରିଜିଲିଏନ୍ସ, ଇନୋଭେସନ୍, କୋଅପରେସନ୍ ଏବଂ ସସଷ୍ଟେନେବିଲିଟି। ମୋଦି ସ୍ପଷ୍ଟ କରିଛନ୍ତି, ପ୍ରଯୁକ୍ତିବିଦ୍ୟା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଅସ୍ତ୍ରଶସ୍ତ୍ରୀକରଣ ବା ୱେପନାଇଜେସନ୍ ସାରା ବିଶ୍ୱ ପାଇଁ ଚିନ୍ତାଜନକ। ବିଶ୍ୱ ବାଣିଜ୍ୟ ଏବଂ ଯୋଗାଣ ଶୃଙ୍ଖଳାରେ ଏହା ବାଧା ସୃଷ୍ଟି କରୁଛି। ଏହାର ପ୍ରଭାବ ସପ୍ଲାଏ ଚେନ ଉପରେ ପଡିଛି। ତେବେ ସଙ୍କଟ ସମୟରେ ପଛଘୁଞ୍ଚା ବଦଳରେ ଏକାଠି ହେବାକୁ ମୋଦି ଦେଇଛନ୍ତି ଆହ୍ୱାନ। ଅନ୍ୟପଟରେ ଭାରତ ପାଇଁ ସବୁଠାରୁ ବଡ଼ କୂଟନୈତିକ ବିଜୟ ହେଉଛି ଆତଙ୍କବାଦ ବିରୋଧରେ ବିଶ୍ୱ ନେତାଙ୍କ ସମର୍ଥନ। 'ନୂଆଦିଲ୍ଲୀ ଘୋଷଣାନାମା'ରେ ଜମ୍ମୁ-କଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ନିନ୍ଦା କରାଯାଇଛି। ଚୀନ ଏବଂ ରୁଷ ସମେତ ସମସ୍ତ ବ୍ରିକ୍ସ ସଦସ୍ୟ ଦେଶ ଏହି ନିନ୍ଦା ପ୍ରସ୍ତାବକୁ ସମର୍ଥନ କରିଛନ୍ତି, ଯାହା ଅନ୍ତର୍ଜାତୀୟ ସ୍ତରରେ ସୀମାପାର ଆତଙ୍କବାଦ ବିରୋଧରେ ଭାରତର ପକ୍ଷକୁ ଅଧିକ ମଜବୁତ କରିଛି। ଭାରତ ମାଟିରେ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ପ୍ରତିନିଧିମଣ୍ଡଳୀ ସ୍ତରୀୟ ଆଲୋଚନା ଦ୍ୱାରା ଦ୍ୱିପାକ୍ଷିକ ସଂପର୍କ ସୁଧୁରିଛି। ପୂର୍ବ ଲଦାଖ ସୀମା ବିବାଦ ପରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଏବଂ କୂଟନୈତିକ ଆଲୋଚନାକୁ ଆଗକୁ ବଢ଼ାଇବା ପାଇଁ ଏହି ସମ୍ମିଳନୀ ଏକ ବଡ଼ ମାଧ୍ୟମ ସାଜିଛି।

କଟକରେ ଚାଞ୍ଚଲ୍ୟ

ମହିଳାଙ୍କୁ ପଥରରେ ଛେଚି ହତ୍ୟା

କଟକ(ବ୍ୟୁରୋ)

କଟକ ସହରର ସିଡ଼ିଏ ସେକ୍ଟର-୧୩ ଅଞ୍ଚଳରେ ଏକ ମହିଳାଙ୍କ ହତ୍ୟାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏକ ବନ୍ଦ ଘର ଭିତରୁ ମହିଳାଙ୍କ ମୃତଦେହ ମିଳିଥିବା ବେଳେ ତାଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ପ୍ରାଥମିକ ଭାବେ ସନ୍ଦେହ କରାଯାଉଛି। ଘଟଣା ସମ୍ପର୍କରେ ଖବର ପାଇ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ତେବେ ମୃତ ମହିଳା ଜଣକ କିଏ, ସେ କେଉଁଠାର ବାସିନ୍ଦା ଏବଂ କେଉଁ ପରିସ୍ଥିତିରେ ସେ ଏହି ଘରକୁ ଆସିଥିଲେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ସେହିପରି ହତ୍ୟା ପଛର କାରଣକୁ ନେଇ ମଧ୍ୟ ରହସ୍ୟ ଲାଗିରହିଛି। ବ୍ୟକ୍ତିଗତ ଶତ୍ରୁତା, ପୂର୍ବ ବିବାଦ ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ସେ ଦିଗରେ ପୋଲିସ୍ ତଦନ୍ତ କରୁଛି। ସବୁଠୁ ବଡ଼ କଥା ହେଲା, ଘଟଣା ପରେ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି। ତେଣୁ ଅଭିଯୁକ୍ତଙ୍କ ପରିଚୟ ଜାଣିବା ସହ ତାଙ୍କୁ ଧରିବା ପାଇଁ ପୋଲିସ୍ ପକ୍ଷରୁ ତଜାଘନା ଚାଲିଛି। ଘଟଣାସ୍ଥଳରୁ ମିଳୁଥିବା ବିଭିନ୍ନ ପ୍ରମାଣକୁ ଆଧାର କରି ପୋଲିସ୍ ତଦନ୍ତକୁ ଆଗକୁ ବଢ଼ାଉଛି। ମହିଳାଙ୍କ ମୃତ୍ୟୁ କେତେବେଳେ ହୋଇଛି, ତାଙ୍କ ଶରୀରରେ କେଉଁ ପ୍ରକାର ଆଘାତ ରହିଛି ଏବଂ ପଥର ହିଁ ହତ୍ୟାରେ ବ୍ୟବହୃତ ହୋଇଛି କି ନାହିଁ, ତାହା ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହେବ। ଏପଟେ ଜନବସତି ପୂର୍ଣ୍ଣ ସିଡ଼ିଏ ଅଞ୍ଚଳରେ ଏଭଳି ହତ୍ୟାକାଣ୍ଡ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି। ମହିଳାଙ୍କ ପରିଚୟ ଓ ହତ୍ୟା ପଛର ରହସ୍ୟ ଉପରୁ ପରଦା ହଟାଇବା ଏବେ ପୋଲିସ୍ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି।

ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତ କେବଳ ପ୍ରଚାର ସର୍ବସ୍ୱ

ୟୁଏଇ ରୁ ବିଭିନ୍ନ କମ୍ପାନୀ ସହ ଏମଓୟୁ ସ୍ୱାକ୍ଷର କରି ଓଡ଼ିଶା ଫେରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ରାଜ୍ୟକୁ ବିପୁଳ ପୁଞ୍ଜି ଆସିବା ନେଇ ରାଜ୍ୟବାସୀଙ୍କୁ ଦେଇଛନ୍ତି ପ୍ରତିଶ୍ରୁତି । ଖାଲି ସେତିକି ନୁହେଁ ରାଜ୍ୟର ଲକ୍ଷ ଲକ୍ଷ ଯୁବକ ଯୁବତୀ ମାନେ ମଧ୍ୟ ନିଯୁକ୍ତି ସୁଯୋଗ ପାଇବେ ବୋଲି ଦୃଢ଼ ଭାବରେ କହିଛନ୍ତି ସିଏମ । ଓଡ଼ିଶାକୁ ଯାହା ପୁଞ୍ଜି ଆସୁ ବା ନିଯୁକ୍ତି ମିଳୁ ତାହା ଆଗାମୀ ଦିନରେ ଜଣାପଡ଼ିବ ହେଲେ ଏହାକୁ ନେଇ ଏବେ ବିରୋଧୀ ବିଜେଡ଼ି କିନ୍ତୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ ବାଣରେ ଘେରିଛି । ୨ବର୍ଷ ୬ ମାସରେ ସରକାର କେତେ ପୁଞ୍ଜି ରାଜ୍ୟକୁ ଆଣିଛନ୍ତି ଆଉ କେତେ ନିଯୁକ୍ତି ଦେଇଛନ୍ତି ତାହାର ଉତ୍ତର ମାଗିଛି ବିଜେଡ଼ି ।

ଭୁବନେଶ୍ୱର(ବ୍ୟୁରୋ)

ଓଡ଼ିଶାରେ ପୁଞ୍ଜି ନିବେଶ ନେଇ ମୁଖ୍ୟମନ୍ତ୍ରୀଙ୍କ ୟୁଏଇ ଗସ୍ତକୁ ଜୋରଦାର ପ୍ରଚାର ପ୍ରସାର ହେଉଛି । ବିଜ୍ଞାପନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ତେବେ ଖର୍ଚ୍ଚ ଅନୁଯାୟୀ ଓଡ଼ିଶାକୁ ସମପରିମାଣର ପୁଞ୍ଜି ଆସିବକି ନାହିଁ, ବିଜେଡି ପକ୍ଷରୁ ପ୍ରଶ୍ନ କରାଯାଇଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଡ.ଲେନିନ ମହାନ୍ତି ବିଜେପି ସରକାରଙ୍କୁ ସମାଲୋଚନା କରିଛନ୍ତି ।

ଡ଼. ମହାନ୍ତି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ୟୁଏଇ ଗସ୍ତ ସମ୍ପୂର୍ଣ୍ଣ କରି ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଓଡ଼ିଶାରେ ଅନେକ ପୁଞ୍ଜି ନିବେଶ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚାର ପ୍ରସାର ଜୋରଦାର ହେଉଛି । ଦୈନିକ ଖବରକାଗଜ ମାନଙ୍କରେ ବଡ଼ ବଡ଼ ବିଜ୍ଞାପନ ଜରିଆରେ ପ୍ରଥମ ପୃଷ୍ଠା ମଣ୍ଡନ କରି ପ୍ରଚାର ପ୍ରସାର ହେଉଥିବା ବେଳେ ବିଜେଡି ପକ୍ଷରୁ ପଚରା ଯାଇଥିବା ପ୍ରଶ୍ନ ବାବଦରେ ରାଜ୍ୟ ସରକାର ଚୁପ ରହିଛନ୍ତି କଣ ପାଇଁ । ଆଦାନୀ ଗ୍ରୁପ୍ ଓ ଆଇଏଚଏସ ସହିତ ଏମ୍ଓୟୁ ସ୍ୱାକ୍ଷର କରିବା ପାଇଁ ମୁଖ୍ୟମନ୍ତ୍ରୀ ୟୁଏଇ ଗସ୍ତରେ ଯାଇଥିଲେ । ତାହା ପୂର୍ବରୁ ଉତ୍କର୍ଷ ଓଡ଼ିଶା-୨୦୨୫ରେ ଏମ୍ଓୟୁ ସ୍ୱାକ୍ଷରିତ ହେବାର ଅଂଶ ବିଶେଷ । ତେବେ ଉକ୍ତ ଦୁଇଟି ଏମ୍ଓୟୁ ସ୍ୱାକ୍ଷର କରିବା ମଧ୍ୟରେ ସାମଞ୍ଜସ୍ୟ କଣ ରହିଛି ବୋଲି ବିଜେଡି ପକ୍ଷରୁ ପ୍ରଶ୍ନ କରାଯାଇଛି । ଭାରତର ଗୋଟିଏ କମ୍ପାନୀ ସହ ଚୁକ୍ତି ସ୍ୱାକ୍ଷର କରିବା ପାଇଁ ଦେଶ ବାହାରକୁ ଯିବାର କାରଣ କଣ ବୋଲି ବିଜେଡି ପ୍ରଶ୍ନ କରିଛି । ଚୁକ୍ତିରେ କଣ ନୂଆ ଓ କଣ ସବୁ ପୁରୁଣା ତଥ୍ୟ ରହିଛି । ତାହାକୁ ସର୍ବସାଧାରଣରେ ବିବୃତ୍ତି ପ୍ରଦାନ କରିବାର ଆବଶ୍ୟକତା ରହିଛି । ରାଜ୍ୟରେ ବିଜେପି ସରକାର ଗଠନ ହେବାର ୨ବର୍ଷ ୬ମାସ ହେଲାଣି । ରାଜ୍ୟ ସରକାର ୨୦ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଓଡ଼ିଶା ପାଇଁ ଆଣିଛନ୍ତି ବୋଲି ବାରମ୍ବାର କହିଛନ୍ତି । ପୁଞ୍ଜି ନିବେଶ କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ବହୁ ଆଗରେ ରହିଛି ବୋଲି ବିଜେପି ସରକାର ବାରମ୍ବାର ବାହାସ୍ୱୋଟ୍ ମାରୁଛନ୍ତି । କିନ୍ତୁ ଗ୍ରାଉଣ୍ଡରେ ପୁଞ୍ଜି ନିବେଶ ଶୂନ୍ୟ ରହିଛି । କେବଳ ୩ଲକ୍ଷ କୋଟି ଟଙ୍କାର ଇଶ୍ୱେଷ୍ଟ ଆସିଛି । ରାଜ୍ୟରେ ପ୍ରାୟ ୫୦ଟି କ୍ଷୁଦ୍ର, ମଧ୍ୟମଧରଣର ଉଦ୍ୟୋଗ ଆଦି ନିଜର ପ୍ରାରମ୍ଭିକ କାର୍ଯ୍ୟ ପ୍ରକ୍ରିୟା ଆରମ୍ଭ କରିଛନ୍ତି । କିନ୍ତୁ ତାହା ବିଶେଷ ଅଗ୍ରଗତି ହୋଇନାହିଁ । ଯାହାକୁ ନେଇ ଓଡ଼ିଶାରେ ଚାକିରି ସୁଯୋଗ ସୃଷ୍ଟି ହୋଇପାରିନାହିଁ । ଯାହା ଫଳରେ ବେକାର ଯୁବକ ଯୁବତୀ ମାନେ ଦାଦନ ଖଟିବାକୁ ଯାଉଛନ୍ତି । ଯଦି ପୁଞ୍ଜି ନିବେଶ ରହିଛି ସେ ପରିମାଣର ନିଯୁକ୍ତି ସୁଯୋଗ କାହିଁକି ନାହିଁ ବୋଲି ପ୍ରଶ୍ନ କରିଛନ୍ତି । ବିଜେପି ସରକାର ୟୁଏଇ ଗସ୍ତକୁ ନେଇ ଯେଉଁ ହିସାବରେ ପ୍ରଚାର ପ୍ରସାରରେ ଖର୍ଚ୍ଚ କରିଛନ୍ତି । ସେତିକି ଟଙ୍କାର ପୁଞ୍ଜି ନିବେଶ ଓ ଲାଭ ଓଡ଼ିଶାକୁ ଆସିବ ତ? ନା ଏହା କେବଳ ଏକ ବୁଲାବୁଲି କାର୍ଯ୍ୟକ୍ରମରେ ସ

ବ୍ରିକ୍ସ ସମ୍ମିଳନୀରୁ ବିଶ୍ୱକୁ ବଡ଼ ବାର୍ତ୍ତା

ଏସିଆର ୩ ମହାଶକ୍ତିଙ୍କ ମହାମିଳନ। ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଦୁଇପଟେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ। ହାତ ଧରି ହସ ହସ ଅନ୍ଦାଜରେ ୩ ନେତା। ବ୍ରିକ୍ସ ଆଣିଦେଇଥିଲା ଏମିତି ବିରଳ ସୁଯୋଗ। ପୁଟିନଙ୍କୁ ଭେଟିବା ସହ ଆଲିଙ୍ଗନ କରିଥିଲେ, ଗାଡ଼ିରେ ବୁଲିଥିଲେ ଓ ପୁସ୍ତକ ଉପହାର ଦେଇଥିଲେ ମୋଦୀ। ଆଜି ୬ ବର୍ଷ ପରେ ଭାରତ ଆସିଛନ୍ତି ଜିନପିଙ୍ଗ। ଭାରତ-ଚୀନ୍ ତିକ୍ତତା ଏବଂ ଭାରତ-ରୁଷ ତୈଳ ବାଣିଜ୍ୟ ଉପରେ ଆମେରିକା ଚାପ ଭିତରେ, ୩ ନେତାଙ୍କ ଭେଟ୍‌ଘାଟ ସାରା ବିଶ୍ୱକୁ, ଖାସ୍ କରି ଆମେରିକାକୁ ବଡ଼ ସନ୍ଦେଶ ଦେଇଛି। ଏହି ବ୍ରିକ୍ସ ସମ୍ମିଳନୀ ବିଶ୍ୱଶାନ୍ତି ଲାଗି ମାର୍ଗ ଉନ୍ମୁକ୍ତ କରିଛି। ଭାରତରେ ଅନୁଷ୍ଠିତ ବୈଠକରେ ୨୧ ଦେଶକୁ ନେଇ ଗଠିତ ବ୍ରିକ୍ସ ରାଷ୍ଟ୍ର ସମୂହ ଏକଚାଟିଆ ଯୁଦ୍ଧ ଘୋଷଣା, ବଳପୂର୍ବକ ଆକ୍ରମଣକୁ ବିରୋଧ କରିଛି। ବିଶ୍ୱରେ ସମସ୍ତଙ୍କୁ ସମାନ ଅଧିକାର ଯୋଗାଇଦେବା ଲାଗି ଆକେଇ ଆସିଛି। ଭାରତ ଏହାର ନେତୃତ୍ୱ ନେଇଥିବା ବେଳେ ରୁଷିଆ, ଚାଇନା ଭଳି ଶକ୍ତିଶାଳୀ ଦେଶ ଏହି ଚିଠାପ୍ରସ୍ତାବରେ ମୋହର ମାରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାର୍ତ୍ତା ଦେଇଥିଲେ ଯେ, ଏହି ସଂଗଠନ ସମସ୍ତଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ିବାକୁ ପ୍ରୟାସ କରୁଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ, ବିଶ୍ୱସ୍ତରରେ ସମସ୍ତଙ୍କ ସ୍ୱର ଶୁଣାଯିବା ଆବଶ୍ୟକ। ବିଶ୍ୱ ଶାସନ ବ୍ୟବସ୍ଥାର ବର୍ତ୍ତମାନର ଗଠନ ଏକ ପିରାମିଡ ସଦୃଶ ଅଟେ, କ୍ଷମତା ଏବଂ ନିଷ୍ପତ୍ତି ଗ୍ରହଣର ଅଧିକାର ଶୀର୍ଷରେ କେନ୍ଦ୍ରୀଭୂତ ହୋଇ ରହିଥିବା ବେଳେ ଏହି ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହେଉଥିବା ଦେଶଗୁଡ଼ିକ ଏହାର ଆଧାର ବା ତଳ ଭାଗରେ ରହିଛନ୍ତି। ଆଜି 'ଗ୍ଲୋବାଲ ସାଉଥ' (ବିକାଶଶୀଳ ଦେଶଗୁଡ଼ିକର ସମୂହ) ବିଶ୍ୱସ୍ତରୀୟ ସଙ୍କଟର ସମ୍ମୁଖଭାଗରେ ରହିଛି, ତଥାପି ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ପଛରେ ପଡ଼ିଯାଇଛି। ଆମକୁ ଏହି ପିରାମିଡକୁ କେବଳ ସୁବିଧା-ସୁଯୋଗ ପାଉଥିବା ବର୍ଗର ମଞ୍ଚରୁ ପରିବର୍ତ୍ତନ କରି ଏକ ସହଭାଗିତାର ମଞ୍ଚରେ ପରିଣତ କରିବାକୁ ହେବ, ଯେଉଁଠାରେ ପ୍ରତ୍ୟେକ ଦେଶର ସ୍ୱର ରହିବ ଏବଂ ପ୍ରତ୍ୟେକ ସଦସ୍ୟଙ୍କର ଅଂଶୀଦାରୀ ରହିବ। 'ଗ୍ଲୋବାଲ ସାଉଥ'କୁ କେବଳ ନିୟମ ପାଳନକାରୀରୁ ନିୟମ ପ୍ରଣୟନକାରୀ ଭାବେ ପରିବର୍ତ୍ତନ କରିବାକୁ ପ୍ରୟାସ କରିବାକୁ ହେବ। ଆମେ 'ଗ୍ଲୋବାଲ ସାଉଥ' ରାଷ୍ଟ୍ରଗୁଡ଼ିକର ଯୁବ କୂଟନୀତିଜ୍ଞ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ଯୋଗାଯୋଗ ଦକ୍ଷତା, ବ୍ୟାବହାରିକ ପ୍ରଶିକ୍ଷଣ ଏବଂ ଆଇନଗତ ଜ୍ଞାନକୌଶଳରେ ସୁସଜ୍ଜିତ କରିପାରିବା।

ସୁଶାନ୍ତ କୁମାର ଦାସ

ବିଂଶ ଶତାବ୍ଦୀର ଶେଷ ଭାଗରେ ଶୀତଯୁଦ୍ଧ ପରଠାରୁ ପାଶ୍ଚାତ୍ୟ ଦେଶଗୁଡ଼ିକ ମିଳିତ ଜାତିସଂଘ, ଆଇଏମ୍‌ଏଫ୍ ଏବଂ ବିଶ୍ୱ ବ୍ୟାଙ୍କ ଭଳି ସଂସ୍ଥାଗୁଡ଼ିକ ଉପରେ ନିଜର ପ୍ରାଧାନ୍ୟ ବିସ୍ତାର କରିଆସିଛନ୍ତି। ଏହି ପୁରୁଣା ବ୍ୟବସ୍ଥାଗୁଡ଼ିକରେ ସଂସ୍କାର ଆବଶ୍ୟକ। ବ୍ରିକ୍ସ ଏବେ ପରିପକ୍ୱ ଅବସ୍ଥାରେ ପହଞ୍ଚିଛି। ଗତ ୨୦ ବର୍ଷ ମଧ୍ୟରେ ବିଶ୍ୱସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆମେ ପରସ୍ପରର ଦୃଷ୍ଟିକୋଣକୁ ସମ୍ମାନ କରୁ ଏବଂ ମିଳିତ ଦାୟିତ୍ୱବୋଧ ସହିତ ଆଗକୁ ବଢୁଛୁ। ଆମେ କାହାର ବିରୋଧ କରି ନୁହେଁ, ବରଂ ସମସ୍ତଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ିବାର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛୁ। ଆଗାମୀ ୨୦ ବର୍ଷ ପାଇଁ ଏକ କାର୍ଯ୍ୟଯୋଜନା ଉପସ୍ଥାପନ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବର୍ତ୍ତମାନ ସମୟ ଆସିଛି ଯେତେବେଳେ ଆମକୁ ବ୍ରିକ୍ସ ମଧ୍ୟରେ ଥିବା ଆମର ଏକତା ଏବଂ ସହମତିକୁ ବିଶ୍ୱସ୍ତରରେ ବାସ୍ତବ ଫଳାଫଳରେ ପରିଣତ କରିବାକୁ ପଡ଼ିବ। ଆଗାମୀ ଦୁଇ ଦଶନ୍ଧି ପାଇଁ ଆମକୁ ଏକ ନୂତନ ଏବଂ ମହତ୍ୱାକାଂକ୍ଷୀ କାର୍ଯ୍ୟସୂଚୀ ଉପରେ କାର୍ଯ୍ୟ କରିବାକୁ ହେବ। ବ୍ରିକ୍ସର ଅଧ୍ୟକ୍ଷତା ପ୍ରତିବର୍ଷ ପରିବର୍ତ୍ତନ ହୋଇଥାଏ, କିନ୍ତୁ ଏହା ଆମର ସାଂସ୍ଥାନିକ ଗତିଶୀଳତାରେ ବାଧା ସୃଷ୍ଟି କରିବା ଉଚିତ ନୁହେଁ।

୬ ବର୍ଷ ପରେ ଭାରତ-ଚୀନ ଏକାଠି

୨୦୨୦ ଭାରତ-ଚାଇନା ଗଲୱାନ ସଂଘର୍ଷ ପରେ ଆଜି ପ୍ରଥମଥର ଦୁଇ ଦେଶର ମୁଖ୍ୟ ପରସ୍ପର ସହ କରିଛନ୍ତି ଦ୍ୱିପାକ୍ଷିକ ଆଲୋଚନା। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ପରସ୍ପର ସହ ୱାନ ଟୁ ୱାନ ଆଲୋଚନା କରିଛନ୍ତି। ଏହି ସମୟରେ ଜିନପିଙ୍ଗ ବଡ଼ ପ୍ରସ୍ତାବ ଦେଇଛନ୍ତି। ବ୍ରିକ୍ସ ସହଯୋଗକୁ ଅଧିକ ଦୃଢ଼ କରିବା ପାଇଁ ଭାରତ ଓ ଚାଇନା ଏକାଠି ହାତ ମିଳାବା ପାଇଁ ସେ ଦ୍ୱିପାକ୍ଷିକ ଆଲୋଚନା ବେଳେ ଆହ୍ୱାନ ଦେଇଛନ୍ତି। ଗଲୱାନ ସଂଘର୍ଷର ୬ ବର୍ଷ ପରେ ଭାରତ ଆସିଥିବା ଜିନପିଙ୍ଗ କହିଛନ୍ତି ଯେ, ୨ ଦେଶ ପରସ୍ପରର ସାମାର୍ଥ୍ୟରୁ ଶିକ୍ଷା ଲାଭ କରିବା ସହ ସହଯୋଗ ବା ଭାଗିଦାରୀ ମାଧ୍ୟମରେ ସାମୂହିକ ବିକାଶ ଦିଗରେ ଆଗେଇ ପାରିବେ। ଭାରତ ସହ ସମ୍ପର୍କକୁ ବେଜିଂ ରଣନୀତିକ ଓ ଦୀର୍ଘମିଆଦୀ ଦୃଷ୍ଟିକୋଣରୁ ଦେଖୁଛି। ବର୍ଷ ବର୍ଷ ଧରି ତିକ୍ତତା ପରେ ଦୁଇଦେଶ ସମ୍ପର୍କର ପୁନର୍ନିର୍ମାଣ ପାଇଁ ଉଦ୍ୟମ କରୁଥିବା ବେଳେ ଚାଇନା ରାଷ୍ଟ୍ରପତିଙ୍କ ଏହି ମନ୍ତବ୍ୟର ଗୁରୁତ୍ୱ ବେଶ ଅଧିକ ରହିଛି। ବାସ୍ତବ ନିୟନ୍ତ୍ରଣ ରେଖା ବା ଏଲଏସିର ସ୍ଥିତି, ବ୍ୟାପକ ସୀମା ବିବାଦ, ବାଣିଜ୍ୟ ଓ ନିବେଶ ଭଳି ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଛି। ପୂର୍ବ ଲଦାଖରେ ସାମରିକ ବିବାଦ ପରେ ଦୁଇ ଦେଶର ସମ୍ପର୍କରେ ସୁଧାର ଆଣିବା ପାଇଁ ନିଆଯାଇଥିବା ପଦକ୍ଷେପର ଗୁଡ଼ିକର ସମୀକ୍ଷା ଦୁଇ ଦେଶର ନେତା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଓ ରାଷ୍ଟ୍ରପତି ଜିନପିଙ୍ଗ ରାଜନୀତିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ସାଧାରଣ ସହମତିର କ୍ଷେତ୍ରକୁ ଆହୁରି ବ୍ୟାପକ କରିବା ସହ ଉଭୟ ଦେଶ ସାମ୍ନା କରୁଥିବା ଚ୍ୟାଲେଞ୍ଜଗୁଡ଼ିକର ମିଳିତ ସମାଧାନ ପାଇଁ କାମ କରିବା ଉଚିତ ବୋଲି ସହମତି ହୋଇଛନ୍ତି। ଏଥିସହ ଦୁଇ ଦେଶ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ, ବ୍ୟବସାୟିକ ସମ୍ପର୍କ ଓ ଯାତାୟାତ ବଢ଼ାଇବାକୁ ଆହ୍ୱାନ ଦିଆଯାଇଛି। ଆର୍ଥିକ ଓ ବାଣିଜ୍ୟିକ ସମ୍ପର୍କ ପ୍ରସଙ୍ଗରେ ଉଭୟ ନେତା ସପ୍ଲାଏ ଚେନ୍ ସମସ୍ୟା ସମେତ ବିଭିନ୍ନ ପ୍ରସଙ୍ଗର ସମାଧାନ ଉପରେ ଗୁରୁତ୍ୱ ଦେଇଥିବା ଜଣାପଡ଼ିଛି। ଅର୍ଥପୂର୍ଣ୍ଣ ଓ ନିର୍ଭରଯୋଗ୍ୟ ବଜାର ପ୍ରବେଶକୁ ସୁଗମ କରିବା ଉପରେ ମଧ୍ୟ ଜୋର ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ସୀମାନ୍ତ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ଭାରତ-ଚାଇନା ସମ୍ପର୍କର ନିରନ୍ତର ବିକାଶ ପାଇଁ ଅତ୍ୟାବଶ୍ୟକ। ସୀମା ପ୍ରସଙ୍ଗରେ ପୂର୍ବରୁ ହୋଇଥିବା ଚୁକ୍ତି ଓ ବୁଝାମଣାକୁ ଉଭୟ ପକ୍ଷ ପାଳନ କରିବା ଆବଶ୍ୟକ ବୋଲି ସେ ବୈଠକରେ ଜିନପିଙ୍ଗଙ୍କୁ କହିଛନ୍ତି।

ଜାତିସଂଘ ସୁରକ୍ଷା ପରିଷଦରେ ସଂସ୍କାରକୁ ଗୁରୁତ୍ୱ

ବ୍ରିକ୍ସ ନେତାମାନେ ବିଧିବଦ୍ଧ ଭାବେ ନୂଆଦିଲ୍ଲୀ ଘୋଷଣାନାମାକୁ ଗ୍ରହଣ କରିଛନ୍ତି। ଦିଲ୍ଲୀରେ ଆୟୋଜିତ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଘୋଷଣାନାମାରେ ବହୁପାକ୍ଷୀୟ ଅନୁଷ୍ଠାନଗୁଡ଼ିକରେ ସଂସ୍କାର ପାଇଁ ଆହ୍ୱାନ ଦିଆଯାଇଛି। ବିଶେଷ କରି ଜାତିସଂଘ ସୁରକ୍ଷା ପରିଷଦ ବା ୟୁଏନ୍‌ଏସ୍‌ସିରେ ତାତ୍ପାଗତ ପରିବର୍ତ୍ତନ ଆବଶ୍ୟକ ବୋଲି ଏଥିରେ କୁହାଯାଇଛି। ଏହାବାଦ ଆତଙ୍କବାଦକୁ ନେଇ ମଧ୍ୟ କଡ଼ା ଆଭିମୁଖ୍ୟ ଦେଖାଇଛନ୍ତି ବ୍ରିକ୍ସ ସମୂହ। ସବୁ ପ୍ରକାର ଆତଙ୍କବାଦକୁ ଦୃଢ଼ ଭାବେ ନିନ୍ଦା କରିଛନ୍ତି ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ନେତା। ଏଥିସହ ଏକତରଫା ଯୁଦ୍ଧ ସୃଷ୍ଟିକାରୀ ପଦକ୍ଷେପକୁ ବି ଘୋଷଣାନାମାରେ ନିନ୍ଦା କରାଯାଇଛି। ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସାମରିକ ସଂଘର୍ଷ ମଧ୍ୟରେ ସମୁଦ୍ରପଥରେ ବାଣିଜ୍ୟିକ ଜାହାଜ ଚଳାଚଳ ଓ ନାବିକଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଘୋଷଣାପତ୍ରରେ ଥିବା ବିଷୟବସ୍ତୁରେ ସବୁ ରାଷ୍ଟ୍ର ଏକମତ ହୋଇଛନ୍ତି। ଆଫ୍ରିକା, ଏସିଆ, ଲାଟିନ୍ ଆମେରିକା ଓ କାରିବିଆନ୍ ଅଞ୍ଚଳର ବିକାଶଶୀଳ ଦେଶଗୁଡ଼ିକୁ ଏହି ପରିଷଦରେ ଅଧିକ ପ୍ରତିନିଧିତ୍ୱ ଦେବାକୁ କୁହାଯାଇଛି। ୟୁଏନଏସ୍‌ସିର ସ୍ଥାୟୀ ସଦସ୍ୟ ଚାଇନା ଓ ରୁଷିଆ ମଧ୍ୟ ବ୍ରାଜିଲ୍ ଓ ଭାରତକୁ ଜାତିସଂଘରେ ଅଧିକ ଭୂମିକା ଦେବାକୁ ମତ ରଖିଛନ୍ତି।

ଡଲାର ବଦଳରେ ସ୍ଥାନୀୟ ମୁଦ୍ରାକୁ ଗୁରୁତ୍ୱ

ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ବାଣିଜ୍ୟ କାରବାରରେ ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତା ହ୍ରାସ କରି ସ୍ଥାନୀୟ ମୁଦ୍ରାର ବ୍ୟବହାର ବଢ଼ାଇବା ଉପରେ ଜୋର ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବଦଳୁଥିବା ବିଶ୍ୱକୁ ପୁରୁଣା ଅନୁଷ୍ଠାନ ଦ୍ୱାରା ଚଳାଇ ହେବ ନାହିଁ। ପ୍ରତିନିଧିତ୍ୱ, ଦାୟିତ୍ୱବୋଧ ଓ ନିୟମ ନିର୍ଦ୍ଧାରଣ ବ୍ୟବସ୍ଥାରେ ସଂସ୍କାର ଅତ୍ୟନ୍ତ ଜରୁରୀ। ଭବିଷ୍ୟତର ପ୍ରଯୁକ୍ତି ଓ ଏ ସମ୍ପର୍କିତ ନିୟମ ପ୍ରଣୟନରେ ଗ୍ଲୋବାଲ୍ ସାଉଥକୁ ସମାନ ଭାଗୀଦାରି ମିଳିବା ଦରକାର ବୋଲି ସେ ମତ ରଖିଛନ୍ତି। ବିଶ୍ୱ ବାଣିଜ୍ୟ ସଂଗଠନରେ ସଂସ୍କାର ପାଇଁ ମଧ୍ୟ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଏକମତ ହୋଇଛନ୍ତି। ମୁକ୍ତ, ସ୍ୱଚ୍ଛ, ସମାନ ଓ ନିୟମଭିତ୍ତିକ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥା ପାଇଁ ବ୍ରିକ୍ସ ସମୂହ ଆହ୍ୱାନ ଦେଇଛି। ଆମେରିକା ଲଗାଉଥିବା ଏକତରଫା ଶୁଳ୍କ ଓ ଅଣ-ଶୁଳ୍କ ପଦକ୍ଷେପକୁ ନେଇ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଚିନ୍ତା ପ୍ରକଟ କରିଛନ୍ତି। ଏଭଳି ପଦକ୍ଷେପ ବିଶ୍ୱ ବାଣିଜ୍ୟକୁ ପ୍ରଭାବିତ କରିବା ସହ ଯୋଗାଣ ଶୃଙ୍ଖଳାରେ ବାଧା ସୃଷ୍ଟିକରୁଛି ବୋଲି ଘୋଷଣାନାମାରେ କୁହାଯାଇଛି। କିନ୍ତୁ ଆମେରିକାର ନାଁକୁ ଘୋଷଣାନାମାରେ ଉଲ୍ଲେଖ କରାଯାଇ ନାହିଁ।

ପହଲଗାମ ଆତଙ୍କବାଦୀ ଆକ୍ରମଣକୁ କଡ଼ା ନିନ୍ଦା

ଘୋଷଣାନାମାରେ ୨୦୨୫ ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ କଡ଼ା ନିନ୍ଦା କରାଯାଇଛି। ଏହି ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଭାରତକୁ ସ୍ତବ୍ଧ କରିଦେଇଥିବା ଏହି ଆକ୍ରମଣକୁ ସବୁ ରାଷ୍ଟ୍ର ନିନ୍ଦା କରିବା ସହ ଆତଙ୍କବାଦର କୌଣସି ସ୍ଥାନ ନଥିବା କହିଛନ୍ତି। ସୀମାପାର ଆତଙ୍କବାଦୀଙ୍କ ଗତିବିଧି, ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଓ ସେମାନଙ୍କୁ ସୁରକ୍ଷିତ ଆଶ୍ରୟ ଦେବା ବିରୋଧରେ ମଧ୍ୟ ଏକାଠି ଲଢ଼ିବାକୁ ବ୍ରିକ୍ସ ଦେଶଗୁଡ଼ିକ ପ୍ରତିଶ୍ରୁତିବଦ୍ଧ ବୋଲି ମତ ରଖିଛନ୍ତି। ଆତଙ୍କବାଦକୁ କୌଣସି ଧର୍ମ, ରାଷ୍ଟ୍ର, ସଭ୍ୟତା କିମ୍ବା ଜାତି ସହ ଯୋଡ଼ାଯିବା ଉଚିତ୍ ନୁହେଁ। ଆତଙ୍କବାଦୀ ଓ ସେମାନଙ୍କୁ ସମର୍ଥନ କରୁଥିବା ସମସ୍ତଙ୍କୁ ଆଇନ ଅନୁସାରେ ଦାୟୀ କରାଯିବା ଦରକାର ବୋଲି ଘୋଷଣାନାମାରେ କୁହାଯାଇଛି।

ବ୍ରିକ୍ସ ସମ୍ମିଳନୀ ଉପରେ ଆମେରିକାର ନଜର

ଭାରତରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ସମ୍ମିଳନୀ ୨୦୨୬ ଉପରେ ସମଗ୍ର ବିଶ୍ୱ ନଜର ରଖିଛି। ବିଶେଷକରି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତରେ ଚୀନ୍ ଏବଂ ରୁଷର ମଞ୍ଚ ଅଂଶୀଦାର ହେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ବିଶ୍ୱବ୍ୟାପୀ ଶିଖର ସମ୍ମିଳନୀର ନିଷ୍ପତ୍ତି ଏବଂ ଦେଶମାନଙ୍କ ମଧ୍ୟରେ ସ୍ୱାକ୍ଷରିତ ଚୁକ୍ତିନାମା ଉପରେ କଡ଼ା ନଜର ରଖାଯାଇଛି। ଆମେରିକାର ଗଣମାଧ୍ୟମ ସମ୍ମିଳନୀ ଉପରେ କଡ଼ା ଜନର ରଖିଛି। ପରିବର୍ତ୍ତିତ ଭାରତ-ଚୀନ୍ ସମ୍ପର୍କ ଏବଂ ଗ୍ଲୋବାଲ ସାଉଥରେ ଭାରତର ବଢୁଥିବା ପ୍ରଭାବ ଉପରେ ତୀକ୍ଷଣ ନଜର ରଖାଯାଇଛି। ଏହି ଶିଖର ସମ୍ମିଳନୀରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅବା ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରୁ କିଏ ବିକାଶଶୀଳ ବିଶ୍ୱର ଅଧିକ ପ୍ରଭାବଶାଳୀ ସ୍ୱର ଭାବରେ ଉଭା ହେବେ ? ଚୀନ୍ ବ୍ରିକ୍ସକୁ ଆମେରିକାର ଶକ୍ତିକୁ ଚ୍ୟାଲେଞ୍ଜ କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ ଦେଖୁଛି। ସେହିପରି ଭାରତ ଚାହୁଁଛି ଯେ, ଏହି ଗୋଷ୍ଠୀ ଯଥେଷ୍ଟ ବ୍ୟାପକ ଏବଂ ଖୋଲା ରହୁ ଯାହା ଦ୍ୱାରା ଦେଶଗୁଡ଼ିକୁ ଭିନ୍ନ ଭିନ୍ନ ବ୍ଲକ ମଧ୍ୟରୁ କାହାକୁ ଯେପରି ଚୟନ କରିବାକୁ ବାଧ କରା ନ ଯାଉ। ଯୁଦ୍ଧ, ବୃଦ୍ଧି ପାଉଥିବା ଶକ୍ତି ମୂଲ୍ୟ, ଆମେରିକାର ଶୁଳ୍କ ଏବଂ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କରେ ଚିନ୍ତା ଦେଶଗୁଡ଼ିକୁ ୱାସିଂଟନ ଏବଂ ବେଜିଂ ସହିତ ସମ୍ପର୍କ ପୁନର୍ବିଚାର କରିବାକୁ ବାଧ କରୁଛି।

ବୈଠକରେ ଯୋଗ ଦେଇଥିବା ନେତାମାନଙ୍କ ମଧ୍ୟରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍, ଇରାନ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିୟାନ୍ ଏବଂ ଜିନ୍‌ପିଙ୍ଗ ସାମିଲ ଅଛନ୍ତି। ଶିଖର ସମ୍ମିଳନୀ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ପୁଟିନ୍ ଏବଂ ପେଜେସ୍କିୟାନ୍‌ଙ୍କ ସହ ପୃଥକ ଭାବରେ ଆଲୋଚନା କରିଛନ୍ତି। ଏହି ବିସ୍ତାରିତ ଗୋଷ୍ଠୀର ୧୧ ଜଣ ସଦସ୍ୟ ବିଶ୍ୱ କ୍ରମରେ ଅଧିକ ପ୍ରଭାବ ଚାହାଁନ୍ତି, କିନ୍ତୁ ସେମାନଙ୍କର ରାଜନୈତିକ, ଅର୍ଥନୈତିକ ଏବଂ ବୈଦେଶିକ ନୀତି ସ୍ୱାର୍ଥ ଭିନ୍ନ ଭିନ୍ନ। ଗ୍ଲୋବାଲ୍ ସାଉଥ୍ ଏକ ସମଜାତୀୟ ଗୋଷ୍ଠୀ ନୁହେଁ। ତେଣୁ ଏହି ଗୋଷ୍ଠୀ ପାଇଁ ଏହି ଦ୍ୱନ୍ଦ୍ୱଗୁଡ଼ିକୁ ପରିଚାଳନା ଏବଂ ମଧ୍ୟସ୍ଥତା କରିବା କଷ୍ଟକର ହେବ । ୟୁକ୍ରେନ ଏବଂ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଏହି ମତଭେଦକୁ ସାମ୍ନାକୁ ଆଣିପାରେ। ଭାରତ ରୁଷ ଏବଂ ଇରାନ ସହିତ ଦୀର୍ଘକାଳୀନ ସମ୍ପର୍କ ରଖିଥିବା ବେଳେ ଆମେରିକା, ୟୁରୋପ, ଜାପାନ ଏବଂ ଅଷ୍ଟ୍ରେଲିଆ ସହିତ ମଧ୍ୟ ଏହାର ସହଭାଗୀତା ବୃଦ୍ଧି କରୁଛି।

ପଶ୍ଚିମ ଓଡ଼ିଶା

ବଜାରରେ ଜମୁଛି ଭିଡ଼

ନୂଆଁଖାଇରେ ସମ୍ବଲପୁରୀ ଲୁଗାର କ୍ରେଜ୍, ବଢୁଛି ବେପାର

ଅମରପାଲି(ଅମୃତ ମିଡିଆ): ନୂଆଁଖାଇ ପର୍ବକୁ ଆଉ କିଛି ଦିନ ବାକି ଥିବାବେଳେ ପଶ୍ଚିମ ଓଡ଼ିଶାର ବଜାରରେ ଦେଖାଦେଇଛି ଉତ୍ସବର ରଙ୍ଗ। ନୂଆଁଖାଇରେ ନୂଆ ପୋଷାକ ପିନ୍ଧିବାର ପରମ୍ପରା ଥିବାରୁ ଲୋକଙ୍କ ମଧ୍ୟରେ କିଣାକିଣି ନେଇ ଆଗ୍ରହ ବଢ଼ିଛି। ବିଶେଷକରି ସମ୍ବଲପୁରୀ ଲୁଗା ଓ ଡ୍ରେସ୍ ପ୍ରତି ଚାହିଦା ବଢ଼ିବାରୁ ସ୍ଥାନୀୟ ବଜାର ଚଳଚଞ୍ଚଳ ହୋଇପଡ଼ିଛି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ଅଞ୍ଚଳରେ ମଧ୍ୟ ସମ୍ବଲପୁରୀ ବସ୍ତ୍ର ବଜାର ବେଶ୍ ଚଳଚଞ୍ଚଳ ହୋଇପଡ଼ିଛି। ବୀରମହାରାଜପୁର ସମେତ ସୁବଳୟା, ଉଲୁଣ୍ଡା, ଖଣ୍ଡହଡା, ଯାଲୋଏ, କଳାପଥର, ଅମରପାଲି, ମହଦା, ବଡ଼ଖମାର ଆଦି ବଜାରରେ ଏବେ ସମ୍ବଲପୁରୀ ବସ୍ତ୍ରର କିଣାବିକା ବେଶ୍ ଜମୁଛି। ନୂଆଁଖାଇ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଗଣପର୍ବ। ଏହି ଦିନ ନୂଆ ଧାନରୁ ପ୍ରସ୍ତୁତ ନବାନ୍ନ ମା' ସମଲେଶ୍ୱରୀ ଓ ନିଜ ନିଜ ଇଷ୍ଟଦେବୀଙ୍କୁ ଅର୍ପଣ କରିବା ପରେ ପରିବାରର ସମସ୍ତେ ଏକାଠି ହୋଇ ନୂଆ ପୋଷାକ ପିନ୍ଧି ପର୍ବ ପାଳନ କରିଥାନ୍ତି। ଏହି ପାରମ୍ପରିକ ପର୍ବରେ ସମ୍ବଲପୁରୀ ବସ୍ତ୍ରର ସ୍ୱତନ୍ତ୍ର ସ୍ଥାନ ରହିଛି। ବର୍ତ୍ତମାନ ସ୍ଥାନୀୟ ବଜାରରେ ବିଭିନ୍ନ ରଙ୍ଗ, ଡିଜାଇନ୍ ଓ ନକ୍ସାର ସମ୍ବଲପୁରୀ ବସ୍ତ୍ର ଉପଲବ୍ଧ ହେଉଛି। ମହିଳାଙ୍କ ପାଇଁ ସମ୍ବଲପୁରୀ ଶାଢ଼ି, ଡ୍ରେସ୍ ମ୍ୟାଟେରିଆଲ, କୁର୍ତ୍ତି ଆଦି ରହିଥିବାବେଳେ ପୁରୁଷଙ୍କ ପାଇଁ ସମ୍ବଲପୁରୀ ଡିଜାଇନ୍‌ର ସାର୍ଟ, କୁର୍ତ୍ତା ଓ ବିଭିନ୍ନ ପୋଷାକ ବିକ୍ରି ହେଉଛି। ଯୁବପିଢ଼ିଙ୍କୁ ଆକୃଷ୍ଟ କରିବାକୁ ପାରମ୍ପରିକ ଡିଜାଇନ୍ ସହ ଆଧୁନିକ ଫ୍ୟାଶନ୍‌ର ସମନ୍ୱୟ କରାଯାଇଥିବାରୁ ଏହାର ଚାହିଦା ଆହୁରି ବଢ଼ିଛି। ଇକଟ୍ ଓ ବାନ୍ଧକଳାର ଆକର୍ଷଣୀୟ ନକ୍ସା, ଚକୁ, ଶଙ୍ଖ, ଫୁଲ ସମେତ ବିଭିନ୍ନ ପାରମ୍ପରିକ ମୋଟିଫ୍ ଥିବା ବସ୍ତ୍ର ପ୍ରତି ଗ୍ରାହକଙ୍କ ବିଶେଷ ଆଗ୍ରହ ରହିଛି। ଉଫୁଲା ଗ୍ରାମର ଶିକ୍ଷୟିତ୍ରୀ ଏସ୍.ଏସ୍. ପ୍ରିୟଦର୍ଶନୀ କହିଛନ୍ତି, ''ନୂଆଁଖାଇ ଆମର ସବୁଠୁ ବଡ଼ ପର୍ବ। ଏହି ଦିନ ସମସ୍ତେ ନୂଆ ଡ୍ରେସ୍ ଓ ଲୁଗା ପିନ୍ଧୁ। ଏବେ ସମ୍ବଲପୁରୀ ବସ୍ତ୍ର ସମସ୍ତଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏଥିପାଇଁ ଏବେଠାରୁ ସମ୍ବଲପୁରୀ ଡ୍ରେସ୍ ଓ ଲୁଗା କିଣାକିଣି ଆରମ୍ଭ ହୋଇଛି। ନୂଆଁଖାଇ ଦିନ ସମସ୍ତେ ସମ୍ବଲପୁରୀ ପିନ୍ଧି ଆମ ପାରମ୍ପରିକ ପର୍ବ ପାଳନ କରିବୁ।''

ବୀରମହାରାଜପୁରର ସମ୍ବଲପୁରୀ କପଡ଼ା ବ୍ୟବସାୟୀ ଶମ୍ଭୁ ଭୂଷଣ ମେହେର କହିଛନ୍ତି, ''ଚଳିତ ବର୍ଷ ନୂଆଁଖାଇ ପାଇଁ ହାତବୁଣା ସମ୍ବଲପୁରୀ ବସ୍ତ୍ରର ଚାହିଦା ବେଶ୍ ରହିଛି। ଆମ ପାଖରେ ସମ୍ବଲପୁରୀ ଶାଢ଼ି ୮୦୦ ଟଙ୍କାରୁ ଆରମ୍ଭ କରି ୨୫ ହଜାର ଟଙ୍କା ପର୍ଯ୍ୟନ୍ତ, ସମ୍ବଲପୁରୀ ସୁଟ୍ ୮୦୦ରୁ ୯ ହଜାର ଟଙ୍କା ଏବଂ ସମ୍ବଲପୁରୀ ଥାନ କପଡ଼ା ୨୦୦ରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଚାହିଦା ବଢୁଥିବାରୁ ସ୍ଥାନୀୟ ବୁଣାକାର ଓ ବ୍ୟବସାୟୀଙ୍କ ବେପାର ମଧ୍ୟ ଭଲ ହେଉଛି।''

ନୂଆଁଖାଇ ଅବସରରେ ନିଜ ସଂସ୍କୃତି ଓ ପରମ୍ପରାର ପରିଚୟକୁ ପୋଷାକ ମାଧ୍ୟମରେ ପ୍ରକାଶ କରିବାକୁ ଯୁବପିଢ଼ି ମଧ୍ୟ ଆଗ୍ରହ ଦେଖାଉଛନ୍ତି। କେନ୍ଦୁପାଲି ଗ୍ରାମର ଜସ୍ମିନ ମେହେର କହିଛନ୍ତି, ''ନୂଆଁଖାଇରେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବା ପାଇଁ ଏବେ ଯୁବପିଢ଼ି ବେଶ୍ ଆଗ୍ରହୀ। ନୂଆଁଖାଇ ଦିନ ସମ୍ବଲପୁରୀ ବସ୍ତ୍ର ପିନ୍ଧି ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବୁ। ଏହା ଦ୍ୱାରା ସମ୍ବଲପୁରୀ ବସ୍ତ୍ରର ଲୋକପ୍ରିୟତା ବଢ଼ିବା ସହ ବିଶ୍ୱସ୍ତରରେ ଏହାର ପ୍ରଚାର ପ୍ରସାର ମଧ୍ୟ ହେଉଛି।'' ଅମରପାଲି ଗ୍ରାମର ପ୍ରାଣବନ୍ଧୁ ସାହୁ କହିଛନ୍ତି, ''ଏବେ ନୂଆଁଖାଇ ସହ ସମ୍ବଲପୁରୀ ପୋଷାକର ସମ୍ପର୍କ ଯୋଡ଼ି ହୋଇପଡ଼ିଛି। ସମ୍ବଲପୁରୀ ବସ୍ତ୍ର ଆମର ପରିଚୟ। ନୂଆଁଖାଇରେ ସମ୍ବଲପୁରୀ ଲୁଗା ପରିଧାନ ନ ହେଲେ ଯେପରି ପର୍ବ ଅଧୂରା ଲାଗେ। ଛୁଆଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଏହି ଦିନ ସମ୍ବଲପୁରୀ ବସ୍ତ୍ର ପିନ୍ଧିବାକୁ ପସନ୍ଦ କରୁଛନ୍ତି। ଏହା ଦ୍ୱାରା ବୁଣାକାରମାନେ ଲାଭବାନ ହେବା ସହ ଆମର ପରିଚୟ ସମ୍ବଲପୁରୀ ବସ୍ତ୍ରର ମଧ୍ୟ ସୁଦୂର ପ୍ରଚାର ହେବ।''

ସମ୍ବଲପୁରୀ ବସ୍ତ୍ରର ଚାହିଦା ବୃଦ୍ଧି ପାଇବାରୁ ସ୍ଥାନୀୟ ବୁଣାକାର ଓ ବସ୍ତ୍ର ବ୍ୟବସାୟୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ନୂଆଁଖାଇକୁ ନେଇ ବିକ୍ରି ଆହୁରି ବଢ଼ିବ ବୋଲି ବ୍ୟବସାୟୀମାନେ ଆଶାବାଦୀ। ଅନ୍ୟପକ୍ଷରେ ସ୍ଥାନୀୟ ବୁଣାକାରଙ୍କ ହାତବୁଣା ବସ୍ତ୍ର କିଣିବା ଦ୍ୱାରା ପଶ୍ଚିମ ଓଡ଼ିଶାର ପାରମ୍ପରିକ ବୟନଶିଳ୍ପକୁ ଅଧିକ ପ୍ରୋତ୍ସାହନ ମିଳିବ ବୋଲି ମତ ପ୍ରକାଶ ପାଇଛି। ନୂଆଁଖାଇର ଉତ୍ସବୀୟ ମାହୋଲ ମଧ୍ୟରେ ସମ୍ବଲପୁରୀ ବସ୍ତ୍ରର ବଢୁଥିବା ଚାହିଦା କେବଳ ବଜାରକୁ ଚଳଚଞ୍ଚଳ କରିନାହିଁ, ବରଂ ପଶ୍ଚିମ ଓଡ଼ିଶାର ସମୃଦ୍ଧ ବୟନ ପରମ୍ପରା ଓ ସାଂସ୍କୃତିକ ପରିଚୟକୁ ମଧ୍ୟ ଆହୁରି ମଜବୁତ କରୁଛି।

ଡୁଙ୍ଗୁରିପାଲିରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଖିଲେଷ ଭୋଇ ପ୍ରଥମ

ସୁବର୍ଣ୍ଣପୁର(ଅମୃତ ମିଡିଆ): ନ୍ୟାସନାଲ୍ କାଉନ୍ସିଲ୍ ଅଫ୍ ସାଇନ୍ସ ମ୍ୟୁଜିଅମ୍ସ (NCSM)ର ଆଭିମୁଖ୍ୟରେ, ଡୁଙ୍ଗୁରିପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ (BEO) କାର୍ଯ୍ୟାଳୟ ଦ୍ୱାରା ବ୍ଲକ୍ ସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଭାରତର ଶକ୍ତି ଝୁଡ଼ି-୨୦୪୭: ସମ୍ଭାବନା ଓ ଆହ୍ୱାନ' ଶୀର୍ଷକ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ମୋଟ ୨୫ ଜଣ ବିଦ୍ୟାର୍ଥୀ ଭାଗ ନେଇ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟବାନ କୁଆଁରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ (BEO) ଗଣେଶ କିଶାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲେ। ଏହି ପ୍ରତିଯୋଗିତାରେ ପ୍ରାଣବନ୍ଧୁ ହୋତା ଓ ଚତୁର୍ଭୁଜ ସାହୁ ବିଚାରକ ଭାବେ ଦାୟିତ୍ୱ ତୁଲାଥିବା ବେଳେ BEO କାର୍ଯ୍ୟାଳୟର ବ୍ଲକ୍ ବିଜ୍ଞାନ ସଂଯୋଜକ ଉମାକାନ୍ତ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ: ପ୍ରଥମ ସ୍ଥାନ: ଆଖିଲେଷ ଭୋଇ (ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଡୁଙ୍ଗୁରିପାଲି) ଦ୍ୱିତୀୟ ସ୍ଥାନ: ଆଲିଭା ସାହୁ (ସରକାରୀ ଉଚ୍ଚ ବିଦ୍ୟାଳୟ, ଚେରୁପାଲି) ତୃତୀୟ ସ୍ଥାନ: ଭାଗ୍ୟବନ୍ତ ପଧାନ (ରାମପୁର ଉଚ୍ଚ ବିଦ୍ୟାଳୟ, ରାମପୁର) କାର୍ଯ୍ୟକ୍ରମ ଶେଷରେ ସମସ୍ତ ବିଜେତାଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବା ସହ ଆଗାମୀ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି।

ବିଜିନେସ୍ ଇ-ମେଲ୍ ଠକେଇ ମାମଲାରେ ବଡ଼ ସଫଳତା

ଖାତାକୁ ଫେରିଲା ଟଙ୍କା, ଜଣେ ଗିରଫ

ସୁନ୍ଦରଗଡ଼(ଅମୃତ ମିଡିଆ): ବିଜନେସ୍ ଇ-ମେଲ୍ ଠକେଇ ମାମଲାରେ ସୁନ୍ଦରଗଡ଼ ପୁଲିସକୁ ବଡ଼ ସଫଳତା ମିଳିଛି। ଠକେଇର ଶିକାର ହୋଇଥିବା M/s Govindam Projects Pvt. Ltd. କମ୍ପାନୀର ଖାତାକୁ ପୁଲିସ ୧ କୋଟି ୧୪ ଲକ୍ଷ ୮୮ ହଜାର ଟଙ୍କା ଫେରାଇବାରେ ସଫଳ ହୋଇଛି। ଏହି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଛି। ସୂଚନା ଅନୁସାରେ, M/s Govindam Projects Pvt. Ltd. ସହ ସମ୍ପୃକ୍ତ ମୋଟ ୧ କୋଟି ୮୫ ଲକ୍ଷ ୪୫ ହଜାର ୪୩୬ ଟଙ୍କାର ବିଜନେସ୍ ଇ-ମେଲ୍ ଠକେଇ ନେଇ ସୁନ୍ଦରଗଡ଼ ସାଇବର କ୍ରାଇମ୍ ଓ ଇକୋନୋମିକ୍ ଅଫେନ୍ସ ଥାନାରେ ମାମଲା ରୁଜୁ ହୋଇଥିଲା। ଘଟଣାର ତଦନ୍ତ କରି ପୁଲିସ ଉତ୍ତରପ୍ରଦେଶରେ ଚଢ଼ଉ କରିଥିଲା। ଉତ୍ତରପ୍ରଦେଶ ପୋଲିସର ସହଯୋଗରେ ସିମ୍ଭାଓଲି ଥାନା ଅନ୍ତର୍ଗତ ରାତୁପୁରା ଗ୍ରାମର କୁବେର ଖାନଙ୍କୁ ଗିରଫ କରାଯାଇଛି।

ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ଦୁଇଟି ମୋବାଇଲ୍ ଫୋନ୍ ଓ ସିମ୍ କାର୍ଡ ଜବତ କରିଛି। ତଦନ୍ତ ସମୟରେ ଠକେଇ ଟଙ୍କାର ଏକ ବଡ଼ ଅଂଶ ଚିହ୍ନଟ କରି ତାହାକୁ ଫ୍ରିଜ୍ କରାଯିବା ସହ କମ୍ପାନୀର ଖାତାକୁ ୧ କୋଟି ୧୪ ଲକ୍ଷ ୮୮ ହଜାର ଟଙ୍କା ଫେରାଇ ଦିଆଯାଇଛି। ଏହି ମାମଲାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ଏବଂ ଠକେଇର ଅବଶିଷ୍ଟ ଟଙ୍କାର ଟ୍ରେଲ୍ ସମ୍ପର୍କରେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

୮ଜଣ ଭିକ୍ଷାବୃତ୍ତି କରୁଥିବା ଓ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କଲା ଜିଲ୍ଲା ପ୍ରଶାସନ

ସୁବର୍ଣ୍ଣପୁର(ଅମୃତ ମିଡିଆ): ଆଜି ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଏକ ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ଜାଗାରେ ଚଢ଼ାଉ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲା ବସଷ୍ଟାଣ୍ଡ, ବଜାର, ଜନଗହଳି ପୂର୍ଣ୍ଣ ସ୍ଥାନ, ହୋଟେଲ ଏବଂ ଉଲୁଣ୍ଡା ସହରରେ ଭିକ୍ଷା ବୃତ୍ତି କରୁଥିବା ଶିଶୁ, ଶିଶୁ ଶ୍ରମିକ ଭାବେ କାମ କରୁଥିବା ୮ ଜଣ ଶିଶୁଙ୍କୁ ଉଦ୍ଧାର କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଜିଲ୍ଲା ଚାଇଲ୍ଡ ହେଲ୍ପ ଲାଇନ, ଶିଶୁ କଲ୍ୟାଣ ସମିତି, ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଶ୍ରମ ବିଭାଗ, ପୋଲିସ୍ ସୁବର୍ଣ୍ଣପୁର ଏବଂ ରୁଚିକା ଏନଜିଓର ସଦସ୍ୟମାନେ ମିଳିତ ଭାବେ ଏହି ଅଭିଯାନରେ ସାମିଲ ଥିଲେ। ଉଦ୍ଧାର ହୋଇଥିବା ଶିଶୁ ମାନଙ୍କୁ ଶିଶୁ କଲ୍ୟାଣ ସମିତି ନିକଟରେ ହସ୍ତାନ୍ତର କରାଯାଇଛି।ଏହି କାର୍ଯ୍ୟକ୍ରମ ରେ ଅନେକ ଶିଶୁ ଉଦ୍ଧାର କରଯାଉଥିବା ବେଳେ ଆଗାମୀ ଦିନରେ ଏମିତି ଚଢ଼ାଉ ଜାରି ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରକାଶ ।

ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

'ନାଟକ ଚେତା ପସଲା ପରିବେଷଣ'

ବଲାଙ୍ଗୀର(ଅମୃତ ମିଡିଆ): ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ଏହି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରୀମାନଙ୍କୁ ସଚେତନ କରିବା ସହ ଜରୁରୀ ସମୟରେ ଆତ୍ମବିଶ୍ୱାସର ସହିତ ମାନବିକ ସହାୟତା ପ୍ରଦାନ କରିବାର ଦକ୍ଷତା ବିକାଶ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଦ୍ୟାଳୟ ର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା ନିଜ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଜୁନିୟର ରେଡ୍‌କ୍ରସ୍ ୟୁନିଟ୍‌ର କାଉନସେଲର ଦୀପ୍ତି ବେହେରା ଛାତ୍ରୀମାନଙ୍କୁ ପ୍ରାଥମିକ ଚିକିତ୍ସାର ବିଭିନ୍ନ ଦିଗ ସମ୍ପର୍କରେ ପ୍ରାୟୋଗିକ ଭାବେ ବୁଝାଇଥିଲେ। ବିଶେଷକରି ସାପ କାମୁଡ଼ିଲେ ପ୍ରାଥମିକ ସ୍ତରରେ କ'ଣ କରିବା ଓ କ'ଣ ନ କରିବା, କେହି ମୂର୍ଚ୍ଛା ଯାଇଥିଲେ କିପରି ସହାୟତା କରିବା ଏବଂ କୁକୁର କାମୁଡ଼ିଲେ ତୁରନ୍ତ କେଉଁ ପଦକ୍ଷେପ ନେବା ଆବଶ୍ୟକ,ସେ ସମ୍ପର୍କରେ ଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ କରିଥିଲେ।ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ନୂତନ ନାୟକ ଛାତ୍ରୀମାନେ ବିଦ୍ୟାଳୟ ପରିସରରେ କିପରି ନିଜକୁ ସୁରକ୍ଷିତ ରଖିବେ ଏବଂ ଆକସ୍ମିକ ପରିସ୍ଥିତିରେ କିପରି ସତର୍କତାର ସହିତ ପଦକ୍ଷେପ ନେବେ,ସେ ନେଇ ବିଶେଷ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷକ ଡ. ସୁରେଶ ଚନ୍ଦ୍ର ବାରିକଙ୍କ ରଚିତ ନାଟକ 'ଚେତା ପସଲା' ପରିବେଷଣ ହୋଇଥିଲା।

ନୂଆଁଖାଇ ପାଇଁ ତିହାରୀ ବଜାର

ଚଳଚଞ୍ଚଳ ସମଗ୍ର ଅଞ୍ଚଳ

ବଙ୍ଗୋମୁଣ୍ଡା(ଅମୃତ ମିଡିଆ): ଆଉ ମାତ୍ର ଦୁଇ ଦିନ ପରେ ପାଳିତ ହେବ ପଶ୍ଚିମ ଓଡ଼ିଶାର ମହାନ କୃଷି ଭିତ୍ତିକ ଗଣପର୍ବ ନୂଆଖାଇ। ନୂଆଖାଇକୁ ନେଇ ଏବେ ଗାଁଠୁ ସହର ସବୁଠି ଉତ୍ସବର ମାହୋଲ। ବିଶେଷକରି ତିହାରୀ ବଜାରରେ ଦେଖିବାକୁ ମିଳୁଛି ପ୍ରବଳ ଚଳଚଞ୍ଚଳତା।ଆଜି ବଙ୍ଗୋମୁଣ୍ଡା ସାପ୍ତାହିକ ବଜାର ଥିବା ବେଳେ ଆଜି ତିହାରୀ ବିଜାର ରେ ନୂଆଖାଇ ପାଇଁ ନୂଆ ଲୁଗାପଟା, ଶାଢ଼ୀ, ଧୋତି, ପିଲାଙ୍କ ପୋଷାକଠାରୁ ଆରମ୍ଭ କରି ଘରକରଣା ସାମଗ୍ରୀ ଓ ନୂଆଖାଇ ପାଇଁ ପୂଜା ସାମଗ୍ରୀ, ନୂଆଧାନ, କୁରେ ପତର, କରଡ଼, ହଣ୍ଡୁଆ ସହ ବିଭିନ ଜିନିଷ କିଣିବା ପାଇଁ ବଜାରରେ ଲୋକଙ୍କ ଭିଡ଼ ଜମୁଛି। ନୂଆଖାଇ ତିହାରୀକୁ ନେଇ ବ୍ୟବସାୟୀମାନେ ମଧ୍ୟ ବେଶ୍ ଉତ୍ସାହିତ ଥିବା ବେଳେ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଦୋକାନଗୁଡ଼ିକୁ ସଜାଯାଇଛି। ସେହିପରି ନୂଆଖାଇର ମୁଖ୍ୟ ଆକର୍ଷଣ ନୂଆ ଧାନ ଓ ବିଭିନ୍ନ ପ୍ରକାରର ପିଠାପଣା ପାଇଁ ମଧ୍ୟ ଲୋକେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ପରିବାର ସହ ନୂଆଖାଇ ପାଳନ କରିବା ପାଇଁ ଦୂରଦୂରାନ୍ତରେ ରହୁଥିବା ଲୋକେ ମଧ୍ୟ ନିଜ ଘରକୁ ଫେରୁଛନ୍ତି। ନୂଆଖାଇ କେବଳ ଏକ ପର୍ବ ନୁହେଁ, ଏହା ଭାଇଚାରା, ପରମ୍ପରା ଓ ଏକତାର ପ୍ରତୀକ। ନୂଆ ଧାନକୁ ଇଷ୍ଟଦେବୀଙ୍କୁ ଅର୍ପଣ କରି ନୂଆଖାଇବା ସହ ପରସ୍ପରକୁ ନୂଆଖାଇ ଜୁହାର କରିବାର ରହିଛି ସ୍ୱତନ୍ତ୍ର ପରମ୍ପରା।

ଡୁମ୍ବରବାହାଲ ସରକାରୀ ୟୁପି ବିଦ୍ୟାଳୟରେ ନୂତନ ପ୍ରଧାନଶିକ୍ଷକଙ୍କ ଯୋଗଦାନ

ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନକୁ ଗୁରୁତ୍ୱ

ପଦ୍ମପୁର(ଅମୃତ ମିଡିଆ): ଜିଲ୍ଲା ସଦରଠାରୁ ପ୍ରାୟ ୧୧୦ କିଲୋମିଟର ଦୂରରେ ଥିବା ଦୁର୍ଗମ ଡୁମ୍ବରବାହାଲ ଅଞ୍ଚଳର ଡୁମ୍ବରବାହାଲ ସରକାରୀ ୟୁପି ବିଦ୍ୟାଳୟରେ ଲେଭଲ୍-III ପ୍ରଧାନଶିକ୍ଷକ ଭାବେ ଶ୍ରୀ ସଞ୍ଜୟ କୁମାର ମୁଣା ଶନିବାର, ୧୨ ସେପ୍ଟେମ୍ବର ୨୦୨୬ରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି। ଶ୍ରୀ ମୁଣା ଯୋଗଦାନ ପରେ ବିଦ୍ୟାଳୟର ଶିକ୍ଷାର ଗୁଣାତ୍ମକ ବିକାଶ, ପଛୁଆ ଓ ଦୁର୍ଗମ ଅଞ୍ଚଳର ଶିକ୍ଷା ବ୍ୟବସ୍ଥାର ଉନ୍ନତି ଏବଂ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟାଳୟ କେବଳ ପାଠପଢ଼ାର କେନ୍ଦ୍ର ନୁହେଁ, ବରଂ ଗ୍ରାମାଞ୍ଚଳର ଶିଶୁମାନଙ୍କ ସ୍ୱପ୍ନ ଓ ଭବିଷ୍ୟତ ଗଢ଼ିବାର ଏକ ପବିତ୍ର ମଞ୍ଚ ବୋଲି ସେ ମତବ୍ୟକ୍ତ କରିଛନ୍ତି। ତାଙ୍କ ଯୋଗଦାନର ପ୍ରଥମ ଦିନରେ ହିଁ ଗ୍ରାମବାସୀ, ଅଭିଭାବକ ଓ ଶିକ୍ଷାପ୍ରେମୀଙ୍କ ପକ୍ଷରୁ ତାଙ୍କୁ ଉଷ୍ମ ସ୍ୱାଗତ ଓ ଶୁଭେଚ୍ଛା ଜଣାଯାଇଥିଲା। ନୂତନ ପ୍ରଧାନଶିକ୍ଷକଙ୍କ ଆଗମନକୁ ନେଇ ଡୁମ୍ବରବାହାଲ ଗ୍ରାମରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ଅଭିଭାବକ ଓ ଶିକ୍ଷାବିତ୍‌ମାନଙ୍କ ମନରେ ମଧ୍ୟ ନୂଆ ଆଶା ସଞ୍ଚାର ହୋଇଛି। ଦୁର୍ଗମ ଅଞ୍ଚଳରେ ଶିକ୍ଷାର ଆଲୋକକୁ ଆହୁରି ବ୍ୟାପକ କରିବା, ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ କରିବା ଏବଂ ବିଦ୍ୟାଳୟକୁ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ଭାବେ ଗଢ଼ି ତୋଳିବା ଦିଗରେ ଶ୍ରୀ ମୁଣାଙ୍କ ଉଦ୍ୟମ ଅଞ୍ଚଳ ପାଇଁ ଏକ ନୂତନ ଆଶାର ଦ୍ୱାର ଖୋଲିବ ବୋଲି ଗ୍ରାମବାସୀ ଆଶା ପ୍ରକାଶ କରିଛନ୍ତି। ତାଙ୍କ ଯୋଗଦାନ ଡୁମ୍ବରବାହାଲର ଶିକ୍ଷା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସୋନପୁରରେ ନିଆରା ଲଙ୍କାପୋଡ଼ି ଉତ୍ସବ ପାଳିତ

ସୁବର୍ଣ୍ଣପୁର(ଅମୃତ ମିଡିଆ): ସୋନପୁର ଜିଲ୍ଲା ରେ ଭାଦ୍ରବ ମାସ ର

ସମ୍ପାଦକୀୟ...

ଅନନ୍ୟତାର ଅନାବରଣ

ବିଳମ୍ବରେ ହେଲେ ବି ଏକ ବିଶିଷ୍ଟ ତଥା ବୃହତ୍ କାର୍ଯ୍ୟ ସମ୍ପାଦନ ହୋଇଯାଇଛି ଯାହାକି ଜାତୀୟସ୍ତରରେ ଜଣେ ମହାନ ଓଡ଼ିଆଙ୍କୁ ତାଙ୍କ ମୃତ୍ୟୁର ଦୀର୍ଘବର୍ଷ ପରେ ବି ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଶୈଳୀରେ ତାଙ୍କୁ ସମ୍ମାନିତ କରାଯାଇଛି। ଯାହାକି କେବଳ ଓଡ଼ିଶା ରାଜ୍ୟ ପାଇଁ ନୁହେଁ, ସମଗ୍ର ଭାରତ ଦେଶ ପାଇଁ ଏକ ମହତ୍ୱପୂର୍ଣ୍ଣ ବିଷୟ। ଓଡ଼ିଶାର ଏଭଳି ବ୍ୟକ୍ତିତ୍ୱ ଯେ କି ବିଶ୍ୱରେ ବି ବିରଳ। କାରଣ ତାଙ୍କର ଗୁଣ ଚରିତ୍ର ସମ୍ପୃର୍ଣ୍ଣ କଳଙ୍କମୁକ୍ତ ଥିବା ସହ ତାଙ୍କର କାର୍ଯ୍ୟ ଦକ୍ଷତା ମଧ୍ୟ ସେହିଭଳି ଉନ୍ନତ, ବିକଶିତ ଏବଂ ସମାଜ ପାଇଁ ସମ୍ପୂର୍ଣ୍ଣ ସମର୍ପିତ ଥିଲା। ରାଜ୍ୟରେ କୌଣସି ବି ବିପର୍ଯ୍ୟୟ ସମୟରେ ସେ ସତେ ଯେମିତି ଏକ ଦେବଦୂତ ଭଳି ଉଭା ହୋଇଯାଉଥିଲେ। ବିଶେଷକରି ବନ୍ୟା,ବାତ୍ୟା, ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେ ରାଜ୍ୟର ବିପନ୍ନ ଏବଂ ଦୁର୍ଗତମାନଙ୍କ ପାଇଁ ଯେଭଳି ଭାବେ ନିଜକୁ ସମର୍ପିତ ଭାବ ନେଇ ଲୋକଙ୍କ ସେବାରେ ନିୟୋଜିତ କରୁଥିଲେ ତାହା ତତ୍କାଳୀନ ସମାଜରେ , ତତ୍କାଳୀନ ସମୟରେ ଏକ ବିଶେଷତ୍ୱର ପରିଚୟ ଦେଉଥିଲା ଯାହା ଥିଲା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେ ଆଉ କେହି ନୁହଁନ୍ତି.. ଉତ୍କଳର ବରପୁତ୍ର, ଉତ୍କଳର ସୁଯୋଗ୍ୟ ସନ୍ତାନ, ଦୀନଦରିଦ୍ରର ବନ୍ଧୁ, ଶତାୟୁ ସମାଜର ପ୍ରତିଷ୍ଠାତା,ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧକ୍ଷ, ଉତ୍କଳମଣି-ଭାରତମଣି ପଣ୍ଡିତ ଗୋପବନ୍ଧୁଙ୍କୁ ମରଣୋତ୍ତର ଏକ ବିଶେଷ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପରେ ତାହା ଅନାବରଣ କରାଯାଇଛି ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୂଙ୍କ ଦ୍ୱାରା ଏଇ ତିନି ତାରିଖରେ, ଶ୍ରାବଣର ପ୍ରଥମ ସୋମବାରରେ। ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ସ୍ଥିତ ଲୋକସେବକ ମଣ୍ଡଳ କାର୍ଯ୍ୟାଳୟ ପରିସରସ୍ଥ ଲାଜପତ ଭବନ ପରିସରରେ। ଗୋପବନ୍ଧୁଙ୍କ ସେହି ପ୍ରତିମୂର୍ତ୍ତିର ଅନାବରଣ କେବେ ବି ଏକ ସାଧାରଣ କଥା ବା ଘଟଣା ନୁହେଁ। ଅନାବରଣ ଉତ୍ସବରେ ରାଜ୍ୟ ଏବଂ କେନ୍ଦ୍ର ସ୍ତରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଯୋଗଦାନ ନିଶ୍ଚିତରୂପେ ଏକ ବିଶେଷ ଘଟଣା। ଅନାବରଣ ସମାରୋହରେ ଅନ୍ତର୍ଜାତୀୟ ସ୍ତରର ବ୍ୟକ୍ତିତ୍ୱ ମଧ୍ୟ ଥିଲେ ଉପସ୍ଥିତ। ଅବସୋସର ବିଷୟ ଯେ ସେତେବେଳେ କୌଣସି ମିଡ଼ିଆ ଅବା ଗଣମାଧ୍ୟମ ସେତେ ଉନ୍ନତ ନଥିଲା। ପଣ୍ଡିତ ଗୋପବନ୍ଧୁ ଯେ କେତେ ସରଳ, ନିସ୍ପଟ ଏବଂ ସମାଜ ପ୍ରତି ଏତେ ସମର୍ପିତ ବ୍ୟକ୍ତିତ୍ୱ ଥିଲେ , ତାହା ବି ସାଧାରଣ ଭାଷାରେ ବର୍ଣ୍ଣନା କରିବା ସେତେ ସହଜ ନୁହେଁ। ଏଣୁ ସେ ତ ସେଥିପାଇଁ କେବଳ ରାଜ୍ୟ ଭିତରେ ସୀମିତ ରହିଯାଇଥିଲେ ନଚେତ ଯଦି ନିଜକୁ ନିଜେ ଅତିରଞ୍ଜିତ କରିବାକୁ ଚେଷ୍ଟା କରିଥାନ୍ତେ , ତେବେ ପଣ୍ଡିତ ଗୋପବନ୍ଧୁ ମଧ୍ୟ ଜାତୀୟ ସ୍ତରରେ ନିଜକୁ ପରିଚିତ କରାଇପାରିଥାନ୍ତେ। କହିବା ବାହୁଲ୍ୟ ଯେ ଗୋପବନ୍ଧୁଙ୍କ ମଧ୍ୟରେ ଥିବା ମାନବୀୟ ସଦଗୁଣ ଏବଂ ସମାଜ ପ୍ରତି ତାଙ୍କର ସମର୍ପିତ ବ୍ୟକ୍ତିତ୍ୱ , ଯାହା କେବଳ ଓଡ଼ିଶାରେ କି ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଯେ ବିରଳ ...ଏ କଥାକୁ ଅବଶ୍ୟ ସ୍ୱୀକାର କରାଯାଇପାରେ। ତେବେ ବିଶ୍ୱସ୍ତରୀୟ ବ୍ୟକ୍ତିତ୍ୱର ଅଧିକାରୀ କେବେ ଭାରତର ସ୍ୱାଧୀନତା ପ୍ରାପ୍ତି ପାଇଁ ଦେଶକୁ ପରାଧୀନତାରୁ ମୁକ୍ତି ଦେବା ପାଇଁ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଜାତୀୟ ଆନ୍ଦୋଳନରେ ଝାସଦେଇ ଏବଂ ସମାନ୍ତରାଳ ଭାବେ ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସ୍ୱପ୍ନକୁ ସାକାର କରିବାରେ ନିଜର ସକ୍ରୀୟ ଯୋଗଦାନ ଦେଇଥିବା ଜଣେ ମହାନ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତ୍ତିକୁ ଦିଲ୍ଲୀରେ ଅନାବରଣରେ ମାତ୍ରାଧିକ ବିଳମ୍ବ ନିଶ୍ଚିତରୂପେ ଏକ ପରିତାପର ବିଷୟ। ବହୁତ ଆଗରୁ ଏପରି ହେବାର ଥିଲା, ଯେପରି ସାରାଭାରତ ଗୋପବନ୍ଧୁଙ୍କ ଗୌରବମୟ ଗାଥାକୁ ଆହୁରି ଆଗରୁ ଜାଣିପାରି,ସେ ବିଷୟରେ ଅବଗତ ହୋଇପାରିଥାନ୍ତା। ରାଜ୍ୟରେ ଅବା ଦେଶରେ ଆଜିର ସମୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବେ ବି ଭାରି ମନେ ପଡ଼ନ୍ତି ଉତ୍କଳମଣି। ଏଣୁ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଗୋପବନ୍ଧୁଙ୍କ ନୀତି ଆଦର୍ଶ ସମ୍ବଳିତ ତଥ୍ୟକୁ ଉଭୟ ଜାତୀୟ ଏବଂ ରାଜ୍ୟ ସ୍ତରରେ ପାଠ୍ୟପୁସ୍ତକରେ ସ୍ଥାନିତ କରି ସେ ବିଷୟରେ ସମାଜକୁ ଅବଗତ କରିବାର ଆବଶ୍ୟକତା ରହିଛି ଯାହାକି ଏକ ସୁନ୍ଦର ସମାଜ ଗଠନରେ ସହାୟକ ହୋଇପାରିବ।

ଜ୍ଞାନାମୃତ

ଛାତ୍ରଙ୍କ କୃତିତ୍ୱ

ପ୍ରଶ୍ନଟା ବି ଥିଲା ଅତି ଗୁରୁତ୍ୱପୂର୍ଣ। ଶିକ୍ଷକ ମଧ୍ୟ ସେହି ପ୍ରଶ୍ନର ଉତ୍ତର ଅତି ସହଜରେ ଏବଂ ସରଳ ଭାଷାରେ ଦେବା ପାଇଁ ଆଗ୍ରହ ପ୍ରକାଶ କଲେ। ଛାତ୍ର-ଛାତ୍ରୀଙ୍କ ପ୍ରଶ୍ନ ଥିଲା ଯେ ଜାପାନୀମାନେ ଏତେ ଆଗରେ କାହିଁକି। ଅତୀତରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ସାରା ବିଶ୍ୱର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ବିଶ୍ୱର ବିଭିନ୍ନ ଦେଶ ସମୂହ ଭାରୀ ପରିମାଣରେ କ୍ଷତିଗ୍ରସ୍ତ ହୋଇଯାଇଥିଲେ। ଯାହା ମଧ୍ୟରେ ଜାପାନ୍ ବି ଥିଲା ଯାହାର ଅବସ୍ଥା ପୂରାପୂରି ଖରାପ୍ ହୋଇଯାଇଥିଲା। ପୂରାପୂରି ନଷ୍ଟଭ୍ରଷ୍ଟ ହୋଇଯାଇଥିଲା। ଜାପାନବାସୀ ଯେ ଆଉଥରେ ପୁଣି ଉଠିବେ , ସେମାନେ ଯେ ଆଉଥରେ ପୁଣି ସେମାନଙ୍କ ପୂର୍ବ ଅବସ୍ଥାକୁ ଫେରି ଆସିବେ, ଏହି କଥା ପୃଥିବୀରେ କେହି ବି ଅନୁମାନ କରି ନଥିଲେ। ଅଥଚ ସବୁ କଥା ଓଲଟପାଲଟ ହୋଇଗଲା। ସମସ୍ତଙ୍କ ଅନୁମାନ ପୂରା ଫେଲ ମାରିଗଲା। ଜାପାନ କିନ୍ତୁ ଧୀରେ ଧୀରେ ଉଠିଲା, ଜାପାନ୍ କିନ୍ତୁ ଧୀରେ ଧୀରେ ଅତି ଉପରକୁ ଉଠିଲା। ଏତେ ଉପରକୁ ଉଠିଲା, ଯାହାକି ଦୁନିଆ ପାଇଁ ଗୋଟାଏ ଉଦାହରଣ ପାଲଟିଗଲା। ହେଲେ କେମିତି ? ଏତେ ନଷ୍ଟ ଭ୍ରଷ୍ଟ ପରେ ଏତେ ଉପରକୁ କେମିତି ଉଠିଲା ଜାପାନ୍ ? ଏହି ପ୍ରଶ୍ନର ଉତ୍ତରରେ ଶିକ୍ଷକ ଅତି ସହଜରେ ଏହିଭଳି କିଛି ଉତ୍ତର ଦେଲେ ଯେ ଜାପାନୀମାନେ କେବେ ବି ଏତେ ସହଜରେ ହାର୍ ମାନନ୍ତି ନାହିଁ। ଥରେ ଯାହା କରିବା ପାଇଁ ନିଷ୍ପତ୍ତି ନିଅନ୍ତି, ତାହା କୌଣସି ବି ଉପାୟରେ ପୂରଣ କରିବା ଉପରେ ସେମାନଙ୍କର ଜୀ ଜାନ୍ ଲଗାଇଦିଅନ୍ତି । କଳେ ବଳେ କଉଶଳେ ସେମାନେ ସେହି କାମକୁ ଅତି ସଫଳତାର ସହିତ ସମ୍ପନ୍ନ କରିବା ପାଇଁ ସେମାନଙ୍କ ସମସ୍ତ ବୁଦ୍ଧିବଳ ଲଗାଇଦିଅନ୍ତି ଏବଂ ଯେଯାବତ୍ ସେମାନେ ତାଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରନ୍ତି ନାହିଁ, ସେ ଯାବତ୍ ସେମାନେ ସେହି କାମରୁ ତାଙ୍କ ମନ ଏବଂ ଶରୀରକୁ କେବେ ବି ହଟାଇ ଦିଅନ୍ତି ନାହିଁ। ଏ ପ୍ରସଙ୍ଗରେ ଶିକ୍ଷକ ଜଣେ ଜାପାନୀ ଛାତ୍ରର ଉଦାହାରଣ ଦେଇ କହିଲେ ଯେ ଗୋଟାଏ ଗବେଷଣାଗାରରେ କୌଣସି କାରଣରୁ କାମଟିକୁ ଅଧା ପନ୍ତରିଆ ପକାଇଦେଇ ଜଣେ ଛାତ୍ର ଚାଲିଗଲା ପରେ ସେହି ଅଧାପନ୍ତରିଆ କାମକୁ ପୂରା କରିବା ପାଇଁ କେହି ଆଗଭର ନ ହେବାରୁ ଶେଷରେ ଜଣେ ଜାପାନୀ ଛାତ୍ର କିନ୍ତୁ ଆଗ୍ରହର ସହିତ ସେହି କାମରେ ହାତଦେଲେ। ସେବେ ଅନ୍ୟ ଛାତ୍ରମାନେ କିନ୍ତୁ ତାଙ୍କୁ ସେ କାର୍ଯ୍ୟ ଏକପ୍ରକାର ଅସମ୍ଭବ ବୋଲି କହି ତାଙ୍କ ମନରେ ଗୋଟାଏ ଛନକା ପୂରାଇଦେଇଥିଲେ। ଅର୍ଥାତ ତାଙ୍କୁ ଡରାଇଦେଇଥିଲେ। ତେବେ ଜାପାନୀ ଛାତ୍ରଜଣଙ୍କ କିନ୍ତୁ ସେହି ଅସମ୍ଭବ କଥାଟାକୁ ଧରିନେଲା। କାରଣ ଜାପାନୀମାନେ ଏତେ ସହଜରେ କୌଣସି କଥାରେ ହାର୍ ମାନନ୍ତି ନାହିଁ। ଜାପାନୀ ଛାତ୍ର ବି ସେହି ଗବେଷଣା କାମରେ ହାତଦେଇ ଶେଷରେ ସଫଳତା ହାସଲ କଲେ।

ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ସ୍ୱରୂପର ମହତ୍ତ୍ୱ

ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ

ସନାତନ ହିନ୍ଦୁ ଧର୍ମର ଅଗ୍ରପୂଜ୍ୟ ଦେବତାରୂପେ ଶ୍ରୀଗଣେଶ ସୁବିଦିତ। ତେଣୁ ଗଣପତିଙ୍କୁ ପ୍ରତ୍ୟେକ ଶୁଭକାର୍ଯ୍ୟ, ପୂଜାପାଠ କ୍ରିୟା ନୂତନ କାର୍ଯ୍ୟ ଆରମ୍ଭ ପୂର୍ବରୁ ସର୍ବପ୍ରଥମେ ପୂଜକମାନେ ନିମ୍ନ ଲିଖିତ ବୈଦିକ ମନ୍ତ୍ରକୁ ପାଠ କରିଥାନ୍ତି:-

ହରି ଓଁ ।। ଗଣାନାଂ ତ୍ୱା ଗଣପତିଗୁଂ ହବାମହେ

ପ୍ରିୟାଣାଂ ତ୍ୱା ପ୍ରିୟପତିଗୁଂ ହବାମହେ

ନିଧୀନାଂ ତ୍ୱା ନିଧିପତିଗୁଂ ହବାମହେ,ବସୋ ମମ ?

ଆହମଜାନି ଗର୍ଭଧମା ତ୍ୱମଜାସି ଗର୍ଭଧମ୍ ?

ଅର୍ଥାତ୍ :- ହେ ପ୍ରଭୁ ଗଣେଶ ! ଆପଣ ସମସ୍ତ ଜୀବଗଣ ଏବଂ ସମଗ୍ର ସୃଷ୍ଟି ସମୂହ (ଗଣ) ର ସ୍ୱାମୀ ବା ରକ୍ଷକ। ଆମ୍ଭେମାନେ ଆପଣଙ୍କୁ ଆବାହନ କରୁଛୁ। ସକଳ ପ୍ରିୟ ବସ୍ତୁ ଓ ଆନନ୍ଦଦାୟକ ଶକ୍ତିଗୁଡ଼ିକର ଆପଣ ସ୍ୱାମୀ ଅଟନ୍ତି। ସେଥିପାଇଁ ଆମ୍ଭେମାନେ ଆପଣଙ୍କୁ ପ୍ରଣାମ ପୂର୍ବକ ଆବାହନ କରୁଛୁ। ସେହିପରି ଆପଣ ସମସ୍ତ ପ୍ରକାରର ଐଶ୍ୱର୍ଯ୍ୟ, ଜ୍ଞାନ ଓ ସୁଖ-ସମୃଦ୍ଧି ରୂପକ ନିଧି (ରତ୍ନଭଣ୍ଡାର) ର ଅଧିପତି। ଆପଣଙ୍କୁ ଆମ୍ଭେମାନେ ଆମ ଜୀବନକୁ ଆସିବା ପାଇଁ ପ୍ରାର୍ଥନା କରୁଛୁ। ହେ ପ୍ରଭୁ ! ଆପଣ ମୋ ଭିତରେ ବାସ କରନ୍ତୁ ଏବଂ ମୋତେ ନିଜ ଶରଣରେ ରଖନ୍ତୁ।

ଗଜାନନଙ୍କୁ କେବଳ ଅଗ୍ରପୂଜ୍ୟ ଭାବେ ପୂଜା କରାଯାଏ ନାହିଁ, ଅପିତୁ ବିଦ୍ୟାରମ୍ଭ ସମୟରେ, ବିବାଦ କାଳରେ , ପ୍ରବାସ ସ୍ଥାନରେ, ନିର୍ଜନ ଜାଗାରେ , ସଂଗ୍ରାମ ସ୍ଥଳରେ ଏବଂ ଘୋର ସଙ୍କଟ ବେଳରେ ଏହି ଦେବଙ୍କ ଦ୍ୱାଦଶ ନାମକୁ ସ୍ମରଣ କଲେ ମଣିଷ ସମସ୍ତ ଦୁଃଖ ଓ କଷ୍ଟରୁ ଉଦ୍ଧାର ପାଇଥାଏ। ଯାହାର ଦୃଷ୍ଟାନ୍ତ ସ୍କନ୍ଧ ପୁରାଣରେ ରହିଛି :-

ସୁମୁଖଶ୍ଚୈକଦନ୍ତଶ୍ଚ କପିଲୋ ଗଜକର୍ଣ୍ଣକଃ ।

ଲମ୍ବୋଦରଶ୍ଚ ବିକଟୋ ବିଘ୍ନନାଶୋ ଗଣାଧ୍ୟକ୍ଷଃ ? ଧୂମ୍ରକେତୁର୍ଗଣାଧ୍ୟକ୍ଷୋ ଭାଲଚନ୍ଦ୍ରୋ ଗଜାନନଃ ।

ଦ୍ୱାଦଶୈତାନି ନାମାନି ଯଃ ପଠେଚ୍ଛୃଣୁୟାଦପି ?

ବିଦ୍ୟାରମ୍ଭେ ବିବାହେ ଚ ପ୍ରବେଶେ ନିର୍ଗମେ ତଥା ।

ସଂଗ୍ରାମେ ସଙ୍କଟେ ଚୈବ ବିଘ୍ନସ୍ତସ୍ୟ ନ ଜାୟତେ ?

ଏତଦ୍ ବ୍ୟତୀତ ସେ ହେଉଛନ୍ତି; ବିଘ୍ନହର୍ତ୍ତା, ସିଦ୍ଧିଦାତା ଏବଂ ବୁଦ୍ଧିର ଦେବତା। ତାଙ୍କର ଯେଉଁ ବିଚିତ୍ର ଓ ଅଲୌକିକ ରୂପକୁ ଆମେ ଦର୍ଶନ କରୁଛେ, ଏଥିରେ ଅନେକ ତତ୍ତ୍ୱାର୍ଥ ଲୁକ୍କାୟିତ ରହିଛି। ଗିରିଜା ନନ୍ଦଙ୍କ ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗ, ଆୟୁଧ ଏବଂ ବାହନ ପଛରେ ଏକ ଗଭୀର ଆଧ୍ୟାତ୍ମିକ, ସାମାଜିକ ଓ ବ୍ୟବହାରିକ ଜୀବନ ଦର୍ଶନ ଭରି ରହିଛି। ଯାହା ତାଙ୍କର 'ଗଣେଶ' ନାମରୁ ଜଣାଯାଏ। ଏହି ନାମର ଅର୍ଥ ହେଉଛି ଗଣ ମାନଙ୍କର ଈଶ, ଅର୍ଥାତ୍ ଯେ ସମୂହ ଜନତାଙ୍କ ସ୍ୱାମୀ ବା ଶାସକ। ଜଣେ ଆଦର୍ଶ ନେତା କିପରି ହେବା ଉଚିତ, ତାହା ଗଣେଶଙ୍କ ନେତୃତ୍ୱରୁ ସ୍ପଷ୍ଟ ଜଣାଯାଏ। ସେ ସମସ୍ତଙ୍କୁ ସାଥିରେ ନେଇ ଚାଲିବାର ପ୍ରେରଣା ଦିଅନ୍ତି। ତାହାଙ୍କ ବିଶାଳ ମସ୍ତକଟି ହାତୀର ସ୍ୱରୂପ। ଏଣୁ ତାହାଙ୍କୁ ଗଜାନନ କୁହାଯାଏ । ହାତୀ ହେଉଛି ବୁଦ୍ଧିମତ୍ତା, ଗାମ୍ଭୀର୍ଯ୍ୟ ଏବଂ ସ୍ମରଣ ଶକ୍ତିର ପ୍ରତୀକ। ଯାହା ମାନବକୁ ଉଚ୍ଚ ଚିନ୍ତାଧାରା ରଖିବାକୁ ଏବଂ ନିଜର ବୁଦ୍ଧି ଓ ବିବେକକୁ ସର୍ବଦା ଜାଗ୍ରତ ରଖିବାକୁ ଶିକ୍ଷା ଦିଏ। ବିଶାଳ ମସ୍ତକ ଦର୍ଶାଏ ଯେ ଜଣେ ବ୍ୟକ୍ତିକୁ ଜ୍ଞାନ ଅର୍ଜନ ପାଇଁ ସର୍ବଦା ପ୍ରସ୍ତୁତ ରହିବା ଉଚିତ। ସେହିପରି ଛୋଟ ଛୋଟ ଦୁଇଟି ଆଖି; ଏହା ସୂକ୍ଷ୍ମ ଦୃଷ୍ଟିଭଙ୍ଗୀ, ଏକାଗ୍ରତା ଓ ଦୂରଦର୍ଶିତାର ପ୍ରତୀକ। ଯାହା ଜୀବନରେ ସଫଳତା ପାଇବାକୁ ହେଲେ କୌଣସି ବିଷୟକୁ ଗଭୀର ଭାବେ ନିରୀକ୍ଷଣ କରିବା ଏବଂ ସେଥିପ୍ରତି ସମ୍ପୂର୍ଣ୍ଣ ଏକାଗ୍ର ରହିବା ଆବଶ୍ୟକ ବୋଲି ଏହା ସୂଚାଇଥାଏ। ବିଶାଳ କାନ ଦୁଇଟି ଜଣାଏ ଯେ, ଜଣେ ଭଲ ଶ୍ରୋତା ହେବା କେତେ ଜରୁରୀ। ସଂସାରର ସମସ୍ତ ଭଲ ମନ୍ଦ କଥାକୁ ଧୈର୍ଯ୍ୟର ସହ ଶୁଣିବା ଉଚିତ, ମାତ୍ର କୁଲା ଯେପରି ଅଦରକାରୀ ଜିନିଷକୁ ଫିଙ୍ଗିଦେଇ କେବଳ ସାର ଅଂଶକୁ ରଖେ, ସେହିପରି ଆମକୁ କେବଳ ଭଲ କଥାକୁ ଗ୍ରହଣ କରି ଖରାପ କଥାକୁ ପରିତ୍ୟାଗ କରିବା ଉଚିତ। ହାତୀର ଶୁଣ୍ଢ ଅତ୍ୟନ୍ତ ଲମ୍ବ ଓ ଶକ୍ତିଶାଳୀ ହେଲେବି, ସେ ଖୁବ୍ ସୂକ୍ଷ୍ମ କାର୍ଯ୍ୟ ମଧ୍ୟ କରିପାରେ। ଏହା ଜୀବନର ଉଭୟ ସ୍ଥୁଳ ଏବଂ ସୂକ୍ଷ୍ମ ପରିସ୍ଥିତିକୁ ସାମ୍ନା କରିବାର କ୍ଷମତାକୁ ଦର୍ଶାଏ। ଉପରକୁ ଉଠିଥିବା ଶୁଣ୍ଢ କୁଣ୍ଡଳିନୀ ଶକ୍ତିର ଜାଗରଣ ଓ ଆଧ୍ୟାତ୍ମିକ ପ୍ରଗତିର ପ୍ରତୀକ। ଗଣେଶଙ୍କର ଗୋଟିଏ ଦାନ୍ତ ଅକ୍ଷୁର୍ଣ୍ଣ ଥିବା ବେଳେ ଅନ୍ୟଟି ଭଙ୍ଗା, ତେଣୁ ତାହାଙ୍କୁ ଏକଦନ୍ତ କୁହାଯାଏ। ଏହା ଦ୍ୱୈତଭାବର ଅନ୍ତ ଓ ଅଦ୍ୱୈତଭାବର ପ୍ରତୀକ। ପୌରାଣିକ କଥା ଅନୁସାରେ, ମହାଭାରତ ଲେଖିବା ପାଇଁ ସେ ନିଜର ଦାନ୍ତକୁ ଭାଙ୍ଗି ଲେଖନୀ ଭାବରେ ବ୍ୟବହାର କରିଥିଲେ, ଯାହା ଜ୍ଞାନ ପାଇଁ ତ୍ୟାଗର ମହତ୍ତ୍ୱକୁ ବୁଝାଏ। ଲମ୍ବୋଦର (ବିଶାଳ ପେଟ) ସୂଚାଏ ଯେ ଜୀବନରେ ଆସୁଥିବା ସମସ୍ତ ସୁଖ, ଦୁଃଖ, ରହସ୍ୟ, ସମାଲୋଚନା ଓ ଅପବାଦକୁ ନିଜ ଭିତରେ ହଜମ କରି ନେବା ଉଚିତ। ସବୁ ପରିସ୍ଥିତିରେ ଧୈର୍ଯ୍ୟବାନ ରହିବା ଏହାର ମୁଖ୍ୟ ବାର୍ତ୍ତା।

ସେଭଳି ଚତୁର୍ଭୁଜରେ ଧାରଣ କରିଥିବା ଆୟୁଧର ମଧ୍ୟ ବିଶେଷ ମହତ୍ତ୍ୱ ଓ ରହସ୍ୟ ରହିଛି। ଯେପରି ଅଙ୍କୁଶ; ଏହା ମନକୁ ନିୟନ୍ତ୍ରଣ କରିବା ଓ କୁପ୍ରବୃତ୍ତିକୁ ଦମନ କରିବାର ସଙ୍କେତ। ପାଶ (ଦଉଡ଼ି) ଏହା ସଂସାରର ମୋହମାୟାରୁ ଦୂରେଇ ରହି ଈଶ୍ୱରଙ୍କ ସହ ବାନ୍ଧି ହୋଇ ରହିବାକୁ ପ୍ରେରଣା ଦିଏ। ମୋଦକ (ଲଡୁ) ଏହା ସାଧନାର ମଧୁର ଫଳ କିମ୍ବା ଆନନ୍ଦର ପ୍ରତୀକ। କଠିନ ପରିଶ୍ରମ ଓ ସଦମାର୍ଗରେ ଚାଲିଲେ ଶେଷରେ ମୋଦକ ଭଳି ମିଠା ଫଳ ମିଳିଥାଏ। ବରଦ ମୁଦ୍ରା ବା ଆଶୀର୍ବାଦ ମୁଦ୍ରା ଯାହା ସର୍ବଦା ଆଶୀର୍ବାଦ ପ୍ରଦାନ କରୁଥାଏ, ଯେ ଶରଣାଗତ ଭକ୍ତକୁ ଅଭୟ ପ୍ରଦାନ କରେ। ମୂଷିକ ବାହନର ମଧ୍ୟ ମହତ୍ତ୍ୱ ରହିଛି। ଏତେ ବଡ଼ ଦେବତା ହୋଇ ମଧ୍ୟ ଗଣେଶ ଏକ କ୍ଷୁଦ୍ର ଜୀବ ମୂଷାକୁ ନିଜର ବାହନ କରିଛନ୍ତି। ମୂଷା ହେଉଛି ଚଞ୍ଚଳତା, ଲୋଭ ଏବଂ ଅଜ୍ଞାନତାର ପ୍ରତୀକ। ସେ ଅନ୍ଧାରରେ ସବୁ ଜିନିଷକୁ କାଟି ନଷ୍ଟ କରିଦିଏ। ଗଣେଶ ମୂଷା ଉପରେ ବସିବା ଅର୍ଥ ହେଉଛି ସେ ନିଜର ବୁଦ୍ଧି ଓ ଜ୍ଞାନ ଦ୍ୱାରା ଚଞ୍ଚଳ ମନ, ଲୋଭ ଓ ବାସନାକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି। ଏହା ସମାଜକୁ ବାର୍ତ୍ତା ଦିଏ ଯେ କୌଣସି ଜୀବ ଛୋଟ ବା ତୁଚ୍ଛ ନୁହେଁ, ପ୍ରତ୍ୟେକଙ୍କର ନିଜସ୍ୱ ଗୁରୁତ୍ୱ ରହିଛି। ଆଜିର ଆଧୁନିକ ଯୁଗରେ ଗଣେଶଙ୍କ ସ୍ୱରୂପ ମାନସିକ ଚାପ ଦୂର କରିବା ଏବଂ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ପାଇଁ ଏକ ଶ୍ରେଷ୍ଠ ଉଦାହରଣ। ମାତା ପାର୍ବତୀ ଓ ପିତା ମହାଦେବଙ୍କୁ ପ୍ରଦକ୍ଷିଣ କରି ସେ ପ୍ରମାଣିତ କରିଥିଲେ ଯେ ପିତାମାତା ହିଁ ସନ୍ତାନ ପାଇଁ ସମଗ୍ର ସଂସାର ଏବଂ ଏହା ପାରିବାରିକ ମୂଲ୍ୟବୋଧ ପାଇଁ ଶ୍ରେଷ୍ଠ ଶିକ୍ଷା। ବିଘ୍ନରାଜ ଭାବେ ସେ ପ୍ରତ୍ୟେକ ବାଧାବିଘ୍ନକୁ ଧୈର୍ଯ୍ୟର ସହ ଦୂର କରିବାର ସାମର୍ଥ୍ୟ ଦିଅନ୍ତି, ଯାହା ସଂକଟ ପରିଚାଳନା ଶିକ୍ଷା ଦିଏ।

ଶ୍ରୀଗଣେଶଙ୍କ ସ୍ୱରୂପ କେବଳ ପୂଜା ମଣ୍ଡପରେ ସୀମିତ ନୁହେଁ, ବରଂ ତାହା ଜୀବନ ଜିଇଁବାର ଏକ ସମ୍ପୂର୍ଣ୍ଣ ଦାର୍ଶନିକ କଳା। ତାଙ୍କର ଏହି ଦିବ୍ୟ ରୂପକୁ ଆମେ ଯଦି କେବଳ ବାହ୍ୟ ଦୃଷ୍ଟିରେ ନଦେଖି ତାଙ୍କର ଆଧ୍ୟାତ୍ମିକ ଓ ବ୍ୟବହାରିକ ମହତ୍ତ୍ୱକୁ ନିଜ ଜୀବନରେ ପ୍ରୟୋଗ କରିବା, ତେବେ ଆମର ବୁଦ୍ଧି ସଂଶୋଧିତ ହୋଇ, ଜୀବନର ସମସ୍ତ ବିଘ୍ନ ଦୂର ହେବ ଏବଂ ସମାଜରେ ସୁଖ-ଶାନ୍ତି ପ୍ରତିଷ୍ଠା ହୋଇପାରିବ। ସେଥିପାଇଁ ଶ୍ରୀଗଣେଶ ସ୍ୱରୂପର ମହତ୍ତ୍ୱ ସନାତନ ସଂସ୍କୃତିର ଏକ ଚିରନ୍ତନ ଓ ଅଦ୍ୱିତୀୟ ମହତ୍ତ୍ୱକୁ ପ୍ରତିପାଦିତ କରିଛି।

ଦର୍ଶନ ଅଧ୍ୟାପକ
ସଂସ୍କୃତ ମହାବିଦ୍ୟାଳୟ
କବିସୂର୍ଯ୍ୟ ନଗର, ଗଞ୍ଜାମ।
୯୮୬୧୩୩୪୮୬୮

ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ଗଣେଶ ଉପାସନା

ବିକ୍ରମ ମହାପାତ୍ର

ଉତ୍କଳୀୟ ପରମ୍ପରାରେ ଗଣପତି ଉପାସନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉତ୍କଳୀୟ ମାନଙ୍କର ପରମାରାଧ୍ୟ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥଙ୍କ ସମେତ ପଞ୍ଚଦେବତାଙ୍କ ଉପାସନା କାହିଁ କେଉଁ କାଳରୁ ଅନସ୍ରୁତ ହୋଇ ଆସୁଛି। କୁହାଯାଏ, ଏଠାରେ ଶ୍ରୀଜଗନ

ধাত্রীদের ভরা মরশুমে দুর্ঘটনা, ভুল ফোর্সেপ প্রয়োগে হাসপাতালে নবজাতক মৃত্যুর অভিযোগ ঘিরে তুমুল উত্তেজনা

শান্তনু বেরা (দ্বাদশ শ্রেণি) : বাড়ি থেকে ৫ কিমি দূরে হাসপাতালে ভর্তি হয়েছিল গর্ভবতী। ডাক্তারদের পরামর্শ মতো সময়ে অপারেশন থিয়েটারে ঢুকেছিলেন তিনি। তারপর ঘণ্টা তিনেক কেটে গিয়েছে। অপারেশন থিয়েটারের বাইরে অপেক্ষা করছিলেন পরিবারের লোকজন। তাঁদের কাছে এসে ডাক্তার জানালেন, সন্তান মৃত। ভুল ফোর্সেপ প্রয়োগের অভিযোগ তুলে বুধবার বিক্ষোভ দেখালেন মৃত নবজাতকের পরিবারের লোকজন। ঘটনাস্থল ধনেখালি মহকুমা হাসপাতাল। ঘটনার তদন্তে ৩ সদস্যের মেডিক্যাল বোর্ড গঠন করেছে মহকুমা শাসক। তাঁরা ২৪ ঘণ্টার মধ্যে রিপোর্ট জমা দেবেন।

মৃত নবজাতকের বাবা সুমন মণ্ডল পেশায় রাজমিস্ত্রি। তিনি জানান, তাঁর স্ত্রী সুস্মিতা মণ্ডলের প্রসবযন্ত্রণা শুরু হয় মঙ্গলবার সকাল ৯টা নাগাদ। তাঁকে ধনেখালি মহকুমা হাসপাতালে ভর্তি করা হয়। সুমনবাবু বলেন, “ডাক্তারবাবুরা বলেছিলেন, সময় আছে। অপারেশন থিয়েটারে ঢুকিয়ে দিয়েছিলেন। তারপর ঘণ্টা তিনেক কেটে গিয়েছে। কিন্তু কোনও খবর পাচ্ছিলাম না। তারপর ডাক্তারবাবু এসে জানান, বাচ্চা মৃত। ভুল ফোর্সেপ প্রয়োগের জন্যই এমনটা হয়েছে।” সুমনবাবুর অভিযোগ, ডাক্তারবাবুরা ভুল স্বীকার করে নিয়েছেন।

মৃত নবজাতকের মা সুস্মিতা মণ্ডল অসুস্থ। তাঁকে ধনেখালি মহকুমা হাসপাতালে ভর্তি রাখা হয়েছে। তাঁর চিকিৎসা চলছে। সুস্মিতাদেবীর বাবা সুকুমার মণ্ডল বলেন, “আমার মেয়ে ও নাতি দুজনেই সুস্থ ছিল। ডাক্তারবাবুরা ভুল করেছেন। তাঁদের শাস্তি চাই।” ধনেখালি মহকুমা হাসপাতালের সুপার সুবীর মণ্ডল বলেন, “ঘটনার তদন্তে ৩ সদস্যের মেডিক্যাল বোর্ড গঠন করা হয়েছে। তাঁরা ২৪ ঘণ্টার মধ্যে রিপোর্ট জমা দেবেন। তার ভিত্তিতে ব্যবস্থা নেওয়া হবে।”

ধাত্রীদের ভরা মরশুমে দুর্ঘটনা, ভুল ফোর্সেপ প্রয়োগে হাসপাতালে নবজাতক মৃত্যুর অভিযোগ ঘিরে তুমুল উত্তেজনা

শান্তনু বেরা (দ্বাদশ শ্রেণি) : ধনেখালি মহকুমা হাসপাতালে ভর্তি হয়েছিল গর্ভবতী। নির্ধারিত দিন অপারেশন থিয়েটারে ঢুকিয়ে দিয়েছিলেন। তারপর ঘণ্টা তিনেক কেটে গিয়েছে। অপারেশন থিয়েটারের বাইরে অপেক্ষা করছিলেন পরিবারের লোকজন। তাঁদের কাছে এসে ডাক্তার জানালেন, সন্তান মৃত। ভুল ফোর্সেপ প্রয়োগের অভিযোগ তুলে বুধবার বিক্ষোভ দেখালেন মৃত নবজাতকের পরিবারের লোকজন। ঘটনাস্থল ধনেখালি মহকুমা হাসপাতাল। ঘটনার তদন্তে ৩ সদস্যের মেডিক্যাল বোর্ড গঠন করেছে মহকুমা শাসক। তাঁরা ২৪ ঘণ্টার মধ্যে রিপোর্ট জমা দেবেন। তার ভিত্তিতে ব্যবস্থা নেওয়া হবে।

মৃত নবজাতকের বাবা সুমন মণ্ডল পেশায় রাজমিস্ত্রি। তিনি জানান, তাঁর স্ত্রী সুস্মিতা মণ্ডলের প্রসবযন্ত্রণা শুরু হয় মঙ্গলবার সকাল ৯টা নাগাদ। তাঁকে ধনেখালি মহকুমা হাসপাতালে ভর্তি করা হয়। সুমনবাবু বলেন, “ডাক্তারবাবুরা বলেছিলেন, সময় আছে। অপারেশন থিয়েটারে ঢুকিয়ে দিয়েছিলেন। তারপর ঘণ্টা তিনেক কেটে গিয়েছে। কিন্তু কোনও খবর পাচ্ছিলাম না। তারপর ডাক্তারবাবু এসে জানান, বাচ্চা মৃত। ভুল ফোর্সেপ প্রয়োগের জন্যই এমনটা হয়েছে।” সুমনবাবুর অভিযোগ, ডাক্তারবাবুরা ভুল স্বীকার করে নিয়েছেন।

মৃত নবজাতকের মা সুস্মিতা মণ্ডল অসুস্থ। তাঁকে ধনেখালি মহকুমা হাসপাতালে ভর্তি রাখা হয়েছে। তাঁর চিকিৎসা চলছে। সুস্মিতাদেবীর বাবা সুকুমার মণ্ডল বলেন, “আমার মেয়ে ও নাতি দুজনেই সুস্থ ছিল। ডাক্তারবাবুরা ভুল করেছেন। তাঁদের শাস্তি চাই।” ধনেখালি মহকুমা হাসপাতালের সুপার সুবীর মণ্ডল বলেন, “ঘটনার তদন্তে ৩ সদস্যের মেডিক্যাল বোর্ড গঠন করা হয়েছে। তাঁরা ২৪ ঘণ্টার মধ্যে রিপোর্ট জমা দেবেন। তার ভিত্তিতে ব্যবস্থা নেওয়া হবে।”

ধাত্রীদের ভরা মরশুমে দুর্ঘটনা, ভুল ফোর্সেপ প্রয়োগে হাসপাতালে নবজাতক মৃত্যুর অভিযোগ ঘিরে তুমুল উত্তেজনা

শান্তনু বেরা (দ্বাদশ শ্রেণি) : ধনেখালি মহকুমা হাসপাতালে ভর্তি হয়েছিল গর্ভবতী। নির্ধারিত দিন অপারেশন থিয়েটারে ঢুকিয়ে দিয়েছিলেন। তারপর ঘণ্টা তিনেক কেটে গিয়েছে। অপারেশন থিয়েটারের বাইরে অপেক্ষা করছিলেন পরিবারের লোকজন। তাঁদের কাছে এসে ডাক্তার জানালেন, সন্তান মৃত। ভুল ফোর্সেপ প্রয়োগের অভিযোগ তুলে বুধবার বিক্ষোভ দেখালেন মৃত নবজাতকের পরিবারের লোকজন। ঘটনাস্থল ধনেখালি মহকুমা হাসপাতাল। ঘটনার তদন্তে ৩ সদস্যের মেডিক্যাল বোর্ড গঠন করেছে মহকুমা শাসক। তাঁরা ২৪ ঘণ্টার মধ্যে রিপোর্ট জমা দেবেন। তার ভিত্তিতে ব্যবস্থা নেওয়া হবে।

মৃত নবজাতকের বাবা সুমন মণ্ডল পেশায় রাজমিস্ত্রি। তিনি জানান, তাঁর স্ত্রী সুস্মিতা মণ্ডলের প্রসবযন্ত্রণা শুরু হয় মঙ্গলবার সকাল ৯টা নাগাদ। তাঁকে ধনেখালি মহকুমা হাসপাতালে ভর্তি করা হয়। সুমনবাবু বলেন, “ডাক্তারবাবুরা বলেছিলেন, সময় আছে। অপারেশন থিয়েটারে ঢুকিয়ে দিয়েছিলেন। তারপর ঘণ্টা তিনেক কেটে গিয়েছে। কিন্তু কোনও খবর পাচ্ছিলাম না। তারপর ডাক্তারবাবু এসে জানান, বাচ্চা মৃত। ভুল ফোর্সেপ প্রয়োগের জন্যই এমনটা হয়েছে।” সুমনবাবুর অভিযোগ, ডাক্তারবাবুরা ভুল স্বীকার করে নিয়েছেন।

মৃত নবজাতকের মা সুস্মিতা মণ্ডল অসুস্থ। তাঁকে ধনেখালি মহকুমা হাসপাতালে ভর্তি রাখা হয়েছে। তাঁর চিকিৎসা চলছে। সুস্মিতাদেবীর বাবা সুকুমার মণ্ডল বলেন, “আমার মেয়ে ও নাতি দুজনেই সুস্থ ছিল। ডাক্তারবাবুরা ভুল করেছেন। তাঁদের শাস্তি চাই।” ধনেখালি মহকুমা হাসপাতালের সুপার সুবীর মণ্ডল বলেন, “ঘটনার তদন্তে ৩ সদস্যের মেডিক্যাল বোর্ড গঠন করা হয়েছে। তাঁরা ২৪ ঘণ্টার মধ্যে রিপোর্ট জমা দেবেন। তার ভিত্তিতে ব্যবস্থা নেওয়া হবে।”

বছর ফুরোতেই কর্ণ আবাসনে পুরস্কার ১৪ পুতুল চালানকে ঘিরে চাঞ্চল্য ৯০৯৭ সালের প্রথম দিনেই

কাশবন্তী (দ্বাদশ শ্রেণি) : বছর ফুরোতে না ফুরোতেই কর্ণ আবাসনে পুরস্কার পেয়ে গেল ১৪ পুতুল চালান। ঘটনাটি ঘটেছে ৯০৯৭ সালের প্রথম দিনেই। ১ জানুয়ারি সকাল ১১টা ৩০ নাগাদ আবাসনের ক্লাবঘরে পুতুলগুলি পৌঁছয়। খবর পেয়ে ছুটে আসেন আবাসনের বাসিন্দারা। ঘটনাকে ঘিরে তৈরি হয় উত্তেজনা। কারণ, এই পুতুলগুলি কোনও সাধারণ উপহার নয়। এগুলি হল ‘ভাগ্য-পুতুল’। বিশ্বাস করা হয়, নতুন বছরের প্রথম দিনে এই পুতুল পেলে সারা বছর ভাগ্য সুপ্রসন্ন থাকে। আবাসনের সেক্রেটারি সুমিত্রা বসু জানান, কোনও নাম ছাড়াই এই চালান আসে। সঙ্গে ছিল একটি চিরকুট। তাতে লেখা ছিল, “নতুন বছরের শুরুতে যাঁরা সবচেয়ে বেশি হাসবেন, তাঁদের কাছেই এই পুতুল পৌঁছে যাবে।” চিরকুটে কোনও প্রেরকের নাম বা ঠিকানা ছিল না।

ঘটনার পর থেকেই আবাসনে শুরু হয়েছে জল্পনা। কে বা কারা এই পুতুল পাঠাল? কেনই বা বেছে নেওয়া হল কর্ণ আবাসনকে? আবাসনের বাসিন্দা অনির্বাণ সেন বলেন, “আমরা কেউ কাউকে চিনি না। হঠাৎ এত পুতুল পেয়ে সবাই অবাক। কেউ ভাবছেন, কোনও নতুন ব্যবসার প্রচার। কেউ আবার মনে করছেন, এটা কোনও পুরস্কার।” তবে পুতুলগুলি দেখে বোঝা যাচ্ছে, সেগুলি বেশ যত্ন নিয়েই তৈরি। প্রতিটি পুতুলের পোশাক আলাদা। কারও হাতে ছাতা, কারও হাতে ফুল। কয়েকটি পুতুলের মাথায় রয়েছে ছোট্ট টুপি। আবাসনের কর্মীরা জানিয়েছেন, পুতুলগুলি ক্লাবঘরের একটি আলমারিতে তুলে রাখা হয়েছে। সেখানে সেগুলি নিরাপদে থাকবে।

ପଶ୍ଚିମ ଓଡ଼ିଶା

ମାନବିକତା ଦେଖାଇଲେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ

ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ନିଜ ଗାଡ଼ିରେ ନେଇ ଡାକ୍ତରଖାନାରେ ଭର୍ତ୍ତିକଲେ ବିନ୍ଦୁ ମହାନନ୍ଦ

କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତଥା ବିନ୍ଦୁମୀନା ସେବା ଫାଉଣ୍ଡେସନର ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ଏକ ମହାନ କାର୍ଯ୍ୟ ସାମ୍ନାକୁ ଆସିଛି । ସେ ନିଜର ମାନବିକତା ଓ ସମାଜସେବାର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରି ଜଣେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ଜୀବନ ବଞ୍ଚାଇବା ସହ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି ।ସୂଚନା ଅନୁଯାୟୀ, ନୂଆପଡ଼ା ଜିଲ୍ଲା ରାଜା ଖଡ଼ିଆଳ ଅଞ୍ଚଳର ଗଗନ ବନଛୋର (୪୩) କଳାହାଣ୍ଡି ଜିଲ୍ଲାର ଏକ ରାଇସ ମିଲ୍‌ରେ କାମ କରନ୍ତି । ପବିତ୍ର ନୂଆଁଖାଇ ପର୍ବ ପାଇଁ ସେ ନିଜର ପାଉଣା ଧରି ଏବଂ ଘର ପାଇଁ ପର୍ବପର୍ବାଣୀ ଜିନିଷପତ୍ର କିଣି ନିଜ ବାଇକ୍ ? ଯୋଗେ ଘରକୁ ଫେରୁଥିଲେ। ମାତ୍ର ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଫାଣ୍ଡି ଅଧୀନସ୍ଥ ଫୁଣ୍ଡା

ଛକ ନିକଟରେ ସେ ହଠାତ୍ ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ିଯାଇଥିଲେ ଏବଂ ଗୁରୁତର ଭାବେ ଆହତ ହୋଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ସେଠାରେ ରୁଣ୍ଡ ହୋଇ ଆମ୍ବୁଲାନ୍ସ ଓ ଅନ୍ୟାନ୍ୟ ଗାଡ଼ି ପାଇଁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ କୌଣସି ଯାନବାହନର ବନ୍ଦୋବସ୍ତ ହୋଇପାରି ନଥିଲା। ଯୁବକ ଜଣକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେଉଥିଲେ। ଠିକ୍ ଏହି ସମୟରେ ଉକ୍ତ ରାସ୍ତା ଦେଇ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଯାଉଥିଲେ। ସେ ଭିଡ଼ ଦେଖି ଗାଡ଼ି ଅଟକାଇଥିଲେ ଏବଂ ଯୁବକଙ୍କ ଗୁରୁତର ଅବସ୍ଥା ଦେଖି ବିଳମ୍ବ ନକରି ତୁରନ୍ତ ତାଙ୍କୁ ନିଜ ଗାଡ଼ିରେ ବସାଇ ଗୋଲାମୁଣ୍ଡା ଗୋଷ୍ଠୀ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସେ ଯୁବକଙ୍କର ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କରାଇଥିଲେ।ତେବେ ଡାକ୍ତରଖାନାରେ ଚିକିତ୍ସା ସମୟରେ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ବେଡ୍‌ଗୁଡ଼ିକରେ ବେଡ୍‌ଶିଟ୍ ନଥିବା ଦେଖି ବ୍ଲକ ଅଧ୍ୟକ୍ଷ ଅସନ୍ତୋଷ ପ୍ରକାଶ କରିଥିଲେ। ସେ ହସ୍ପିଟାଲ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ଏଭଳି ଦାୟିତ୍ୱହୀନତା ପାଇଁ ତାଙ୍କୁ କଡ଼ା ଭାଷାରେ ତାଗିଦ୍ କରିବା ସହ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନନ୍ଦଙ୍କର ଏଭଳି ସମୟୋଚିତ ପଦକ୍ଷେପ ଏବଂ ମହାନ କାର୍ଯ୍ୟ ଯୋଗୁଁ ଆଜି ଜଣେ ଶ୍ରମିକଙ୍କ ଜୀବନ ରକ୍ଷା ପାଇପାରିଛି। ତାଙ୍କର ଏହି ଜନହିତକର କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ଓ ସବୁ ମହଲରେ ଉଚ୍ଚ ପ୍ରଶଂସା କରାଯାଉଛି ।

ଦମ୍ପତିଙ୍କୁ ଆକ୍ରମଣ କରି ଲୁଟିନେଲେ ୫ଭରି ସୁନା

କେଗାଁ ଥାନା ଅଞ୍ଚଳରେ ଚାଞ୍ଚଲ୍ୟ

କଳାହାଣ୍ଡି (ଅମୃତ ମିଡ଼ିଆ): କଳାହାଣ୍ଡି ଜିଲା କେଗାଁ ଥାନା ବୋର୍ଡା ପାଣ୍ଡି ଅନ୍ତର୍ଗତ ମାଦିଗୁଡ଼ା ଗ୍ରାମରେ ଗୁରୁବାର ରାତିରେ ଏକ ଡକାୟତି ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ଦୁର୍ବୃତ୍ତମାନେ ଗ୍ରାମର ରାଜିନ୍ଦ୍ର ରଣା ଓ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରି ପ୍ରାୟ ୫ଭରି ଓଜନର ସୁନା ଅଳଙ୍କାର ଲୁଟିନେଇଛନ୍ତି । ଏ ନେଇ ଅଭିଯୋଗ ପରେ କେଗାଁ ଥାନାରେ ଏକ ମାମଲା (ନଂ.୨୦୨/୨୬) ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ, ବିଳମ୍ବିତ ରାତିରେ ପ୍ରାୟ ୬ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଘରେ ପଶିଥିଲେ। ସେମାନେ ରାଜିନ୍ଦ୍ର ଓ ତାଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କୁ ଛୁରିରେ ଆକ୍ରମଣ କରି ଘରୁ ସୁନା ଅଳଙ୍କାର ଲୁଟି ନେଇଥିଲେ। ପରିବାର ପକ୍ଷରୁ ପ୍ରାୟ ୫ ଭରି ସୁନା ଚୋରି ହୋଇଥିବା ଅଭିଯୋଗ କରାଯାଇଛି । ଘଟଣା ସମୟରେ ଘରେ ରାଜିନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କ ସହ ପୁଅ, ବୋହୂ ଏବଂ ନାତିନାତୁଣୀ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ, ଏହି ଘଟଣା ପଛରେ ପୂର୍ବ ଶତ୍ରୁତା ଥାଇପାରେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି ଦୁର୍ବୃତ୍ତମାନଙ୍କୁ ଧରିବା ସହ ଲୁଟ ସାମଗ୍ରୀ ଉଦ୍ଧାର କରିବାକୁ ସାଧାରଣରେ ଦାବି ହୋଇଛି । ଘଟଣାକୁ ଗୋଟିଏ ଦିନ ବିତିଥିଲେ ମଧ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କରେ ପୋଲିସ କୌଣସି ସୁରାକ ପାଇ ନ ଥିବା ପରିବାର ପକ୍ଷରୁ କୁହାଯାଇଛି ଓ ତୁରନ୍ତ ଏହାର ତଦନ୍ତ କରି

ବଜାରରେ କରଡିର ଚାହିଦା ବଢୁଛି

ସଂକଟରେ ବାଉଁଶ କାରିଗରଙ୍କ ଜୀବନଜୀବିକା

କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) : ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟ କରଡିର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି । ବର୍ଷା ଋତୁରେ ବାଉଁଶ ଗଜାରୁ ପ୍ରସ୍ତୁତ ଏହି ଖାଦ୍ୟ କଳାହାଣ୍ଡି ସମେତ ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ସୋନପୁର ଓ କନ୍ଧମାଳ ଆଦି ଜିଲ୍ଲାରେ ବେଶ୍ ଲୋକପ୍ରିୟ ଚାହିଦା ବଢ଼ିବା ସହ କରଡିର ବ୍ୟବସାୟ ମଧ୍ୟ ବଢ଼ିଛି । ତେବେ ଅତ୍ୟଧିକ ଭାବେ ବାଉଁଶ ଗଜା କାଟି ନିଆଯାଉଥିବାରୁ ବାଉଁଶ ସମ୍ପଦର ସୁରକ୍ଷା ନେଇ ଚିନ୍ତା ବଢ଼ିଛି । ବାଉଁଶ ବଢ଼ ହେବା ପୂର୍ବରୁ କରଡି ବ୍ୟବସାୟୀମାନେ ବ୍ୟାପକ ଭାବେ ଗଜା କାଟି ନେଉଥିବାରୁ ଜଙ୍ଗଲ ଅଞ୍ଚଳରେ ବାଉଁଶ ଉତ୍ପାଦନ ହ୍ରାସ ପାଉଥିବା କୁହାଯାଉଛି । ଏହାର ପ୍ରଭାବ ବାଉଁଶ ଉପରେ ନିର୍ଭରଶୀଳ କାରିଗର ଓ ସ୍ଥାନୀୟ ଲୋକଙ୍କ ଜୀବିକା ଉପରେ ମଧ୍ୟ ପଡ଼ିବା ଆଶଙ୍କା ରହିଛି । ସଭ୍ୟତାର ବିକାଶ ସହ ଲୋକଙ୍କ ମଧ୍ୟରେ ପ୍ରାକୃତିକ ଓ ପାରମ୍ପରିକ ଖାଦ୍ୟପ୍ରତି ଆଗ୍ରହ ବଢୁଛି । ଜୁନ ଶେଷ ଭାଗରୁ ସେପ୍ଟେମ୍ବର ମଧ୍ୟରେ ଏହା ବଜାରରେ ଅଧିକ ଉପଲବ୍ଧ ହୋଇଥାଏ। କଳାହାଣ୍ଡି ଜିଲ୍ଲାର ନର୍ଲା, ମ.ରାମପୁର, ଥୁଆମୂଳ ରାମପୁର, ଭବାନୀପାଟଣା, କେସିଙ୍ଗା, କୋକସରା, ଲାଞ୍ଜିଗଡ଼, ଧର୍ମଗଡ଼ ଓ ଜୁନାଗଡ଼

ଅଞ୍ଚଳରେ କରଡିର ସ୍ୱତନ୍ତ୍ର ବଜାର ବସୁଛି। ଭବାନୀପାଟଣା-ନର୍ଲା ରାସ୍ତାର ଦେପୁରଠାରୁ ଛତିକୁଡ଼ା ମଧ୍ୟରେ,ଏବଂ ଜୁନାଗଡ଼-ଭବାନୀପାଟଣା ଥୁଆମୂଳ ରାମପୁର- ଭବାନୀପାଟଣ ର ରାସ୍ତା କଡ଼ରେ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଷ ଧରି କରଡି ବିକ୍ରି ହୋଇଆସୁଛି । କରଡିରୁ ପ୍ରସ୍ତୁତ ହେଉଥିବା ହଣ୍ଡୁଆର ମଧ୍ୟ ସ୍ୱତନ୍ତ୍ର ଚାହିଦା ରହିଛି । ସମ୍ବଲପୁର, ବଲାଙ୍ଗୀର, ବରଗଡ଼ ଓ ସୋନପୁର ଜିଲ୍ଲାରେ ବ୍ୟାପକ ଭାବେ କରଡି ଉତ୍ପାଦନ ହେଉ ନ ଥିଲେ ମଧ୍ୟ ସେଠାରେ ଏହାର ଚାହିଦା ଅଧିକ। ତେବେ ବଢୁଥ ?ବା ଚାହିଦା ଏବେ ବାଉଁଶ ସମ୍ପଦ ଲାଗି ଚିନ୍ତାର କାରଣ ପାଲଟିଛି । ବିଶେଷଜ୍ଞଙ୍କ ମତରେ, ବାଉଁଶ ଗଜାର ଅତ୍ୟଧିକ ସଂଗ୍ରହ ଜାରି ରହିଲେ ଆଗାମୀ ଦିନରେ ବାଉଁଶର ପ୍ରାକୃତିକ ବୃଦ୍ଧି ବାଧାପ୍ରାପ୍ତ ହୋଇପାରେ। ତେଣୁ କରଡିର ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ବାଉଁଶର ସୁରକ୍ଷା, ନିୟନ୍ତ୍ରିତ ସଂଗ୍ରହ ଏବଂ ବାଉଁଶ କାରିଗରଙ୍କ ଜୀବିକା ସୁରକ୍ଷା ଲାଗି ସରକାର ପଦକ୍ଷେପ ନେବା ଆବଶ୍ୟକ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

ମାଛ ଯାଆଁଳ ଚାଷକରି ନିଜେ ସ୍ୱାବଲମ୍ବୀ ହେବାସହ ୧୦ଜଣଙ୍କୁ ଦେଇଛନ୍ତି ଆତ୍ମନିର୍ଭର

ବଙ୍ଗୋମୁଣ୍ଡା (ଅମୃତ ମିଡିଆ) : ହୁଲେଶ୍ୱର ହଂସ- ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ବେଳପଡ଼ା ଗ୍ରାମ ପଞ୍ଚାୟତ ଅଧିନସ୍ଥ ବରକାନି ଗାଁରେ ଭାଲୁମୁଣ୍ଡା ଗାଁ ର ଫକିର ମେହେର ମାଛ ଯାଆଁଳା ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ୧୦ଜଣ ଙ୍କୁ ଦେଇଛନ୍ତି ଆତ୍ମନିର୍ଭର । ଶ୍ରମିକ ମାନେ ପେଟପାଟଣା ପାଇଁ ବାହାର ରାଜ୍ୟ କୁ ଯାଉଥିଲେ ଦାଦନ ଏବେ ନିଜ ଅଞ୍ଚଳ ରେ କାମ ପାଇଁ ବେଶ ଖୁସି ରେ ଅଛନ୍ତି ।ବଙ୍ଗୋମୁଣ୍ଡା ବ୍ଲକ ର ଶେଷ ସୀମା ରେ ଏହି ଗାଁ ରହିଛି ।ଏହି ଗାଁରେ ଯାଆଁଳା ଉତ୍ପାଦନ କେନ୍ଦ୍ର କରାଯାଇ ଥିବା ବେଳେ ଏଠାକାର ଲୋକେ ସୁଲଭ ମୂଲ୍ୟରେ କିଣି ନେଉଛନ୍ତି । ଗପ ପରି ଲାଗେ ମତ୍ସ୍ୟ ଚାଷୀ ଫକୀର ମେହେର ଙ୍କ ସଫଳ କାହାଣି ।ଥିଲା ତାଙ୍କ ଆଗରୁ ଗୋଟିଏ ୱେଲଡିଂ ଗ୍ୟାରେଜ ଯେଉଁଠି ୧୦ ଜଣ ଲୋକ କାମ କରୁଥିଲେ ଅଥଚ ଖର୍ଚ୍ଚ ଏବଂ ପରିଶ୍ରମ ତୁଳନାରେ ସେତିକି ଲାଭ ଆୟ କରି ପାରୁନଥିଲେ । ହଠାତ ଦିନେ ଜଣେ ମାଛ ବିକ୍ରେତା ଫକୀର କୁ କହିଲେ ଆପଣ ଙ୍କ ଜମି ଗୁଡିକ ରେ ରହିଛି କଲା ମାଟି । ଆପଣ ପୋଖରୀ ଖୋଲି ମାଛ ଚାଷ କରନ୍ତୁ ।ନିଶ୍ଚିତ ଲାଭବାନ ହେବେ ସେଇୟା ହିଁ ହେଲା ।ଫକୀର ମେହେର ନିଜ ର ଜେସିବି ମେସିନ ରେ ଦ୍ୱାରା ୨୨ ଏକର ଜମିରେ ବହୁ ସଂଖ୍ୟାରେ ଛୋଟ ଛୋଟ ପୋଖରୀ ଖୋଲି ସେଇଠି ଛାଡି ଦେଲେ ଜଳଙ୍ଗ ମାଛ ଯାଆଁଳା । କିଛି ଦିନ ପରେ ଅମଳ କଲେ ୧୫ କ୍ୱିଣ୍ଟାଲ ଜଳଙ୍ଗ ମାଛ ଏତେ ଗୁଡାଏ ମାଛ କିଏ ଅବା କାହିଁକି କିଣିବ ।ଫକୀର ମେହେର ଙ୍କ ୨ ପୁଅ । ଫକାର ଙ୍କ ୨ ପୁଅ ସବୁତକ ଜାଅନ୍ତା ଜଳଙ୍ଗ ମାଛ କୁ ଟ୍ରାକ୍ଟର ରେ ବିକ୍ରି କରିବା ପାଇଁ ବଙ୍ଗୋମୁଣ୍ଡା ବଜାର ନେଇଗଲେ । ସେହି ବାଟରେ ଯାଉଥିଲେ ବଙ୍ଗୋମୁଣ୍ଡା ବ୍ଲକ ର ସହକାରୀ ମତ୍ସ୍ୟ ଅଧିକାରୀ ଆଲୋକ କୁମାର ଜେନା । ସେ ଏତେ ଗୁଡାଅ ମାଛ ଦେଖି ରହିଗଲେ ।ଏ ନେଇ ଫକୀର ମେହେର ଙ୍କ ନାମ ଠିକଣା ଟିପି ନେଇ ଦିନେ ନିଜ ଆଡୁ ପହଞ୍ଚି ଗଲେ ଫକୀର ମେହେର ଙ୍କ ଫାର୍ମ ରେ ।ବାସ ତାପରେ ଫକୀର ମେହେର ଙ୍କ ମତ୍ସ୍ୟ ଚାଷ ର ଦିଗ ବଦଳି ଗଲା ।ସରକାର ଙ୍କ ରିହାତି ଅର୍ଥରାଶି ପ୍ରୋତ୍ସାହନ ଏବଂ ବୈଷୟିକ ପରାମର୍ଶ କ୍ରମେ ଫକୀର ମେହେର ଓ ତାଙ୍କ ସମ୍ପୂର୍ଣ୍ଣ ପରିବାର ମନ ନିବେଶ କଲେ ମତ୍ସ୍ୟ ଚାଷ ରେ । ଧୀରେ ଧୀରେ ଫକୀର ମେହେର ଙ୍କର ମୁଖ୍ୟ ଜୀବିକା ପାଲଟି ଗଲା ଏହି ମତ୍ସ୍ୟ ଉଦ୍ୟୋଗ । ବାର୍ଷିକ ଆୟ କରୁଛନ୍ତି ୧୦ ରୁ ୧୨ ଲକ୍ଷ ଟଙ୍କା । ଫକୀର ମେହେର ଙ୍କୁ ଜଣେ ସଫଳ ମତ୍ସ୍ୟ ଚାଷୀ ଭାବରେ ମିଳିଛି ଅନେକ ପରିଚୟ ଓ ପ୍ରତିଷ୍ଠା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ପୁରସ୍କୃତ ମଧ୍ୟ କରିଛନ୍ତି ।ଦାଦନଗଡ ବଲାଙ୍ଗିର ଜିଲ୍ଲା କାଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ର ବରକାନି ଗାଁରେ ହୋଇଛି ମାଛ ଯାଆଁଲା ଚାଷ । ବଙ୍ଗୋମୁଣ୍ଡା ବ୍ଲକ ବରକାନି ଗାଁ ରେ ଭାଲୁମୁଣ୍ଡା ଗାଁ ର ଯୁବ ଚାଷୀ ଫକୀର ମେହେର ବାଛିଛନ୍ତି ଆତ୍ମ ନିଯୁକ୍ତି ର ରାସ୍ତା । ସରକାର ଙ୍କ ଏକ ଯୋଜନା ରେ ମାଛ ଯାଆଁଲା ଚାଷ ଆରମ୍ଭ କରି ଏବେ ସ୍ୱାବଲମ୍ବୀ । ସବୁ ଖର୍ଚ୍ଚ ସାରି ଏବେ ମାସିକ ହଜାର ହଜାର ଟଙ୍କା ର ରୋଜଗାର କରିପାରଛନ୍ତି । ଦାଦନ ଗଡ ରେ ଲୋକ ଙ୍କୁ ବାହାର ରାଜ୍ୟ କୁ ନ ପଠାଇ ନିଜ ଅଂଚଳ ରେ କାମ ଯୋଗାଇ ଦେଉଥିବା ରୁ ଶ୍ରମିକ ମାନେ ବେଶ ହସଖୁସି ରେ କାମ କରି ଦୁଇ ପଇସା ପାଇ ଖୁସି ଥିବା ଜଣାପଡିଛି ।ନିଜର ଅର୍ଥନୀତି କୁ ସଜାଡି ବାରେ ପ୍ରୟାସ କରୁଛନ୍ତି ଫକୀର ମେହେର । ଏହି କାର୍ଯ୍ୟ ରେ ୧୦ ଜଣ ଙ୍କୁ ନିଯୋଜିତ କରିଛନ୍ତି । ଉଭୟ ମାଛ ଗୁଡିକ କୁ ତଦାରଖ କରିବା ସହ ଖାଦ୍ୟ ଦେଇଥାନ୍ତି ।ଜିଲ୍ଲା ତଥା ଜିଲ୍ଲା ବାହାର ର ଗ୍ରାହକ ମାନେ ଆସି ଯାଆଁଳା କିଣି ନେଇଥାନ୍ତି । ଏ ନେଇ ବଙ୍ଗୋମୁଣ୍ଡା ବିଡ଼ିଓ ନିତୁଶ୍ରୀ ମେହେର କହିଛନ୍ତି ସରକାର ଙ୍କ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି ବୋଲି କହିଛନ୍ତି ।ସ୍ୱାବଲମ୍ବୀ ଯାତ୍ରା ରେ ନିଜ ର ଆଗ୍ରହ ପ୍ରକାଶ କରି ଅଂଚଳ ରେ ସଫଳ ହୋଇ ପାରିଛନ୍ତି ଫକୀର ମେହେର ।ଫକୀର ମେହେର ଏବେ ପାଲଟିଯାଇଛନ୍ତି ସ୍ଥାନୀୟ ଯୁବଗୋଷ୍ଠୀ ମାନଙ୍କ ପାଇଁ ଏକ ଅନନ୍ୟ ଉଦାହରଣ ।

ତୁଷୁରା କ୍ଲଷ୍ଟର ସ୍ତରୀୟ ତୃତୀୟ ମାସିକ ବୈଠକ

ବଲାଙ୍ଗିର (ଅମୃତ ମିଡିଆ) : ଗୁଡଭେଲା ବ୍ଲକ୍ ଅନ୍ତର୍ଗତ ତୁଷୁରା କ୍ଲଷ୍ଟର ସ୍ତରୀୟ ତୃତୀୟ ମାସିକ ବୈଠକ ସରକାରୀ ଆଶ୍ରମ ବିଦ୍ୟାଳୟ, ମହୀପୁର ଠାରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଏବିଇଓ ବିପିନ ବାଗ ଯୋଗ ଦେଇ ଶିକ୍ଷକ ଶିକ୍ଷୟିତ୍ରୀ ଶିଶୁଙ୍କ ଶୈକ୍ଷିକ ଅଗ୍ରଗତି ଅଗ୍ରାଧିକାର ଦେବାକୁ ପରାମର୍ଶ ଦେଇଥିଲେ। ସିଆ ?ସିସି ଜଗମୋହନ ତ୍ରିପାଠୀ ଓ ସିଆ ?ଜି ଦୁତିଆ ସେଠ ସାଧନ କର୍ମୀ ଭାବେ ଯୋଗ ଦେଇ ସେପଟ୍ଟେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର,ଆକଳନର ରୂପରେଖ, ସାମଗ୍ରିକ ପ୍ରଗତି ପତ୍ର, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ, ଗ୍ୟାଲେରୀ ୱାକ୍, ନ୍ୟସ୍ତ କାର୍ଯ୍ୟର ଆଲୋଚନା, ଶିକ୍ଷଣ ସୋପାନ ରେଜିଷ୍ଟର, ଜିଲ୍ଲା ଓ କ୍ଲଷ୍ଟର ସ୍ତରୀୟ ଶୈକ୍ଷିକ ଆଲୋଚନା, ପିଏମ୍ ଇ-ବିଦ୍ୟା ଓ ଦୀକ୍ଷା ରେଜିଷ୍ଟ୍ରେସନ ପ୍ରୋସେସ ଆଦି ପ୍ରସଙ୍ଗରେ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ମୋହନ ଭୋଇ, ମନ୍ମଥ ରାଜହଂସ, ଚନ୍ଦ୍ର ଧ୍ୱଜ ମେହେର ଓ ଗୀତାଞ୍ଜଳି ପ୍ରଧାନ ତଥା ଏଫ୍ ?ଏଲ୍ ?ଏନ୍ ? ଶିକ୍ଷକ ପୂରନ ମେହେର, ସୁଶୀଳ କୁମାର ଭୋଇ, ତହସିଲ ଭୋଇ, ସୃଷ୍ଟିମୟୀ କଲେତ, ଆକାଂକ୍ଷା ରାଣୀ ଯୋଶୀ, ମିଲି ପୁରୋହିତ, ଦୁର୍ଗାମଣି ମହାନନ୍ଦ ପ୍ରମୁଖ ଯୋଗ ଦେଇ ବୈଠକରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଶେଷରେ ସରକାରୀ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୁଷୁରାର ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

କମାଣ୍ଡ ରୁଙ୍ଗଟା ଷ୍ଟିଲ ପ୍ଲାଣ୍ଟରେ ବିସ୍ଫୋରଣ ,୫ ଶ୍ରମିକ ଗୁରୁତର ଆହତ

ସୁରକ୍ଷା ବ୍ୟବସ୍ଥା ପ୍ରତି କାର୍ଯ୍ୟାନୁଷ୍ଠାନ ଦାବି ।

ବଲାଣି/ବଡବିଲ (ଅମୃତ ମିଡ଼ିଆ) : ସୁନ୍ଦରଗଡ ଜିଲ୍ଲା ଖଣି ଅଞ୍ଚଳ କୋଇଡା ଥାନା ଅନ୍ତର୍ଗତ ରୁଙ୍ଗଟା ମାଇନ୍ସ ଲିମିଟେଡ କମାଣ୍ଡ ଷ୍ଟିଲ ପ୍ଲାଣ୍ଟ ରେ ଶନିବାର ଦିନ ସକାଳ ପ୍ରାୟ ୧୦.୩୦ ମିନିଟ ରେ ଏକ ବଡ଼ ଧରଣର ବିସ୍ଫୋରଣ ଦୁର୍ଘଟଣା ଘଟିଅଛି । ପ୍ରାପ୍ତ ସୂଚନା ଅନୁସାରେ ଷ୍ଟିଲ ମେଲଟିଂ ସୋପ - ୨ (ଏସ ଏମ୍ ଏସ - ୨) ର ଫର୍ନେସ ରେ ଘଟିଥିବା ବିସ୍ଫୋରଣ ଦୁର୍ଘଟଣାଟି ଏତେ ଭୟା ଭୟ ଥିଲା ଯେ ପ୍ରାୟ ୧୦ କିଲୋମିଟର ରେଡିଅସ ରେ କମ୍ପନ ସୃଷ୍ଟି କରିଥିଲା। ଏହି ବିସ୍ଫୋରଣ ରେ ୫ ଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି ରାଉରକେଲା ଡାକ୍ତରଖାନା ରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ ରୁଙ୍ଗଟା କମ୍ପାନୀ ସଞ୍ଚାଳିତ କୋଇଡା ସ୍ଥିତ କମାଣ୍ଡ ଷ୍ଟିଲ ପ୍ଲାଣ୍ଟ ରେ ବହୁ ସଂଖ୍ୟାରେ ଶ୍ରମିକ କାର୍ଯ୍ୟ କରନ୍ତି। ନିତିଦିନ ପରି ଶନିବାର ଦିନ ସକାଳ ସମୟରେ (ଏସ ଏମ୍ ଏସ - ୨) ଫର୍ନେସରେ ଶ୍ରମିକମାନେ କାମ କରୁଥିବା ବେଳେ ହଠାତ୍ ଫର୍ନେସ ରେ ଏକ ବଡ଼ ଧରଣର ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ଟି ଏତେ ଭୟା ଭୟ ଥିଲା ଯେ କିଛି ସମୟ ପାଇଁ ଆକାଶରେ କଳା ଧୂଆଁରେ ଏକ ଓଜନ ଗ୍ୟାସ ପରି ବାଦଲ

ହୋଇଯାଇଥିଲା। ଫଳରେ ସେଠାରେ କାମ କରୁଥିବା ଶ୍ରମିକ ମାନେ ହଠାତ୍ କିଛି ବୁଝି ନ ପାରି ପ୍ରାଣ ଭୟରେ ଏଣେତେଣେ ଦୌଡ଼ି ଥିଲେ। ସୂଚନା ମୁତାବକ ଏହି ବିସ୍ଫୋରଣ ଘଟଣା ରେ ୫ ଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ।ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପ୍ଲାଣ୍ଟରେ ଘଟିଥିବା ଘଟଣା ପରେ କାହାରିକୁ ଭିତର କୁ ଛଡ଼ା ଯାଇ ନ ଥିଲା। ସ୍ଥାନୀୟଅଞ୍ଚଳବାସୀଙ୍କ କହିବା ଅନୁସାରେ ଏହି ଭାୟା ଭୟ ବିସ୍ଫୋରଣ ଘଟଣା କୁ ଲୁଚାଇବାକୁ ଚେଷ୍ଟା କରୁଛି କମ୍ପାନୀ କର୍ତ୍ତୃପକ୍ଷ ।ପ୍ରକୃତରେ ସେଠାରେ ଅନ୍ୟ ରାଜ୍ୟ ରୁ ଆସି ଠିକାଦାର ଅଧୀନରେ କାର୍ଯ୍ୟ କରୁଥିବା ସଂଖ୍ୟାଧିକ ଶ୍ରମିକ ସହ ସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ଶ୍ରମିକମାନେ ମୃତ୍ୟୁ ବା ଗୁରୁତର ଆ

ବିଧାୟକଙ୍କ ନିର୍ଦ୍ଦେଶ: ପଂଚାୟତ ନିର୍ବାଚନ ପୂର୍ବରୁ ଉନ୍ନୟନମୂଳକ କାର୍ଯ୍ୟ ଶେଷ କର

ବାରିପଦା /ଉଦଳା(ଅମୃତମିଡିଆ):

ଉଦଳା ବିଧାୟକ ଭାସ୍କର ମଡେଇଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସନ୍ଧାନଗୃହ ପରିସରରେ ଚଳିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ମୟୂରଭଂଜ ଜିଲ୍ଲା ପରିଷଦର ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, କପ୍ତିପଦା ଉପଜିଲ୍ଲାପାଳ ପ୍ରଣୟ ରଂଜନ ବେହେରା, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଗୋକୁଳାନନ୍ଦ ସାହୁ ପ୍ରମୁଖଙ୍କ ସମେତ କପ୍ତିପଦା ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ତଥା ବିଭିନ୍ନ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ, ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟକାରିତା ଏବଂ ଜନସାଧାରଣଙ୍କ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଚାଲୁରହିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟଗୁଡ଼ିକୁ ଆସନ୍ତା ପଂଚାୟତ ନିର୍ବାଚନ ପୂର୍ବରୁ ଶେଷ କରିବା ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମୀଣ ସଭା ଓ ସାଂସ୍କୃତି କାର୍ଯ୍ୟକ୍ରମ ପାଇଁ ଭବନ ନିର୍ମାଣ, ଗୋଦାବରିଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ, ଦେବକୁଣ୍ଡ ବିକାଶ କାର୍ଯ୍ୟ, ବନ୍ଦଥିବା ଖାଦାନ ଗୁଡ଼ିକୁ ଚାଲୁ କରିବା ଇତ୍ୟାଦି ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଥିବା ଜଣାଯାଇଛି । ସେହିପରି ଖଡ଼ିଆ, ମାଙ୍କିଡ଼ିଆ ଓ ଲୋଧା ଜନଜାତିର ଲୋକେ ଯେଉଁ ସବୁ ଅଂଚଳରେ ବସବାସ କରୁଛନ୍ତି ସେଠାରେ ସ୍ୱତନ୍ତ୍ର ସଭା କରି ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଅଧିକାରୀମାନଙ୍କୁ କୁହାଯାଇଛି । ମତ୍ସ୍ୟ, କୃଷି, ଜଙ୍ଗଲ ଓ ଅନ୍ୟାନ୍ୟ ଅଧିକାରୀମାନଙ୍କୁ ତାଙ୍କର ଉନ୍ନୟନମୂଳକ କାର୍ଯ୍ୟକୁ ତଦାରଖ ଓ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ବାରିପଦା ବାଗଡିହା ଛକରେ ଲୋମଟାଙ୍କୁରା ଘଟଣା

ଦ୍ୱିତୀୟ ସ୍ତ୍ରୀର ବେକ କାଟିଦେଲା ସ୍ୱାମୀ

ବାରିପଦା(ଅମୃତମିଡିଆ): ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳିଝଗଡ଼ା ଯେ ଦିନେ ଏଭଳି ଭୟଙ୍କର ରୂପ ନେବ, ତାହା କେହି କଳ୍ପନା ସୁଦ୍ଧା କରିନଥିଲେ । ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା ସହରରେ ଆଜି ଦିନଦ୍ୱିପହର ସମୟରେ ଘଟିଯାଇଛି ଏକ ଲୋମହର୍ଷଣକାରୀ ତଥା ଅଭାବନୀୟ ହତ୍ୟାକାଣ୍ଡ । 'ମୁଁ ତାକୁ ବହୁତ ଭଲ ପାଏ' କହି ଜଣେ ସ୍ୱାମୀ ନିଜ ଦ୍ୱିତୀୟ ସ୍ତ୍ରୀର ବେକକୁ ଧାରୁଆ ଛୁରୀରେ କାଟି ହତ୍ୟା ଉଦ୍ୟମ କରିବା ଘଟଣା ସମଗ୍ର ସହରକୁ ସ୍ତବ୍ଧ କରିଦେଇଛି । ସୂଚନା ଅନୁଯାୟୀ, ବାରିପଦା ଟାଉନ ଥାନା ଅନ୍ତର୍ଗତ ବାଗଡ଼ିହା ଛକସ୍ଥିତ ବିକାଶ

ମେଡିସିନ ଷ୍ଟୋର ସମ୍ମୁଖରେ ଏହି ରକ୍ତାକ୍ତ କାଣ୍ଡ ଘଟିଛି । ଶୂଳିଆପଦା ଥାନା ଅଧୀନ ଗଉଡୁଣୀଡୁବା ଗ୍ରାମର ଗୁରା ନାଏକଙ୍କ ପୁଅ କଟିଆ ନାୟକ (୪୫) ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀ ସୁକାନ୍ତି ନାଏକ ବାଗଡ଼ିହା ଛକ ନିକଟରେ ଏକ ଗଛ ତଳେ ବସି କଥାବାର୍ତ୍ତା ହେଉଥିଲେ । ହଠାତ୍ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏଥିରେ କଟିଆ ଉତ୍ ?କ୍ଷିପ୍ତ ହୋଇ ନିଜ ପାଖରେ ରଖିଥିବା ଏକ ଧାରୁଆ ଛୁରୀ ବାହାର କରି ସୁକାନ୍ତିଙ୍କ ବେକକୁ ନିର୍ମମ ଭାବେ କାଟି ଦେଇଥିଲା । ବେକ କଟିଯିବା ପରେ ପ୍ରଚୁର ରକ୍ତସ୍ରାବ ମଧ୍ୟରେ ସୁକାନ୍ତି ପ୍ରାଣ ବିକଳରେ ଚିତ୍କାର କରି ଜୀବନ ବଞ୍ଚାଇବାକୁ ଲୋକଙ୍କ ନିକଟକୁ ଦୌଡ଼ି ଆସିଥିଲେ । ସେଠାରେ ଉପସ୍ଥିତ ଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ ଯୁବତୀ ଅତ୍ୟନ୍ତ ସାହସିକତାର ସହ ନିଜ ଚାଦରରେ ମହିଳାଙ୍କ ବେକକୁ ବାନ୍ଧି ରକ୍ତସ୍ରାବ ରୋକିବାକୁ ଚେଷ୍ଟା କରିଥିଲେ । ଖବର ପାଇ ବାରିପଦା ଟାଉନ୍ ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସୁକାନ୍ତିଙ୍କୁ ଉଦ୍ଧାର କରି ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲ ରେ ଭର୍ତ୍ତି କରିଛି । ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି । ଅନ୍ୟପକ୍ଷରେ ପୋଲିସ ଅଭିଯୁକ୍ତ ସ୍ୱାମୀ କଟିଆ ନାୟକଙ୍କୁ ଅଟକ ରଖି ଘଟଣାରେ ବ୍ୟବହୃତ ଛୁରୀ ଜବତ କରିବା ସହ ଅଧିକ ତଦନ୍ତ ଚଳାଇଛି । ସର୍ବସାଧାରଣରେ ଏଭଳି ନୃଶଂସ ହତ୍ୟାକାଣ୍ଡ ଘଟଣାକୁ ନେଇ ବାରିପଦା ସହରବାସୀଙ୍କ ମଧ୍ୟରେ ତୀବ୍ର ଚାଞ୍ଚଲ୍ୟ ଓ ଭୟର ବାତାବରଣ ସୃଷ୍ଟି ହୋଇଛି ।

ପାନ ଖଣ୍ଡେ ପାଇଁ ଗଲା ଜୀବନ; ଠେଙ୍ଗାରେ ପିଟିପିଟି ବୃଦ୍ଧାଙ୍କୁ ହତ୍ୟା

ବାରିପଦା(ଅମୃତମିଡିଆ): ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ବରକନ୍ଦ ପଞ୍ଚାୟତ ଅନ୍ତର୍ଗତ ଟିଆଁସି ଗ୍ରାମରେ । ସୂଚନାଯୋଗ୍ୟ,ଟିଆଁସି ଗ୍ରାମର ଅନନ୍ତ ନାଏକ(୬୨)ଙ୍କୁ ସେହି ଗ୍ରାମର ଧୀରେନ ନାଏକ(୩୭) ପ୍ରତିଦିନ ପାନ ମାଗି ଖାଉଥିବା ବେଳେ ପାନ ନଦେଲେ ଗାଳିଗୁଲଜ କରିବା ସହ ଧମକଚମକ ଦେଇ ଆସୁଥିଲା । ଗତ ଗୁରୁବାର ସନ୍ଧ୍ୟାରେ ଧୀରେନ ଅନନ୍ତ ଘରକୁ ଯାଇ ପାନ ମାଗିବାରୁ ଅନନ୍ତ ଦେବାକୁ ସିଧାସଳଖ ମନା କରିଦେଇଥିଲା । ଫଳରେ ଧୀରେନ ପାଟିତୁଣ୍ଡ କରିବା ସହ ରାଗରେ ଉତ୍ତେଜିତ ହୋଇ ଏକ ଲାଠିରେ ଅନନ୍ତକୁ ମାଡ଼ ମାରିବାକୁ ଲାଗିଲା । ସେହି ସମୟରେ ଅନନ୍ତ ନାଏକଙ୍କ ପତ୍ନୀ ବିଳାସୀ ନାଏକ

(୫୬)ହସ୍ତକ୍ଷେପ କଲାରୁ ଧୀରେନ ଠେଙ୍ଗାରେ ବିଳାସୀଙ୍କୁ ପିଟିପିଟି ମୁଣ୍ଡ ଫଟେଇ ଦରମରା ଅବସ୍ଥାରେ ଛାଡ଼ି ପଳାଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦୁହିଁଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ବିଳାସୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନନ୍ତଙ୍କ ହାତ ଭାଙ୍ଗି ଯାଇଛି । ତେବେ ଏତେ ବଡ଼ ଘଟଣା କୁ ଗଣମାଧ୍ୟମଠାରୁ ଦୂରେଇ ରଖିଥିଲା ପୋଲିସ । ଅପରପକ୍ଷରେ ପୋଲିସ ଓ ପ୍ରେସ ଗ୍ରୁପ ଥିବା ସତ୍ତ୍ୱେ ଘଟଣାକୁ ସାର୍ବଜନିକ ନକରିବା ପଛର କାରଣ କଣ ବୋଲି ଉଠିଛି ପ୍ରଶ୍ନ । ଆଜି ସଂଧ୍ୟାରେ ଗଣମାଧ୍ୟମ ପ୍ରତିନିଧି ମାନେ ବିଶେଷ ସୂତ୍ରରୁ ଖବର ପାଇଥିଲେ । ଅପରପକ୍ଷରେ ମୋରଡା ଥାନା ଅଧିକାରୀ ସୁମିତ କୁମାର ସୋରେନ ଘଟଣାର ତଦନ୍ତ ଭାର ନେଇଥିବା ବେଳେ ମୃତଦେହ ଜବତ ପୂର୍ବକ ଏନେଇ ମୋରଡା ଥାନାରେ ୩୫୬ ନଂ ରେ ହତ୍ୟା ଜନିତ ଏକ ମାମଲା ରୁଜୁ କରି ଆଜି ଶବବ୍ୟବଚ୍ଛେଦ କରାଇଥିଲେ। ସାଇନଟିଫିକ ଟିମ୍ ଓ ପୁଲିସ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଥିଲେ ଏବଂ ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗାକୁ ମଧ୍ୟ ଜବତ କରିଥିଲେ। ତେବେ ଏହି ଘଟଣାରେ ଜଡ଼ିତ ମୁଖ୍ୟ ଅଭିଯୁକ୍ତ ଧିରେନ ଏବେ ବି ଫେରାର ଥିବା ବେଳେ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

ବିରାଟ ଲୀଳାକ୍ଷେତ୍ରରେ ସପ୍ତପୁରୀ ଅମାବାସ୍ୟା ନୀତି ପାଳିତ

ବାରିପଦା /ଉଦଳା(ଅମୃତମିଡିଆ): କପ୍ତିପଦା ବ୍ଲକ ଅନ୍ତର୍ଗତ ବିରାଟ ଲୀଳାକ୍ଷେତ୍ର, ନୁଦଡ଼ିହାଠାରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ପର୍ବ ପାଳିତ ହୋଇଯାଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବର୍ଷର ବିଭିନ୍ନ ସମୟରେ ପାଳିତ ପର୍ବମାନଙ୍କ ମଧ୍ୟରୁ ଭାଦ୍ରବ ମାସ ଅମାବାସ୍ୟା ତିଥିରେ ପାଳିତ "ସପ୍ତପୁରୀ ଅମାବାସ୍ୟା ପର୍ବ" ଅନ୍ୟତମ । ଏଥିନିମନ୍ତେ ଭାଦ୍ରବ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ଜଗନ୍ନାଥ ମନ୍ଦିରର ପୂଜାପଣ୍ଡା ତିନି ଆଜ୍ଞାମାଳ ନେଇ ମା' ଚଣ୍ଡିଙ୍କ ଘଂଟ ଘଂଟା, ଭେରୀ, ତୁରୀ ଓ ସଂକୀର୍ତ୍ତନମଣ୍ଡଳୀଙ୍କ ଗହଣରେ ଯାତ୍ରା କରିଥିଲେ । ମା' ଚଣ୍ଡୀଙ୍କ ପୀଠରୁ ଆଜ୍ଞାମାଳ ନେଇ ଶ୍ରୀ ମନ୍ଦିରକୁ ସିଂହଦ୍ୱାରମଧ୍ୟ ଦେଇ ପ୍ରବେଶ କରି ମା'ଙ୍କ ଆଜ୍ଞାମାଳ ସହିତ ଅମୁଣିଆ ଡାଡ଼କୁ ନେଇ ଜଗନ୍ନାଥ ମନ୍ଦିରର କୂର୍ମ ବେଢ଼ାରେ ସାତଥର ପରିକ୍ରମା କରିଥିଲେ । ଏହାପରେ ରୋଷଘରରେ ପ୍ରବେଶ କରି ରୋଷଘରର ଦେବୀ ମା' ଦକ୍ଷିଣକାଳୀଙ୍କ ନିକଟରେ ସମର୍ପଣ କରିଥିଲେ । ଆମାବାସ୍ୟା ତିଥିରେ ମହାପ୍ରଭୁଙ୍କ ସମସ୍ତ ରିତିନୀତି ଯଥାଯଥ ଭାବରେ ପାଳନ କରାଯାଇ ସନ୍ଧ୍ୟା ଧୂପ ପରେ ଅମୁଣିଆ ଡାଡ଼ରୁ ପ୍ରସ୍ତୁତ ସପ୍ତପୁରୀ ପିଠା ଶ୍ରୀଜୀଉଙ୍କ ନିକଟରେ ସମର୍ପଣ କରୁଥିଲେ । ଉପସ୍ଥିତ ଶ୍ରଦ୍ଧାଳୁମାନେ ମଧ୍ୟ ଏହି ସ୍ୱାଦିଷ୍ଟ ପିଷ୍ଟକ ସେବନ କରି ମହାପ୍ରଭୁଙ୍କ ସପ୍ତପୁରୀ

ଅମାବାସ୍ୟାର ମହାତ୍ମ୍ୟ ଜାଣିବା ସହିତ ଅପ୍ୟାୟିତ ହୋଇଥିଲେ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସପ୍ତପୁରୀ ଅମାବାସ୍ୟା ପର୍ବ ପାଳନର ମହାତ୍ମ୍ୟ ସଂପର୍କରେ ଜଗନ୍ନାଥ ମନ୍ଦିର ଟ୍ରଷ୍ଟର 'ଭାବବନ୍ଧନ' ଆଧ୍ୟାତ୍ମିକ ବାର୍ଷିକ ମୁଖପତ୍ରର ମୁଖ୍ୟ ସଂପାଦକ ପ୍ରାକ୍ତନ ପ୍ରାଧାପକ ଭୋଳାନାଥ ସାହୁ ଉପସ୍ଥାପନ କରିଥିଲେ । ଏଥିରେ ମନ୍ଦିର ଟ୍ରଷ୍ଟର ସଭାପତି ସର୍ବେଶ୍ୱର ରାଉତ, ଉପଦେଷ୍ଟା ସୁଧାଂଶୁ କୁମାର ଦାଶ, ସହସଂପାଦକ ରବିନାରାୟଣ ନାୟକ, ବିଦ୍ୟାଧର ସାହୁ, ରଘୁନାଥ ନାୟକ, ପ୍ରାର୍ଥନା ନାୟକ ଉର୍ମିଳା ନାୟକ ଓ ଅନ୍ୟସମସ୍ତଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । ପର୍ବ ପାଳନ ମାଧ୍ୟମରେ ଜନଜୀବନକୁ ଆଧ୍ୟାତ୍ମିକତା ଆଡ଼କୁ ଆକର୍ଷଣ କରିବା ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ଆଭିମୁଖ୍ୟ ଚରିତାର୍ଥ ହେଉ ।

ଦେବପ୍ରିୟ ଚକ୍ରଙ୍କ ଜନଜାତି ବିବରଣ ପୁସ୍ତକ ଲୋକାର୍ପିତ

ବାରିପଦା(ଅମୃତମିଡିଆ): ସ୍ଥାନୀୟ ବାଙ୍କିଶୋଲ ସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ସାଇନ୍ସ ପରିସରରେ ଜଣାଶୁଣା ଯୁବ ଲେଖକ ତଥା ଅଧ୍ୟାପକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ରଙ୍କ ବିବିଧ ଜନଜାତି ସମ୍ପର୍କିତ ନୂଆ ଗବେଷଣା ପୁସ୍ତକ ଜନଜାତି ବିବରଣ ଲୋକାର୍ପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା ଯୋଗଦେଇ ପୁସ୍ତକର ଲୋକାର୍ପଣ କରିବା ସହ ଆଦିବାସୀଙ୍କ ସମ୍ପର୍କରେ ଜଣେ ଅଣଆଦିବାସୀଙ୍କର ମୁଖ୍ତଦୃଷ୍ଟି ଓ ଅନ୍ତରଙ୍ଗ ପଣ ନରହିଲେ ଏଭଳି ବିମର୍ଶ ଗ୍ରନ୍ଥ ପ୍ରକାଶନ ସମ୍ଭବ ନୁହେଁ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଏମ.ପି.ସି ସ୍ୱୟଂ ଶାସିତ କଲେଜର ଅଧକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ କିସର ଜନ ସମ୍ପର୍କ ଅଧିକାରୀ ସତ୍ୟଜିତ ସୋମ ଓ କିସର ଅତିରିକ୍ତ

ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ରାୟ ଯୋଗ ଦେଇ ଆଦିବାସୀଙ୍କ ସଂସ୍କୃତି ଏବଂ ପରମ୍ପରା ମହାନ. ଜନଜାତି ବିବରଣର ତଥ୍ୟ ଓ ପ୍ରସଙ୍ଗ ରଚନା କରିଥିବା ଲେଖକ ଜନଜାତିଙ୍କ ପ୍ରତି ବେଶ ଅନ୍ତରଙ୍ଗ ଓ ଯତ୍ନଶୀଳ ବୋଲି କହିଥିଲେ । କିସ ବାରିପଦା ଶାଖାର ଅଧକ୍ଷ ଗଣେଶ ମିଶ୍ର ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଲେଖକ ଡ. ଚକ୍ର ନିଜ ଲେଖକୀୟ ଅଭିବ୍ୟକ୍ତିରେ ମୟୂରଭଞ୍ଜରେ ଦୀର୍ଘ ନଅ ବର୍ଷ ଧରି ଜନଜାତି ସମ୍ପର୍କରେ ଅନୁସନ୍ଧିତ୍ସା ଓ ଅନ୍ତରଙ୍ଗତାର ଫଳଶ୍ରୁତି ହେଉଛି ଜନଜାତି ବିବରଣ ପୁସ୍ତକର ବୋଲି କହିଥିଲେ । ଏମ.ଏସ.ବି. ୟୁର ଗବେଷକ ତୋଷବନ୍ତ ମେହେର ମଞ୍ଚ ସଂଚାଳନ କରିଥିବା ବେଳେ ଚକ୍ରଧର ମହାନ୍ତ, ଜୟନ୍ତୀ ଭାଉଁରିଆ, ଅଭିରାମ ସୋରେନ, ଭୂପତି ଶିଙ୍କୁ, ବିଷ୍ଣୁପ୍ରିୟା ନାଏକ, ମନୀଷା ଦତ୍ତ, ସ୍ମିତା ନିବେଦିତା ଧଳ, ଉଦୟ ମାରାଣ୍ଡି, ସୁରେନ୍ଦ୍ର ମୁର୍ମୁ, ଇତିଶ୍ରୀ ଦାସ ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏମ. ଏସ. ସି. ବି ୟୁର ଗବେଷିକା ରୁକ୍ମଣୀ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ । ଜନଜାତି ବିବରଣ ପୁସ୍ତକକୁ ଭୁବନେଶ୍ୱର ସ୍ଥିତ ଡ଼ଟ ବୁକ୍ସ ପ୍ରକାଶନୀ ସଂସ୍ଥା ପ୍ରକାଶ କରିଥିବା ବେଳେ ଏଥିରେ ସାନ୍ତାଳ, ପାହାଡି ଖଡିଆ, ବାଥୁଡି, ଭୂମିଜ, ଜୁଆଙ୍ଗ, ପାଉଡି ଭୂୟାଁ, କନ୍ଧ ଓ ହୋ ଜନଜାତିର ସାମାଜିକ ଓ ସାଂସ୍କୃତିକ ଜୀବନକୁ ନେଇ ଚଉଦଟି ଆଲେଖ୍ୟ ରହିଛି ।

୫୪ଟି ମାମଲାର ଫଇସଲା; ୪,୪୮,୦୦୦ ଟଙ୍କା ଆଦାୟ

ରାଇରଙ୍ଗପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ



ବାରିପଦା(ଅମୃତମିଡିଆ): ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ କୋର୍ଟରେ ଆଜି ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ସିଭିଲ କୋର୍ଟର ଏଡିଜେ ଡଃ ଭି ସୁଜାତା, ସ୍ୱଜଜ୍ ଆଲୋକ ପଣ୍ଡା,ଏସଡିଜିଏମ୍ ମନିନ୍ଦ୍ର ଭୂଷଣ ସାହୁ ଏବଂ ଜେଏମଏଫସି ଚେତନା ପଟନାୟକ ଶୁଣାଣି କରିଥିଲେ । ଏଡିଜେ କୋର୍ଟରେ ୮ ଟି ଦୁର୍ଘଟଣା ଜନିତ ମାମଲା ଏବଂ କ୍ରିମିନାଲ କେଶ୍ ୨ ଟିରୁ କେବଳ ୨ ଟିର ସମାଧାନ ହୋଇଥିଲା। ସେହିଭଳି ଜଜ୍ କୋର୍ଟରେ ବ୍ୟାଙ୍କ ଡକାୟତି ୭ ଟିରୁ ଶୂନ ସମାଧାନ ,ବୈବାହିକ ମାମଲା ୧୧ ଟିରୁ ୧ ସମାଧାନ,ସିଭିଲ କେଶ ୧୮ ଟିରୁ ୭ ଟି ସମାଧାନ,ଇଷ୍ଟରିମ୍ କେଶ ୧ଟିରୁ ୧ ଟି ସମାଧାନ, ସେହିଭଳି ଏସଡିଜିଏମ୍ କୋର୍ଟରେ ନାର୍କୋଟିକ ଆକ୍ଟର ୧୬ ଟି ମାମଲାରୁ ୪ଟି ସମାଧାନ ସହ ୪,୪୮,୦୦୦ ଟଙ୍କା ଜୋରିମାନା ଆଦାୟ, ବୈବାହିକ ମାମଲା ୧୦ ଟିରୁ ୧୦ ଟି ସମାଧାନ,କ୍ରିମିନାଲ କେଶ ୨୫ ଟିରୁ ୨୫ ଟି ସମାଧାନ ଏବଂ ସେହିଭଳି ଜେଏମଏଫସି କୋର୍ଟରେ ନାର୍କୋଟିକ ଆକ୍ଟ ୩ ଟିରୁ ସମାଧାନ ଶୂନ, ବୈବାହିକ ମାମଲା ୫ ଟିରୁ ୪ ଟି ସମାଧାନ ହୋଇଛି । ସମୁଦାୟ ୯୬ ଟି ମାମଲାରୁ ୫୪ ଟି ସମାଧାନ ସହ ୪,୪୮,୦୦୦ ଟଙ୍କା ଜୋରିମାନା ଆଦାୟ ହୋଇଛି । ଏସବିଆଇ,ବ୍ୟାଙ୍କ ଅଫ ଇଣ୍ଡିଆ,ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ୍ କର୍ମଚାରୀ ପ୍ରମୁଖ ପଞ୍ଜିକୃତ ଗ୍ରାହକ ମାନଙ୍କ ଅଭିଯୋଗଶୁଣାଣିରେ ସହାୟତା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଲକ୍ଷ୍ମଣ ମାର୍ଣ୍ଡୀ, ସନ୍ତୋଷ ମହାନ୍ତ, ବଟକୃଷ୍ଣ ମହାନ୍ତି , ଅମରେଶ ବଳ ଏବଂ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

ଉଲ୍ଲାସ-୨୦୨୬ ଉପଲକ୍ଷେ ଜିଲ୍ଲାସ୍ତରୀୟ ସେମିନାର

ବାରିପଦା(ଅମୃତମିଡିଆ): ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ଅଧୀନରେ ଶିକ୍ଷିତ ଜନ, ବିକଶିତ ଓ୍ୱଡନ ବିଷୟବସ୍ତୁକୁ ନେଇ ଏକ ଜିଲ୍ଲାସ୍ତରୀୟ ସେମିନାର ବାରିପଦା ପୋଲିସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ମୟୂରଭଞ୍ଜ ପକ୍ଷରୁ ଆୟୋଜିତ ଏହି ସେମିନାରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂହ, ବାରିପଦା ବ୍ଲକ ଶିକ୍ଷା ଅଧିକାରୀ ଅନୁଜା ମାଧୁରୀ ଦାସ

ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ସେମିନାରରେ ଜିଲ୍ଲାସ୍ତରୀୟ ବିଚାରକ ଭାବେ ବି.ଏଡ. କଲେଜର ଟିଚର ଏଜୁକେସନ ବିଭାଗର ସହକାରୀ ପ୍ରାଧାପକ ଡଃ ନାରାୟଣ ପ୍ରସାଦ ବେହେରା, ଡାଏଟ ମୟୂରଭଞ୍ଜର ଶିକ୍ଷକ ପ୍ରଶିକ୍ଷକ କଳ୍ପନା ଚମ୍ପିଆ ଓ ରୂପାଲି ରୋଚନା ପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରାଇଥିଲେ । ପ୍ରାଥମିକ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟ–୨, ବାରିପଦାର ରିଷା ଦାସ ପ୍ରଥମ, ଶ୍ରୀପଦଗଞ୍ଜ ଉଚ୍ଚ ବିଦ୍ୟାଳୟର ଦେବାଶିଷ ବାରିକ ଦ୍ୱିତୀୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ–୨ର ଅନନ୍ୟା ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ମାଧ୍ୟମିକ ବର୍ଗରେ ପୋଲିସ ଉଚ୍ଚ ବିଦ୍ୟାଳୟ, ଭଞ୍ଜପୁରର ଅଂଶୁମାନ ପଣ୍ଡା ପ୍ରଥମ, ଓଏଭି ରାଣୀଭୋଳର ଭାଗ୍ୟଶ୍ରୀ ଦାସ ଦ୍ୱିତୀୟ ଏବଂ ଭଞ୍ଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଉଷା ଗୋରାଇ ତୃତୀୟ ସ୍ଥାନ ହାସଲ କରିଥିଲେ । ଉଚ୍ଚ ମାଧ୍ୟମିକ ବର୍ଗରେ ଏମପିସି ଜୁନିୟର କଲେଜ ବାର

ଜଳସେଚନ ଅଧିକାରୀଙ୍କ କାନପୁର ଗସ୍ତ

ଛେନାପଦୀ/ହାଟଡିହି (ଅମୃତ ମିଡିଆ): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତ କାନପୁର ଗ୍ରାମର ଦକ୍ଷିଣ ପାର୍ଶ୍ୱ ସାଳନ୍ଦୀ ନଦୀ ଦ୍ୱାରା ବାରମ୍ବାର ଅତଡ଼ା ଖସି କାନପୁର ଗ୍ରାମବାସୀଙ୍କ ହେଉଥିବା କ୍ଷୟକ୍ଷତି ନେଇ ଶନିବାର ଅପରାହ୍ନରେ ଭୁବନେଶ୍ୱର ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ (ଡିଜାଇନ) ଓ ଶାଳପଡା ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ପ୍ରତାପ ଦାସ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ।

ଏଥିସହ ବିଭିନ୍ନ ଦିଗ ପ୍ରତି ଅନୁଧ୍ୟାନ ମଧ୍ୟ କରିଥିଲେ । ନିର୍ବାହୀଯନ୍ତ୍ରୀ ହିତେଶ ସାହୁ, ସହକାରୀ ଯନ୍ତ୍ରୀ ପୁରୁଷୋତ୍ତମ ମାରାଣ୍ଡି ଏବଂ କନିଷ୍ଠ ଯନ୍ତ୍ରୀ ମଧ୍ୟ ଉପସ୍ଥିତ ଥିଲେ। ଅଧିକାରୀଙ୍କ ସହିତ ସ୍ଥାନୀୟ ସାଳନ୍ଦୀ ବିକାଶ

ପରିଷଦର ସଂଯୋଦକ ବିଶ୍ୱରଞ୍ଜନ ପାଣିଗ୍ରାହୀ, ଶତ୍ରୁଘ୍ନ ରାଉତ, ବିଜୟ ସାମଲ, ଲକ୍ଷ୍ମଣ ମହାପାତ୍ର, ସଦାଶିବ ଖମାରୀ, ହରମୋହନ ପଣ୍ଡା, ଗୌରାଙ୍ଗ ରାଉତ, ପଦ୍ମନାଭ ବେହେରା, ଅପୂର୍ବ ମହାପାତ୍ର, ଚିନ୍ତାମଣି ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଭଦ୍ରକରୁ ଅପହରଣ କରି ୫ ଲକ୍ଷ ଟଙ୍କାର ମୁଣ୍ଡ ଜାମିନ

ହାଟଡିହି (ଅମୃତ ମିଡିଆ): କେନ୍ଦୁଝର ଜିଲା ପୋଲିସ ପାଇଁ ଅପହରଣର ଶିକାର ହୋଇଥିବା ୩ ଜଣଙ୍କ ଜୀବନ ବଞ୍ଚିଯାଇଛି । ପୋଲିସର ହସ୍ତକ୍ଷେପ ପରେ ଅପହରଣ ଶିକାର ହୋଇ ୫ ଲକ୍ଷ ଟଙ୍କାର ମୁଣ୍ଡ ଜାମିନ ରଖାଯାଇଥିବା ୩ ଜଣ ବ୍ୟକ୍ତି ଉଦ୍ଧାର ହୋଇଛନ୍ତି । ପୋଲିସର ଏପରି ସକ୍ରିୟ କାର୍ଯ୍ୟାନୁଷ୍ଠାନ ଏକ ଉଦାହରଣ ସାଜିଛି । ଖବର ନେବାରୁ ଜଣାଯାଇଛି ଯେ, ଅନୁଗୋଳ ଜିଲା ସଦର ଥାନା ଅଞ୍ଚଳର କିଛି ଲୋକ ଭଦ୍ରକ ଜିଲା ଗଣିଜାଙ୍ଗ ଅଞ୍ଚଳରେ ଠିକା କାର୍ଯ୍ୟରେ ନିୟୋଜିତ ଥିଲେ । ଗତ ଗୁରୁବାର ରାତି ଠିକା କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିଙ୍କ ମଧ୍ୟରୁ ୩ ଜଣ ବ୍ୟକ୍ତି ଗଣିଜାଙ୍ଗରୁ ଭଦ୍ରକ ଅଭିମୁଖେ ଯାଉଥିଲେ। ରାସ୍ତାରେ ଯାଉଥିବା ବେଳେ ସେମାନେ ଅପହରଣର ଶିକାର ହୋଇଥିଲେ। ଅପହରଣକାରୀମାନେ ଠିକା କାର୍ଯ୍ୟରେ ନିୟୋଜିତ ଅନ୍ୟ ଜଣକୁ ଫୋନ୍‌ରେ ମୁଣ୍ଡ ଜାମିନ ରଖାଯାଇଥିବା ଏବଂ ମୁକୁଳାଇବା ପାଇଁ ୫ ଲକ୍ଷ ଟଙ୍କା ଦାବି କରିଥିଲେ। ଏଥିସହ ଅପହରଣକାରୀମାନେ ପଡ଼ୋଶୀ କେନ୍ଦୁଝର ଜିଲା ଅଭିମୁଖେ ପଳାଇ ଆସିଥିଲେ। ଅପହରଣକାରୀଙ୍କଠାରୁ ଫୋନ୍‌ରେ ଏପରି ଦାବି ଶୁଣି ବ୍ୟକ୍ତି ଜଣକ ଅପହରଣକାରୀଙ୍କୁ ମଧ୍ୟ ପିଛା କରିଥିଲେ। ଏଥି ସହ ନନ୍ଦିପଦା ଥାନାରେ ପହଞ୍ଚି ପୋଲିସକୁ ଜଣାଇଥିଲେ। କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡା ଅପହରଣର ଶିକାର ହୋଇଥିବା ବ୍ୟକ୍ତିମାନଙ୍କୁ ଉଦ୍ଧାର ପାଇଁ ରାତ୍ରିକାଳୀନ ଅପରେଶନ ଆରମ୍ଭ କରିଥିଲେ। ଏସ୍‌ଡିପିଓ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁର ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ, ଏବଂ ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତିଙ୍କ ନେତୃତ୍ୱରେ ପୋଲିସର ଏକାଧିକ ଟିମ୍ ଅପହରଣକାରୀଙ୍କୁ ପିଛା କରି ଗୋଡ଼ାଇ ଥିଲେ। ଶେଷରେ ଅପହରଣକାରୀମାନେ ଅପହୃତ ୩ ବ୍ୟକ୍ତିଙ୍କୁ ଯାଜପୁର ଜିଲା ପାଖାପାଖି ଅଞ୍ଚଳରେ ଛାଡ଼ି ଫେରାର ହୋଇଯାଇଥିଲେ। ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇନି। ଅପହରଣକାରୀଙ୍କୁ ପ୍ରାଥମିକ ଭାବେ ଚିହ୍ନଟ କରିଛୁ। ଭଦ୍ରକ ଆଞ୍ଚଳିକ ଥାନାଧିକାରୀ ସୁବ୍ରତ ଦାସ କହିଛନ୍ତି ଯେ, ଏପରି ଘଟଣାକୁ ନେଇ କୌଣସି ଅଭିଯୋଗ ହୋଇନାହିଁ।

ବନ ଶହୀଦ ଦିବସ ପାଳିତ

ରାଜନଗର (ଅମୃତ ମିଡିଆ): ରାଜନଗର ଲୁଣା ଜଙ୍ଗଲ ବନଖଣ୍ଡ ଅଧୀନସ୍ଥ ଭିତରକନିକା ଜାତୀୟ ଉଦ୍ୟାନ ଠାରେ ଶୁକ୍ରବାର ଦିନ ବନ ସହିଦ୍ ଦିବସ ପାଳନ କରାଯାଇଛି । ଏହି ଅବସରରେ ବନଖଣ୍ଡ ଅଧିକାରୀ ଶ୍ରୀ ଭରଦରାଜ ଗାଉଁକର ଶହିଦ୍ ସ୍ମାରକୀ ସ୍ତମ୍ଭରେ ଶହିଦ୍ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜଙ୍ଗଲ ସୁରକ୍ଷା ପାଇଁ ସେମାନଙ୍କ ବୀରତ୍ୱ ପୂର୍ଣ୍ଣ ଅତୁଳନୀୟ ତ୍ୟାଗ ଓ ବଳିଦାନ ବିଷୟରେ ପ୍ରେରଣାଦାୟୀ ବକ୍ତବ୍ୟ ଦେଇ ଶହୀଦ ପରିବାରବର୍ଗଙ୍କୁ ଉତ୍ସାହିତ କରିଥିଲେ ।ଏହି କାର୍ଯ୍ୟକ୍ରମରେ କନିକା ବନାଞ୍ଚଳ ଅଧିକାରୀ ଶ୍ରୀ ଚିତ୍ରସେନ ଜେନା ଓ ରାଜନଗର ବନଖଣ୍ଡ ଅଧୀନସ୍ଥ ସମସ୍ତ ବନ କର୍ମଚାରୀ ମାନେ ଯୋଗଦାନ କରି ଶହିଦ୍ ମାନଙ୍କ ସ୍ମୃତିଚାରଣ କରିଥିଲେ ।ସେମାନଙ୍କ ନିଷ୍ଠାର ସହ କାର୍ଯ୍ୟକୁ ବର୍ଣ୍ଣନା କରିଥିଲେ।

ଶାଗୁଆନକାଠ ଗାଡ଼ି ଛାଡ଼ି ମାଫିଆ ଫେରାର

ମୋହନା (ଅମୃତ ମିଡିଆ): ଗଜପତି ଜିଲା ମୋହନା ବ୍ଲକ ଚନ୍ଦ୍ରଗିରି ବନାଞ୍ଚଳରେ ବନ ବିଭାଗକୁ ବଡ଼ ସଫଳତା ମିଳିଛି। ଏକ ପିକଅପ୍ ଗାଡ଼ିରୁ ୪୨ ଖଣ୍ଡ ଚୋରା ଶାଗୁଆନ କାଠ ଜବତ ହୋଇଥିବା ବେଳେ ବନ ବିଭାଗର ଚଢ଼ାଉ ଦେଖି ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଚୋରା ଚାଲାଣକାରୀ ଫେରାର ହୋଇଯାଇଛନ୍ତି।

ସୂଚନାଯୋଗ୍ୟ, ଗୁରୁବାର ବିଳମ୍ବିତ ରାତିରେ ଚନ୍ଦ୍ରଗିରି ବନାଞ୍ଚଳ ପକ୍ଷରୁ ରାତ୍ରି ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ନାରଙ୍ଗୀ ଗ୍ରାମ ନିକଟରେ ସନ୍ଦେହଜନକ ଭାବେ ଯାଉଥିବା ଏକ ପିକଅପ୍ ?କୁ ବନ ବିଭାଗର ଟିମ୍ ଅଟକାଇଥିଲା। ଗାଡ଼ି ଅଟକିବା ମାତ୍ରେ ଏଥିରେ ଥିବା ଡ୍ରାଇଭରଙ୍କ ସମେତ କିଛି ଯୁବକ ଗାଡ଼ି ଛାଡ଼ି ନିକଟସ୍ଥ ଜଙ୍ଗଲକୁ ଫେରାର ହୋଇଯାଇଥିଲେ।

ପରେ ଗାଡ଼ିଟିକୁ ଯାଞ୍ଚ କରିବାରୁ ସେଥିରୁ ବେଆଇନ ଭାବେ ଚାଲାଣ ହେଉଥିବା ୪୨ ଖଣ୍ଡ ଶାଗୁଆନ କାଠ ଜବତ ହୋଇଥିଲା।

ଜବତ କାଠର ଆନୁମାନିକ ବଜାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ବନଖଣ୍ଡ ଅଧିକାରୀ କେ. ନାଗରାଜୁଙ୍କ ନିର୍ଦ୍ଦେଶକ୍ରମେ ଚନ୍ଦ୍ରଗିରି ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଚନ୍ଦ୍ରଗିରି ଫରେଷ୍ଟର ଗଣେଶ ପ୍ରଧାନ, ବନରକ୍ଷୀ ସୂର୍ଯ୍ୟକାନ୍ତ ବାରିକ ଓ ୟୁ. ସୂର୍ଯ୍ୟପ୍ରକାଶଙ୍କ ମିଳିତ ଟିମ୍ ଏହି ଚଢ଼ାଉ କରିଥିଲେ। ବନ ବିଭାଗ ପକ୍ଷରୁ ଶାଗୁଆନ କାଠ ସହ ମ୍ୟାକ୍ସ ପିକଅପ (ଓଡି-୦୭ ଏମ୍-୧୩୬୨)କୁ ଜବତ କରାଯାଇଛି। ଏହି ଚୋରା ଚାଲାଣ ପଛରେ ଆଉ କେଉଁମାନେ ସାମିଲ ଅଛନ୍ତି, ସେ ନେଇ ଅଧିକ ତଦନ୍ତ ଜାରି ରହିଛି।

ମତ୍ସ୍ୟ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ମନ୍ତ୍ରୀ
ଆର୍ଯ୍ୟପଲ୍ଲୀ ଫିସିଂ ହାର୍ବର କାର୍ଯ୍ୟକ୍ଷମ ଦାବି

ଛତ୍ରପୁର (ଅମୃତ ମିଡିଆ): ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଶୁକ୍ରବାର ଗଞ୍ଜାମ ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ବିଭିନ୍ନ ମତ୍ସ୍ୟ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ସହ ମନ୍ତ୍ରୀ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ର ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରଥମେ ମନ୍ତ୍ରୀ ଆର୍ଯ୍ୟପଲ୍ଲୀଠାରେ ପ୍ରସ୍ତାବିତ ଫିସିଂ ହାରବର ଅଞ୍ଚଳ ପରିଦର୍ଶନ କରି ପ୍ରକଳ୍ପର ବର୍ତ୍ତମାନ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଅଧିକାରୀ ମାନଙ୍କ ସହ ସମୀକ୍ଷା କରିଥିଲେ । ମତ୍ସ୍ୟଜୀବୀଙ୍କ ଆର୍ଥିକ ଉନ୍ନତି, ସୁରକ୍ଷା ଓ ମତ୍ସ୍ୟ ଉତ୍ପାଦନର ସୁଚାରୁ ପରିଚାଳନା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଥିଲେ। ଫିସିଂ ହାରବର ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରି ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଛତ୍ରପୁର କଲେଜ ଛକ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ପୌରପରିଷଦ ପକ୍ଷରୁ ନିର୍ମାଣ ହେବାକୁ ଥିବା ଆଧୁନିକ ମାଛ ବଜାର ପ୍ରକଳ୍ପର ସ୍ଥାନ ପରିଦର୍ଶନ କରିଥିଲେ। ସେହିପରି ରଷିକୁଲ୍ୟା ମୁହାଣ ଅଗଷ୍ତି ନୂଆଗାଁଠାରେ ଫିସ୍ ଲ୍ୟାଣ୍ଡିଂ ସେଣ୍ଟର ପ୍ରକଳ୍ପର ଅଗ୍ରଗତି ମଧ୍ୟ ତଦାରଖ କରିଥିଲେ। ଏହାପରେ ମନ୍ତ୍ରୀ ଏସିଆ ପ୍ରସିଦ୍ଧ ହୁଣ୍ଡା ଶୁଖୁଆ ହାଟ ପରିଦର୍ଶନ କରି ମତ୍ସ୍ୟଜୀବୀ ଓ ବ୍ୟବସାୟୀମାନଙ୍କ ସହ ହାଟର ବିଭିନ୍ନ ସମସ୍ୟା ଓ ବ୍ୟବସାୟ ସମ୍ପର୍କରେ ଆଲୋଚନା କରିଥିଲେ। ହାଟ ପରିସରରେ ନିର୍ମିତ ପିଣ୍ଡିଗୁଡ଼ିକରେ ବ୍ୟବସାୟୀମାନେ ବ୍ୟବସାୟ କରିବାକୁ ସେ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ଗଞ୍ଜାମ ଜିଲ୍ଲାପାଳ ଭି. କାର୍ତ୍ତି ଭାସନ, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି,ଛତ୍ରପୁର ପୌରପରିଷଦ ର ଇଓ ପ୍ରସନ୍ନ କୁମାର ଦାଶ,ଗଞ୍ଜାମ ବିଡିଓ ଅଚ୍ୟୁତାନନ୍ଦ ଯାନୀଙ୍କ ସମେତ ବିଭାଗୀୟ ଅଧିକାରୀ, ଜନପ୍ରତିନିଧି ଓ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

ଆଦର୍ଶ ବିଦ୍ୟାଳୟରେ ସ୍ପାର୍କ ୨୦୨୬ ଉଦ୍‌ଯାପିତ

ରାଜନଗର (ଅମୃତ ମିଡିଆ): ରାଜନଗର ବ୍ଲକ ବାଘତୈଳା ସ୍ଥିତ ଆଦର୍ଶ ବିଦ୍ୟାଳୟ ରେ ୫ମ ସ୍ପାର୍କ ୨୦୨୬ ମହାସମାରୋହରେ ପାଳିତ ହୋଇ ଯାଇଛି । ଅନୁଷ୍ଠାନର ଅଧକ୍ଷା ବିଲୋପାମୁଦ୍ରାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଆଗେଇବାର ଅଛି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ସତ୍ୟବାଦୀ ଜେନା ଯୋଗଦେଇ ଛାତ୍ର ଛାତ୍ରୀ ମାନେ ସମାଜରେ ନିଜକୁ ଜଣେ ଜଣେ ଆଦର୍ଶ ବ୍ୟକ୍ତି ଭାବରେ ପ୍ରତିଷ୍ଠିତ କରିବାକୁ ସ୍ୱପ୍ନ ଦେଖିବା ସହ ଏକ ବିକଶିତ ରାଷ୍ଟ୍ର ଗଠନରେ ନିଜକୁ ସାମିଲ କରିବାକୁ

ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ସାହୁ, ଶ୍ରୀ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ପାତ୍ର ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ଶିକ୍ଷକ ରିଙ୍କୁ ମଣ୍ଡଳ, ଦେବାଶିଷ ସାହୁ, ତନୁଜା ଦାସ, ଶତାବ୍ଦୀ ଦାସ, ସୁମନ୍ତ କୁମାର ରାଉତ, ସାଇ ସଂଗୀତା ଦ୍ୱିବେଦୀ, ସୁବ୍ରତ କୁମାର ପ୍ରଧାନ, ବ୍ରଜେନ୍ଦ୍ର ମହାନ୍ତି, ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି ପ୍ରଭୃତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ବିଭିନ୍ନ ଲୋକନୃତ୍ୟ କିଛି ସମୟ ପାଇଁ ପରିବେଶକୁ ଭାବ ଗମ୍ଭୀର କରିଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଥିବା କୃତୀଛାତ୍ର ଛାତ୍ରୀମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ଦେବାଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଉଦ୍ଭିଦ ବିଜ୍ଞାନ ବିଭାଗର ନବାଗତ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପୋଲସରା (ଅମୃତ ମିଡିଆ): ଶୁକ୍ରବାର ପୋଲସରା ବିଜ୍ଞାନ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ପକ୍ଷରୁ ଯୁକ୍ତ ତିନି ଦ୍ୱିତୀୟ ବର୍ଷ ଓ ଶେଷ ବର୍ଷ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧକ୍ଷ ରୁଦ୍ର ପ୍ରସାଦ ଗୌଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଘ୍ନରାଜ ଗଜାନନଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପ୍ରଜ୍ୱଳନ ଏବଂ ତୁଳସୀ ଗଛରେ ଜଳଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଭିଦ ବିଜ୍ଞାନ ଶିକ୍ଷାର ମୂଲ୍ୟ ସମ୍ପର୍କରେ ବିଭାଗୀୟ ମୁଖ୍ୟ ଡ଼ଃ ରୋଜିତା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପକ ମନୋଜ କୁମାର ସାହୁ ଯୋଗ ଦେଇ ଜାତୀୟ ଶିକ୍ଷା ନୀତି ଅନୁସାରେ ସିଲାବସ ସମ୍ପର୍କିତ ଜ୍ଞାନ ପ୍ରଦାନ କରିଥିଲେ ।ଅନ୍ୟତମ ସମ୍ମାନିତ ଅତିଥି ଓଡ଼ିଆ ଭାଷା ସାହିତ୍ୟର ବରିଷ୍ଠ ଅଧ୍ୟାପକ ଡ଼.ବିରଞ୍ଚି ନାରାୟଣ ରଥ ବିବେକାନନ୍ଦଙ୍କ ମୂଲ୍ୟବୋଧ ଶିକ୍ଷା ସମ୍ପର୍କରେ ଗଳ୍ପ ମାଧ୍ୟମରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ବିଭାଗର ବରିଷ୍ଠ ଅଧ୍ୟାପିକା ତୋନିକା ଦଳେଇ ଶିକ୍ଷାର ମୂଲ୍ୟ, ପୂର୍ଣ୍ଣ ଉପସ୍ଥାନ, ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ସୁନ୍ଦର ଭାବରେ ବୁଝାଇଥିଲେ । ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ଦେବାଶିଷ ସ୍ୱାଇଁ ଉଦ୍ଭିଦ ବିଜ୍ଞାନ ଶିକ୍ଷାର ଆବଶ୍ୟକତା, ଶୃଙ୍ଖଳା ଜ୍ଞାନ, ନୈତିକ ଶିକ୍ଷା, ବିଦ୍ୟାର୍ଥୀଙ୍କ ପାଇଁ ଉତ୍ତମ ପରିବେଶ ମାଧ୍ୟମରେ ଦିଗଦର୍ଶନ ପ୍ରଦାନ କରିଥିଲେ । ଡେମୋନଷ୍ଟେଟର ସୁଜ୍ଞାନୀ ସାହୁ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସମସ୍ତଙ୍କୁ ଭଲ ପାଠ ପଢିବା ପାଇଁ ପରାମର୍ଶ ଦେଇଥିଲେ । ଶେଷରେ ଅଧକ୍ଷ ମହୋଦୟ ବନସ୍ପତି ଶାସ୍ତ୍ରର ଗୁରୁତ୍ୱ, ଏକବିଂଶ ଶତାବ୍ଦୀରେ ବିଜ୍ଞାନର ଆବଶ୍ୟକତା,ଜାତୀୟ ଶିକ୍ଷା ନୀତିର ଗୁରୁତ୍ୱ ସମ୍ପର୍କରେ ସୁନ୍ଦର ବକ୍ତବ୍ୟ ମାଧ୍ୟମରେ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଛାତ୍ରୀ ଇତିଶ୍ରୀ ପ୍ରଧାନ ଓ ଗାୟତ୍ରୀ ଗୌଡ଼ ସଂଯୋଜନା କରିଥିବା ବେଳେ ସ୍ୱାଗତ ସଂଗୀତ ସାଇସ୍ମିତା ସାହୁ,ରୋଶନୀ ନାହାକ ଗାନ କରିଥିଲେ ।କାର୍ଯ୍ୟକ୍ରମରେ ଛାତ୍ର ସତ୍ୟ ନାରାୟଣ ଗୌଡ଼,ରାଜା ସ୍ୱାଇଁ, ଛାତ୍ରୀ ସ୍ମୃତି ବରାଡ଼, ଭାସ୍ୱତୀ ନାୟକ,ମଧୁସ୍ମିତା ପ୍ରଧାନ,ତୁଳସୀ ପରିଡା, ଅଙ୍କିତା ବେହେରା, ମାମାଲି ନାହାକ,ଅପରାଜିତା ପଣ୍ଡା ବିଭାଗର ଅଣ ଶିକ୍ଷକ କର୍ମଚାରୀ ବିବେକାନନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଦେବକାନ୍ତ ଶର୍ମା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ

ଆସିକା (ଅମୃତ ମିଡିଆ): ଭାରତୀୟ ଜାତୀୟ କଂଗ୍ରେସର ସଂଗଠନକୁ ଆହୁରି ସୁଦୃଢ଼ ଓ କ୍ରିୟାଶୀଳ କରିବା ଲକ୍ଷ୍ୟରେ ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ନୂତନ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦିଆଯାଇଛି। ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଅନୁମୋଦନ କ୍ରମେ ଏହି ନୂତନ ନିଯୁକ୍ତି ହୋଇଥିବା ଜଣାପଡ଼ିଛି। ଏହି କ୍ରମରେ ଆସିକା ଲୋକସଭା ନିର୍ବାଚନମଣ୍ଡଳୀର ସାଂସଦ ପ୍ରତିନିଧି ଦେବକାନ୍ତ ଶର୍ମାଙ୍କୁ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଦଳ ପକ୍ଷରୁ ତାଙ୍କ ଉପରେ ଦିଆଯାଇଥିବା ଏହି ନୂତନ ଦାୟିତ୍ୱକୁ ନେଇ ଆସିକା କଂଗ୍ରେସ ମହଲରେ ଉତ୍ସାହ ପ୍ରକାଶ ପାଇଛି। ନୂତନ ଦାୟିତ୍ୱ ପାଇଁ ଦେବକାନ୍ତ ଶର୍ମା କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସମେତ ଦଳର ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳର ନୀତି, ଆଦର୍ଶ ଓ ଚିନ୍ତାଧାରାକୁ ତୃଣମୂଳସ୍ତରରେ ପହଞ୍ଚାଇବା ସହ ସଂଗଠନକୁ ଆହୁରି ମଜବୁତ କରିବା ଦିଗରେ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ, ଆସିକା ରାଜନୈତିକ ମହଲରେ ଏଆଇ ଜରିଆରେ ପ୍ରସ୍ତୁତ କରାଯାଇଥିବା ଅଶ୍ଳୀଳ ଇଙ୍ଗିତପୂର୍ଣ୍ଣ ଫଟୋକୁ ନେଇ ମଧ୍ୟ ଚର୍ଚ୍ଚା ଜୋର ଧରିଛି।

ଦୁଇ ବିଶିଷ୍ଟ ରାଜନୈତିକ ଦଳ ଏଭଳି ଏଆଇ ଫଟୋ ପ୍ରସ୍ତୁତ ଓ ସୋସିଆଲ ମିଡିଆରେ ପ୍ରସାରଣକୁ ଦୃଢ଼ ନିନ୍ଦା କରିବା ସହ ରାଜନୈତିକ ମତଭେଦକୁ ଏଭଳି ଅଶୋଭନୀୟ ଢଙ୍ଗରେ ପ୍ରକାଶ ନକରିବାକୁ ଆହ୍ୱାନ ଦେଇଛନ୍ତି। ଏଭଳି ଘଟଣା ରାଜନୈତିକ ପରିବେଶକୁ ଦୂଷିତ କରୁଥିବା ମତ ପ୍ରକାଶ ପାଇଛି।

ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର ଘଟଣା...
ରାଷ୍ଟ୍ରୀୟ ପଞ୍ଚାୟତିରାଜ ଗ୍ରାମପ୍ରଧାନ / ସରପଞ୍ଚ ସଂଗଠନ ଓଡ

ଓଡ଼ିଶା ବେକାରୀ କାଉଣ୍ଟରରେ

ଫିମ୍ପି ମରା ପେଟିସ ବିକ୍ରି ଅଭିଯୋଗ

ପୁରୀ(ବ୍ୟୁରୋ): ପୁରୀ ମହାନଗର ନିଗମ ଅନ୍ତର୍ଗତ ୱାଟର ୱାର୍କସ ରୋଡ ଠାରେ ଥିବା ପୁରାତନ ଓଡିଶା ବେକାରୀ ଫ୍ୟାକ୍ଟରୀର ରିଟେଲ କାଉଣ୍ଟରରେ ଫିମ୍ପି ମରା ପେଟିସ୍ (ପେଷ୍ଟି) ବିକ୍ରି ହେଉଥିବା ଅଭିଯୋଗ ହୋଇଛି । ଅବିନାଶ ପରିଡା ନାମକ ଜଣେ ଯୁବକ ରବିବାର ଦିନ ସକାଳେ ଏହି କାଉଣ୍ଟର ରୁ ୨ଟି ପେଟିସ୍ କିଣି ନେଇଥିଲେ । ଘରକୁ ଯାଇ ପଲିଥିନ୍ ରୁ ଖୋଲିବା ପରେ ଦୁର୍ଗନ୍ଧ ବାହାରିଥିଲା । ପେଟିସ ର ଚାରିପଟେ ଫିମ୍ପି ଲାଗିଯାଇଥିଲା । ସେଥିରେ ଲାଗିଥିବା ମିଠା ସଙ୍କ ମଧ୍ୟ ଝାଳେଇ ଯାଇଥିଲା । ଏହା ପରେ ଅବିନାଶ ସେହି ପେଟିସ କୁ ନେଇ ଫେରାଇ ଟଙ୍କା ମାଗିବାରେ କାଉଣ୍ଟର କର୍ମଚାରୀ ଦେଇନଥିଲେ । ପ୍ରମାଣ ନଷ୍ଟ କରିବା ପାଇଁ କାଉଣ୍ଟର ବସିଥିବା କର୍ମଚାରୀ ଜଣକ ଏହାକୁ ଖାଇ ଦେଇଥିଲେ । ଯୁବକଙ୍କୁ କୌଣସି ରସିଦ ବିଲ ଓ ଏକ୍ସପାରୀ ତାରିଖ ସମ୍ପର୍କରେ ଲେଖା ଦେଇନଥିଲେ । ଏବେ ଲଘୁଚାପ ଜନିତ ବର୍ଷା ଯୋଗୁ ଅନେକ ସ୍କୁଲର ଛାତ୍ରଛାତ୍ରୀ ଏହି ବେକାରୀରୁ ପାଉଁରୁଟି ନେଉଥିବା ଦେଖିବାକୁ ମିଳିଛି । ନିକଟରେ ଥିବା ଡିଏଭି ସ୍କୁଲର ଛାତ୍ରଛାତ୍ରୀ ମାନେ ଏହି ଖୁଚୁରା ବେକାରୀ ଷ୍ଟଲରୁ ବିଭିନ୍ନ ବିସ୍କୁଟ ଓ କେକ୍ ଖାଉଥିବା ଦେଖିବାକୁ ମିଳୁଛି । ସେହି ବାଟଦେଇ ଚକ୍ରତୀର୍ଥ ରୋଡରୁ ଆସୁଥିବା ପର୍ଯ୍ୟଟକ ମାନେ ଏଠାରୁ କେକ୍ ଓ ବିସ୍କୁଟ ନେଉଛନ୍ତି । ସିଡିଏମଓ କାର୍ଯ୍ୟାଳୟରେ ଥିବା ଖାଦ୍ୟ ନିରାପତ୍ତା ଅଧିକାରୀ କିମ୍ବା ମହାନଗର ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଏହାକୁ ଯାଞ୍ଚ କରୁନଥିବା ଅଭିଯୋଗ ହେଉଛି । ଯୁବକଙ୍କୁ କାଉଣ୍ଟର ମ୍ୟାନେଜର ଓ କର୍ମଚାରୀ ଧମକ ଚମକ ଦେଇଥିବା ଅଭିଯୋଗ ହୋଇଛି । ଅସ୍ୱାସ୍ଥ୍ୟକର ପରିବେଶ ଓ ନିମ୍ନ ମାନର କଞ୍ଚାମାଲ ବ୍ୟବହାର ଯୋଗୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ବୁଦ୍ଧିଜୀବୀଙ୍କ ମହଲରେ ଆଲୋଚନା ହେଉଛି ।

ଜିଲ୍ଲାରେ ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର ଅଭିଯାନ ଶୁଭାରମ୍ଭ

ପୁରୀ(ବ୍ୟୁରୋ): ଆଜି ପୂର୍ବାହ୍ନରେ ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର' ବିଷୟବସ୍ତୁ ସହିତ ୧୨ ସେପ୍ଟେମ୍ବର ୨୦୨୬ ରେ ଅନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ - ୨୦୨୬ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ୧୨ ରୁ ୧୯ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ସପ୍ତାହବ୍ୟାପୀ ଉପକୂଳ ସଫେଇ ଅଭିଯାନର ଶୁଭାରମ୍ଭ ହୋଇଛି । ସ୍ୱଚ୍ଛ ଏବଂ ପ୍ରଦୂଷଣମୁକ୍ତ ବେଳାଭୂମିର ଗୁରୁତ୍ୱ ଏବଂ ଉପକୂଳ ପରିବେଶ ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଓଡ଼ିଶା ପର୍ଯ୍ୟଟନ ଦ୍ୱାରା ପୁରୀ ଜିଲ୍ଲା ପ୍ରଶାସନର ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ସ୍ୱଚ୍ଛତା ଅଭିଯାନର ଅଂଶ ସ୍ୱରୂପ ପ୍ରାୟ ୧୦୦ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଅଧିକାରୀ, ସ୍ୱେଚ୍ଛାସେବକ, ଛାତ୍ର ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ସଦସ୍ୟଙ୍କ ସହିତ ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ବେଳାଭୂମି ଅଞ୍ଚଳରୁ ପ୍ଲାଷ୍ଟିକ୍ ଅଳିଆ, ପରିତ୍ୟକ୍ତ ସାମଗ୍ରୀ ଏବଂ ଅନ୍ୟାନ୍ୟ ଆବର୍ଜନା ସଂଗ୍ରହ କରିବା ଏବଂ ଏହାର ଉପଯୁକ୍ତ ବିସ୍ଥାପନ ସୁନିଶ୍ଚିତ କରିବାରେ ଅତ୍ୟନ୍ତ ଉତ୍ସାହ ଏବଂ ସମର୍ପିତତା ଦେଖାଇଥିଲେ ।

ରକ୍ତଦାନ ଶିବିର ଅନୁଷ୍ଠିତ

ପୁରୀ(ବ୍ୟୁରୋ): ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ସାମାଜିକ ସଂଗଠନ ସମର୍ପଣ ଏବଂ ଏଆର ଫୋର୍ସ ଆସୋସିଏସନ, ଓଡ଼ିଶା ପୁରୀ ଜିଲ୍ଲା ଶାଖାର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସମର୍ପଣ ର ସଭାପତି ଡକ୍ଟର ଅଭିମନ୍ୟୁ ଭୂୟାଁ ଓ ସମ୍ପାଦିକା ଜୟନ୍ତୀ ମହାପାତ୍ର ଏବଂ ଏଆର ଫୋର୍ସ ଜିଲ୍ଲା ଶାଖାର ସଭାପତି ଅବନୀ ବଲୁଭ ଦତ୍ତ ଓଉ ସମ୍ପାଦକ ଗୁରୁ ନାରାୟଣ ଭଞ୍ଜ ପ୍ରମୁଖ ମିଳିତ ଭାବେ ଶିବିରକୁ ଉଦଘାଟନ କରିଥିଲେ । ଶିବିରରେ ତିରିଶ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ରକ୍ତଦାତା ମାନଙ୍କୁ ଉଭୟ ଅନୁଷ୍ଠାନ ପକ୍ଷରୁ ପ୍ରସଂଶା ପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ରେଡକ୍ରସ ଶାଖା ର କାର୍ଯ୍ୟକାରୀ କମିଟି ସଦସ୍ୟ ଶ୍ୟାମ ପ୍ରକାଶ ସେନାପତି ଓ ମଧୁମିତା ମହାପାତ୍ର ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିବାବେଳେ ଉଭୟ ଅନୁଷ୍ଠାନରୁ ଶ୍ରୀଧର ଜେନା, ବିଶ୍ୱନାଥ ମିଶ୍ର, ବିରଞ୍ଚି ନାରାୟଣ ତ୍ରିପାଠୀ, ବି.ଏନ.ପାଲ, ରମାକାନ୍ତ ଭତ୍ରୁଜିତ, ନୀହାର କୁମାର ରଥ, ଶିବରାମ ସେନାପତି, ଚାରୁଲତା ଦାସ, ହୃଷିକେଶ ପ୍ରଧାନ, ସୌମ୍ୟ ରଞ୍ଜନ ପାତ୍ର, ଶାନ୍ତିଲତା ପ୍ରଧାନ, ଗୋବିନ୍ଦ ପାତ୍ର, ଅଜୟ କୁମାର ପ୍ରଧାନ, କେଦାର ନାଥ ମହାପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

ବର୍ଷାରେ ଭିଜିଲା ରାସ୍ତା, ହେଲେ ଭିଜିଲା ନାହିଁ ସଂକଳ୍ପ

୧୬୬ ଦିନ ପରେ ବି ଅଧିକାର ପାଇଁ ଜାରି ରହିଛି ଅହିଂସାର ପଦଯାତ୍ରା

ପୁରୀ(ବ୍ୟୁରୋ): ଝିପିଝିପି ବର୍ଷାରେ ରାସ୍ତା ଭିଜୁଥିଲା, ହେଲେ ପୁରୀବାସୀଙ୍କ ସଂକଳ୍ପ ଭିଜିନଥିଲା । ଶ୍ରୀମନ୍ଦିରରେ ପୁରୀବାସୀଙ୍କ ପାଇଁ ସହଜ, ସ୍ୱତନ୍ତ୍ର ଓ ସମ୍ମାନଜନକ ଦର୍ଶନ ବ୍ୟବସ୍ଥାର ଦାବିରେ ଚାଲିଥିବା ସଚେତନତା ପଦଯାତ୍ରା ଆଜି ୧୬୬ ଦିନରେ ପହଞ୍ଚିଛି । ପାଗ ଅନୁକୂଳ ନଥିବା ସତ୍ତ୍ୱେ ପଦଯାତ୍ରୀ ସତ୍ୟାଗ୍ରହୀମାନେ ନିଜର ଦାବି ଓ ସଂକଳ୍ପରୁ ପଛକୁ ହଟିନାହାନ୍ତି । ଗତ ୧ ଏପ୍ରିଲରୁ ଭକ୍ତ ସାଲବେଗ ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ପ୍ରତିଦିନ ପୁରୀବାସୀଙ୍କ ଅଧିକାର ଓ ଭାବନାର ସ୍ୱରକୁ ଆହୁରି ଦୃଢ଼ କରୁଛି । ଶ୍ରୀମନ୍ଦିର କେବଳ ଏକ ଧାର୍ମିକ ପୀଠ ନୁହେଁ; ପୁରୀର ସାମାଜିକ ଜୀବନ, ପରମ୍ପରା, ସଂସ୍କୃତି ଓ ଜନମାନସ ସହ ଏହାର ଗଭୀର ସମ୍ପର୍କ ରହିଛି । ଏହି ଐତିହ୍ୟ ଓ ଭାବନାକୁ ଦୃଷ୍ଟିରେ ରଖି ପୁରୀବାସୀଙ୍କ ପାଇଁ ସ୍ଥାୟୀ ଦର୍ଶନ ବ୍ୟବସ୍ଥା କରିବାକୁ ଦାବି ହୋଇଆସୁଛି । ଆଜି ବର୍ଷା ମଧ୍ୟରେ ଭକ୍ତ ସାଲବେଗ ପୀଠରେ ସତ୍ୟାଗ୍ରହୀମାନେ ଏକତ୍ରିତ ହୋଇଥିଲେ । ସେଠାରୁ ଶାନ୍ତିପୂର୍ଣ୍ଣ ଭାବେ ପଦଯାତ୍ରା କରି ଶ୍ରୀମନ୍ଦିର ଅଭିମୁଖେ ଯାଇଥିଲେ । ପରେ ପତିତପାବନଙ୍କ ଦର୍ଶନ କରି ପୁରୀବାସୀଙ୍କ ଦାବିର ଶୀଘ୍ର ସମାଧାନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା । ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "ଆଜି ଝିପିଝିପି ବର୍ଷା ମଧ୍ୟରେ ୧୬୬ ଦିନରେ ଆମ ପଦଯାତ୍ରା ପହଞ୍ଚିଛି । ପ୍ରତିକୂଳ ପାଗ ଆମକୁ ରୋକି ପାରିନାହିଁ, କାରଣ ଏହା କେବଳ ଏକ ପଦଯାତ୍ରା ନୁହେଁ, ଏହା ପୁରୀବାସୀଙ୍କ ଭାବନା ଓ ନ୍ୟାୟସଙ୍ଗତ ଦାବିର ସ୍ୱର। ଆମେ କାହାର ବିରୋଧୀ ନୁହେଁ। ଶାନ୍ତି, ସତ୍ୟ ଓ ଅହିଂସାର ପଥରେ ରହି ସରକାରଙ୍କ ନିକଟରେ ଆମ ଦାବି ରଖୁଛୁ। ସରକାର ପୁରୀବାସୀଙ୍କ ଦାବି ପ୍ରତି ସମ୍ବେଦନଶୀଳ ହୋଇ ଏକ ସ୍ଥାୟୀ ସମାଧାନର ବ୍ୟବସ୍ଥା କରନ୍ତୁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଅହିଂସାପୂର୍ଣ୍ଣ ସତ୍ୟାଗ୍ରହ ଜାରି ରହିବ।" ସତ୍ୟାଗ୍ରହୀମାନେ କହିଛନ୍ତି ଯେ ଏହି ଅଭିଯାନ କୌଣସି ଦଳ, ନେତା କିମ୍ବା ବ୍ୟକ୍ତିବିଶେଷଙ୍କ ବିରୋଧରେ ନୁହେଁ। ଗଣତାନ୍ତ୍ରିକ ପଦ୍ଧତିରେ ନିଜର ଦାବି ଜଣାଇବା ଓ ଏକ ସ୍ଥାୟୀ ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ହିଁ ଏହି ଆନ୍ଦୋଳନର ଉଦ୍ଦେଶ୍ୟ। ବର୍ଷା, ରୋଦ କିମ୍ବା ଅନ୍ୟାନ୍ୟ ପ୍ରତିକୂଳତା—କୌଣସି ପରିସ୍ଥିତିରେ ମଧ୍ୟ ଅହିଂସାର ପଥରୁ ବିଚ୍ୟୁତ ନ ହେବାକୁ ସେମାନେ ସଂକଳ୍ପବଦ୍ଧ । ଆଜିର ପଦଯାତ୍ରାରେ ସର୍ବଶ୍ରୀ ଶିବସୁନ୍ଦର ମିଶ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ସୁକାନ୍ତ ପଣ୍ଡା, ଯାଦବାନନ୍ଦ ରାୟ, ମନୋରଞ୍ଜନ ରଣସିଂହ, ଶିଶିରକାନ୍ତ ଶତପଥୀ, ଗଦାଧର ମହାରଣା, ପ୍ରଣତୀ ରାୟ, ମମତା ସ୍ୱାଇଁ, ପ୍ରକାଶ ଚନ୍ଦ୍ର ନାୟକ, କାଶୀନାଥ ସାହୁ, ଅମ୍ରିତ ସାମନ୍ତରାୟ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ଯୋଗଦେଇଥିଲେ । ୧୬୬ ଦିନ ଧରି ଚାଲିଥିବା ଏହି ପଦଯାତ୍ରା ଏବେ ପୁରୀବାସୀଙ୍କ ଦୃଢ଼ ଇଚ୍ଛାଶକ୍ତିର ଏକ ପ୍ରତୀକ ହୋଇଛି । ଆଜିର ଝିପିଝିପି ବର୍ଷା ଯେପରି ଏହି ସଂକଳ୍ପକୁ ଆହୁରି ଦୃଢ଼ କରିଦେଇଛି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସତ୍ୟ, ଅହିଂସା ଓ ଶାନ୍ତିର ପଥରେ ଏହି ପଦଯାତ୍ରା ଅବ୍ୟାହତ ରହିବ ବୋଲି ସତ୍ୟାଗ୍ରହୀମାନେ ପୁନର୍ବାର ଘୋଷଣା କରିଛନ୍ତି ।

ଜଗନ୍ନାଥ ଯେବେଠାରୁ ଡାଲେମା ସେବେଠାରୁ :ସେବାୟତ

ଉତ୍ତରପ୍ରଦେଶ ସରକାର ପାଗଳ ହୋଇ ଯାଇଛନ୍ତି :ସେବାୟତ

ପୁରୀ(ବ୍ୟୁରୋ): ଡାଲେମା ଶବ୍ଦ ବା ଡାଲେମା ବ୍ୟଂଜନର ସୃଷ୍ଟି ହେଉଛି ଶ୍ରୀମନ୍ଦିର । ଯାହା କି ଜଗନ୍ନାଥ ମହାପ୍ରଭୁଙ୍କ ଭୋଗ ମହାପ୍ରସାଦ ମଧ୍ୟରେ ଅନ୍ୟତମ । ଶାସ୍ତ୍ରୀୟ ପ୍ରମାଣ ଓ ସ୍କନ୍ଦ ପୁରାଣରେ ବି ଡାଲମା ସମ୍ପର୍କରେ ବର୍ଣ୍ଣିତ ରହିଛି । ତେଣୁ ଉତ୍ତରପ୍ରଦେଶରେ ଯେଉଁ ଡାଲମା ତାଙ୍କର କୁହାଯାଉଛି ତାହା ହେଲେ ମକାର ଡାଲି । ଡାଲେମା କେବଳ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପ୍ରସାଦ ଓ ମହାପ୍ରଭୁଙ୍କର ଡାଲେମା ସ୍ୱତନ୍ତ୍ର ଓ ଭିନ୍ନ ଭିନ୍ନ ପ୍ରକାରର । ମିଠା ଡାଲି , ଡାଲେମା , ବାଡିଆ ଡାଲେମା ଆଦି ଅନେକ । ତେଣୁ ସେମାନେ କେତେବର୍ଷ ହେଲା ସୃଷ୍ଟି ମହାପ୍ରଭୁଙ୍କର ମନ୍ଦିର ଓ ତାଙ୍କର ମହାପ୍ରସାଦ ହଜାର ହଜାର ବର୍ଷ ତଳୁ କାଳ କାଳ ଧରି ରହିଆସିଛି । ତେଣୁ ଆମର ଡାଲେମାକୁ ନେଇ ସେମାନେ ଡାଲି ଭଲି କିଛି ଅନ୍ୟ

ନାଁ ରଖିଥିବେ । ଡାଲେମା ଶ୍ରୀମନ୍ଦିରରେ ପୁରୀରେ ଓ ଉତ୍କଳରେ ପରିବ୍ୟାପ୍ତ ଥିବା ବେଳେ ଏବେ ପୁରୀର ଡାଲେମା ସାରା ବିଶ୍ୱରେ ପ୍ରସିଦ୍ଧ ବୋଲି କହଛନ୍ତି ଜଗନ୍ନାଥଙ୍କ ବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର । ସେପଟେ କୋଠଭୋଗ ସୁଆର ବିଶ୍ୱନାଥ ସାମନ୍ତରା କହିଛନ୍ତି ଆମର ହରଡ ଡାଲିରେ ଡାଲମା ହୋଇଥାଏ । ଉତ୍ତରପ୍ରଦେଶରେ ମୁଗର ଡାଲି ହରଡ ଡାଲ ହିଁ ଡାଲେମା ଯାହା ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଭାବେ ଭଲ ଘିଅରେ କରାଯାଏ । ତେଣୁ ଷାଠିଏ ପଉଠି ଭୋଗର ମହାପ୍ରସାଦରେ ଡାଲେମା ଶବ୍ଦ ଆଜିର ନୁହେଁ କାହି କେଉଁ ଅନାଦି କାଳରୁ ଶାସ୍ତ୍ରାଦିରେ ଉଲ୍ଲେଖ ରହିଛି । ତେଣୁ ଆଜି ସେମାନେ କହିଲେ ତାର ମୁଲ୍ୟ ନାହିଁ । ଏବେ ସେମାନେ ଡାଲେମା ନୁହେଁ ଆଉ କଣ ଶବ୍ଦ ହେଇଥିବ କିନ୍ତୁ ଆମ ଡାଲେମା ଶବ୍ଦ ବ୍ୟବହାର କରିବା ଠିକ ନୁହେଁ । ଶ୍ରୀମନ୍ଦିରରେ ଡାଲେମାରେ ନାଡି , ବିଭିନ୍ନ ପନିପରିବା , ନଡିଆ , ଘିଅ ଆଦି ପକାଯାଇ ସୁସ୍ୱାଦୁ ଡାଲେମା ହୋଇଥାଏ । ଆଉ ତାହା ଏତେ ବହଳ ଯେ କାନ୍ଥରେ ପକାଇଲେ ତାହା ଲାଗିଯିବ । ତେଣୁ ତାନାଁ ଆମର ଲୋକାଲ ଭାଷାରେ ବାଡିଆ ଡାଲମା ବୋଲି ପରିଚିତ । ତେଣୁ ମନ୍ଦିରକୁ ନେଇ ପୁର ପଲ୍ଲିରୁ ସହର ବା ବିଶ୍ୱରେ ଡାଲେମା ଆଜି ସବୁଠି ପରିବ୍ୟାପ୍ତ ବୋଲି କହିଛନ୍ତି କୋଠଭୋଗ ସୁଆର ।

ଅନୁଦାନପ୍ରାପ୍ତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ସାଂଗଠନିକ ବୈଠକ

ପୁରୀ(ବ୍ୟୁରୋ): ଜିଲ୍ଲା ୬୬୨ ବର୍ଗ ମହାବିଦ୍ୟାଳୟ ସଂଗଠନ ଆହ୍ୱାନ କ୍ରମେ ଏକ ସାଙ୍ଗଠନିକ ବୈଠକ ଓ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ପୁରୀ ମହିଳା ଉଚ୍ଚ ମଧ୍ୟମିକ ବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିଶ୍ୱନାଥ ବଳିୟାରସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ରାଜ୍ୟ ସଂଗଠନର ସଭାପତି ଶ୍ରୀଯୁକ୍ତ ଗୋଲକ ନାୟକ, +୩ ସମ୍ପାଦକ ଡ଼ଃ ଗଗନ ବେଉରା, ରାଜ୍ୟ କୋଷାଧକ୍ଷ ଶ୍ରୀଯୁକ୍ତ ରଞ୍ଜନ କୁମାର ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା ସଭାପତି ଡ଼ଃ ତପନ କୁମାର ଜେନା ଉପସ୍ଥିତ ରହି ପୁରୀ ଜିଲ୍ଲାର ବିଭିନ୍ନ କଲେଜରୁ ଆସିଥିବା ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଉଦବୋଧନ ଦେବା ସହିତ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପଦୋନ୍ନତୀ, ପେନସନ ଓ ଚାକିରୀ ସର୍ତ୍ତାବଳୀ ଦାବିକୁ ନେଇ ଆଗାମୀ ସେପ୍ଟେମ୍ବର ୨୨ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଆନ୍ଦୋଳନରେ ବିପୁଳ ସଂଖ୍ୟାରେ ଯୋଗଦେବା ନିମନ୍ତେ ଉପସ୍ଥିତ ସମସ୍ତ କର୍ମଚାରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଉକ୍ତ ସଭାରେ ଡେମନଷ୍ଟ୍ରେଟର ସଂଘ, ଲାଇବ୍ରେରୀଆନ ସଂଘ, ପି.ଇ.ଟି ସଂଘ, କିରାଣୀ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସଂଘର ନେତୃସ୍ଥାନୀୟ ପ୍ରତିନିଧିମାନେ ଉପସ୍ଥିତ ରହି ସେମାନଙ୍କର ସାହାଯ୍ୟ ଓ ସହଯୋଗ ମୂଳ ୬୬୨ ସଂଗଠନ ସହିତ ରହିଛି ଓ ଭବିଷ୍ୟତରେ ରହିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ଜିଲ୍ଲା ସଭାପତି ଡ଼ଃ ଜ୍ୟୋସ୍ନାରାଣୀ ବଡ଼ିଆ, ସମ୍ପାଦକ ଶ୍ରୀ ସୁରତ କୁମାର ସ୍ୱାଇଁ, ଉପ ସଭାପତି ପ୍ରଦୀପ୍ତ କୁମାର ମହାନ୍ତି,ଅଧକ୍ଷ ଡ଼ଃ ପ୍ରକାଶ କୁମାର ଜେନା, ରତିକାନ୍ତ ଓଝା, ବିଜୟ କୋଦ୍ଦମା ସିଂ, ଗଦାଧର ଶତପଥୀ ଓ ବିଭିନ୍ନ ମହାବିଦ୍ୟାଳୟ ମାନଙ୍କରୁ ଆସିଥିବା ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନଙ୍କ ଉପସ୍ଥିତିରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା ।

ଆନ୍ତର୍ଜାତିକ ଉପକୂଳ ପରିଷ୍କରଣ ଦିବସ କାର୍ଯ୍ୟକ୍ରମ ପାଇ ପଦକ୍ଷେପ

ପୁରୀ(ବ୍ୟୁରୋ): କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ ଆନ୍ତର୍ଜାତିକ ଉପକୂଳ ପରିଷ୍କରଣ କାର୍ଯ୍ୟକ୍ରମ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆରମ୍ଭ କରାଯାଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରାଥମିକରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ପ୍ରତି ବିଦ୍ୟାଳୟରେ ' ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର' ବିଷୟବସ୍ତୁକୁ ଆଧାର କରି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ବିଦ୍ୟାଳୟ ସ୍ତରରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଛି । ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୨ ରୁ ୧୯ ତାରିଖ ପର୍ଯ୍ୟନ୍ତ ପରିଚାଳିତ ହେବ । ଏହି ଅବଧି ମଧ୍ୟରେ ପୁରୀ ଜିଲ୍ଲାର ଅନ୍ତରଙ୍ଗର ଜାହାନିଆ ଠାରୁ ବ୍ରହ୍ମଗିରି ର ମା ହରଚଣ୍ଡୀଙ୍କ ପୀଠ ମଧ୍ୟରେ ଥିବା ସାମୁଦ୍ରିକ ବେଳାଭୂମିର ଭିନ୍ନ ଭିନ୍ନ ଦିବସରେ ବିଭିନ୍ନ ସ୍ଥାନର ପରିଷ୍କରଣ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା କରାଯିବା ସହ ଆସନ୍ତା ତା ୧୨ ରିଖ ରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବରିଷ୍ଠ ଓ କନିଷ୍ଠ ଦୁଇ ଗୋଟି ବିଭାଗରେ ପ୍ରତି ବ୍ଲକ୍ ସ୍ତରରେ ଚିତ୍ରାଙ୍କନ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଉପରୋକ୍ତ ବିଷୟବସ୍ତୁ କୁ ନେଇ କରାଯିବା ପାଇଁ ସ୍ଥିର କରାଯାଇଛି । ଏତଦ୍ ବ୍ୟତୀତ ବିଭିନ୍ନ ଶୋଭାଯାତ୍ରା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠାନ ପାଇଁ ମଧ୍ୟ ପଦକ୍ଷେପ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଛି ।ଏହି ସମସ୍ତ କାର୍ଯ୍ୟକ୍ରମ ପୁରୀ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତ୍ରୟ ଶ୍ରୀ ଦ୍ୱିତୀକାନ୍ତ ପ୍ରଧାନ, ଭବମ୍ ପ୍ରଧାନ ଓ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ୍ ଙ୍କ ପରିଚାଳନା ତଥା ଜିଲ୍ଲାର ସମସ୍ତ ବିଇଓ , ପ୍ରଧାନ ଶିକ୍ଷକ ଓ ମହାବିଦ୍ୟାଳୟର ଅଧକ୍ଷ ମାନଙ୍କ ସହାୟତାରେ ସମାହିତ କରାଯିବାର ବ୍ୟବସ୍ଥା କରାଯାଇଛି । ଜିଲ୍ଲାର ଉପକୂଳସ୍ଥ ପ୍ରାୟ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କର ଛାତ୍ରଛାତ୍ରୀ ଓ ଶିକ୍ଷକ -ଶିକ୍ଷୟିତ୍ରୀ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ମିଠା ପରେ ଫଳଦାମରେ ଲଗାମ ନାହିଁ

ପୁରୀ(ବ୍ୟୁରୋ): ଆସୁଛି ପାର୍ବଣ ଋତୁ। ଏଥିପାଇଁ ଗାଁ ରୁ ସହର ସବୁଠି ଉତ୍ସାହର ମାହୋଲ। କିନ୍ତୁ ଏହି ଉତ୍ସାହକୁ

ଗଣେଶ ପୂଜା ସ୍ୱତନ୍ତ୍ର

୧୪.୯.୨୦୨୬

ଶ୍ରୀ ଗଣେଶ ଚତୁର୍ଥୀ

ଅରୁଣିମା ନନ୍ଦ

ଭାଦ୍ରବ ମାସ ର ଶୁକ୍ଳ ଚତୁର୍ଥୀ
ପୂଜି ଥାଉ ପ୍ରଭୁ ପାଦେ କରି ପ୍ରଣତି ।।
ତୁମ ଜନ୍ମ ତିଥି ଆଜି ଆନିତ
ପୂଜୁଛି ପରା ଏ ସାରା ଜଗତ ।।
ଆଦ୍ୟ ପୂଜା ପ୍ରଭୁ ଶ୍ରୀ ଗଣେଶ
ବିଘ୍ନ ଦୂର କର ବିଘ୍ନ ନାଶକ ।।
ଗିରିଜା ନନ୍ଦନ ପ୍ରଭୁ ଗଜାନନ
ମୂଷିକ ବାହନ ପ୍ରଭୁ ତୁମେ ଲମ୍ବୋଦର ।।
ସିଦ୍ଧି ପ୍ରଦାୟକ ପ୍ରଭୁ ବିନାୟକ
ଶଙ୍କର ନନ୍ଦନ ଆହେ ବିଘ୍ନେଶ ।।
ଦୂର ହେଉ ପ୍ରଭୁ ଜଗତ ର ଦୁଃଖ
ସଭିଙ୍କ କପାଳେ ଲେଖି ଦିଅ ସୁଖ ।।

ସମାଜସେବୀ, ପୁରୀ
ମୋ: ୯୮୬୧୪୫୨୪୫୯

ବକ୍ରତୁଣ୍ଡ ମହାକାୟ

ରାମଚନ୍ଦ୍ର ବେହେରା

ଗଉରୀ ନନ୍ଦନ ପ୍ରଭୁ ଗଜାନନ
ବକ୍ରତୁଣ୍ଡ ମହାକାୟ
ଜନ୍ମ ଜୟନ୍ତୀରେ ଆସ ଅବତରି
ବିଶ୍ୱ ହେଉ ମଧୁମୟ
ଦିଅ ଶୁଭାଶିଷ ଢାଳି
ଅଜ୍ଞନତା ଆମ ଦୂର ହୋଇଯାଉ
ଜ୍ଞାନ ଦୀପ ଉଠୁ ଜଳି ।
ତୁମ ବୁଦ୍ଧି ବଳେ ଶମ୍ଭୁ ହେଲେ ପ୍ରୀତ
ଦେବାଦେବ ବିଦ୍ୟାଦାତା
ତୁମ କୃପା ବଳେ ମୂର୍ଖ ବି ପଣ୍ଡିତ
ହୁଅର ଜଗତ ଜିତା
ତୁମ ଶୁଭ ଆଗମନେ
ଗାଆଁରୁ ସହର ଉତ୍ସବ ମୁଖର
ଦେଖି ଭକ୍ତି ଜାଗେ ପ୍ରାଣେ ।
ତୁମ ପାଇଁ ହସେ ପବିତ୍ର ଧରଣୀ
ଚଉଦିଗ ମନଲୋଭା
ନୀଳ ଗଗନରେ ମନ କିଣି ନିଏ
ଗୋଧୂଳି ସୂରୁଜ ଆଭା
ରାଶିଲହୁ ହୁଏ ଖୋଜା
ଛାତ୍ର ଛାତ୍ରୀଗଣ ଭକ୍ତି ନୈବେଦ୍ୟରେ
କରିବେ ତୁମକୁ ପୂଜା ।
ସତ୍ୟଯୁଗେ ତୁମେ ବିନାୟକ ନାମେ
ପୁରାଣରେ ଲିପିବଦ୍ଧ
ତ୍ରେତୟାରେ ତୁମେ ଶ୍ରୀଗଣେଶ ନାମେ
ଜଗତେ ହେଲ ବିଖ୍ୟାତ
ଅଗ୍ରପୂଜ୍ୟ ଦ୍ୱାପରରେ
କଳିଯୁଗେ ତୁମେ ଧୂମ୍ରକେତୁ ନାମେ
ପରିଚିତ ଘରେ ଘରେ ।
ପ୍ରଭୁ ଜ୍ଞାନଦାତା ରିଦ୍ଧିସିଦ୍ଧି ଦାତା
ଏତିକି ଗୁହାରି ମୋର
ଜ୍ଞାନ ଆଲୋକରେ ଉଦ୍ଭାସିତ ହେଉ
ଭାରତ ଦେଶ ଆମର
ଶିକ୍ଷା ଆଦରୁଛୁ ଜନେ
ଜ୍ଞାନ ଗାରିମାର ଅମୃତ ପରଶ
ଭରିଯାଉ ସର୍ବ ପ୍ରାଣେ ।

ଡେଙ୍କୁଳିପଦା, ଜଗତସିଂହପୁର
ମୋ- ୭୩୫୫୨୩୪୩୪୬

ପ୍ରଥମ ପ୍ରଣତି ଘେନ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ତୁମେ ଆଦି, ତୁମେ ଅନ୍ତ ଶୂନ୍ୟର ଶୂନ୍ୟତା
ତୁମେ ହିଁ ଚେତନା ଗ୍ରନ୍ଥେ ପ୍ରଥମ କବିତା ।
ବିଘ୍ନର ନିବିଡ଼ ସିନ୍ଧୁ ଉତ୍ତାଳ ତରଙ୍ଗେ
ତୁମେ କର୍ଣ୍ଣଧାର ସଦା ଅଭୟର ଅଙ୍ଗେ ।
ସୂର୍ଯ୍ୟ ପରି ତେଜୋମୟ, ଶଶୀ ପରି ଶାନ୍ତ
ତୁମ ଶୁଣ୍ଢେ ବାନ୍ଧିଅଛ ବିଶ୍ୱ ଭାର କ୍ଲାନ୍ତ ।
ଅନ୍ଧକାର ଗହ୍ୱରରୁ ଆଲୋକର ଡାକ
ତୁମେ ହିଁ ଚେତନା ଗଙ୍ଗା, ତୁମେ ସିଦ୍ଧିସ୍ନାତ ।
ଯେଉଁଠି ଅଟକିଯାଏ ସମୟର ସ୍ୱର
ତୁମେ ସେଠି ଶୁଭାରମ୍ଭ, ଆଦି ଓଁକାର ।
ଭଙ୍ଗା ଏକଦନ୍ତେ ତୁମେ ରଚିଥିଲ ଗାଥା
ସହ୍ୟ କରି ଜଗତର ସବୁ ଦୁଃଖ ବ୍ୟଥା ।
ଶୁଣ୍ଢେ ତୁମ ବନ୍ଧା ଅଛି କରୁଣାର ଡୋରି
ପାପ, ବିଘ୍ନ, ଗର୍ବ ସବୁ ନେଉଅଛ ହରି ।
ବିଶାଳ କର୍ଣ୍ଣେ ତୁମର ଜଗତର ସ୍ୱର,
ସହନର ସୀମା ପାରି ଶ୍ରଦ୍ଧାର ନିର୍ଝର ।
ଦନ୍ତେ ତୁମ ଲେଖାହୁଏ ଭାଗ୍ୟର ଆଲେଖ୍ୟ
ତୁମେ ଏକଦନ୍ତ ଭାବେ ସତ୍ୟର ପ୍ରତ୍ୟକ୍ଷ ।
ଗ୍ରହ, ନକ୍ଷତ୍ରର ଏହି ବିଶାଳ ସଂସାରେ,
ତୁମେ ଏକ ଶାନ୍ତ ଧ୍ରୁବ ଅଶାନ୍ତ ଅନ୍ଧାରେ ।
ସୃଷ୍ଟି, ସ୍ଥିତି, ପ୍ରଳୟର ତୁମେ ଯେ ବିଚାର
ତୁମ ବିନା ଶୂନ୍ୟ ସଦା ପ୍ରଜ୍ଞାର ଭଣ୍ଡାର ।
ହେ ମଙ୍ଗଳମୂର୍ତ୍ତି ତୁମେ ପ୍ରଜ୍ଞା-ପାରାବାର
ହୃଦୟ ଗୁହାରେ ଆଜି ପ୍ରାଣ-ଉପଚାର ।
ମୂଷିକବାହନ ହୋଇ ସିଦ୍ଧିସ୍ୱର ଦାତା
ଅହଂକାର ଦଳନର ତୁମେ ଅଭିନେତା ।
ହୃଦୟର କଳୁଷକୁ କରି ଦୂରୀଭୂତ
ଆଲୋକର ବାଟେ ସଦା ଚଳାଅ ନିରତ ।
ହେ ବିଘ୍ନହର୍ତ୍ତା, ଆହେ ପ୍ରଜ୍ଞା-ସାଗର
ମନର ସଂଶୟ ହର, ଭୟ କର ଦୂର ।
ତୁମ ଚରଣ କମଳେ ପ୍ରଣିପାତ ଆଜି
ଜୀବନର ପ୍ରତି କ୍ଷଣେ ତୁମ ସୁର ବାଜି ।
ବିଘ୍ନ ହରି ନେଇ ତୁମେ ଜାଳିଦିଅ ଦୀପ
ସତ୍ୟ, ଶିବ, ସୁନ୍ଦରର ସୁପବିତ୍ର ରୂପ ।

ନୟାଗଡ଼
ମୋ: ୯୪୩୭୬୪୨୯୪୭

ଭରିଯାଉ ମନେ ଭକତି

ନଗେନ୍ଦ୍ରନାଥ ପଟ୍ଟନାୟକ

ଗଉରୀ ନନ୍ଦନ ପ୍ରଭୁ ଗଜାନନ
ମହିମା ତୁମର ଅପାର
ବର୍ଣ୍ଣିବାକୁ ସାଧ ଅଛି ଯେ କାହାର
ତୁମ ଶୋଭା କାନ୍ତି ଆଭାର ।।
ଦେବତା ବୋଲି ତ ଜାଣନ୍ତି ସରବେ
ବିବେକ ସମୃଦ୍ଧି ବୁଦ୍ଧିର
ତୁମେ କାରୁଣିକ ତୁମେ ସିଦ୍ଧିଦାତା
ତୁମେ ତ ବିଦ୍ୟାର ସାଗର ।।
ଅପସରି ଯାଏ ଅଜ୍ଞାନ ଅନ୍ଧାର
ତୁମର କୁହୁକ ପରଶେ
ତୁମ ବିଦ୍ୟା ବିନା ଅବିଦ୍ୟା କାଳିମା
ଭରିଯାଏ ମନ-ଆକାଶେ ।।
ପ୍ରଥମେ ତୁମର ପୂଜନ ହୁଅଇ
ଅନ୍ୟ ଦିଅଁ ପରେ ପୂଜିତ
ଝରିଗଲ ତୁମ କରୁଣା-ସଲିଳ
ଦୁଃଖ ଦୂରହୁଏ ତ୍ୱରିତ ।।
ନାଶନ ହୁଅଇ ସକଳ ବିଘ୍ନ
ତୁମ ରୋଷକୋପ ଅନଳେ
ଶୁଭକାମ ସବୁ ଆରମ୍ଭ ହୁଅଇ
ତୁମ ନାମ ତୁଣ୍ଡୁ ଝରିଲେ ।।
ଗଣନାଥଙ୍କର ଜନମ ଉତ୍ସବେ
ଭରିଯାଉ ମନେ ଭକତି
ଦିଅ ପ୍ରଭୋ ବୁଦ୍ଧି ଜ୍ଞାନର ଆଲୋକ
ତୁଣ୍ଡେ ରହୁ ତୁମ ନାମଟି ।।

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,
ଓଡ଼ିଶା ସରକାର
ଓଷ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ
ଭୁବନେଶ୍ୱର,
ମୋ - ୯୪୩୮୩୩୨୧୩୮

ଜୟ ଶ୍ରୀ ଗଣେଶ

ସ୍ୱର୍ଣ୍ଣରେଖା ପଣ୍ଡା

ମାତାଙ୍କ ଶରୀର ମଳି ରୁ
ଜନମିଲ ବିଦ୍ୟାଗୁରୁ ,
ଦେବାକୁ ଆମକୁ ଜ୍ଞାନ
ବିଜେ କର ଗଜାନନ ।।
ଆସ ଆସ ଗଜାନନ
କରୁଛୁ ଆମେ ପ୍ରଣାମ,
ଭକତି ର ଅର୍ଘ୍ୟ ଦେଇ
ପୂଜିବୁ ଭକ୍ତିଭାବ ନେଇ
ଆଜ୍ଞାନୁ ଦିଅ ହେ ମୁକ୍ତି
ଏତିକି କରୁଛୁ ବିନତୀ ।।
ମାତୃଭକ୍ତ ବୋଲି ପ୍ରଭୁ
ଜଗତେ ଜାଣନ୍ତି ସବୁ.
ପିତା ମାତା ସେବା ଧ୍ୟାନ
ଜଗତେ ଅଟେ ମହାନ।।
ଶିଖାଇଛ ଭକ୍ତଗଣେ
ଅମୂଲ୍ୟ ଶିକ୍ଷା ରେ ଗଣେ ।।
ମାରିଲ ସିନ୍ଦୁରା ସୂରେ
ଉଶ୍ୱାସ ହେଲା ମହୀରେ ।।
ବିଶାଳ କାନ ତୁମର
ବେଶୀ ବେଶୀ ଶୁଣି
ମନେମନେ ଗୁଣି
ଭାବିଚିନ୍ତି ଦିଅ ଉତ୍ତର
ହେ ଲମ୍ବୋଦର ।।
ଆସିଲା ଋତୁ ଶରତ
ନିରିମଳ ଏ ଜଗତ
ଭାଦ୍ରବ ମାସ ଚତୁର୍ଥୀ
ଆସ ଆସ ଗଣପତି ,
ହରିଛ ବିଘ୍ନ ସବୁରି
ଆସ ହେ ପୁତ୍ର ଗଉରୀ
ଲଡୁ, ମୋଦକ ,ଭୋଗ
ସଜାଇ ରଖିଛୁ ଦେବ,
ପାଶ ,ଅଙ୍କୁଶ ଥାଇ
ଦୟାକର ଦୟା ବହି
ଆସ ଆସ ଧୂମ୍ର ବର୍ଣ୍ଣ
ଆନନ୍ଦେ ପାଳିବା ଜନ୍ମଦିନ ।।

ନୂଆପଡ଼ା
ମୋ: ୯୯୩୮୪୯୬୪୧୬

ଗଜାନନ ଗୀତି

ସୁଜିତ କୁମାର ମିଶ୍ର

ମରଣ ଚାତିକୁ ଆଲିଙ୍ଗନ କଲ
ମାତାଙ୍କ ସୁରକ୍ଷା ପାଇଁ,
କୁହ ଗଜାନନ ତୁମ ପରି ପୁତ୍ର
ପାରିଛିକି କେ ହୋଇ ?
ତୁମେ ଗଜାନନ ପୀରତି ଭାବର
ନିନାଦିତ ଶଂଖନାଦ,
ଏବେ ମୂଢ଼ ନର ନୀରବରେ କିଆଁ
ଅହଂକାର ବଶୟଦ ?
ଭତର ମୂଷାକୁ ଆବରିଲ ତୁମେ
ଉଦାରରେ ଗଜାନନ,
ଉଚ୍ଚତର ପ୍ରାଣୀ ହୋଇବି ମଣିଷ
ଶିଖିଲାକି ତୁମଗୁଣ ?
ଲଡୁ ପ୍ରିୟ ବୋଲି ତୁମ ପାଶେ ଲାଗେ
ଶରଧାରେ ସେଇ ଭୋଗ,
ରାଜନୀତି ଲଡୁ ନେତାଙ୍କର କିନ୍ତୁ
କ୍ଷମତାର ଭୋକରଙ୍ଗ ।
ଏଇ ଦିନେ ପ୍ରଭୁ ତୁମ ହୃଦୟରେ
ଅଗ୍ରପୂଜ୍ୟ ଗଜାନନ,
ବାକି ଦିନେ କିଆଁ କାମନାର ତାଡି
ଗଜପରି ବଳବାନ ?
ଗଜାନନଙ୍କର ବୁଦ୍ଧି ଜ୍ଞାନ ସବୁ
ପାରିଛୁ କି ହୃଦେ ବୋଲି ?
ନହେଲେ କାହିଁକି ହୀନମନ୍ୟତାରେ
ହେଉଅଛୁ କୋଳାକୋଳି ?

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ: ୭୬୮୩୮୬୭୭୪୨

ବନ୍ଦଇ ଦେବ ଗଣନାଥ

ଦୀପ୍ତି ମିଶ୍ର

ବନ୍ଦଉ ଦେବ ଗଣନାଥ,
ପର୍ବତ ନନ୍ଦିନୀଙ୍କ ସୂତ ।
ବନ୍ଦଉ ଦେବ ଗଣେଶ୍ୱର,
ତାତ ତୁମ୍ଭର ମହେଶ୍ୱର ।
ବନ୍ଦଉ ଦେବ ଗଣପତି,
ପୂଜା ତୋ କରନ୍ତି ବିଦ୍ୟାର୍ଥୀ ।
ବନ୍ଦଉ ଦେବ ଏକଦନ୍ତ,
ଦାନ୍ତ ଭାଙ୍ଗିଲେ ବୁଧ ତାତ ।
ବନ୍ଦଉ ଦେବ ବିଘ୍ନରାଜ,
ଦେବଙ୍କ ମଧ୍ୟେ ଅଗ୍ରପୂଜ୍ୟ ।
ବନ୍ଦଉ ପୃଥୁଳ ଶରୀର,
ବାହନ ତୋହର ଇନ୍ଦୁର ।
ବନ୍ଦଉ ପ୍ରଭୁ ବିଦ୍ୟାଦାତା,
ବନ୍ଦଉ ସର୍ବଶାସ୍ତ୍ର ଜ୍ଞାତା ।
ବନ୍ଦଉ ଦେବ ଗଜାନନ,
ସୁନ୍ଦର ସିନ୍ଦୁର ବଦନ ।
ବନ୍ଦଉ ଦେବ ଲମ୍ବୋଦର,
ପାଶ ଅଙ୍କୁଶ ବେନି କର ।
ବନ୍ଦଉ ବିଦ୍ୟା ବାଚସ୍ପତି,
ବିଦ୍ୟା ଆରମ୍ଭେ ତୋର ସ୍ତୁତି ।
ବନ୍ଦଉ ସିଦ୍ଧି ବିନାୟକ,
ସବୁରି ସିଦ୍ଧି ପ୍ରଦାୟକ ।
ବନ୍ଦଉ ଦେବଙ୍କର ନାହା,
ମୋଦକ ହସ୍ତ ଚଉବାହା ।
ବନ୍ଦଉ ବିଦ୍ୟାର ବାରିଧି,
ବନ୍ଦନେ ତୋର ସ୍ଥିର ବୁଦ୍ଧି ।
ବନ୍ଦଉ ଦେବ ଗଣେଶ୍ୱର,
ଗଣେଶ ଗଣଙ୍କ ଈଶ୍ୱର ।
ବନ୍ଦଉ ପ୍ରଭୁ ଗଜାନନ,
ହର ମୋ ଅବିଦ୍ୟା ଅଜ୍ଞାନ ।
ବନ୍ଦଉ ହେ ଦେବ ବିଘ୍ନେଶ,
ବିଜ୍ଞାନେ ହର ମୋ କଳୁଷ ।
ବନ୍ଦଉ ଜଗତ ବନ୍ଦନ,
ହୀନ ଅଜ୍ଞାନ ଅକିଞ୍ଚନ ।
ରିଦ୍ଧି ସିଦ୍ଧିଙ୍କ ପ୍ରାଣପତି,
ପ୍ରଭାତେ ଘେନ ମୋ ପ୍ରଣତି ।

ଶିକ୍ଷୟିତ୍ରୀ, ପୁରୀ
ମୋ: ୯୪୩୭୬୩୪୬୫୯

ସର୍ବବିଘ୍ନ ବିନାଶନ

ପ୍ରଶାନ୍ତ କୁମାର ଦାଶ

ଦିଅ ପ୍ରଭୁ ଶୁଭ ବୁଦ୍ଧି
ଦିଅ ଦିବ୍ୟ ଜ୍ଞାନ
ଅବୋଧ ବାଳକ ଆମେ
କର ବିଦ୍ୟା ଦାନ ।।
ଅଧମ ଅକ୍ଷମ ଆମେ
ଜାଣୁନା ଯେ ଭକ୍ତି
ଗଉରୀ ନନ୍ଦନ ଦେହେ
ଦିଅ ବଳ ଶକ୍ତି ।।
ତୁମଲାଗି ଦୁନିଆରୁ
ହଟିଯିବ ତମ
ଜ୍ଞାନ ବଳେ ଏ ସଂସାର
ହେବ ଶାନ୍ତି ଧାମ ।।
ବିଦ୍ୟା ବୁଦ୍ଧି ଜ୍ଞାନ ସିନ୍ଧୁ
ଆହେ ଲମ୍ବୋଦର
ହେବାକୁ ସଂସାରେ ବଡ
ଟିକେ କୃପା କର ।।
ଫୁଲହାର ଦେଇ ଗଳେ
ଯୋଡୁ ଦୁଇହାତ
ଜୀବନରେ ସତପଥ
ଦେଖାଅ ହେ ତାତ ।।
ସର୍ବ ବିଘ୍ନ ବିନାଶାନ
ଗଉରୀ ନନ୍ଦନ
ଅଗ୍ର ପୂଜ୍ୟ ମୁନି ଋଷି
ଦେବତା ବନ୍ଦନ ।।
ସବୁ ଦୁଃଖ ହେବ ନାଶ
ତବ କୃପା ବଳେ
ଖେଳିବ ସୁଖର ଛାୟା
ନୀଳ ନଭ ତଳେ ।।
ତୁମ ଶୁଭ ଜନ୍ମତିଥି
ପାଳୁ ହେଇ ଖୁସୀ
ମଥାରେ ଆଶିଷ ଦିଅ
ପ୍ରଭୁ ହସି ହସି ।।

କୁଞ୍ଜର, ସଙ୍ଗଳାଇ,
ପିପିଲି, ପୁରୀ
ମୋ: ୯୬୬୮୨୨୧୯୯୦

ଶ୍ରୀ ଗଣେଶ ବନ୍ଦନା

ପ୍ରତିଭା ଦାଶ

ହେ ଗଜାନନ ହେ ଗଣନାଥ
ବିଘ୍ନ ବିନାଶକ ଦେବ
ତବ ଶ୍ରୀପଯରେ ଭକ୍ତିଭରେ
କରୁଛୁ ଶତ ପ୍ରଣାମ ।
ହେ ବକ୍ରତୁଣ୍ଡ ହେ ମହାକାୟ
ହେ ପ୍ରଭୁ ଲମ୍ବୋଦର
ଶୁଭାଶୀଷ ତୁମ ଲାଭକଲେ
କାର୍ଯ୍ୟ ହୁଅଇ ସଫଳ ।
ହେ ଦୟାମୟ ହେ ଏକଦନ୍ତ
ହେ ପ୍ରଭୁ ମଙ୍ଗଳମୂର୍ତ୍ତୀ
ନାମ ସ୍ମରଣେ ତୁମର ପ୍ରଭୁ
ଦୂର ହୁଅଇ ବିପତ୍ତି ।
ଜୟ ଜୟ ହେ ଗଣନାୟକ
ଗଣେଶ ଗଜବଦନ
ଜ୍ଞାନ ବୁଦ୍ଧି ସିଦ୍ଧି ପ୍ରଦାନ କର
ଘେନ ହେ ଆମ ବନ୍ଦନ ।
ମୂଷିକ ବାହନ ମୋଦକପ୍ରିୟ
ଗଣାଧକ୍ଷ ଗଣାଧିପ
ଅଜ୍ଞାନ ଅନ୍ଧାର ଦୂର କରି
ଜଳାଅ ଜ୍ଞାନ ପ୍ରଦୀପ ।
ସକଳ ଶୁଭ କାର୍ଯ୍ୟରେ ପ୍ରଭୁ
ଅଗ୍ରପୂଜ୍ୟ ବିଘ୍ନହର୍ତ୍ତା
ତବ ଚରଣେ ଶତ ପ୍ରଣାମ
ବିନାୟକ ଦୁଃଖହର୍ତ୍ତା ।
ତୁମ କୃପାର ଶୀତଳ ଛାୟା
ରହୁ ସଦା ମଥା ପରେ
ସତ୍ୟ ଧର୍ମ ଓ ନ୍ୟାୟର ପଥେ
ଚାଲୁ ଆମେ ନିର୍ଭୟରେ ।
ହୃଦୟରେ ଦିଅ ଶୁଦ୍ଧ ଚିନ୍ତା
ବାଣୀରେ ଭରି ମାଧୁର୍ଯ୍ୟ
କର୍ମରେ ଦିଅ ନିଷ୍ଠା ପ୍ରଭୁ
ଜୀବନେ ପୂର୍ଣ୍ଣ ଐଶ୍ୱର୍ଯ୍ୟ ।
ରିଦ୍ଧି ଓ ସିଦ୍ଧି ସହିତେ ପ୍ରଭୁ
ବିରାଜ ହେ ଗଣନାଥ
ତବ ଆଶୀଷେ ପୂର୍ଣ୍ଣ ହେଉ
ସଭିଙ୍କର ମନୋରଥ ।
ଗୌରୀନନ୍ଦନ ଜଗତ ବନ୍ଦନ
ଦୀନବନ୍ଧୁ ଦୟାମୟ
ଶଙ୍କର ସୁମନ ଭବାନୀ ନନ୍ଦନ
ଚରଣେ ତବ ଆଶ୍ରୟ ।

ଗୁଣ୍ଡିଚା ବିହାର, ପୁରୀ
ମୋ: ୯୪୩୭୨୮୦୫୯୯

ଆସିଛି ଗଣେଶ ପୂଜା

ନିରଞ୍ଜନ ସାହୁ

ଭାଦ୍ରବ ଶୁକ୍ଳଳ ଚତୁର୍ଥୀ ଆସିଛି
ଆସ ଦେବ ଗଣପତି
ତୁମ ଚରଣରେ ପ୍ରଣାମ ବାଢୁଛୁ
ପୂଜାରେ ବଳିଛି ମତି ।
ହେ ଗଣନାୟକ ସରଗ ଧାମରୁ
ଧରାବତରଣ କର
ମୂଷିକ ବାହନ ପୃଷ୍ଠେ ଆରୋହିଣ
ଭକ୍ତିର ଭାବ ଭର
ତବ ଆଗମନେ ଧନ୍ୟ ହେବୁ ଆମେ
ଆହେ ଅଗତିର ଗତି ।
ପୂଜା ମଣ୍ଡପରେ ତବ ଆବାହନ
ବେଦ ମନ୍ତ୍ର ପାଠ ହେଉ
ଗାଆଁରୁ ସହର ଉତ୍ସବ ମୁଖର
ଅପାର ଆନନ୍ଦ ଦେଉ
ହେ ଗଜବଦନ ବିଘ୍ନ ବିନାଶନ
କର ସଙ୍କଟର ଇତି ।
ଆରାଧନା, ଉପାସନା, ଅରଚନା
ହେବ ବନ୍ଦାପନା ନୀତି
ଭକ୍ତ କଣ୍ଠରେ ନିନାଦିତ ହେବ
ଭଜନ , ଜଣାଣ ଗୀତି
ଭୋଗରାଗ ସାଥେ ପୁଷ୍ପାଞ୍ଜଳି ବାଢି
ଭକତେ କରିବେ ଭକ୍ତି ।
ସିଦ୍ଧି, ନିଧି, ବୁଦ୍ଧି, ବିଦ୍ୟା ପ୍ରଦାୟକ
କରନ୍ତୁ ଯେ ଆଶୀର୍ବାଦ
ସେ ଆଶୀର୍ବାଦରେ ଅବସାନ ହେଉ
ଜୀବନର ଅବସାଦ
ପ୍ରତି ଜୀବନର ଉନ୍ନତି କରନ୍ତୁ
ଦୂର କରି ଅବନତି ।



ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ
ମୋ: ୯୯୩୮୭୪୧୫୮୩

ପିଲାଦିନର ଗଣେଶ ପୂଜା

ଜୟଶ୍ରୀ ମୁଦ୍ରା

ଗଣେଶ ପୂଜା ଆସିବାର ଗୋଟିଏ ସପ୍ତାହ ଆଗରୁ ପାଠ ପଢ଼ାରେ ଆଉ ମନ ଲାଗେନି।ସାର୍ ବ୍ଲାକବୋର୍ଡରେ ଅଙ୍କ ଲେଖୁଥିବେ, ଆମ ଆଖି ବାହାରେ ଥିବା ବରଗଛ ଆଡକୁ। କେତେବେଳେ ଘଣ୍ଟା ପଡିବ ଆଉ ଆମେ ଡେକୋରେସନ୍ କରିବୁ। ସେ ଡେକୋରେସନ୍ ମାନେ ଏବେ ପରି ଇଭେଣ୍ଟ ମ୍ୟାନେଜର ନଥିଲା। ଘରୁ ମଇଦା ଚୋରାଇ ଆଣି ସଢ଼େଇରେ ଅଠା କରିବା, ପୁରୁଣା ଖବରକାଗଜ ଆଉ ରଙ୍ଗୀନ କାଗଜରୁ ପତାକା, ଝାଲର, ଫୁଲ କାଟିବା। ସୁତୁଲି ରେ ଅଠା ଲଗାଇ ସ୍କୁଲ ବାରଣ୍ଡାଠୁ ଗେଟ୍ ଯାଏଁ ଟାଣିବା। କାଗଜ ଛିଣ୍ଡିଗଲେ ପୁଣି ଯୋଡିବା। ସେ ବଙ୍କା ଟଙ୍କା ଝାଲର ଭିତରେ ଆମର କେତେ ଗର୍ବ ଥିଲା, ଯେମିତି ଆମେ ରାଜମହଲ ସଜାଇ ଦେଇଛୁ। ହାତରେ ଅଠା ଲାଗି ରହିବ, ଜାମାରେ ରଙ୍ଗ ଲାଗିବ, ଘରେ ମା' ଗାଳି କରିବ, ହେଲେ ସେ ଆନନ୍ଦ ଆଗରେ ଗାଳି ବି ମିଠା ଲାଗୁଥିଲା। ପୂଜା ଦିନ ସକାଳୁ ଚାରିଟାରୁ ଉଠିବା। ନୂଆ ଫ୍ରକ୍, ନୂଆ ସାର୍ଟ ପିନ୍ଧି ଚାଳପତ୍ର ଭୋଗେଇରେ ଘରୁ କଦଳୀ, ନଡିଆ, ଚୁଡାଭଜା, ଖଇ, ରାଶିକୋରା,ଫୁଲ, ଧୂପକାଠି, କର୍ପୁର ନେଇ ଖାଲି ପାଦରେ ଧାଇଁ ଧାଇଁ ସ୍କୁଲ ଯିବା। ତା'ପରେ ସେ ଦୃଶ୍ୟ - ଶଙ୍ଖ ବାଜେ, ଘଣ୍ଟ ବାଜେ, ଧୂପ ଧୂଆଁରେ ଗଣେଶଙ୍କ ମୁହଁ ଝାପସା ଦିଶେ। ପୁରୋହିତ ମନ୍ତ୍ର ପଢନ୍ତି - ଏଷ ସଚନ୍ଦନ ପୁଷ୍ପାଞ୍ଜଳି... ଆମେ ଧାଡି ହୋଇ ଛିଡା ହୋଇଥାଉ, ହାତରେ ମୁଠେ ଫୁଲ, ଦୁବ। ମନ୍ତ୍ର ଅଧା ବୁଝୁ, ଅଧା ବୁଝୁନୁ, ହେଲେ ପାଟି ବଡ କରି ଚିତ୍କାର କରି ଦିଏ

ଗଣେଶ ପୂଜା ସ୍ୱତନ୍ତ୍ର
୧୪.୯.୨୦୨୬
ଅମୃତ ଦୁନିଆ

ଗଣ ସଂସ୍କୃତିରେ ଉପାସ୍ୟ ଗଣଦେବତା

ଡକ୍ଟର ଲକ୍ଷ୍ମଣ ସାହୁ

ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ ଦିନ ସର୍ବବିଘ୍ନ ବିନାଶକ ଭାବରେ ପୂଜା ପାଆନ୍ତି ଶ୍ରୀଗଣେଶ । ପିତା ଦେବଦେବ ମହାଦେବ, ମାତା ପାର୍ବତୀଙ୍କର ପୁତ୍ର ଗଣନାଥ । ତାଙ୍କୁ ବେଦରେ ଅନାଦି ଅନନ୍ତ ରୂପେ ବର୍ଣ୍ଣନା କରାଯାଇଛି । ପ୍ରତ୍ୟେକ କାର୍ଯ୍ୟାରମ୍ଭ ତାଙ୍କରି ନାମରେ ଶ୍ରୀଗଣେଶ କରାଯାଏ । ବିଧି ଅନୁସାରେ ତାଙ୍କୁ ଆଦିଦେବ କୁହାଯାଏ । ତେଣୁ ପ୍ରତ୍ୟେକ ଶୁଭ କାର୍ଯ୍ୟ, ପୂଜା, ଲେଖାପଢ଼ା ଓ ଧାର୍ମିକ କ୍ରିୟା ଆରମ୍ଭରେ ତାଙ୍କର ଆବାହ ?ନ ପ୍ରଥମେ କରାଯାଏ । ତାଙ୍କ ଜପ, ଧ୍ୟାନର ମନ୍ତ୍ର ବେଦାନୁସାରେ - 'ନମୋ ଗଣେଭ୍ୟୋ ଗଣପତି ' ଭାବରେ ସୂଚିତ ହୋଇଛି । ଗଣେଶ ଗଜାନନ ରୂପରେ ହିଁ ସର୍ବତ୍ର ପରିଚିତ । ଗଜ ବା ହାତୀ ମୁଣ୍ଡ ଥିବା ଦେବତା ଗଜାନନ । ଶରୀର ମଣିଷର ମସ୍ତକ ହାତୀର । ଶାସ୍ତ୍ରରେ କୁହାଯାଇଛି ଉଭୟ ମଣିଷ ଓ ହାତୀର ଆୟୁ ୧୨୦ ବର୍ଷ । ଉଭୟର ଗୁଣକୁ ଏକାଠି ହେଲେ ମଣିଷ ସଫଳ ହେବ । ତେଣୁ ଗଣେଶ ନିଜେ ଏହି ରୂପ ଧାରଣ କରିଛନ୍ତି । 'ଗ'ର ଅର୍ଥ ମୋକ୍ଷ ପ୍ରାପ୍ତି ପାଇଁ ସମାଧିରେ ଥିବା ଯୋଗୀ । 'ଜ'ର ଅର୍ଥ ଜୀବନ ପ୍ରତି ସାଂସାରିକ ଦୃଷ୍ଟିକୋଣ । ଅର୍ଥାତ୍ ସଂସାର ଭିତରେ ମୋକ୍ଷ ପ୍ରାପ୍ତ ସମ୍ଭବ କରାଇପାରନ୍ତି ଗଜାନନ । ଗଣେଶ ଗଣପତି ଭାବେ ବିଦିତ । ସେ ଗଣ ବା ଲୋକଙ୍କର ଦେବତା ବା ଗଣଦେବତା । ସେ ମଧ୍ୟ ବିଘ୍ନରାଜ ବିନାୟକ। ଗଣେଶଙ୍କର ଏହିନାମର ଅର୍ଥ ବିଶେଷ ନାୟକ । ଏହାର ଅନ୍ତର୍ନିହିତ ଅର୍ଥ ହେଉଛି ଯେତେବେଳେ ପ୍ରିୟବଚନ ବା ପ୍ରାର୍ଥନାଦ୍ୱାରା ଗଣେଶଙ୍କୁ ସନ୍ତୁଷ୍ଟ କରାଯାଏ, ସେତେବେଳେ ସେ ଭକ୍ତର ରାସ୍ତାରେ ଥିବା ସବୁ ବାଧା ଦୂର କରନ୍ତି । ଅର୍ଥାତ୍ ଭକ୍ତ ଜୀବନରେ ଥିବା ବିପର୍ଯ୍ୟୟ, ସବୁ ଅମଙ୍ଗଳ, ସବୁ ବାଧା ଦୂରେଇ ଦିଅନ୍ତି । ତାଙ୍କର ସୁନ୍ଦର ଶରୀର ଧୂମ୍ରବର୍ଣ୍ଣ ,ଭାଲଚନ୍ଦ୍ର , ଲମ୍ବୋଦର ଦର୍ଶନରେ ଭକ୍ତ ସଦା ତନ୍ମୟ ହୋଇ ଉଠେ । ଲମ୍ବା ଉଦର ବା ବଡ଼ ପେଟ ଥିବାରୁ ତାଙ୍କୁ ଲମ୍ବୋଦର ବୋଲି କୁହାଯାଇଥାଏ । କିନ୍ତୁ ପ୍ରକୃତ ଅର୍ଥରେ ଲମ୍ବୋଦର ତାଙ୍କୁ ହିଁ କୁହାଯାଏ, ଯିଏ ସବୁକିଛି ଭଲ ବିଦ୍ୟା ଗ୍ରହଣ କରିପାରନ୍ତି ଓ ସାଇତି ରଖି ପାରନ୍ତି । ଗଣେଶ ପାର୍ବତୀଙ୍କ ନୂପୁରର ଶବ୍ଦଶୁଣି ସଙ୍ଗୀତ ଶିଖୁଥିଲେ । ପିତା ଶିବଙ୍କ ଡମ୍ବରୁ ଶବ୍ଦଶୁଣି ଚାରିବେଦ ଆୟତ କରିଥିଲେ । ତାଙ୍କର ଏହି ବିଶାଳ ବିદ୍ୟାର ଭଣ୍ଡାର ହେଉଛି ତାଙ୍କର ପେଟ । ତେଣୁ ତାଙ୍କ ପେଟ ଖୁବ୍ ବଡ଼ । ଗଣେଶଙ୍କ ଜନ୍ମ ବୃତ୍ତାନ୍ତକୁ ନେଇ ଅନେକ ପୌରାଣିକ କଥା ଅଛି । ସ୍କନ୍ଧ ପୁରାଣରେ ବିନାୟକ ବ୍ରତକଥା ଓ ତାର ମାହାତ୍ମ୍ୟ ବର୍ଣ୍ଣିତ ଅଛି । ଗୋମତୀ ନଦୀ କୂଳରେ ସୂତ ମୁନି ଅନ୍ୟ ଋଷିମାନଙ୍କର ଜିଜ୍ଞାସାକୁ ପ୍ରଶମନ କରି କହିଛନ୍ତି, ବିନାୟକ ବ୍ରତ ପାଳନ କଲେ ବ୍ରତଚାରୀମାନେ କାର୍ଯ୍ୟସିଦ୍ଧି, ଅର୍ଥପ୍ରାପ୍ତି ଓ ସୁତ-ସୌଭାଗ୍ୟ-ସଂପଦ ଲାଭ କରି ପାରିବେ । ଏହି ବ୍ରତର ବିଧିବିଧାନ ସ୍ୱୟଂ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଛନ୍ତି । ଏହି ବ୍ରତ ପାଳନ କରି ଯୁଧିଷ୍ଠିର ରାଜ୍ୟ ଫେରି ପାଇଥିବାରୁ ତାଙ୍କର ନାମ ସିଦ୍ଧି ବିନାୟକ ହୋଇଛି । ଶିବ ପୁରାଣ ଉଲ୍ଲେଖ ଅଛି ମାଆ ପାର୍ବତୀଙ୍କ ଅଙ୍ଗ ମଳୁଖରୁ ଜାତ ଶ୍ରୀଗଣେଶ । ମା ପାର୍ବତୀ ଅନେକ ଦିନ ଶିବଙ୍କ ଧ୍ୟାନରେ ଧ୍ୟାନରତ ଥାଇ ନଦୀକୁ ସ୍ନାନ କରି ଯାଇଥିଲେ । କେତେବେଳେ ସେ ନିଜ ଅଙ୍ଗରୁ ମଳୁଖ କାଢି ସେଥିରେ ପ୍ରତିମାଟିଏ ଗଢି ସାରିଥିଲେ ତାଙ୍କୁ ଜଣାନଥିଲା । ସଚେତନ ହେବାବେଳେ ନିଜ ହାତଗଢା ପିତୁଳାକୁ ନିଜେ ଦେଖି ଅଭିଭୂତ ହୋଇ ପଡିଥିଲେ । ମନ ଭିତରେ ଥିବା କାମନା ତାଙ୍କୁ ବିବଶ କରି ଆଶାତୁର କରିଥିଲା । ସତରେ ଏ ମଳୁଖ ତିଆରି ପ୍ରତିମାଟି ଜୀବନ୍ୟାସ ପ୍ରାପ୍ତ ହୁଅନ୍ତା କି । ଯେହେତୁ ସେ ପ୍ରତି ମୁହୂର୍ତ୍ତରେ ମହାଦେବଙ୍କ ଧ୍ୟାନରେ ମଗ୍ନ ଥିଲେ , ସେହି କାରଣରୁ ଅବିଳମ୍ବେ ପାର୍ବତୀଙ୍କର ମନୋକାମନା ସାକାର ରୂପ ନେଲା । ଏହି ଅଦ୍ଭୁତ ପୂର୍ବ ସ୍ୱୟଂ ଶିବଙ୍କୁ ମଧ୍ୟ ଅଗୋଚର ରହିଗଲା । ଯାହାଫଳରେ ପାର୍ବତୀଙ୍କୁ ଖୋଜି ଖୋଜି ଶିବଙ୍କୁ ଦିନେ ଶ୍ରୀଗଣେଶଙ୍କ ସହ ଯୁଦ୍ଧ କରି ବାଳକ ଗଣେଶଙ୍କ ମସ୍ତକ କାଟିବାକୁ ପଡିଲା । ଯେତେବେଳେ ସେ ଗଣେଶଙ୍କ ପରିଚୟ ପାଇଲେ ହତବିମ୍ବ ହୋଇ ପଡିଲେ । କ୍ରନ୍ଦନରତା ପାର୍ବତୀ ପତିଙ୍କ ନିକଟରେ ନିଜ ମାନସ ସନ୍ତାନର ଜୀବନ ଭିକ୍ଷାକଲେ । ଫଳରେ ସ୍ୱର୍ଗବୈଦ୍ୟ ଅଶ୍ୱିନୀ କୁମାରଙ୍କ ପରାମର୍ଶ କ୍ରମେ ନନ୍ଦୀଭୃଙ୍ଗୀ ସମେତ ଅନ୍ୟ ଶିବଗଣ ମୁଣ୍ଡର ଅନୁସନ୍ଧାନରେ ଯାଇ ଛିନ୍ନ ଗଜମସ୍ତକ ଧରି ଫେରିଲେ । ଜୀବନ୍ୟାସ ପାଇବା ପରେ ଶ୍ରୀଗଣେଶ ଗଜାନନ ରୂପ ଓ ନାମରେ ବିଦିତ ହେଲେ । ସ୍କନ୍ଦ ପୁରାଣରେ ଶ୍ରୀଗଣେଶଙ୍କର ଜନ୍ମସ୍ଥାନ ରାଜସ୍ଥାନ ସ୍ଥିତ ପର୍ବତ ବୋଲି ସୂଚିତ କରାଯାଇଅଛି । ପୁରାଣ ବର୍ଣ୍ଣିତ ରହିଛି ପୁତ୍ର ପ୍ରାପ୍ତିର ବରଦାନ ପାଇବା ପରେ ପାର୍ବତୀଙ୍କୁ ସେହି ପର୍ବତରେ ପୁତ୍ର ଲାଭ କରିଥିଲେ । ଶ୍ରୀଗଣେଶଙ୍କର ଚାଳିଶାରେ ତାଙ୍କ ଜନ୍ମ ଓ ସ୍ୱରୂପକୁ ନେଇ ଭିନ୍ନ କଥା ରହିଅଛି । ଶିବଙ୍କ ବରଦାନ ହେତୁ ମାତା ପାର୍ବତୀଙ୍କୁ ପୁତ୍ର ପ୍ରାପ୍ତି ହେଲା ଓ ଜନ୍ମ ମାତ୍ରରେ ଅପୂର୍ବ ତେଜୋଦୀପ୍ତ ଶିଶୁକୁ ଦେଖିବା ପାଇଁ ସକଳ ଦେବଦେବୀ ଆସି ସେଠାରେ ପହଞ୍ଚିଲେ । ସେତେବେଳେ ? ଗ୍ରହରାଜ ଶନି ତେଜୋଦୀପ୍ତ ଶିଶୁଟିକୁ ଦେଖିବାକୁ ନଯାଇ ଦୂରରୁ 'କଲ୍ୟାଣମସ୍ତୁ' କାମନା କରି ଅଟକି ରହିଥିଲେ । ଏକଥା ପାର୍ବତୀ ଜାଣିବା ପରେ ନିଜେ ଆସି ଗ୍ରହରାଜଙ୍କୁ ତାଙ୍କ ପୁତ୍ରର ଦର୍ଶନ ଆଗ୍ରହ ପ୍ରକାଶ କଲେ । ଗ୍ରହରାଜ ଶନି ନିଜ ଦୃଷ୍ଟିର ପରିଣାମ ବିଷୟରେ ଯେତେ ସୂଚାଇଲେ ମଧ୍ୟ ପାର୍ବତୀଙ୍କ ଆଗ୍ରହ ଆଗରେ ତାହା ଫିକା

ପଡ଼ିଯାଇଥିଲା । ଫଳରେ ଶନିଦେବଙ୍କ ଆଖିର ପଲକପାତ ମାତ୍ରେ ଶିଶୁ ଗଣେଶଙ୍କ ମୁହଁଟି ଭସ୍ମ ପ୍ରାୟ ହୋଇଗଲା । ମସ୍ତକହୀନ ଭାବରେ ନବଜାତ ସନ୍ତାନକୁ ଦେଖି ଉପସ୍ଥିତ ସବୁ ଦେବଦେବୀ ବିସ୍ମୟ, ହତବାକ୍ , ବିଚଳିତ ଓ ମ୍ରିୟମାଣ ହୋଇପଡ଼ିଥିଲେ । ଶେଷରେ ବିଷ୍ଣୁଙ୍କ ବାହାନ ଗରୁଡ ତ୍ରିଲୋକ ପରିକ୍ରମା ପୂର୍ବକ ଖୋଜି ଖୋଜି ହାତୀ ମୁଣ୍ଡଟିଏ ଧରି ଫେରିବା ପରେ ଯୋଡ଼ାଗଲା ଓ ଗଣନାଥଙ୍କୁ ଗଜାନନ ବେଶରେ ସର୍ବ ଦେବଦେବୀ ଦର୍ଶନ କରିବାର ସୌଭାଗ୍ୟ ଲାଭ କଲେ । ଋଗ୍‌ବେଦ ଦ୍ୱିତୀୟ ମଣ୍ଡଳାନୁସାରେ ଗଣନାଥ ଗଣେଶ ଉପାସନାର ପ୍ରାଚୀନତମ ନିଦର୍ଶନ ସୂଚନା ମିଳେ। ଏହି ସୂକ୍ତରେ ଶ୍ରୀଗଣେଶଙ୍କୁ ସର୍ବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ, କବିମାନଙ୍କ ମଧ୍ୟରେ ବରେଣ୍ୟ ତଥା ଜ୍ୟେଷ୍ଠ ଓ ଶ୍ରେଷ୍ଠ ରୂପରେ ପ୍ରତିପାଦନ କରାଯାଇଛି । ସେଭଳି ଯଜୁର୍ବେଦରେ ମଧ୍ୟ ଋଗ୍?ବେଦ ସୂକ୍ତର ଏକ ଭିନ୍ନ ରୂପ ପରିଲକ୍ଷିତ ହୁଏ । ତେଣୁ ଭାରତୀୟ ଧର୍ମ ଧାରାରେ ବୈଦିକ କାଳରୁ ଶ୍ରୀଗଣପତିଙ୍କ ଉପାସନାର ଉନ୍ମେଷ ଘଟିଥିବା ଜଣାଯାଏ । ବୈଦିକ ମନ୍ତରେ ଗଣପତିଙ୍କୁ ସର୍ବ ସିଦ୍ଧଦାତା, ଋଦ୍ଧି ସିଦ୍ଧିଦାତା, ସର୍ବ ମଙ୍ଗଳ ମୟ ରୂପେ ସ୍ତୁତି କରାଯାଇଛି । ସାମ୍ ବେଦୀୟ ବିନାୟକ ସଂହିତା, ମୈତ୍ରାଣୀ ସଂହିତା, ଯଜୁର୍ବେଦୀୟ ସଂହିତା ପ୍ରଭୃତିରେ ବିଘ୍ନ ବିନାଶନ ଗଣପତିଙ୍କ ମନ୍ତର ଉଲ୍ଲେଖ ଅଛି । ଉପନିଷଦରେ ଗଣପତିଙ୍କୁ ସର୍ବ ଶକ୍ତିମାନ କୁହାଯାଇଛି । ଗଣପତିଙ୍କୁ ମଧ୍ୟ ପରଂବ୍ରହ୍ମଙ୍କ ପ୍ରତୀକ ରୂପେ ଚିହ୍ନିତ କରାଯାଇଛି । ଗଣପତି ଉପନିଷଦରେ ବ୍ରହ୍ମ ଉପାସନାର ତତ୍ତ୍ୱ ପରିଦୃଷ୍ଟ । ନିଗମ ଓ ଆଗମ ଉଭୟ ପରମ୍ପରାରେ ଗଣପତି ଏକ ମହତ୍ତ୍ୱପୂର୍ଣ୍ଣ ଶ୍ରେଷ୍ଠ ଦେବତାର ଆସନ ଅଳଙ୍କୃତ କରି ଆସୁଛନ୍ତି । ସୃଷ୍ଟି ଶାସ୍ତ୍ରରେ ପ୍ରଭୁ ଗଣପତିଙ୍କୁ ହବିର୍ଭୋକ୍ତା ଯଜ୍ଞ ଦେବତା ରୂପେ ଚିତ୍ରଣ କରାଯାଇ ଗାଣପତ୍ୟାଗ୍ନିର ସଂସ୍କାର ବିଧି ଓ ହୋମ କାର୍ଯ୍ୟ ସଂପାଦନ କରାଯାଉଥିବା ବିଧି ରହିଛି । ଗଣପତି ଉପାସନାର ଉତ୍ତରଣ ଫଳରେ ଗାଣପତ୍ୟ ସମ୍ପ୍ରଦାୟର ଉନ୍ମେଷ ଘଟିଛି । ଯାହା ଫଳରେ ସେମାନଙ୍କ ଲେଖନୀ ଚାଳନାରେ ବିଭିନ୍ନ ସ୍ତବ, ସ୍ତୋତ୍ର, କବଚ, କୀଳକ, ପଟଳ ଓ ପୁରାଣାଦି ବର୍ଣ୍ଣିତ ହୋଇଛି । ସେ ଏକ ଦନ୍ତ, ଚତୁର୍ଭୁଜ, ପାଶ-ଅଙ୍କୁଶ ଅଭୟ ଓ ବରଦ ମୁଦ୍ରାଧାରୀ, ରକ୍ତ ବସ୍ତ୍ରଧାରୀ ରୂପେ ଚିତ୍ରିତ ହୋଇ ପୂଜା ପାଇଆସୁଛନ୍ତି । ସକଳ ବିଘ୍ନ ହରଣ ନିମିତ୍ତ ଭକ୍ତମାନେ ସଭକ୍ତି ପ୍ରଣାମ ପୂର୍ବକ ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତି । କାଳ କ୍ରମେ ଶକ୍ତି ଉପାସନା ସହିତ ଗଣପତି ପୂଜାର ମିଳନ ଘଟିଛି । ଭାରତର ବିଭିନ୍ନ ଶକ୍ତି ପୀଠଗୁଡ଼ିକରେ ମାତୃଗଣଙ୍କ ମଧ୍ୟରେ ଗଣପତି ଆରାଧିତ ହେଉଛନ୍ତି । ଓଡ଼ିଶାର ଗଞ୍ଜାମ ଜିଲା ସାନଖେମୁଣ୍ଡି ଅନ୍ତର୍ଗତ କଙ୍କୋରଡାସ୍ଥ ଶକ୍ତିପୀଠ ମା' ନାରାୟଣୀଙ୍କ ସହ ଏକତ୍ର ଆସନରେ ପୂଜା ପାଉଛନ୍ତି । ସେ ବୈଦିକ ଦେବତା ଅଗ୍ରପୂଜ୍ୟ ବିଘ୍ନ ବିନାଶକାରୀ ବିନାୟକ । ସେ ଓଁକାର ରୂପୀ, ଅଖିଳ ଜଗତରେ ସେ ଜୀବ ସ୍ୱରୂପ । ସେ ବକ୍ରତୁଣ୍ଡ ଓ ସର୍ବ କାର୍ଯ୍ୟ ସିଦ୍ଧିଦାତା ଗଣେଶ ଭାବରେ ଆରାଧିତ ହୋଇ ଆସୁଛନ୍ତି- 'ଓଁ ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟ କୋଟି ସମପ୍ରଭଃ/ ନିର୍ବିଘ୍ନଂ କୁରୁମେ ଦେବ ! ସର୍ବ କାର୍ଯ୍ୟେଷୁ ସର୍ବଦା ।' ପୁରାଣ ଯୁଗ ପରେ ବୌଦ୍ଧ ମତବାଦରେ ମଧ୍ୟ ଗଣପତି ଶ୍ରେଷ୍ଠ ଦେବତାର ଆସନ ଅଳଙ୍କୃତ କରିଛନ୍ତି । ବୌଦ୍ଧମାନେ ଗଣେଶଙ୍କୁ ପ୍ରଜ୍ଞନ୍ନ ବୁଦ୍ଧ ନାମରେ ନାମିତ କରିଛନ୍ତି । ବୌଦ୍ଧ କିୟଦନ୍ତୀ ଅନୁଯାୟୀ ଭଗବାନ ବୁଦ୍ଧଙ୍କର ଜନନୀ ମାୟାଦେବୀ ଗୌତମଙ୍କ ଜନ୍ମ ପୂର୍ବରୁ ଶ୍ୱେତ ହସ୍ତୀର ସ୍ୱପ୍ନ ଦେଖିଥିଲେ । ସେହି ଶ୍ୱେତ ହସ୍ତୀ ମସ୍ତକ ସହ ଆରୋଧିତ ଗଣେଶ ମୂର୍ତ୍ତିଟିଏ ଧରି ଫେରିବା ପରେ ଯୋଡ଼ାଗଲା ଓ ଗଣନାଥଙ୍କୁ ଗଜାନନ ବେଶରେ ସର୍ବ ଦେବଦେବୀ ଦର୍ଶନ କରିବାର ସୌଭାଗ୍ୟ ଲାଭ କଲେ । ଋଗ୍‌ବେଦ ଦ୍ୱିତୀୟ ମଣ୍ଡଳାନୁସାରେ ଗଣନାଥ ଗଣେଶ ଉପାସନାର ପ୍ରାଚୀନତମ ନିଦର୍ଶନ ସୂଚନା ମିଳେ। ଏହି ସୂକ୍ତରେ ଶ୍ରୀଗଣେଶଙ୍କୁ ସର୍ବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ, କବିମାନଙ୍କ ମଧ୍ୟରେ ବରେଣ୍ୟ ତଥା ଜ୍ୟେଷ୍ଠ ଓ ଶ୍ରେଷ୍ଠ ରୂପରେ ପ୍ରତିପାଦନ କରାଯାଇଛି । ସେଭଳି ଯଜୁର୍ବେଦରେ ମଧ୍ୟ ଋଗ୍?ବେଦ ସୂକ୍ତର ଏକ ଭିନ୍ନ ରୂପ ପରିଲକ୍ଷିତ ହୁଏ । ତେଣୁ ଭାରତୀୟ ଧର୍ମ ଧାରାରେ ବୈଦିକ କାଳରୁ ଶ୍ରୀଗଣପତିଙ୍କ ଉପାସନାର ଉନ୍ମେଷ ଘଟିଥିବା ଜଣାଯାଏ । ବୈଦିକ ମନ୍ତରେ ଗଣପତିଙ୍କୁ ସର୍ବ ସିଦ୍ଧଦାତା, ଋଦ୍ଧି ସିଦ୍ଧିଦାତା, ସର୍ବ ମଙ୍ଗଳ ମୟ ରୂପେ ସ୍ତୁତି କରାଯାଇଛି । ସାମ୍ ବେଦୀୟ ବିନାୟକ ସଂହିତା, ମୈତ୍ରାଣୀ ସଂହିତା, ଯଜୁର୍ବେଦୀୟ କାଣ୍ୱ ସଂହିତା ପ୍ରଭୃତିରେ ବିଘ୍ନ ବିନାଶନ ଗଣପତିଙ୍କ ଅନେକ ମନ୍ତ ଉଲ୍ଲିଖିତ । ଉପନିଷଦରେ ଗଣପତିଙ୍କୁ ସର୍ବ ଶକ୍ତିମାନ୍ ରୂପରେ ବର୍ଣ୍ଣନା କରାଯାଇଛି । ମହନୀୟତା ହେଉଛି - ଉପନିଷଦ କାଳରେ ଗାୟତ୍ରୀ ମନ୍ତରେ ଗଣପତିଙ୍କୁ ପରଂବ୍ରହ୍ମଙ୍କର ପ୍ରତୀକ ରୂପେ ଚିନ୍ତନ କରାଯାଇଛି ।

ଗାଣପତି ଉପନିଷଦରେ ବ୍ରହ୍ମ ଉପାସନାର ତତ୍ତ୍ୱ ପରିଦୃଷ୍ଟ । ନିଗମ ଓ ଆଗମ ଉଭୟ ପରଂପରାରେ ଗଣପତି ଏକ ମହତ୍ତ୍ୱପୂର୍ଣ୍ଣ ଶ୍ରେଷ୍ଠ ଦେବତାର ଆସନ ଅଳଙ୍କୃତ କରି ଆସୁଛନ୍ତି । କାଳ କ୍ରମେ ଶକ୍ତି ଉପାସନା ସହିତ ଗଣପତି ପୂଜାର ମିଳନ ଘଟି ଭାରତର ବିଭିନ୍ନ ସ୍ଥାନରେ ପୀଠ ନିର୍ଣ୍ଣିତ ହୋଇ ମାତୃଗଣଙ୍କ ମଧ୍ୟରେ ଗଣପତି ଆରାଧିତ ହେଲେ । ପୁରାଣ ଯୁଗ ପରେ ବୌଦ୍ଧ ମତବାଦରେ ମଧ୍ୟ ଗଣପତି ଶ୍ରେଷ୍ଠ ଦେବତାର ଆସନ ଅଳଙ୍କୃତ କରିଛନ୍ତି । ବୌଦ୍ଧ ମାନେ ଗଣେଶଙ୍କୁ ପ୍ରଜ୍ଞନ୍ନ ବୁଦ୍ଧ ନାମରେ ନାମିତ କରିଛନ୍ତି । ବୌଦ୍ଧ କିୟଦନ୍ତୀ ଅନୁଯାୟୀ ଭଗବାନ୍ ବୁଦ୍ଧଙ୍କର ଜନନୀ ମାୟାଦେବୀ ଗୌତମଙ୍କ ଜନ୍ମ ପୂର୍ବରୁ ଶ୍ୱେତ ହସ୍ତୀର ସ୍ୱପ୍ନ ଦେଖିଥିଲେ ଏବଂ ସେହି ଶ୍ୱେତ ହସ୍ତୀ ମସ୍ତକ ସହ ଆରୋଧିତ ଗଣେଶ ମୂର୍ତ୍ତିହିଁ ପ୍ରଜ୍ଞନ୍ନ ବୁଦ୍ଧ । ବୌଦ୍ଧ ଭିକ୍ଷୁ ଓ ଶ୍ରମଣ ଗଣ ଦକ୍ଷିଣ ପୂର୍ବ ଏସିଆରେ ଗଣପତି ଉପାସନାର ପ୍ରସାର ଘଟାଇଥିବା କଥା ପୁରାତନ ଗ୍ରନ୍ଥ ଓ ଇତିହାସରେ ଉଲ୍ଲେଖ ଅଛି । ଏତଦ୍ ବ୍ୟତୀତ ଜାପାନ୍ ଓ ଚୀନରେ ଗଣେଶଙ୍କୁ ବିନାୟକ ନାମରେ ଆରାଧନା କରୁଥିବା ବେଳେ ବ୍ରହ୍ମଦେଶରେ ମହାପୀନେ ରୂପେ ଗଣପତି ସୁବିଖ୍ୟାତ । ଶ୍ରୀଲଙ୍କାରେ ସୁବ୍ରମଣ୍ୟମ ମନ୍ଦିରରେ ସର୍ବସାଧାରଣଙ୍କ ଦ୍ୱାରା ଗଣପତିଙ୍କ ପୂଜାର୍ଚ୍ଚନା ହୋଇଥାଏ । ସେଭଳି ନେପାଳରେ ସିଂହବାହନ ହେରମ୍ବ ଗଣପତି ସର୍ବ ସିଦ୍ଧିଦାତା ଭାବେ ପ୍ରସିଦ୍ଧି ଲାଭ କରିଛନ୍ତି ।

ଉତ୍କଳରେ ଗଣପତିଙ୍କ ପୂଜାର ପରମ୍ପରା ବହୁ ପ୍ରାଚୀନ । ଉତ୍କଳର ଭୌମ ଓ ସୋମ ବଂଶୀ ଶାସନ କାଳରୁ ଏହି ପର୍ବ ପାଳିତ ହେଉଥିବା ଇତିହାସରୁ ଜଣାଯାଏ । ମହାକବି ଶୂଦ୍ରମୁନି ସାରଳା ଦାସ 'ମହାଭାରତ'ର ବନ ପର୍ବ ପ୍ରଥମ ଖଣ୍ଡରେ ବ୍ୟାଧିର ମୁକ୍ତି ଦାତା ଭାବରେ ଶ୍ରୀଗଣେଶଙ୍କୁ ଚିତ୍ରିତ କରିଛନ୍ତି । ତତ୍କାଳୀନ ସମାଜରେ ଗଣପତି ଉପାସନାର ପ୍ରସାର ଘଟି ଶେଷରେ ସାର୍ବଜନୀନ ଉପାସନାରେ ପରିଣତ ହୋଇଛି । ଛାତ୍ରୀଛାତ୍ରମାନେ ଆପଣାର ବିଘ୍ନ ବିନାଶ ତଥା ସର୍ବ ମଙ୍ଗଳ ନିମିତ୍ତ ପ୍ରଭୁ ବିଘ୍ନ ବିନାଶକାରୀ ପାର୍ବତୀ ନନ୍ଦନ ଶ୍ରୀ ଗଣେଶଙ୍କୁ ପରମ ଭକ୍ତି ସହକାରେ ପୂଜା କରନ୍ତି । ପ୍ରତ୍ୟେକ ମାଙ୍ଗଳିକ ଓ ଶୁଭ କାର୍ଯ୍ୟର ପ୍ରାରମ୍ଭରେ ପୂର୍ଣ୍ଣ କଳସ ସ୍ଥାପନ କରାଯାଇ ଶ୍ରୀଗଣେଶଙ୍କର ଆରାଧନା କରାଯାଏ । ଅନେକ ପୀଠରେ ଗଣେଶ ପୂଜାର ବିଧିକୁ ପାଳନ କରନ୍ତି । ହଳଦୀ ରଙ୍ଗର ଶ୍ରୀ ଗଣେଶଙ୍କୁ ସମସ୍ତ ଶତ୍ରୁ ଜନିତ ବିପଦ,ବିଘ୍ନରୁ ରକ୍ଷା ମିଳିଥାଏ । ସେହିପରି ବଳ ଓ ଶକ୍ତି ପ୍ରଦାନକାରୀ ଲାଲ ରଙ୍ଗର ମୂର୍ତ୍ତିଙ୍କୁ ପୂଜା କରିବାର ବିଧି ରହିଅଛି । ଧନପ୍ରାପ୍ତି ଆଶାୟୀ ତାଙ୍କର ସବୁଜ ରଙ୍ଗ ମୂର୍ତ୍ତି ପୂଜା କରିବାର ବିଶ୍ୱାସ ରହିଅଛି । ଏଥି ସହିତ ଶ୍ୱେତ ରଙ୍ଗ ଶ୍ରୀଗଣେଶଙ୍କୁ ମୁକ୍ତିକାମୀ ଉପାସକ ଉପାସନା କରିଥାନ୍ତି । କାୟମନବାକ୍ୟରେ ଭକ୍ତି ପୂର୍ବକ ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀରେ ଶ୍ରୀଗଣେଶଙ୍କୁ ତିନି ପ୍ରହର ଜପ ଓ ଧ୍ୟାନ କଲେ ସକଳ ଶୁଭ ପ୍ରାପ୍ତ ହୁଏ । ଏହି ତିଥିରେ ପ୍ରତ୍ୟେକ ପୂଜାକାରୀ ନିଜ ପିତାମାତାଙ୍କୁ ପ୍ରଦକ୍ଷିଣ କଲେ ତାଙ୍କୁ ସକଳତୀର୍ଥ ତଥା ପୃଥିବୀ ପରିକ୍ରମାର ପୁଣ୍ୟ ପ୍ରାପ୍ତ ହୋଇଥାଏ । ଆଦ୍ୟ ଦେବତା ମାତାପିତାଙ୍କର ଏହି ପ୍ରଦକ୍ଷିଣ ସଂପର୍କରେ କୁହାଯାଇଛି -

'ପିତ୍ରୋଶ୍ଚ ପୂଜନ କୃତ୍ୱା ପ୍ରକାନ୍ତି ଚ କରୋତି ୟଃ,
ତସ୍ୟ ବୈ ପୃଥିବୀ ଜନ୍ୟ ଫଳମ୍ ଭବତି ନିଶ୍ଚିତମ୍ '

ବାସ୍ତବରେ ବିଘ୍ନ ରାଜ ଗଣେଶ ସମଗ୍ର ଭାରତ ବର୍ଷର ପରମରାଧ୍ୟ ଦେବତା । ସେ ହିଁ ଭକ୍ତ ସେବକ ମାନଙ୍କର ଭାଗ୍ୟ ନିର୍ମାତା ଓ ମୋକ୍ଷଦାତା । ସେ ହିଁ ବିଘ୍ନ ବିନାଶ କାରୀ ଓ କୃପାମୟ ଦେବତା । ତେଣୁ ଏ ଦୁର୍ଲଭ ମାନବ ଜନ୍ମର ସାର୍ଥକତା ଓ ମୋକ୍ଷ ନିମିତ୍ତ ଗଜାନନ ବିଘ୍ନେଶ୍ୱର ଗଣନାଥଙ୍କ ଶ୍ରୀପାଦ ପଙ୍କଜରେ ଭକ୍ତି ପୂତ ପ୍ରଣାମ ଜଣାଇ ସମର୍ପିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି-

'ଓଁ ଗଣେଶାୟ ବିଦ୍ମହେ ଗଜାନନାୟ ଧିମହୀ
ତନ୍ନୋଗଣେଶ ପ୍ରଚୋଦୟାତ୍ ଓଁ ଜୟ ଗଣେଶାୟ ନମଃ ।'

ଅଧ୍ୟକ୍ଷ, ମହାନଦୀବିହାର ମହିଳା
ସ୍ନାତକ ମହାବିଦ୍ୟାଳୟ, ଜଟକ
ଦୂରଭାଷ : ୯୦୪୦ ୧୫୧୪ ୭୫

ସର୍ବବିଘ୍ନ ବିନାଶାୟ ଗଣାଧିପତୟେ ନମଃ

ଲଳିତ ମୋହନ ମିଶ୍ର

ଶ୍ରୀ ଗଣେଶ ଗଜାନନ ରୂପରେ ହିଁ ସର୍ବତ୍ର ପରିଚିତ । ବିଘ୍ନହନ୍ତା ରୂପରେ ମଧ୍ୟ ପୂଜା କରାଯାଏ । ଆଉ ମଧ୍ୟ ସେ ଆଦ୍ୟପୂଜିତ ଓ ବିଘ୍ନେଶ । ସେ ହେଉଛନ୍ତି ବୁଦ୍ଧି, ବିଦ୍ୟା ଜ୍ଞାନର ଦେବତା; ବିଦ୍ୟାଦାତା । ସେ ପ୍ରତ୍ୟେକ ପୂଜାର ପ୍ରାରମ୍ଭରେ ପୂଜିତ ହୁଅନ୍ତି । ବିଦ୍ୟାରମ୍ଭରେ ତାଙ୍କୁ ଆବାହନ କରାଯାଏ । ଗଣେଶ ଆଦିଦେବ ଭାବରେ ପରିଚିତ । ସେ ସତ୍ୟୁଗରେ ଅବତାର ନେଇଛନ୍ତି । ସତ୍ୟ ଯୁ

ଅମିତ ଶାହଙ୍କ ବଡ଼ ଘୋଷଣା
୨୦୨୯ ପୂର୍ବରୁ ୨୧ଟି ରାଜ୍ୟରେ ଲାଗୁହେବ ୟୁସିସି



ନୂଆଦିଲ୍ଲୀ,୧୩।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶାସନ ଏବଂ ଜନସେବାର ୨୫ ବର୍ଷ ପୂରଣ କରୁଛନ୍ତି। ଏହି ଅବସରରେ ୨୭ ସେପ୍ଟେମ୍ବରରୁ ୧୭ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ସାରା ଦେଶରେ 'ସେବା ସଂକଳ୍ପ ଅଭିଯାନ' ଆରମ୍ଭ ହେବ। ଗୃହମନ୍ତ୍ରୀ ଅମିତ ଶାହ ମୁମ୍ବାଇରେ ଏକ ସାମ୍ବାଦିକ ସମ୍ମିଳନୀ ସମୟରେ ଏହି ଘୋଷଣା କରିଛନ୍ତି। ଅମିତ ଶାହ କହିଛନ୍ତି ଯେ ୨୦୧୪ ରେ କ୍ଷମତା ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲକିଲ୍ଲାରୁ ନିଜକୁ 'ପ୍ରଧାନ ସେବକ' ଘୋଷଣା କରିଥିଲେ। ସେ କେବେ ନିଜକୁ ଶାସକ ବୋଲି ଭାବୁନଥିଲେ, ବରଂ ସର୍ବଦା ଲୋକଙ୍କ ସେବକ ଭାବରେ କାମ କରିଛନ୍ତି। ସାମ୍ବାଦିକ ସମ୍ମିଳନୀ ସମୟରେ, ଅମିତ ଶାହ ସମାନ ନାଗରିକ ସଂହିତା (UCC) ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ୨୦୨୯ ପୂର୍ବରୁ ସମସ୍ତ ୨୧ ଟି NDA ଶାସିତ ରାଜ୍ୟରେ UCC ଲାଗୁ କରାଯିବ। ସେ ସରଳ ଭାବରେ ବୁଝାଇଥିଲେ ଯେ, ଟଉର ଅର୍ଥ ହେଉଛି, ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କ ପାଇଁ ବିବାହ, ଛାଡପତ୍ର, ସମ୍ପତ୍ତି ବିଭାଜନ ଏବଂ ପୋଷ୍ୟ ସନ୍ତାନ ଗ୍ରହଣ ଭଳି କ୍ଷେତ୍ରରେ ସମାନ ଆଇନ ରହିବ। ଅମିତ ଶାହ କହିଛନ୍ତି,'ଆମେ ଅନେକ ରାଜ୍ୟରେ ସମାନ ନାଗରିକ ସଂହିତା ଲାଗୁ କରିଛୁ। ମୁଁ ନିଶ୍ଚିତ ଯେ ଆମେ ୨୦୨୯ ପୂର୍ବରୁ ସମସ୍ତ ୨୧ ଘଉଇ-ଶାସିତ ରାଜ୍ୟରେ ଟଉଉକୁ ସମ୍ପୂର୍ଣ୍ଣ ଭାବରେ ଲାଗୁ କରିବୁ।' ସ୍ୱରାଷ୍ଟ୍ର ମନ୍ତ୍ରୀ ବ୍ୟାଖ୍ୟା କରିଛନ୍ତି ଯେ, ଏହି ନିଷ୍ପତ୍ତି ସରକାରଙ୍କ 'ଭାରତ ପ୍ରଥମ' ଆଭିମୁଖ୍ୟର ଏକ ଅଂଶ। ସେ ସ୍ପଷ୍ଟ କରିଛନ୍ତି ଯେ, ସରକାର ଏବେ ସ୍ୱାଧୀନତା ପରଠାରୁ ବର୍ଷ ବର୍ଷ ଧରି ପଡ଼ି ରହିଥିବା ପୁରୁଣା ଏବଂ ଜଟିଳ ସମସ୍ୟା ଗୁଡ଼ିକୁ ଗୋଟିଏ ଗୋଟିଏ କରି ସମାଧାନ କରୁଛନ୍ତି। ଲକ୍ଷ୍ୟ ହେଉଛି ଦେଶର ପ୍ରତ୍ୟେକ ନାଗରିକଙ୍କୁ ସମାନ ଅଧିକାର ପ୍ରଦାନ କରିବା ଏବଂ ଦେଶର ଆଇନକୁ ମଜବୁତ କରିବା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଶଂସା କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, 'କିଏ କଳ୍ପନା କରିପାରିଥିଲେ ଯେ ଦେଶର ଏପରି ଜଣେ ପ୍ରଧାନମନ୍ତ୍ରୀ ରହିବେ ଯିଏ ପାକିସ୍ତାନ ସୀମାରେ ପ୍ରବେଶ କରିବେ ଏବଂ ଆତଙ୍କବାଦୀ ଆକ୍ରମଣ ପରେ ପ୍ରତିଶୋଧ ନେବେ ?' ସର୍ଜିକାଲ୍ ଷ୍ଟ୍ରାଇକ୍ ହେଉ, ଏୟାର ଷ୍ଟ୍ରାଇକ୍ ହେଉ, କିମ୍ବା ଅପରେସନ୍ ସିନ୍ଦୂର, ଆମର ନେତା ନରେନ୍ଦ୍ର ମୋଦି ଏତେ ଦୃଢ଼ ପ୍ରତିରକ୍ଷା ନୀତି ପ୍ରସ୍ତୁତ କରିଛନ୍ତି ଯେ ଭାରତ ଉପରେ ଆକ୍ରମଣର କେବଳ ଚିନ୍ତା ଶତ୍ରୁଙ୍କ ଝାଳ ବାହାର କରି ଦେଉଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ କାର୍ଯ୍ୟକାଳର ସଫଳତାକୁ ତାଲିକାଭୁକ୍ତ କରି ଅମିତ ଶାହ କହିଛନ୍ତି, '୨୦୧୪ ପୂର୍ବରୁ ଭାରତ ବିଶ୍ୱର ପାଞ୍ଚଟି ଦୁର୍ବଳ ଅର୍ଥନୀତି ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଉଥିଲା, କିନ୍ତୁ ଆଜି ଏହା ଶ୍ରେଷ୍ଠ ପାଞ୍ଚଟି ମଧ୍ୟରେ ଅଛି। ପ୍ରଥମ ଟ୍ରେମାସିକରେ ୭.୮% ଅଭିବୃଦ୍ଧି ହାର ସହିତ, ଦେଶ ଆଗୁଆ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତ୍ୟେକ କ୍ଷେତ୍ରରେ ପ୍ରମୁଖ ସଂସ୍କାର କାର୍ଯ୍ୟକାରୀ କରିଛନ୍ତି, ଯାହା ଦେଶକୁ ଆତ୍ମବିଶ୍ୱାସ ଦେଇଛି ଯେ ଅଗଷ୍ଟ ୧୫, ୨୦୪୭ ସୁଦ୍ଧା ଭାରତ ସବୁଠାରୁ ଆଗରେ ରହିବ।'

ବିଶ୍ୱ ନେତାଙ୍କ ମହାମିଳନର ଦ୍ୱିତୀୟ ଦିନ
ବ୍ରିକ୍ସ ଶିଖର ସମ୍ମିଳନୀର ଉଦ୍‌ଯାପନୀ

ନୂଆଦିଲ୍ଲୀ,୧୩।୯: ବିଶ୍ୱ ନେତାଙ୍କ ମହାମିଳନର ଆଜି ଦ୍ୱିତୀୟ ତଥା ଶେଷ ଦିନ। ବ୍ରିକ୍ସ ଶିଖର ସମ୍ମିଳନୀ ୨୦୨୬ରେ ଆଜି ବି ରହିଛି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ। ହେଲେ ଏହା ପୂର୍ବରୁ ରହିଛି ବ୍ରିକ୍ସ ନେତାମାନଙ୍କର ଏକ ମିଳିତ ଫଟୋ ସେସନ୍। ଗୋଟିଏ ମଞ୍ଚରେ ବିଶ୍ୱର ପ୍ରମୁଖ ନେତା ଏକାସଙ୍ଗେ ଫଟୋ ଉଠାଇବେ। ଆଜି ଭାରତ ମଣ୍ଡପମରେ ଆମନ୍ତ୍ରିତ ନେତାମାନେ ବିଭିନ୍ନ ଆଉଟ ରିଚ୍ କାର୍ଯ୍ୟକ୍ରମରେ ଯୋଗ ଦେବେ। ବିଶ୍ୱ ଅର୍ଥନୀତି, ସ୍ଥିରତା, ନବସୃଜନ, ସହଯୋଗ ଓ ସ୍ଥାୟୀ ବିକାଶ ଉପରେ ହେବ ଆଲୋଚନା। ବିଶ୍ୱର ସମାବେଶୀ ଅଭିବୃଦ୍ଧି ପାଇଁ ବ୍ରିକ୍ସ ଦେଶଗୁଡ଼ିକ କିଭଳି ଏକାଠି ହୋଇ କାମ କରିବେ, ସେନେଇ ମତ ରଖିବେ ରାଷ୍ଟ୍ରମୁଖ୍ୟମାନେ। ଏହାସହ ବାଣିଜ୍ୟ, ଅର୍ଥନୀତି, ଅନ୍ତର୍ଜାତୀୟ ସହଯୋଗ ଓ ବିଶ୍ୱ ଶାସନ ବ୍ୟବସ୍ଥା ଭଳି ପ୍ରସଙ୍ଗ ମଧ୍ୟ ରହିବ ଆଲୋଚନାରେ।

ଭାରତ ଓ ମୋଦୀଙ୍କୁ ଧନ୍ୟବାଦ : ଜିନ୍‌ପିଙ୍ଗ

ଦିଲ୍ଲୀରେ ଆୟୋଜିତ ବ୍ରିକ୍ସ ଶିଖର ସମ୍ମିଳନୀରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ବଡ଼ ବୟାନ। ଭାରତ ସହ ସମ୍ପର୍କକୁ ଆହୁରି ମଜବୁତ କରିବା ସହ ବିଶ୍ୱ ରାଜନୀତିରେ ଗ୍ଲୋବାଲ ସାଉଥ୍‌ର ଭୂମିକା ଉପରେ ଜୋର ଦେଇଛନ୍ତି ଜିନପିଙ୍ଗ। ସେ କହିଛନ୍ତି, ବିଶ୍ୱ ଖୁବ୍ ଦ୍ରୁତ ଗତିରେ ବଦଳୁଛି। ଏଭଳି ପରିସ୍ଥିତିରେ କୌଣସି ଗୋଟିଏ ଦେଶ ସବୁବେଳେ ଶକ୍ତିଶାଳୀ ରହିପାରିବ ନାହିଁ। ବିକାଶଶୀଳ ଦେଶଗୁଡ଼ିକର ଏକତା ଏବଂ ବଢୁଥିବା ପ୍ରଭାବ ହିଁ ବିଶ୍ୱକୁ ଅଧିକ ବହୁଧ୍ରୁବୀୟ କରିବାରେ ଗୁରୁତ୍ୱପୂର୍ଣ୍ଣ ହେବ। ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତ୍ତି ଅନୁସାରେ, ବ୍ରିକ୍ସ ବୈଠକର ଆୟୋଜନ ପାଇଁ ଜିନପିଙ୍ଗ ଭାରତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବର୍ତ୍ତମାନର ବିଶ୍ୱ ପରିସ୍ଥିତିକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ଜିନପିଙ୍ଗ। ସେ କହିଛନ୍ତି, ବିଶ୍ୱ ଏବେ ଅନେକ ପ୍ରକାରର ବିପଦ ଓ ଚ୍ୟାଲେଞ୍ଜ ଦେଇ ଗତି କରୁଛି।

ଜାମିନ୍ ପାଇବା ପରେ ବିଜୟ ଶୋଭାଯାତ୍ରା
ଆତ୍ମସମର୍ପଣ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୩।୯: ହରିୟାଣାର ଜଣେ ହତ୍ୟା ଅଭିଯୁକ୍ତଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଥିଲେ। ଜେଲରୁ ମୁକ୍ତ ହେବା ପରେ, ସେ ତାଙ୍କ ସମର୍ଥକ ମାନଙ୍କ ସହିତ ଏକ 'ବିଜୟ ଶୋଭାଯାତ୍ରା' କରିଥିଲେ ଏବଂ ଉତ୍ସବ ପାଳନ କରିଥିଲେ। ସୁପ୍ରିମକୋର୍ଟ ଏହା ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। କୋର୍ଟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରି କୋର୍ଟରେ ହାଜର କରିବାକୁ ହରିୟାଣା ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ବିକ୍ରମ ନାଥ ଏବଂ ବିଚାରପତି ସନ୍ଦୀପ ମେହେତ୍ତାଙ୍କ ଖଣ୍ଡପୀଠ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଶିଥିଳତା ଦେଖାଉଛି, କାରଣ କୋର୍ଟ ତାଙ୍କ ବିରୁଦ୍ଧରେ ଜାମିନ ବିହୀନ ୱାରେଣ୍ଟ ଜାରି କରିବା ସତ୍ତ୍ୱେ ସେମାନେ ଏପର୍ଯ୍ୟନ୍ତ ଗିରଫ କରି କୋର୍ଟରେ ହାଜର କରି ନାହାଁନ୍ତି। ଅଭିଯୋଗକାରୀଙ୍କ ଓକିଲଙ୍କ ଉପସ୍ଥାପନ ଉପରେ ଖଣ୍ଡପୀଠ ଧ୍ୟାନ ଦେଇଛନ୍ତି ଯେ ଅଭିଯୁକ୍ତ ବିଶାଳ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟ ଦ୍ୱାରା ଜାମିନ ପାଇବା ପରେ ଏକ 'ବିଜୟ ଶୋଭାଯାତ୍ରା' କରିଥିଲେ ଏବଂ ସାକ୍ଷୀମାନଙ୍କୁ ଧମକ ଦେଇଥିଲେ। ସେପ୍ଟେମ୍ବର ୮ ରେ ମାମଲାର ଶୁଣାଣି ହେବା ସମୟରେ ଖଣ୍ଡପୀଠ ଲକ୍ଷ୍ୟ କରିଛନ୍ତି ଯେ ଅଭିଯୁକ୍ତଙ୍କ ଓକିଲ ତାଙ୍କ ମାମଲା ଉପସ୍ଥାପନ କରିଛନ୍ତି। ଖଣ୍ଡପୀଠ ଅଭିଯୁକ୍ତଙ୍କୁ ଆତ୍ମସମର୍ପଣ କରିବାକୁ ଏବଂ ପରେ ଜାମିନ ପାଇବାକୁ ନିର୍ଦ୍ଦେଶ ଦେଇଛନ୍ତି, ଏବଂ ଜାମିନ ପାଇବା ପରେ 'ବିଜୟ ଶୋଭାଯାତ୍ରା' କରିବା ପାଇଁ ତାଙ୍କୁ ଭର୍ତ୍ସନା କରିଛନ୍ତି।

ବିଦେଶୀ ମୁଦ୍ରା ଭଣ୍ଡାରରେ ଚତୁର୍ଥ ସ୍ଥାନରେ ଭାରତ

ରୁଷ୍‌କୁ ପଛରେ ପକାଇଲା-ଶୀର୍ଷରେ ଚୀନ୍, ଜାପାନ ଦ୍ୱିତୀୟ, ସ୍ୱିଜରଲାଣ୍ଡ ତୃତୀୟ

ମୁମ୍ବାଇ,୧୩।୯: ଭାରତ ବିଶ୍ୱର ଚତୁର୍ଥ ବୃହତ୍ ବିଦେଶୀ ମୁଦ୍ରା ଭଣ୍ଡାର ଥିବା ରାଷ୍ଟ୍ରରେ ପରିଣତ ହୋଇଛି। ରୁଷ୍‌କୁ ପଛରେ ପକାଇ ଭାରତ ଏହି ସ୍ଥାନ ହାସଲ କରିଛି। ସେପ୍ଟେମ୍ବର ୪ରେ ଶେଷ ହୋଇଥିବା ସପ୍ତାହରେ ଭାରତର ବିଦେଶୀ ମୁଦ୍ରା ଭଣ୍ଡାରରେ ରେକର୍ଡ ୪୪.୯ ବିଲିଅନ ଡଲାରର ବୃଦ୍ଧି ଘଟିବା ସହ ଏହା ୭୮୫.୭ ବିଲିଅନ ଡଲାରରେ ପହଞ୍ଚିଛି। ଭାରତର ଉପରକୁ ଏବେ ଚୀନ, ଜାପାନ ଓ ସ୍ୱିଜରଲାଣ୍ଡ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ବୋଲି ବ୍ରହ୍ମବର୍ଗ ତଥ୍ୟରୁ ଜଣାଯାଇଛି। ତଥ୍ୟରୁ ଜଣାଯାଇଛି ଯେ ବ୍ୟାଙ୍କ ଅଫ୍ ରୁଷର ବିଦେଶୀ ମୁଦ୍ରା ଭଣ୍ଡାର ସେପ୍ଟେମ୍ବର ୪ ସୁଦ୍ଧା ୭୫୩.୫ ବିଲିଅନ ଡଲାରରେ ରହିଛି। ତା ପୂର୍ବ ସପ୍ତାହରେ ରୁଷର ବିଦେଶୀ ମୁଦ୍ରା ଭଣ୍ଡାର ୭୭୪.୨ ବିଲିଅନ ଡଲାରରେ ରହିଥିଲା। ତେଣୁ ସପ୍ତାହକ ମଧ୍ୟରେ ରୁଷର ବିଦେଶୀ ମୁଦ୍ରା ଭଣ୍ଡାର ୨୦.୭ ବିଲିଅନ ଡଲାର ହ୍ରାସ ଘଟିଛି। ଚୀନ ନିକଟରେ ସବୁଠୁ ଅଧିକ ଅର୍ଥାତ୍ ୩.୮୫ ଟ୍ରିଲିଅନ ଡଲାରର ବିଦେଶୀ ମୁଦ୍ରା ରହିଛି। ଏହା ପଛକୁ ଜାପାନ ପାଖରେ ୧.୨୧ ଟ୍ରିଲିଅନ ଡଲାରର ବିଦେଶୀ ମୁଦ୍ରା ରହିଛି। ସେହିଭଳି ସ୍ୱିଜରଲାଣ୍ଡର ବିଦେଶୀ ମୁଦ୍ରା ଭଣ୍ଡାରର ଆକାର ୧.୦୯ ଟ୍ରିଲିଅନ ଡଲାର ସ୍ତରରେ ରହିଛି। ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ବୃଦ୍ଧି ପଛରେ ପ୍ରବାସୀଙ୍କ ପାଇଁ ରିଜର୍ଭ ବ୍ୟାଙ୍କ ଆଣିଥିବା ଏଫ୍‌ସିଏନ୍‌ଆର (ବି) ଜମା ଯୋଜନା ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଦେଶୀ ମୁଦ୍ରା ଭଣ୍ଡାର ବୃଦ୍ଧି ଫଳରେ ଭାରତୀୟ ଅର୍ଥନୀତିର ମୂଳଦୁଆ ମଜବୁତ ଥିବା ପ୍ରତିଫଳିତ ହୋଇଛି। ଏଥି ସହିତ ଟଙ୍କାର ବିନିମୟ ମୂଲ୍ୟରେ ଅସ୍ଥିରତା ଦେଖାଦେଲେ ସେଥିରେ ସ୍ଥିରତା ଆଣିବା ରିଜର୍ଭ ବ୍ୟାଙ୍କ ପାଇଁ ସହଜ ହେବ। ଅନ୍ୟପକ୍ଷରେ ଭାରତୀୟ ବ୍ୟାଙ୍କିଂ ବ୍ୟବସ୍ଥାରେ ବର୍ତ୍ତମାନ ଅଧିକ ନଗଦ ଅର୍ଥ ରହିଛି। ତାହାକୁ ପରିଚାଳନା କରିବା ପାଇଁ ରିଜର୍ଭ ବ୍ୟାଙ୍କ ୧ ଲକ୍ଷ କୋଟି ଟଙ୍କାର ବଣ୍ଡ ଖୋଲା ବଜାରରେ ବିକ୍ରି କରିବା ଲାଗି ଘୋଷଣା କରିଛି। ୩ଟି ପର୍ଯ୍ୟାୟରେ ଏହି ବଣ୍ଡ ବିକ୍ରି କରାଯିବ। ପ୍ରଥମ ପର୍ଯ୍ୟାୟରେ ୫୦ ହଜାର କୋଟି ଟଙ୍କାର ବଣ୍ଡ ବିକ୍ରି ସେପ୍ଟେମ୍ବର ୧୭ରେ ହେବ। ଏହା ପରେ ସେପ୍ଟେମ୍ବର ୨୧ରେ ୨୫ ହଜାର କୋଟି ଏବଂ ସେପ୍ଟେମ୍ବର ୨୮ରେ ୨୫ ହଜାର କୋଟି ଟଙ୍କାର ବଣ୍ଡ ବିକ୍ରି ହେବ ବୋଲି ଜଣାଯାଇଛି।

ଚୁଟ୍‌କୀରେ...

ଇଣ୍ଡୋନେସିଆ ଜାହାଜ ନିଖୋଜ ଘଟଣା, ୬ ମୃତ, ୯୭ ଉଦ୍ଧାର

ନୂଆଦିଲ୍ଲୀ,୧୩।୯: ଇଣ୍ଡୋନେସିଆର ଜାଭାରେ ମଝି ସମୁଦ୍ରରେ ଜାହାଜ ନିଖୋଜ ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଛି । ୯୭ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି ରେସକ୍ୟୁ ଟିମ୍ । ଜାଭା ସମୁଦ୍ରରେ ୨୪୩ ଜଣଙ୍କୁ ନେଇ ଯାତ୍ରା କରୁଥିବା ଭିର୍ଗୋ ଟ୍ରାନ୍ସପୋର୍ଟ ୮ ନାମକ ଜାହାଜ ନିଖୋଜ ହୋଇ ଯାଇଥିଲା । ଏହି ଇଣ୍ଡୋନେସୀୟ ଜାହାଜ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ଖରାପ ପାଗ ଯୋଗୁଁ ଜାହାଜ ନିଖୋଜ ଥିଲା । ଜାହାଜରେ ଥିବା ଯାତ୍ରୀଙ୍କୁ ଉଦ୍ଧାର ପାଇଁ ସର୍ଚ୍ଚ ଅପରେସନ୍ ଜାରି ରହିଛି । ପିଟି ଭିର୍ଗୋ ଯୋଏଲ୍ ରିହି ନାମକ କମ୍ପାନୀ ଦ୍ୱାରା ପରିଚାଳିତ ଏହି ଯାତ୍ରୀବାହୀ ଜାହାଜଟି ଶନିବାର ସକାଳ ୧୦ଟା୧୩ ରେ ପୂର୍ବ ଜାଭାର ସୁରାବାୟାରୁ ଦକ୍ଷିଣ କାଲିମାନ୍ତନର ଅଭିମୁଖେ ବାହାରିଥିଲା । ଭିର୍ଗୋ ଟ୍ରାନ୍ସପୋର୍ଟ-୮ ଜାହାଜ ୨୪୧ ଜଣ ଯାତ୍ରୀଙ୍କୁ ନେଇ ଦକ୍ଷିଣ କାଲିମଣ୍ଟାନ ପ୍ରଦେଶ ଅଭିମୁଖେ ଯାଉଥିବା ବେଳେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା । ଜାହାଜଟି ଇଣ୍ଡୋନେସିଆର ଦ୍ୱିତୀୟ ବୃହତ୍ତମ ସହର ସୁରାବାୟାରୁ ପୂର୍ବ ଜାଭା ପ୍ରଦେଶର ବଞ୍ଜାରମାସିନ୍ ସହରକୁ ଯାତ୍ରା କରୁଥିଲା । ଆଜି ପ୍ରାୟ ୨ଟା ବେଳେ ପ୍ରବଳ ଝଡ଼ବର୍ଷା ଯୋଗୁଁ ଜାହାଜ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ଏହାର ପ୍ରାୟ ଦୁଇ ଘଣ୍ଟା ପରେ ଉଦ୍ଧାରକାରୀ ଦଳକୁ ସୂଚନା ଦିଆଯାଇଥିଲା । ଉଦ୍ଧାରକାରୀ ଦଳର ସୂଚନା ଅନୁସାରେ, ଜାହାଜ ନିଖୋଜ ସମୟରେ ସମୁଦ୍ରରେ ପ୍ରାୟ ୨.୫ ମିଟର ଉଚ୍ଚର ପ୍ରବଳ ଲହଡ଼ି ଆସୁଥିଲା । ଉଦ୍ଧାର ପାଇଁ ଆଉ ଏକ ଜାହାଜ ଏବଂ ଏକ ହେଲିକପ୍ଟରକୁ ସେହି ସ୍ଥାନକୁ ପଠାଯାଇଛି । ସ୍ଥାନୀୟ ସାମୁଦ୍ରିକ ସଂସ୍ଥାଗୁଡ଼ିକ ମିଳିତ ଭାବେ କାମ କରୁଛନ୍ତି । କିନ୍ତୁ ପ୍ରତିକୂଳ ପାଗ ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ଗୋଦାମରେ ଅଗ୍ନିକାଣ୍ଡ, ୨ ମୃତ

ନୂଆଦିଲ୍ଲୀ,୧୩।୯: ରାଜଧାନୀ ଦିଲ୍ଲୀର ସ୍ୱରୂପ ନଗର ଅଞ୍ଚଳରୁ ଏକ ଦୁଃଖଦ ଦୁର୍ଘଟଣାର ଖବର ସାମ୍ନାକୁ ଆସିଛି । ସେଠାରେ ଥିବା ଏକ ଗୋଦାମରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଫଳରେ ଏହି ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଛି । ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଦିଲ୍ଲୀ ଅଗ୍ନିଶମ ସେବା ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ନିଆଁ ଲିଭାଇବା ପାଇଁ ପନ୍ଦରଟି ଅଗ୍ନିଶମ ସେବା ଗାଡ଼ି ନିୟୋଜିତ ହୋଇଥିଲା । ଅନ୍ୟପଟେ ଅଗ୍ନିଶମ ବାହିନୀର ଦଳଗୁଡ଼ିକ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ନିରନ୍ତର ପାଣି ସିଞ୍ଚନ କରୁଛନ୍ତି ଏବଂ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଗୋଦାମ ଅଗ୍ନିକାଣ୍ଡର ସଠିକ୍ କାରଣ ଅସ୍ପଷ୍ଟ ରହିଛି । ନିଆଁକୁ ନିୟନ୍ତ୍ରଣ କରିବାକୁ ପ୍ରାଥମିକତା ଦେଇ ପୋଲିସ ଏବଂ ଅଗ୍ନିଶମ ବିଭାଗ ନିୟନ୍ତ୍ରଣ କରିବା ଜାରି ରଖିଛନ୍ତି । ଯାହା ପରେ ଦୁର୍ଘଟଣାର ପ୍ରକୃତ କାରଣ ଜାଣିବାକୁ ତଦନ୍ତ ଆରମ୍ଭ କରିବେ ।

ଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆ ବିମାନ ଜୟପୁରରେ କଲା ଜରୁରୀ ଅବତରଣ

ନୂଆଦିଲ୍ଲୀ,୧୩।୯: ଭୋପାଳରୁ ଦିଲ୍ଲୀ ଯାଉଥିବା ଏୟାର ଇଣ୍ଡିଆ ବିମାନରେ ଯାନ୍ତ୍ରିକ ତ୍ରୁଟି । ବିମାନରେ ସମସ୍ୟା ଦେଖାଦେବା ପରେ ବିମାନକୁ ଜୟପୁର ଡାଇଭର୍ଟ କରାଯାଇଛି । ଇଂଜିନିରେ ଖରାପ ସୂଚନା ମିଳିବା ପରେ ବିମାନ ଦିଲ୍ଲୀ ଯିବା ପରିବର୍ତ୍ତେ ଜୟପୁର ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ଜରୁରୀ ଅବତରଣ କରାଯାଇଛି । ଖବର ମୁତାବକ, ଭୋପାଳର ରାଜା ଭୋଜ ଏୟାରପୋର୍ଟରୁ ସକାଳ ୮.୪୭ ମିନିଟରେ ଏୟାର ଇଣ୍ଡିଆ ବିମାନ AI୧୮୮୬ ଦିଲ୍ଲୀ ପାଇଁ ଉଡ଼ାଣ ଭରିଥିଲା । ବିମାନଟି ନିର୍ଦ୍ଧାରିତ ସମୟରେ ଥିଲା । ବିମାନଟି ଦିଲ୍ଲୀରେ ୯.୫୫ ମିନିଟରେ ଅବତରଣ କରିବାର ଥିଲା । କିନ୍ତୁ ଉଡ଼ାଣ ଭରିବାର କିଛି ସମୟ ପରେ ବିମାନର ଇଂଜିନରେ ତ୍ରୁଟି ଦେଖାଦେଇଥିଲା। ଫଳରେ ପାଇଲଟ ଏଟିସି ସହିତ ସଂପର୍କ କରି ବିମାନକୁ ଜୟପୁରକୁ ଡାଇଭର୍ଟ କରିଥିଲେ । ଜୟପୁର ଏୟାରପୋର୍ଟ ବିମାନଟି ସୁରକ୍ଷିତ ଅବତରଣ କରିବା ପରେ ଟେକ୍ନିକାଲ ଯାଞ୍ଚ ଟିମ୍ ତଦାରଖ କରିଥିଲେ । ବିମାନରେ ଥିବା ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟ ସୁସ୍ଥିତିକୁ ଯାଞ୍ଚ କରୁଛନ୍ତି । ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି । ଯାତ୍ରୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଇଛି କି ନାହିଁ ତାହା ଏଯାଏଁ ଜଣାପଡିନାହିଁ । ତେବେ ଦିଲ୍ଲୀରେ ବ୍ରିକ୍ସ ସମ୍ମିଳନୀ ଚାଲିଥିବା ଯୋଗୁଁ ସୁରକ୍ଷା ଦୃଷ୍ଟିରୁ ବିମାନକୁ ଜୟପୁରକୁ ଡାଇଭର୍ଟ କରାଯାଇଥିଲା । ବିମାନରେ ତ୍ରୁଟିକୁ ତଦାରଖ କରାଯାଇ ଯାଞ୍ଚ ଚାଲିଛି । ସମସ୍ତ ଯାତ୍ରୀ ଅଧିକ ବିବରଣୀକୁ ଅପେକ୍ଷା କରାଯାଉଛି ।

ନମ୍ବର-୧ ଅର୍ଥନୀତି ହେବା ଦିଗରେ ଭାରତ : ଜେଫ୍ରି ସାକ୍ସ

ନୂଆଦିଲ୍ଲୀ,୧୩।୯: ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଅର୍ଥବ୍ୟବସ୍ଥା ଭାବରେ ଭାରତ ନିଜର ଦବଦବା ବଜାୟ ରଖିଛି। ଏହି କ୍ରମରେ କଲମ୍ବିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ବିଶ୍ୱ ପ୍ରସିଦ୍ଧ ଅର୍ଥନୀତିଜ୍ଞ ଜେଫ୍ରି ସାକ୍ସ ଭାରତୀୟ ଅର୍ଥନୀତିକୁ ନେଇ ଏକ ବଡ଼ ଭବିଷ୍ୟବାଣୀ କରିଛନ୍ତି। ତାଙ୍କ ମତରେ, ଆଗାମୀ ସମୟରେ ଭାରତ ଆମେରିକାକୁ ପଛରେ ପକାଇ ବିଶ୍ୱର ସବୁଠାରୁ ବଡ଼ ଅର୍ଥବ୍ୟବସ୍ଥା ହେବାର ସମ୍ପୂର୍ଣ୍ଣ ସମ୍ଭାବନା ରହିଛି। ଜେଫ୍ରି ସାକ୍ସଙ୍କ ଆକ

ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ସ୍ପାର୍କ-୨୦୨୬ ପାଳିତ

ବେତନଟୀ (ଅମୃତ ମିଡିଆ) : ବେତନଟୀ ବ୍ଲକ ସ୍ଥିତ ଗରୁଡବସା ଓଡିଶା ଆଦର୍ଶ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ସ୍ପାର୍କ-୨୦୨୬ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ତୁଷାର କାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରିଥିଲେ ! ମୁଖ୍ୟ ବକ୍ତା ଭାବରେ ଶାଳବଣି ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଅଧକ୍ଷ ସଞ୍ଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବରେ ବେତନଟୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର ନାୟକ ଏବଂ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ା ପ୍ରମୁଖ ଯୋଗଦେଇ ସମ୍ଭାଷଣ ପ୍ରଦାନ କରିଥିଲେ ଓ ଶିକ୍ଷକ ଦିବ୍ୟାଶୁ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥ୍ୟ ତାଙ୍କ ଉଦ୍ ?ବୋଧନରେ ପିଲାମାନଙ୍କୁ ଚରିତ୍ରବାନ୍ ତଥା ପରିଶ୍ରମୀ ହେବାକୁ ପରାମର୍ଶ ଦେଇଥିଲେ ଏବଂ ପ୍ରତ୍ୟେକ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସ୍ପାର୍କ -୨୦୨୬ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଣଶିକ୍ଷା କର୍ମଚାରୀ ସକ୍ରିୟ ଦାୟିତ୍ୱ ସମ୍ପାଦନା କରିଥିଲେ। ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ବକେୟା ଦରମା ଦାବିରେ ସଫେଇ କର୍ମଚାରୀଙ୍କ ଧାରଣା

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ୩ମାସର ବକେୟା ଦରମା ପ୍ରଦାନ, ଇପିଏଫ ଓ ସିଏସଆଇ ସୁବିଧା ଯୋଗାଇ ଦେବା ଦାବିରେ ଅଭିରାମ ଏଜେନ୍ସି ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ ସଫେଇ କର୍ମଚାରୀମାନେ ଧାରଣାରେ ବସିରହିଛନ୍ତି। ସେମାନଙ୍କର ଦାବି ହେଉଛି ଯେ ସେମାନେ ଚଳିତ ବର୍ଷ ଜୁନମାସ ପହିଲାରୁ ହାଉସକିପିଂ କର୍ମଚାରୀ ବା ସଫେଇ କର୍ମଚାରୀ ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ ହୋଇ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ସେମାନଙ୍କୁ ଅଦ୍ୟାବଧି କୌଣସି ଦରମା ପ୍ରଦାନ କରାଯାଇନଥିବା ବେଳେ ସେମାନଙ୍କୁ ଇପିଏଫ ଓ ସିଏସଆଇ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏସମ୍ପର୍କରେ ସେମାନେ ବାରମ୍ବାର ସଂପୃକ୍ତ ନିଯୁକ୍ତି ସଂସ୍ଥା ନିକଟରେ ଦାବି କରିଥିଲେ ମଧ୍ୟ ସଂସ୍ଥା ପକ୍ଷରୁ ସୁପରଭାଇଜର ସେମାନଙ୍କୁ କାର୍ଯ୍ୟରୁ ବାହାର କରିଦେବାର ଧମକ ଦେଇ ସେମାନଙ୍କ ସ୍ୱରକୁ ଚାପିଦେଉଛି। ଏହି କାର୍ଯ୍ୟରେ ନିୟୋଜିତ ଗରୀବ କର୍ମଚାରୀମାନେ ଦରମା ନପାଇବାରୁ ସେମାନଙ୍କ ପରିବାର ପ୍ରତିପୋଷଣ କରିବାରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି। ଓଳିଏ ଖାଇଲେ ଆର ଓଳିକୁ ସେମାନେ ଉପାସ ରହୁଛନ୍ତି। କିନ୍ତୁ ନିଯୁକ୍ତିଦାତା ସଂସ୍ଥା ସେମାନଙ୍କ ଦୁଃଖ ବୁଝିବାତ ଦୂରର କଥା ବରଂ ସେମାନଙ୍କୁ ଚାକିରୀରୁ ବିଦା କରିଦେବାକୁ ଧମକ ଦେଉଛି ବୋଲି ସେମାନେ ଅଭିଯୋଗ କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଫେଇ କର୍ମଚାରୀମାନେ ଧାରଣା ଦେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କୁଡ କୁଡ ଅଳିଆ ଗଦା ହୋଇରହିଛି। ତୁରନ୍ତ ସେମାନଙ୍କ ସମସ୍ୟା ସମାଧାନ କରାଯିବାକୁ ଡାକ୍ତରଖାନାରେ ଚିକିତ୍ସିତ ରୋଗୀ ଏବଂ ସେମାନଙ୍କ ସାହାଯ୍ୟକାରୀମାନେ ଦାବି କରିଛନ୍ତି। କର୍ମଚାରୀମାନେ ଅଜୟ ଗୋଛାୟତ, ଜ୍ୟୋତିରଞ୍ଜନ ଜେନା, ରବିନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସୁଜାତା ମଲିକ, ମମତା ମଲିକ, ଝୁନୁ ମାଝୀ, ଜ୍ୟୋସ୍ନା ଗୋଡଛାୟତ, ମାନିନୀ ମଲିକ, ଅନୁ ମଲିକ, ଭାରତୀ ମଲିକ, ବନ୍ଦନା ଗୋଛାୟତ, କବିତା ନାୟକ, ପ୍ରମିଳା ନାଥ, ଜୟନ୍ତୀ ଗୋଛାୟତ, ଟୁନି ବେହେରା, ସୁମିତ୍ରା ବାରିକ, ପ୍ରଭାତି ଗୋଛାୟତ, ଝିଲି ଗୋଛାୟତ, ସବିତା ରାଉତ, ଶିବାନୀ ବାରିକ, ଲକ୍ଷ୍ମୀ ହେମ୍ବ୍ରମ, ସିଦ୍ଧାନ୍ତ ଦାସ, ମନୋଜ ମଲିକ, ବାମଦେବ ପାତ୍ର, ନିରଞ୍ଜନ ମଲିକ, ସପ୍ତଦଳ ପରିଡା, ଶଙ୍କର ମଲିକ ପ୍ରମୁଖ ୮୫ କର୍ମଚାରୀ ଧାରଣାରେ ବସିରହିଥିଲେ।

ବେଲାଶପୁର ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ

ବାରିପଦା (ଅମୃତ ମିଡିଆ) : ମୟୁରଭଞ୍ଜ ଜିଲ୍ଲା,ବେତନଟୀ ବ୍ଲକ ଅନ୍ତର୍ଗତ ବେଲାଶପୁର ବନ୍ୟା ଆଶ୍ରୟସ୍ଥଳୀରେ ରାଜ୍ୟ, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ବେତନଟୀ ବ୍ଲକ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ତାଲିମ ପ୍ରଦାନ କରାଯାଇଛି । ଫୋର୍ଡ, ନାଖରା ଓ ବନ୍ୟା ଆଶ୍ରୟସ୍ଥଳୀ କମିଟି ବେଲାଶପୁର ର ମିଳିତ ସହଯୋଗରେ ତାଲିମ ଶିବିର ଅନୁଷ୍ଠିତ ହେଇଥିଲା । ଫୋର୍ଡ ର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମମତା ନାୟକ ସରପଞ୍ଚ ପଟୋଳିପୁରା, ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ,ନିବେଦିତା ବାରିକ ପ୍ରଧାନ ଶିକ୍ଷୟିତ୍ରୀ ପଟୋଳିପୁରା ଉଚ୍ଚ ବିଦ୍ୟାଳୟ, ମୁଖ୍ୟ ବକ୍ତା ଜଗବନ୍ଧୁ ମହାନ୍ତି ଜିଲ୍ଲା ପ୍ରକଳ୍ପ ଅଧିକାରୀ, ସମ୍ମାନନୀୟ ଅତିଥି ମଙ୍ଗଳ ମାଳତୀ ପ୍ରିୟା ମୁର୍ମୁ ଗ୍ରାମପଞ୍ଚାୟତ ଅଧିକାରିଣୀ, ସନ୍ତୋଷ ଦୁର୍ଗା ଅବସରପ୍ରାପ୍ତ ଜେଲ ଅଧିକ୍ଷକ, ମମତା ଗୋଛାୟତ ପଞ୍ଚାୟତ ସମିତି ସଭ୍ୟା ଓ ଜୟନ୍ତ କୁମାର ମହାପାତ୍ର ସମାଜ ସେବୀ ଯୋଗ ଦେଇ ତାଲିମପ୍ରାର୍ଥି ମାନଙ୍କୁ ବିପର୍ଯ୍ୟୟ ସମୟରେ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ସେପ୍ଟମ୍ବର ୧୨-୧୯ରିଖ ପର୍ଯ୍ୟନ୍ତ ଚାଲିବ। ନାଖରା, ମଧୁନଙ୍କା ଓ ଦରିହା ଗ୍ରାମର ୪୦ ଜଣ ଯୁବକ-ଯୁବତୀ ତାଲିମ ନେଉଛନ୍ତି । ଓସଡମା ର ସାଧନା କର୍ମୀମାନେ ତାଲିମ ପ୍ରଦାନ କରିବେ । ଫୋର୍ଡ ଓ ବନ୍ୟା ଆଶ୍ରୟସ୍ଥଳୀ କମିଟିର ସଭ୍ୟ ମାନେ ସହଯୋଗ କରିଥିଲେ । ବନ୍ୟା ଆଶ୍ରୟସ୍ଥଳୀ କମିଟିର ସମ୍ପାଦକ ତିଲୋକେଶ୍ୱର ଦୁର୍ଗା ଧନ୍ୟବାଦ ଅର୍ପଣ କରିଥିଲେ ।

ମୃତ୍ୟୁଞ୍ଜୟଙ୍କ ଅକାଳ ବିୟୋଗ, ଅଞ୍ଚଳରେ ଶୋକର ଛାୟା

ଧୂଷୁରୀ (ଅମୃତ ମିଡିଆ): ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ଅଧୀନ ବେତାଳିଗାଁର ଜଣାଶୁଣା ବ୍ୟବସାୟୀ, ସାମାଜିକ ତଥା ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ସାହୁ (୪୫)ଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ବାତାବରଣ ସୃଷ୍ଟି ହୋଇଛି। ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୨ଟା ସମୟରେ ହୃଦଘାତରେ ତାଙ୍କର ପରଲୋକ ଘଟିଥିବା ଜଣାପଡ଼ିଛି। ମୃତ୍ୟୁଞ୍ଜୟଙ୍କ ମରଶରୀରକୁ ଶୁକ୍ରବାର ପୂର୍ବାହ୍ନରେ ଏକ ଶୋଭାଯାତ୍ରାରେ ବେତାଳିଗାଁ ବଜାର ସମେତ ବାପୁଜୀ ହାଇସ୍କୁଲ, ପିଜିପି ବାଳିକା ଉଚ୍ଚ ବିଦ୍ୟାଳୟ, ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାବାମଣି ତିଗ୍ରୀ ମହାବିଦ୍ୟାଳୟକୁ ନିଆଯାଇଥିଲା। ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକା ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଖବର ପାଇ ଧାମନଗର ବ୍ଲକର ପୂର୍ବତନ ଚେୟାରମ୍ୟାନ ଅଶୋକ ନାୟକ, ଜିଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବିଜେଡି ନିର୍ବାଚନମଣ୍ଡଳୀ ନେତା ଡା. ସଞ୍ଜୟ ଦାସ, ଉଚ୍ଚ ନ୍ୟାୟାଳୟର ଅଧୀବକ୍ତା ଦେବାଶିଷ ସାମଲ, ପାଳସାହି ସରପଞ୍ଚ ଅଜୟ ମଲିକ, ପୂର୍ବତନ ସରପଞ୍ଚ ସୁଶାନ୍ତ ନାୟକ, ଅନନ୍ତ ମହାନ୍ତି, ଅନିଲ କୁମାର ଦାସ, ରଇପୁର ସରପଞ୍ଚ ଜଗତାନନ୍ଦ ସେଠି, ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ବେହେରା, ଧୂଷୁରୀ ପ୍ରେସ ୟୁନିୟନ ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, ବରିଷ୍ଠ ସାମ୍ବାଦିକ ଦୀପ୍ତି ରଞ୍ଜନ ସାହୁ, ସିଦ୍ଧାର୍ଥ ଶଙ୍କର ମିଶ୍ର, ଅନନ୍ତର୍ଯ୍ୟାମୀ ଦାସ, ସ୍ୱାଧୀନ ଦାସଙ୍କ ସମେତ ବହୁ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମୃତ୍ୟୁଞ୍ଜୟ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ସେ ପାଳସାହି ସେବା ସମବାୟ ସମିତିର ସଭ୍ୟ, ବେତାଳିଗାଁ ବଣିକ ସଂଘର ସହସମ୍ପାଦକ ଓ ଧୂଷୁରୀ ପ୍ରେସ ୟୁନିୟନର ସହସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ଏଥିସହ ବିଭିନ୍ନ ଶିକ୍ଷାନୁଷ୍ଠାନର ପରିଚାଳନା କମିଟିର ସଭାପତି ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ତାଙ୍କ ମିଳାପୀ ସ୍ୱଭାବ ଓ ସାମାଜିକ କାର୍ଯ୍ୟ ପାଇଁ ସେ ଅଞ୍ଚଳବାସୀଙ୍କ ନିକଟରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ବେତାଳିଗାଁ ସମେତ ଆଖପାଖ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

ଗାଁସାଥି ମେଟ୍‌ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି ପ୍ରସ୍ତୁତି ବୈଠକ

ସରକାର ପ୍ରତିଶୃତି ପୂରଣ ନହେଲେ ୨୧ରୁ ଧାରଣା

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ଗାଁ ସାଥି(ମେଟ) ସଙ୍ଘ ମିଳିତ କ୍ରିୟାନୁଷ୍ଠାନ କମିଟି କେନ୍ଦ୍ରାପଡା ଜିଲ୍ଲା ଶାଖାର ଏକ ପ୍ରସ୍ତୁତି ବୈଠକ ସଭାପତି ଅନିଲ କୁମାର ଜେନାଙ୍କ ପୌରହିତ୍ୟରେ ଗରାପୁରସ୍ଥିତ ଶ୍ରୀଗୋପାଳଜୀଉଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ୨୦ତାରିଖ ପୂର୍ବରୁ ରାଜ୍ୟ ସରକାର ଦେଇଥିବା ପ୍ରତିଶୃତି ଗାଁ ସାଥି(ମେଟ)ମାନଙ୍କ ମାସିକ ପ୍ରୋତ୍ସାହନ ରାଶି ୧୫ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଯଦି ଘୋଷଣା ନକରନ୍ତି ତେବେ ଆସନ୍ତା ୨୧ତାରିଖରୁ ଭୁବନେଶ୍ୱରସ୍ଥିତ ଗାନ୍ଧୀ ମାର୍ଗରେ ୫୦ହଜାର ରୁ ଉର୍ଦ୍ଧ୍ୱ ଗାଁସାଥିମାନେ ରାଜ୍ୟ ସଙ୍ଘ ଡାକରାରେ ଗଣଧାରଣା ଦେବା ସହିତ ରାଲି କରି ପ୍ରତିବାଦ ଜଣାଇବେ ବୋଲି ନିଷ୍ପ□ ଗ୍ରହଣ କରାଯାଇଛି। ଏହି ଗଣଧାରଣାରେ କେନ୍ଦ୍ରାପଡା ଜିଲ୍ଲାରୁ ୧୫ଶହ ଗାଁସାଥି ଯୋଗଦେବେ ବୋଲି ସ୍ଥିର କରାଯାଇଛି। ବୈଠକରେ ରାଜ୍ୟ ପ□ାୟତିରାଜ ଓ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ପତ୍ର ସଂଖ୍ୟା- ୨୪୫୦୯ ତା ୨୯.୦୮.୨୦୨୬ରିଖ ଏବଂ ବିଭାଗର ପତ୍ର ସଂଖ୍ୟା- ୨୫୩୧୪ ତା ୫.୦୯.୨୦୨୬ରିଖକୁ କଡାକଡି ଭାବେ ପାଳନ କରାଯାଇ ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଆସନ୍ତା ୧୫ତାରିଖ ଭିତରେ ରାଜ୍ୟ ପଞ୍ଚାୟତିରାଜ ବିଭାଗକୁ ଆବଶ୍ୟକ ତଥ୍ୟ ପ୍ରଦାନ କରାଯିବାକୁ ସଙ୍ଘ ପକ୍ଷରୁ ନିବେଦନ କରାଯାଇଛି। ଏତଦ ବ୍ୟତିତ ଗତ ୬ମାସ ହେବ ଗାଁସାଥିମାନେ ମନରେଗା ଯୋଜନାରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକରି ସେମାନଙ୍କ ପ୍ରାପ୍ୟ ପାଇନଥିବାରୁ ସେହି ବକେୟା ପ୍ରାପ୍ୟକୁ ତୁରନ୍ତ ପ୍ରଦାନ କରାଯିବାକୁ ଦାବି କରାଯାଇଛି। କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅଧିନ ଅଟାଳ, ମାଣିକପାଟଣା ଓ ବାଳକାଟି ଭଳି ୩ଟି ପ□ାୟତରେ କାର୍ଯ୍ୟରତ ମେଟ୍‌ମାନଙ୍କୁ ଡାଟାବେସରେ ସ୍ଥାନିତ କରିବା ପାଇଁ ଜିଲ୍ଲା ପରିଷଦ ମୁଖ୍ୟଉନ୍ନୟନ ଅଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ନିବେଦନ ସତ୍ୱେ ଅଦ୍ୟାବଧି ତାହା ସମ୍ଭବ ହୋଇପାରିନାହିଁ। ତେଣୁ ତୁରନ୍ତ ସେମାନଙ୍କ ଡାଟାବେସ ପ୍ରସ୍ତୁତ କରାଯିବାକୁ ସଙ୍ଘ ପକ୍ଷରୁ ପୁନର୍ବାର ଦାବି କରାଯାଇଛି। ଏହି ବୈଠକରେ ସମ୍ପାଦକ ବିଜୟ କୁମାର ବେହେରା, ବ୍ଲକ କର୍ମକ□ି ପ୍ରଶାନ୍ତ କୁମାର ଦାସ, ମନୋଜ କୁମାର ସୁତାର, ଅଜୟ କୁମାର ମହାପାତ୍ର, ମନୋଜ କୁମାର ସାହୁ, ପରମାନନ୍ଦ ସାମଲ, ବିଜୟ କୁମାର ରାଉତ, ଜ୍ୟୋସ୍ନାରାଣୀ ବେହେରା, ଅନ୍ନପୂର୍ଣ୍ଣା ସାହୁ, ସୁରେଖା ପାଇଟାଳ, ଜାନକୀ ମହାରଣା, ପ୍ରତାପ ପରିଡା, ସୁରେଶ ସାମଲ, ଅହେଶକାନ୍ତ ନାୟକ, ରାନୁ ଜେନା, ଲକ୍ଷ୍ମୀପ୍ରିୟା ମିଶ୍ର, ଲତିକା ସ୍ୱାଇଁ, ଅନିତା ଦାସ, କୌଶଲ୍ୟା, ଯମୁନା ବେହେରା, ସତ୍ୟବ□ ରଣା ପ୍ରମୁଖ ଶତାଧିକ ଗାଁସାଥିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

ବାରିପଦା (ଅମୃତ ମିଡିଆ) : ମୟୂରଭଞ୍ଜ ଜିଲ୍ଲା, ବେତନଟୀ ବ୍ଲକ ଅନ୍ତର୍ଗତ ହାତିପତୁକା ପଞ୍ଚପଲ୍ଲୀ ଉଚ୍ଚ ବିଦ୍ୟାଳୟ ଠାରେ ବେତନଟୀ ବ୍ଲକ ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୪ ଟି ଜୋନ ରୁ ଚୟନ ହୋଇ ଆସିଥିବା ବାଳକ ଓ ବାଳିକା ବିଭାଗରୁ ୧୭ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ପ୍ରତିଯୋଗୀଙ୍କ ମଧ୍ୟରେ ଫୁଟବଲ୍, ଖୋ ଖୋ ଓ କବାଡି ଖେଳ ଅନୁଷ୍ଠିତ ହୋଇଥିଲା। ପଞ୍ଚପଲ୍ଲି ହାଇସ୍କୁଲ୍ ର ପ୍ରଧାନ ଶିକ୍ଷକ ସୁବ୍ରତ ରଂଜନ ଦୁର୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସାଟନୀ ଉତ୍ସବ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦାନ କରି ପିଲା ମାନଙ୍କୁ କ୍ରୀଡ଼ା ର ଆବଶ୍ୟକତା ବିଷୟରେ ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତା ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିନୋଦ କୁମାର ସିଂ, ସ୍ୱତନ୍ତ୍ର ଅତିଥୀ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା, ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଏବିଇଓ ଅପର୍ଣ୍ଣା ସାହୁ, ଜିଲ୍ଲା ଓଷ୍ଟା ସଂପାଦକ କିଶୋର କୁମାର ଆଚାର୍ଯ୍ୟ ଯୋଗ ଦେଇ ଥିବା ବେଳେ ବ୍ଲକ କ୍ରୀଡ଼ା ସମ୍ପାଦକ ସଞ୍ଜୟ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ ଓ ବାର୍ଷିକ ବିବରଣୀ ପାଠ କରିଥିଲେ, ଅବସର ପ୍ରାପ୍ତ ଖେଳ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାମଲ ମଞ୍ଚ ପରିଚାଳନା କରିଥିବା ବେଳେ ଅବସର ପ୍ରାପ୍ତ ବରିଷ୍ଠ ଖେଳ ଶିକ୍ଷକ ହରିଶ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ୍ ର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଯୋଗଦାନ କରିଥିଲେ। ଚୟନ ହୋଇଥିବା ଛାତ୍ର ଛାତ୍ରୀ ମାନେ ଆସନ୍ତା ୧୬ ତାରିଖ ଠାରୁ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଖେଲାରାମ ବିଦ୍ୟା ନିକେତନ ପରୁଲିଆ ଠାରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରିବେ ବୋଲି ଜଣା ପଡ଼ିଛି।

ଗଣକବିଙ୍କ ମଞ୍ଚ ଅଭିନେତ୍ରୀ ହାରାମଣି ଦେବୀଙ୍କ ପରଲୋକ

ମାହାଙ୍ଗା (ଅମୃତ ମିଡ଼ିଆ) : ଓଡ଼ିଆ ଗୀତିନାଟ୍ୟ ଜଗତର ମଉଡ ମଣୀ ଗଣକବି ବୈଷ୍ଣବ ପାଣିଙ୍କ ନାଟକରେ ଜଣେ ସଫଳ ଅଭିନେତ୍ରୀ ଭାବେ ନିଜର କଳା ନୈପୁଣ୍ୟତା କୁ ଅତି ନିଖୁଣ ଭାବେ ପ୍ରଦର୍ଶିତ କରି ଅଜସ୍ର ସଫଳତା ସାଉଁଟି ଥିବା ହାରା ମଣି ରାଉତ ଆଉ ଇହ ଜଗତରେ ନାହାନ୍ତି । ଯେତେବେଳେ ନାରୀ କଳାକାରଟିଏ ମୁହଁରେ ରଙ୍ଗ ବୋଳି ଅଭିନୟ ପାଇଁ ବାହାରିବା ଦୁରୁହ ବ୍ୟାପାର ଥିଲା, ସେତେବେଳେ ଅର୍ଥାତ ପଚାଶ ବର୍ଷ ତଳେ ଯୁବତୀ ମାନେ ମଞ୍ଚମୁହାଁ ହେବା କୃତିତ ଦେଖିବାକୁ ମିଳୁଥିଲା । ସେହି ସମୟରେ ନିଜକୁ ଜଣେ ସଫଳ ନାରୀ ଅଭିନେତ୍ରୀ ଭାବେ ପ୍ରମାଣିତ କରିପାରିଥିଲେ ହାରାମଣି ଦେବୀ । ମାହାଙ୍ଗା ବ୍ଲକ ପୋଡାମରାଇ ପଞ୍ଚାୟତ ଏରକଣା ଗ୍ରାମର ହାରାମଣି କେବଳ ଗୀତିନାଟ୍ୟରେ ଅଭିନୟ କରୁଥିଲେ ସେକଥା ନୁହେଁ। ସେ ନିଜ ଗ୍ରାମର ମହିଳା ମାନଙ୍କୁ ଏକାଠି କରି ସ୍ୱାୟଂସହାୟକ ଗୋଷ୍ଠୀ ଗଠନର ମୁଖ୍ୟ ବନ୍ଧାଣୀ ଥିଲେ । ପଞ୍ଚାୟତର ନାଏବ ସରପଞ୍ଚ, ଏକାଧିକ ବାର ୱାର୍ଡ ସଭ୍ୟା ଭାବେ ସେ ମଧ୍ୟ ଦାୟୀତ୍ୱ ନିର୍ବାହ କରିଛନ୍ତି କ୍ଷ ଜଣେ କଳା ସାହିତ୍ୟ ସଂସ୍କୃତି ପ୍ରେମୀ ଆଧାମିକବାଦୀ ମହିଳା ଭାବେ ତାଙ୍କର ବେଶ ସୁଖ୍ୟାତି ରହିଛି । ତାଙ୍କର ୩ ପୁଅଙ୍କ ଭିତରୁ ଅଧ୍ୟାପକ ଡକ୍ଟର ଅଶୋକ କୁମାର ରାଉତ ଜଣେ ସାହିତ୍ୟିକ ଓ ସାରସ୍ୱତ ସଂଗଠକ ଅଟନ୍ତି । ପୁତ୍ର ହରେକୃଷ୍ଣ ଓ ପରମାନନ୍ଦ ମଧ୍ୟ ମାଆଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜରେ ଭଲକାମ କରୁଛନ୍ତି । ହାରାମଣିଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସ୍ଥାନ

ବଣବୁଦାରେ ଭର୍ତ୍ତି ଶିଶୁ ଉଦ୍ୟାନ

ଚମ୍ପୁଆ (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଏନ୍‌ଏସିରେ ଥିବା ଶିଶୁ ଉଦ୍ୟାନ ବଣବୁଦାରେ ଭର୍ତି ହୋଇଛି । ଲୋକଙ୍କ ସ୍ୱାସ୍ଥ୍ୟ ଓ ଶିଶୁଙ୍କ ମନୋରଞ୍ଜନ ପାଇଁ ତତ୍କାଳୀନ ଉପଜିଲ୍ଲାପାଳ ପାରୁଲ ପଟ୍ଓାରୀଙ୍କ ଉଦ୍ୟମରେ ରୁଙ୍ଗଟା କମ୍ପାନୀ ପକ୍ଷରୁ ନିର୍ମିତ ଶିଶୁ ଉଦ୍ୟାନ ଓ ଜିମ୍ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ରକ୍ଷଣାବେକ୍ଷଣ ଅଭାବରୁ ପାର୍କ ପରିସର ବଣବୁଦାରେ ଭରିଯାଇଛି । ଜିମ୍‌ରେ ମଧ୍ୟ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଲୋକେ ବ୍ୟାୟାମ କରିବାକୁ ବାଧ ହେଉଛନ୍ତି । ଶିଶୁ ଉଦ୍ୟାନର ଅବସ୍ଥା ଦେଖିଲେ ରକ୍ଷଣାବେକ୍ଷଣ କେବଳ କାଗଜପତ୍ରରେ ସୀମୀତ ଥିବା ଭଳି ମନେହେଉଛି । ପାର୍କ ଭିତରେ ଅନାବନା ଘାସ ଓ ବଣବୁଦା ମାଡିଯାଇଥିବାରୁ ଏହା ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିବା ଆଶଙ୍କା ସୃଷ୍ଟି କରିଛି

। ଏପରି ପରିସ୍ଥିତିରେ ଛୋଟପିଲାଙ୍କୁ ନେଇ ପାର୍କକୁ ଆସୁଥିବା ଅଭିଭାବକଙ୍କ ମଧ୍ୟରେ ଭୟ ବଢିଛି । ଅନ୍ୟପଟେ ପାର୍କ ଭିତର ପାଦଚଲା ରାସ୍ତାରେ ନୀଳରଙ୍ଗର ଶିଉଳି ଜମିଯାଇଥିବାରୁ ବ୍ୟାୟାମ କରୁଥିବା ଲୋକେ ହଇରାଣ ହେଉଛନ୍ତି । ଯେକୌଣସି ସମୟରେ ଅଘଟଣ ଘଟିବା ଆଶଙ୍କା ରହିଛି । ଜିମ୍ ପରିବେଶ ମଧ୍ୟ ସ୍ୱାସ୍ଥ୍ୟକର ନ ଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅଭିଯୋଗ ପରେ ବି ଏନ୍‌ଏସି ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇ ନ ଥିବା ଦେଖାଯାଇଛି । ଫଳରେ ଅଧିକାରୀ ଜଗନ୍ନାଥ ବେହେରାଙ୍କୁ ପଚାରାଯିବାରୁ ସଫେଇ କାମ ଚାଲିଥିବା କୁହାଯାଇଥିଲା । ହେଲେ ବାସ୍ତବ ସ୍ଥିତିରେ ଏ ପର୍ଯ୍ୟନ୍ତ କୌଣସି କାମ ଆରମ୍ଭ ହୋଇ ନ ଥିବା ଦେଖାଯାଇଛି । ଫଳରେ ମଧ୍ୟରେ ଫରକ ନେଇ ପ୍ରଶ୍ନ ଉଠିଛି । ଲୋକଙ୍କ ସ୍ୱାସ୍ଥ୍ୟ ଓ ଶିଶୁଙ୍କ ସୁରକ୍ଷା ସହ ଜଡିତ ଏହି ସ୍ଥାନର ତୁରନ୍ତ ସଫେଇ, ଶିଉଳି ହଟାଇବା ଓ ଆବଶ୍ୟକ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି ।

ଗଞ୍ଜାମ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ ପରିସରରେ ଶ୍ରୀସିଦ୍ଧି ବିନାୟକ ବିଗ୍ରହ ପ୍ରତିଷ୍ଠା

ବ୍ରହ୍ମପୁର (ଅମୃତ ମିଡିଆ): କେନ୍ଦୁଝର ବ୍ରହ୍ମପୁର ସହରର ଫାଷ୍ଟ ଗେଟ୍ ନିକଟରେ ଥିବା ଗଞ୍ଜାମ ଟ୍ରକ୍ ମାଲିକ ସଂଘ ପରିସରରେ ଶ୍ରୀ ସିଦ୍ଧି ବିନାୟକ ବିଗ୍ରହ ସହିତ ଗଣପତି ପ୍ରାସାଦ ପ୍ରତିଷ୍ଠା ଓ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି । ତିନି ଦିନ ଧରି ଧୁମଧାମରେ ପାଳିତ ହେବ ଓ ଶ୍ରୀ ସିଦ୍ଧିବିନାୟକ ବିଗ୍ରହର୍ତ୍ତା ଗଣେଶଙ୍କ ବିଶେଷ ପୂଜା ଓ ପ୍ରତିଷ୍ଠା ଉତ୍ସବ ସହ ବିଭିନ୍ନ ଧାର୍ମିକ ଓ ପାରମ୍ପରିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଆଜି ପ୍ରଥମ ଦିନରେ ସହରର ହରଡ଼ ଖଣ୍ଡି ପୋଖରୀରୁ ଜଳଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ ମହିଳା ଯୋଗ ଦେଇଥିବା ବେଳେ ପରେ ଅଙ୍କୁରାରୋପଣ, ମଣ୍ଡଳାବାସ ସହ ବିଭିନ୍ନ ପୂଜାବିଧି ଅନୁଷ୍ଠିତ ହେବ । ଆସନ୍ତା କାଲି ମହାସ୍ନାନ, ବେଦପାଠ, ବିଭିନ୍ନ ପୂଜାର୍ଚ୍ଚନା ସହ ଦେବତାଙ୍କ ପ୍ରବେଶ ଓ ଅନ୍ୟାନ୍ୟ ଧାର୍ମିକ ନୀତିକାନ୍ତ ରହିଛି । ଏହାପରେ ନିତ୍ୟପୂଜା ସହ ମହାଯଜ୍ଞ, ବିଭିନ୍ନ ହୋମ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ । ଏହା ସହ ଗଣେଶ ଚତୁର୍ଥି ଅବସରରେ ଭକ୍ତମାନଙ୍କ ପାଇଁ

ଶ୍ରୀ ସିଦ୍ଧିବିନାୟକଙ୍କ ବିଶେଷ ଦର୍ଶନ ଓ ପ୍ରସାଦ ବ୍ୟବସ୍ଥା କରିଛି ସଂଘ । ଅନୁଷ୍ଠାନରେ ସର୍ବାଧିକ ଭକ୍ତଙ୍କ ସମାଗମକୁ ନଜରରେ ରଖି ଆୟୋଜକଙ୍କ ପକ୍ଷରୁ ଆବଶ୍ୟକ ପ୍ରସ୍ତୁତି କରାଯାଇଛି । ଆଜି ପ୍ରଥମ ଦିନରେ କଳଶ ଯାତ୍ରାରେ ଗଞ୍ଜାମ ଟ୍ରକ ମାଲିକ ସଂଘର ସଭାପତି ପ୍ରମୋଦ କୁମାର ଜେନା, ସମ୍ପାଦକ, ରଞ୍ଜିତ କୁମାର ପଣ୍ଡା ଙ୍କ ସମେତ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବ୍ରହ୍ମପୁର ବିଧାୟକ ରେମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ବିଜେଡି ନେତା ସୁବାଷ ମହାରଣା, ବିଜେପି ନେତା ଅଶୋକ ଶୁକ୍ଲ, ଶିବ ଶାହାଣୀ, ଗଞ୍ଜାମ ଟ୍ରକ୍ ମାଲିକ ସଂଘର ଉପ- ସଭାପତି କାଲି ଚରଣ ସ୍ୱାଇଁ , ସହ ସମ୍ପାଦକ ସୁବାଷ ଚନ୍ଦ୍ର ପଣ୍ଡା,ଓ୍ୱାର୍କିଂ ପ୍ରେସିଡେଣ୍ଟ ନୀରଞ୍ଜନ ଜେନା, ଆସିଷ୍ଟାଣ୍ଟ ଟ୍ରିଜେରର ମନୋଜ କୁମାର ପାଢୀ ପ୍ରମୁଖ ଯୋଗ ଦେଇଥିଲେ ।

ଅଲ ଓଡ଼ିଶା ଦିବ୍ୟାଙ୍ଗ ଜନ କଲ୍ୟାଣ ସଂଘ ନୂତନ କାର୍ଯ୍ୟକର୍ତ୍ତାଙ୍କ କାର୍ଯ୍ୟଭାର ଗ୍ରହଣ

ଚାନ୍ଦବାଲି (ଅମୃତ ମିଡିଆ): ଚାନ୍ଦବାଲିରେ ଅଲ ଓଡ଼ିଶା ଦିବ୍ୟାଙ୍ଗ ଜନ କଲ୍ୟାଣ ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସହ ସାଧାରଣ ସଭା ଅନୁଷ୍ଠିତ ହୋଇଛି । ସଂଘର ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସ୍ୱାଗତ କରାଯିବା ସହ ଦିବ୍ୟାଙ୍ଗମାନଙ୍କ ସ୍ୱାର୍ଥ ଓ ଅଧିକାର ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିସହ ଦିବ୍ୟାଙ୍ଗମାନଙ୍କ ଜୀବନ ଓ ସଂଘର୍ଷକୁ ନେଇ ଜଳଚିତ୍ର ଏଡବ୍ଲ୍ୟୁଏମ୍ ନିର୍ମାଣ ପାଇଁ ପ୍ରସ୍ତୁତି ନେଇ ମଧ୍ୟ ସୂଚନା ଦିଆଯାଇଛି ।

ଅଲ ଓଡ଼ିଶା ଦିବ୍ୟାଙ୍ଗ ଜନ କଲ୍ୟାଣ ସଂଘ ପକ୍ଷରୁ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ସଂଘର ରାଜ୍ୟ ସଭାପତି ସୁନିତ କୁମାର ରାଉତ,ଉପ ସଭାପତି ପ୍ରଦୀପ କୁମାର ନାୟକ,ସମ୍ପାଦକ ନାରାୟଣ ରାଉତ,ସହ ସମ୍ପାଦକ ଚନ୍ଦ୍ର ଶେଖର ଜେନା, କୋଷାଦକ୍ଷ ଦେବ ବ୍ରତ ମଲ୍ଲିକ, ଓ ମିନାକ୍ଷୀ ମହାପାତ୍ର ପ୍ରମୁଖ ଯୋଗ ଦେଇ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା ।

ଦିବ୍ୟାଙ୍ଗମାନଙ୍କ ସମସ୍ୟା, ଅଧିକାର ଓ ସାମାଜିକ ସଚେତନତାକୁ ନେଇ ସଂଘ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି । ଏଥିସହ ଦିବ୍ୟାଙ୍ଗମାନଙ୍କ ଜୀବନ କାହାଣୀ ଓ ସଂଘର୍ଷକୁ ଆଧାର କରି ଜଳଚିତ୍ର ଏଡବ୍ଲ୍ୟୁଏମ୍ ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଥିବା ନେଇ ସଂଘ ପକ୍ଷରୁ ସୂଚନା ଦିଆଯାଇଛି ।

ଭାଗଚାଷୀଙ୍କ ପାଇଁ ଆଇନ ପ୍ରଣୟନ ଲାଗି ରଷିକୁଲ୍ୟା ରୟତ ମହାସଭାର ଦାବି

ଛତ୍ରପୁର (ଅମୃତ ମିଡିଆ): ଭାଗଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ସ୍ୱତନ୍ତ୍ର ଭାଗଚାଷୀ ଆଇନ ପ୍ରଣୟନ ସହ ଭୂ-ବନ୍ଦୋବସ୍ତ ପ୍ରକ୍ରିୟା ତୁରନ୍ତ କାର୍ଯ୍ୟକାରୀ କରିବାକୁ ରଷିକୁଲ୍ୟା ରୟତ ମହାସଭା ପକ୍ଷରୁ ଦାବି କରାଯାଇଛି ।

ଛତ୍ରପୁରଠାରେ ମହାସଭା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଗଚାଷୀ ଓ ଚାଷୀଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରାଯାଇଥିଲା । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ମହାସଭା ଚେତାବନୀ ଦେଇଛି । ନିଜ ନାମରେ ପଟ୍ଟା ଥିବା ଜମିଧାରୀ କେବଳ ପ୍ରକୃତରେ ଚାଷୀ ନୁହନ୍ତି । ନିଜ ଜମିରେ ଚାଷ କରୁଥିବା ବ୍ୟକ୍ତିଙ୍କ ସହ ଭାଗଚାଷୀମାନେ ମଧ୍ୟ ପ୍ରକୃତ ଚାଷୀ । ତେଣୁ ଭାଗଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ସୁବିଧା ଯୋଗାଇବା ପାଇଁ ବ୍ୟବସ୍ଥା କରାଯିବା ଆବଶ୍ୟକ ।

କୃଷି କାର୍ଯ୍ୟ ଆରମ୍ଭ ପୂର୍ବରୁ ଜମିଧାରୀ ଓ ଭାଗଚାଷୀଙ୍କ ସହମତିରେ ନିର୍ଦ୍ଦିଷ୍ଟ ଫର୍ମ ପୂରଣ କରାଯାଇ ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ ବ୍ୟବସ୍ଥା କରିବାକୁ ମହାସଭା ଦାବି କରିଛି । ଏହି ପ୍ରକ୍ରିୟା ପଞ୍ଚାୟତ, ସମବାୟ ସମିତି ଓ କୃଷି ବିଭାଗ କର୍ମଚାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବା ସହ ନିଜ ଜମିରେ ଚାଷ କରୁଥିବା ଚାଷୀଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଫର୍ମ ବ୍ୟବସ୍ଥା କରିବାକୁ ଦାବି ହୋଇଛି ।

ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ

ବେଗୁନିଆପଡା (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା କୋଦଳା କୋର୍ଟ ପରିସରରେ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ତୃତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । କୋଦଳା ଅତିରିକ୍ତ ଜିଲ୍ଲା ଅଦାଲତ ରେ ବିଚାରପତି ବିଶ୍ୱରଞ୍ଜନ ବେହେରା, ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ରେଖାରାଣୀ ପଣ୍ଡା, ଯେଏମଏଫସି ବିଚାରପତି ଶୋଭନ କୁମାର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଲୋକ ଅଦାଲତ ରେ ସମୁଦାୟ ୩୫ ଟି କେସ ର ସମାଧାନ କରାଯାଇ କେବଳ ଅତିରିକ୍ତ ଦୌରା ଜଜକୋର୍ଟରୁ ନଗଦ ଟଙ୍କା ୨୦ ଲକ୍ଷ ୫୦ ହଜାର ଟଙ୍କା ଆଦାୟ କରାଯାଇଥିବା ଜଣାପଡ଼ିଛି । ପ୍ରତ୍ୟକ କୋର୍ଟ ରେ ଜଣେ ନ୍ୟାୟିକ ଅଧିକାରୀ,ବରିଷ୍ଠ ଆଇନଜିବି ଓ ଜଣେ ସମାଜ ସେବୀଙ୍କୁ ସାମିଲ କରାଯାଇଥିଲା । ଏହି ଲୋକ ଅଦାଲତ ରେ ଫଉଜଦାରି ମାମଲା ର ସମାଧାନ ହୋଇଥିବା ଆର୍ଥିକ ଟଙ୍କା, ବ୍ୟାଙ୍କ ଋଣ ସମ୍ବନ୍ଧୀୟ, ବିଦ୍ୟୁତ ବିଲ୍ ସମ୍ପର୍କିତ, ସେହିଭଳି ମୋଟର ଦୁର୍ଘଟଣା, ବୀମା ସମ୍ପର୍କିତ,ଟ୍ରାଫିକ ଚାଲାଣ,ଶ୍ରମ ବିବାଦ, ବୈବାହିକ ବିବାଦ, ଓ ଅନ୍ୟାନ୍ୟ ମାମଲା ରେ ଟଙ୍କା ଆଦାୟ ହୋଇଛି । ପ୍ରାଧିକରଣ ଅଧକ୍ଷ୍ୟ ବିଚାରପତି ବିଶ୍ୱରଞ୍ଜନ ବେହେରା ଏହାର ଏହାର ସୁ ପରିଚାଳନା କରିଥିବା ବେଳେ ବେଳେ, ବହୁ ବରିଷ୍ଠ ଆଇନଜୀବୀ,ବ୍ୟାଙ୍କ ଅଧିକାରୀ, ବିଦ୍ୟୁତ ଅଧିକାରୀ, କୋର୍ଟ କର୍ମଚାରୀ ଓ ଜନସାଧାରଣ ଅଂଶ ଗ୍ରହଣ କରିଥିଲେ ।

ଭୂଦାନ ନେତା ଲକ୍ଷ୍ମଣ ପାତ୍ରଙ୍କ ୩୭ତମ ଶ୍ରାଦ୍ଧବାର୍ଷିକୀ
ଏବେ ବି ଭୂଦାନ ବିଚାରର ଆବଶ୍ୟକତା ରହିଛି : କ୍ରିଷ୍ଣା ମହାନ୍ତି

ବ୍ରହ୍ମପୁର (ଅମୃତ ମିଡିଆ): ଆଜି ମଧ୍ୟ ଦେଶରେ ବିନୋବା ଭାବେଙ୍କ ଭୂଦାନ ବିଚାରର ଆବଶ୍ୟକତା ରହିଛି । ଭୂଦାନ ମାଧ୍ୟମରେ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ଅତୀତରେ ଯେଉଁ ପ୍ରୟାସ ହୋଇଥିଲା, ତାହାର ପ୍ରାସଙ୍ଗିକତା ଏବେ ମଧ୍ୟ ରହିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ବ୍ରହ୍ମପୁରସ୍ଥିତ ରାଜସ୍ୱ ବିଭାଗର ସମ୍ମିଳନୀ କକ୍ଷରେ ଭୂଦାନ ନେତା ଲକ୍ଷ୍ମଣ ପାତ୍ରଙ୍କ ୩୭ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଲକ୍ଷ୍ମଣ ପାତ୍ର ସୃତି ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଲକ୍ଷ୍ମଣ ପାତ୍ରଙ୍କ ପୁତ୍ର କିଶୋର ପାତ୍ର ସମସ୍ତ ଅତିଥି ଓ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ସ୍ୱାଗତ କରିଥିଲେ । ଉତ୍କଳ ଗାନ୍ଧୀ ସ୍ମାରକୀ ନିଧିର ସଭାପତି କ୍ରିଷ୍ଣା ମାହାନ୍ତି ଓଡ଼ିଶାରେ ଭୂଦାନ ଅଭିଯାନ ଏବଂ ଏଥିରେ ଲକ୍ଷ୍ମଣ ପାତ୍ରଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ମନମଥ ପାଢୀ ସ୍ୱାଧୀନତା ସଂଗ୍ରାମ କାଳୀନ କାର୍ଯ୍ୟ ପରେ ଦେଶ ଗଠନରେ ଭୂଦାନ ଆନ୍ଦୋଳନର

ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଗାନ୍ଧୀ ସମାଜ ଶାନ୍ତି ପ୍ରତିଷ୍ଠାନର ବିଶ୍ୱଜିତ ରାୟ ଗାନ୍ଧୀଜୀ ଓ ବିନୋବା ଭାବେଙ୍କ ଆଦର୍ଶର ବ୍ୟାପକ ପ୍ରଚାରପ୍ରସାରର ଆବଶ୍ୟକତା ଉପରେ ମତ ରଖିଥିଲେ ।

'ନବୀନ'ର ସମ୍ପାଦକ ରବି ରଥ ସ୍ମୃତିଚାରଣ କରି ନିଜ ଛାତ୍ରଜୀବନରେ ଲକ୍ଷ୍ମଣ ପାତ୍ରଙ୍କ ଦ୍ୱାରା କିପରି ପ୍ରଭାବିତ ହୋଇଥିଲେ, ସେ ସମ୍ପର୍କରେ ଉଲ୍ଲେଖ କରିଥିଲେ । କଳିଙ୍ଗ ଟିଭିର ଦକ୍ଷିଣ ଓଡ଼ିଶା ମୁଖ୍ୟ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଏବଂ ସ୍ତମ୍ଭକାର ସୌମେନ୍ଦ୍ର ଜେନା ଓଡ଼ିଶାରେ ଭୂଦାନ କାର୍ଯ୍ୟ ଓ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରି ନୂତନ ପିଢ଼ିକୁ ଏହି ବିଚାରଧାରା ଦ୍ୱାରା ପ୍ରଭାବିତ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମଧୁସୂଦନ ବିଚାର ମଞ୍ଚର ରାଜ୍ୟ ସଭାପତି ଡକ୍ଟର ବାୟମନୁ ଜର୍ଦ୍ଦି ଲକ୍ଷ୍ମଣ ପାତ୍ରଙ୍କ ଜୀବନ, କାର୍ଯ୍ୟ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେଛ ଆଗାମୀ ଦିନରେ ଲକ୍ଷ୍ମଣ ପାତ୍ରଙ୍କ ସ୍ମୃତିଚାରଣକୁ ରାଜ୍ୟବ୍ୟାପୀ କରିବା ପାଇଁ ପୁସ୍ତକ ପ୍ରକାଶନ ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଉପରେ ସେ ଜୋର ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ବିଗ୍ରେଶ୍ୱର ସାହୁ, ଶ୍ୟାମସୁନ୍ଦର ଖାଡ଼ଙ୍ଗୀ, ବଂଶୀଧର ନାୟକ, ବୃନ୍ଦାବନ ଖଟେଇ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ । ସାମାଜିକ କାର୍ଯ୍ୟ ପାଇଁ ଉତ୍କଳ ଗାନ୍ଧୀ ସ୍ମାରକୀ ନିଧିର ସଭାପତି କୃଷ୍ଣ ମାହାନ୍ତି, ପ୍ରାକ୍ତନ ଇତିହାସ ଅଧ୍ୟାପକ ପ୍ରଫେସର କୃଷ୍ଣଚନ୍ଦ୍ର ଜେନା, ଲୋକଶକ୍ତି ଅଭିଯାନର ପ୍ରଫୁଲ ସାମନ୍ତରା, ସେବା ସମାଜ ଗଣପୁରର ରାଜେଶ୍ୱରୀ ଦଲାଇ ଏବଂ ଡକ୍ଟର ବିଜୟ କୁମାର ରଥଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ସଞ୍ଜୟ କୁମାର ରାଉତ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଅନୁଷ୍ଠାନର ସଭାପତି ପ୍ରଫେସର ବାମଦେବ ମାଝୀ ଏବଂ ଶେଷରେ ଅବନୀ ଗୟା ଧନ୍ୟବାଦ ଅର୍ପଣ କରିଥିଲେ ।

ଗାଧୋଇବାକୁ ଯାଇ ଭାସିଗଲେ ବୃଦ୍ଧ

ପାରଳାଖେମୁଣ୍ଡି (ଅମୃତ ମିଡିଆ): ଗଜପତି ଜିଲା ପାରଳାଖେମୁଣ୍ଡି ଅମରା ନିକଟ ମହେନ୍ଦ୍ରତନୟା ନଦୀରେ ଗାଧୋଇବାବେଳେ ଜଣେ ବୃଦ୍ଧ ଭାସିଯାଇ ନିଖୋଜ ହୋଇଛନ୍ତି । ସେ ହେଲେ ଦୁର୍ଗା ପ୍ରସାଦ ପାଣିଗ୍ରାହୀ (୬୯) । ଶନିବାର ସକାଳ ପ୍ରାୟ ୫ଟା ୪୦ରେ ଗାଧୋଇବା ସମୟରେ ସେ ନଦୀ ସ୍ରୋତରେ ଭାସିଯାଇଥିବା ଜଣାପଡ଼ିଛି । ଖବର ପାଇ ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରେ ସନ୍ଧାନ ଅଭିଯାନ ଚଳାଇଛି । ତେବେ ଏ ପର୍ଯ୍ୟନ୍ତ ବୃଦ୍ଧଙ୍କ ସନ୍ଧାନ ମିଳିନାହିଁ ।

ବସ୍ ଧକ୍କାରେ ଶିଶୁକନ୍ୟାର ମୃତ୍ୟୁ

ସୋରଡା (ଅମୃତ ମିଡିଆ): ଗଞ୍ଜାମ ଜିଲା ବଡ଼ଗଡ଼ ଥାନା ଉଉପଦା ଗ୍ରାମ ନିକଟରେ ବସ୍‌ଚକା ତଳେ ଚାପି ହୋଇ ଜଣେ ଶିଶୁକନ୍ୟାର ଜୀବନ ଚାଲିଯାଇଛି । ମୃତକ ଜଣକ ସେହି ଗ୍ରାମର କୃଷ୍ଣ ନାୟକଙ୍କ ୬ ବର୍ଷର ଝିଅ କଳ୍ପନା । ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଥିବାବେଳେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି । ଘଟଣାସ୍ଥଳରେ ଆସିକା ଏସ୍ ?ଡିପିଓ ପହଞ୍ଚି ଲୋକଙ୍କୁ ବୁଝଶୁଝ। କରୁଛନ୍ତି । ସୂଚନାନୁଯାୟୀ, ଘରୋଇ ବସ୍‌ଟି ବ୍ରହ୍ମପୁରରୁ ସୋରଡ଼ା ଆସୁଥିବାବେଳେ ଉଉପଦା ନିକଟରେ ଝିଅଟିକୁ ଧକ୍କା ଦେଇଥିଲା । ଫଳରେ ସେ ଚକାତଳେ ଚାପି ହୋଇଯାଇଥିଲା । ଦୁର୍ଘଟଣା ଘଟିବା ପରେ ବସ୍ ?ଟି ଦ୍ରୁତଗତିରେ ସେଠାରୁ ପଳାଇ ଆସି ବଡ଼ଗଡ଼ ଥାନା ନିକଟରେ ଅଟକିଥିଲା । ଘଟଣାସ୍ଥଳରେ ଆସିକା ଏସ୍ ?ଡିପିଓ ସୌରବ ପ୍ରଧାନ ପହଞ୍ଚି ତଦନ୍ତ କରୁଛନ୍ତି ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ହାତୀଓଟର ୧୦ମ ପ୍ରତିଷ୍ଠା ଉତ୍ସବ 'ସ୍ପାର୍କ-୨୦୨୬'

ପୋଲସରା (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ପୋଲସରା ହାତୀଓଟ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦ମ ତମ ପ୍ରତିଷ୍ଠା ଉତ୍ସବ ସ୍ପାର୍କ-୨୦୨୬ ପ୍ରିନ୍ସିପାଲ ଉର୍ମିଳା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବହୁ ଉତ୍ସାହ ସହକାରେ ପାଳିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଦୀପ କୁମାର ପରମଗୁରୁ (ଅଧକ୍ଷ ଆଞ୍ଚଳିକ ମହିଳା ମହାବିଦ୍ୟାଳୟ, ପୋଲସରା), ମୁଖ୍ୟ ବକ୍ତା ଭାବେ ଡଃ ଦିବାକର ମିଶ୍ର (ପ୍ରାକ୍ତନ ଅଧକ୍ଷ, ପୋଲସରା ବିଜ୍ଞାନ ମହାବିଦ୍ୟାଳୟ) ଏବଂ ସମ୍ମାନିତ ଅତିଥି ଭାବେ ରଞ୍ଜନ କୁମାର ସାହୁ, ଶ୍ରୀ ଗୋପୀନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ବର୍ତ୍ତିନୀ, ସୁଶାନ୍ତ କୁମାର ସାହୁ (ବରିଷ୍ଠ ଆଇନଜୀବୀ) ପ୍ରମୁଖ ଯୋଗଦେଇଥିଲେ । ଆରମ୍ଭରେ ଯୁବ ନୃତ୍ୟଶିଳ୍ପୀ ଆର୍ ପାଣ୍ଡବ

'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତର ତାଳେ ତାଳେ ଉଚ୍ଚ କୋଟିର ନୃତ୍ୟାଭି

ଲକ୍ଷାଧିକ ଟଙ୍କାର ବିଦ୍ୟୁତ ତାର ଚୋରି, ଡେମୋ ଦେଖାଇଲା ଅଭିଯୁକ୍ତ

ରଣପୁର(ଅମୃତ ମିଡିଆ): ଗତ କିଛି ଦିନ ଧରି ନୟାଗଡ଼ ଜିଲ୍ଲା ବାଲୁଗାଁ ଡିଭିଜନ ଅଧୀନ ରଣପୁର ବିଦ୍ୟୁତ ପରିବଣ୍ଟନ କାର୍ଯ୍ୟାଳୟ ପରିସରରୁ ଜମା ହୋଇଥିବା ବିଦ୍ୟୁତ୍ ତାର ଚୋରି ହେବା ନେଇ କର୍ମଚାରୀମାନେ ପରିବଣ୍ଟନ ଦାୟିତ୍ୱରେ ଥିବା ଯନ୍ତ୍ରୀ ସୁଦର୍ଶନ କଦମ ସିଂଙ୍କୁ ଜଣାଇଥିଲେ। ପରିସରରେ ସି ସି କ୍ୟାମେରା ଓ ସୁରକ୍ଷା ଜଗୁଆଳି ବ୍ୟବସ୍ଥା ନକରି ଯନ୍ତ୍ରୀକାର୍ଯ୍ୟରତ କର୍ମଚାରୀଙ୍କ ଉପରେ ସନ୍ଦେହ ପ୍ରକଟ କରି ଦୋଷାରୋପ କରୁଥିଲେ। ପଦକ୍ଷେପ ନେବାପାଇଁ ଚାଗିଦ କରିଥିଲେ। ସେପ୍ଟେମ୍ବର ୧୧ ତାରିଖରେ ରଣପୁର ପୁଲିସ ଜିମା ଦେଇଥିଲେ। କାର୍ଯ୍ୟରତ କର୍ମଚାରୀ ଲକ୍ଷ୍ମୀଧର ମହାନ୍ତି ଓ କବିରାଜ ପରିଡା ଗତ ସେପ୍ଟେମ୍ବର ୧୦ ତାରିଖ ରାତିରେ ଚୋର ଧରିବା ପାଇଁ ଛକି ରହିଥିଲେ। ରାତି ଦୁଇଟା ପରେ ଚୋର ପଛପଟ ଗେଟ୍ ଡେଇଁ ଚୋରି କରିବା ସମୟରେ ଜୀବନକୁ ବାଜି ଲଗାଇ ଜଣେ ଚୋରକୁ କାବୁ କରିବା ସମୟରେ ଅନ୍ୟ ଜଣେ ଦଉଡ଼ି ପଳାଇବାକୁ ସକ୍ଷମ ହୋଇଥିଲେ। କାର୍ ଧରି ବାହାରେ ଅପେକ୍ଷା କରିଥିବା ଚୋର ମଧ୍ୟ ପଳାଇ ଯାଇଥିଲା। ସେପ୍ଟେମ୍ବର ୧୧ ତାରିଖରେ ରଣପୁର ପୁଲିସ ଜିମା ଦେଇଥିଲେ। ଅଭିଯୁକ୍ତ ଜଣକ ନୟାଗଡ଼ କୋଷ୍ଟାର ସମୀର ମହାନ୍ତି(୧୮)। ସମୀର କହୁଛି ସେ ଖୋର୍ଦ୍ଧା ମାଗି କମ୍ପାନୀରେ କାର୍ଯ୍ୟ କରିବା ସହ ମେକାନିକାଲ ଇଞ୍ଜିନିୟରିଂରେ ଡିପ୍ଲୋମା କରିବା ଓ ବରମୁଣ୍ଡା ଶବର ସାହିରେ ସପରିବାର ରହୁଛି। ନୟାଗଡ ଅଂଚଳର କିଛି ଯୁବକଙ୍କ ସାଙ୍ଗରେ ବିଦ୍ୟୁତ୍ ତାର ଚୋରି କରିବାକୁ ଆସିଥିଲା। ତଦନ୍ତରେ ସ୍ୱୀକାର ପରେ ରଣପୁର ଥାନା ପୁଲିସ ଅତିରିକ୍ତ ଉପ ନିରୀକ୍ଷକ ମାଧବ ଚନ୍ଦ୍ର ବିଗଲଙ୍କ ଆଗରେ ଅଭିଯୁକ୍ତ ସମୀର ଚୋରି ଡେମୋ ଦେଖାଇଥିବା ଜଣା ପଡିଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି ଶ୍ରୀ ବିଗଲଙ୍କ ଠାରୁ ସୂଚନା ମିଳିଛି।

ମାଟି ମୂର୍ତ୍ତି ବଦଳରେ ପ୍ଲାଷ୍ଟର ଅଫ ପ୍ୟାରିସ୍ ମୂର୍ତ୍ତିର ଆଦର ଅଧିକ

ନବରଙ୍ଗପୁର(ଅମୃତ ମିଡିଆ): ଆସନ୍ତା ୧୪ତାରିଖରେ ଆସିବେ ଅଗ୍ରପୂଜ୍ୟ ଗଜାନନ। ଏଥି ପାଇଁ ଗାଁରୁ ସହର ପୂଜାକମିଟି ଠାରୁ ଆରମ୍ଭ କରି ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ, ଘରେ ସବୁ ଠାରେ ଚାଲିଛି ପ୍ରସ୍ତୁତି। ଅପରପକ୍ଷରେ ଗଣେଷ ଏବେ ଶହ ଶହ କଳାକାରଙ୍କ ପରିବାରକୁ ମୁଠାଏ ଦାନା ଯୋଗାଇବେ। ତେବେ ମାଟିର ମୂର୍ତ୍ତିର ଚାହିଦା ଧୀରେ ଧୀରେ କମିଯିବା ଫଳରେ ପ୍ଲାଷ୍ଟର ଅଫ ପ୍ୟାରିସ୍ ମୂର୍ତ୍ତିର ଚାହିଦା ବଢ଼ିବାରେ ଲାଗିଛି। କିଛି ମୂର୍ତ୍ତିଶିଳ୍ପୀ ଓ ଋତୁକାଳୀନ ବ୍ୟବସାୟୀ ହାଇଦ୍ରାବାଦ, କୋଲକାତା, ବିଶାଖାପାଟଣା, ବିଜୟନଗରମ, ଦିଲ୍ଲୀରୁ ଏଠାକୁ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ଗଣେଶ ମୂର୍ତ୍ତୀ ଆଣି ବଜାରକୁ କବଜା କରିଛନ୍ତି। ଏବେ ଠାରୁ ବହୁ ବଡ ବଡ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ପରବ ଆରମ୍ଭ ହୋଇ ସାରିଛି। କିଛି କମିଟି ପକ୍ଷରୁ ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ନିର୍ମାଣ ହୋଇଥିବା ମୂର୍ତ୍ତୀ ଗୁଡିକ ବିଶାଖାପାଟଣା, ବିଜୟନଗରମ, ହାଇଦ୍ରାବାଦରୁ ବି କିଣି ଆଣୁଛନ୍ତି। ଗତ କିଛି ବର୍ଷ ହେବ ହାଇଦ୍ରାବାଦର ନରେଶ ମୂର୍ତ୍ତି ଓ କଲିକତାର ସନ୍ତୋଷ ଦେ ଓଡାଙ୍କ ଦଳ ଏଠାକୁ ଆସି ଏହି ମୂର୍ତ୍ତୀ ତିଆରି କରି ବିକ୍ରୀ କରୁଛନ୍ତି। ଯଦି କୌଣସି ଲୋକେ ଯଦି ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ମୂର୍ତ୍ତୀ ବଦଳରେ ମାଟିରେ ତିଆରି ମୂର୍ତ୍ତୀ ମାଗିଲେ ତିଆରି କରି ଦିଆଯାଉଛି ବୋଲି କହିଛନ୍ତି ଏମାନେ। ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଛୋଟବଡ ମୂର୍ତ୍ତୀ ତିଆରି କରିସାରିଲେଣି ୭ଜଣ କଳାକାର। ଫୁଟକୁ ହଜାର ଟଙ୍କା ହିସାବରେ ମୂର୍ତ୍ତି ବିକ୍ରୀ କରାଯାଉଛି। କିଛି ବରାଦି ନେଇ ଓ ନିଜେ ବି କିଛି ତିଆରି କରି ରଖାଯାଇଛି। ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବରାଦ ଆସିବା ସହ କିଛି କମିଟି ଅଗ୍ରୀମ ଦେଇଥିବା କହିଛନ୍ତି ଏମାନେ। କଂଚାମାଲ ସବୁ ନିଜେ ହାଇଦ୍ରାବାଦ ଓ କୋଲକତାରୁ ନେଇକି ଆସିଥିବା ବେଳେ ଏଠାରୁ କେବଳ ଅଳ୍ପ କିଛି ପାଳ ଓମାଟିକୁ ବ୍ୟବହାର କରାଯାଉଛି ବୋଲି କହିଛନ୍ତି। ମୂର୍ତ୍ତୀ ଗୁଡିକରେ ସ୍ୱତନ୍ତ ଭାବେ ହାଇଦ୍ରାବାଦରୁ ଆଣିଥିବା ଏକରକମର ମାଟି ସହ କିଛି ଔଷଧ ମିଶାଯାଉଛି। ଏହା ଦ୍ୱାରା ବିସର୍ଜନ ସମୟରେ ଗଣେଶ ମୂର୍ତ୍ତି ଗୁଡିକ ବି ତୁରନ୍ତ ପାଣିରେ ମିଳେଇ ଯିବା ସହ ଜୀବନ ଓ ଜୀବିକାକୁ ହରାଉଛନ୍ତି।

ସେଭଳି କିଛି ହାନି ଘଟିବ ନି ବୋଲି କହିଛନ୍ତି ଏମାନେ। ସେହିପରି ସ୍ଥାନୀୟ କଳାକାର ଭଗବାନ ବୈରାଗୀ ବି ପରିବେଶକୁ ସୁହାଇବା ପରି ମୂର୍ତ୍ତି ଆଣିଥିବା କହିଛନ୍ତି। ମୂର୍ତ୍ତି ୪୦ଟଙ୍କାରୁ ଆରମ୍ଭ କରି ୪୦ହଜାର ପର୍ଯ୍ୟନ୍ତ ରହିଥିବା କହିଛନ୍ତି ଭଗବାନ। ସୁପ୍ରିମକୋର୍ଟ ଓ ଏନଜିଟିର ନିର୍ଦେଶକୁମେ ପ୍ଲାଷ୍ଟର ଅଫ୍ ପ୍ୟାରିସର ମୂର୍ତ୍ତି ପାଣିରେ ବିସର୍ଜନ କରିବା ପରେ ପାଣି ବିଷାକ୍ତ ହେବା ସହ ଏଥି ଯୋଗୁଁ ବିଭିନ୍ନ ରୋଗ ସୃଷ୍ଟିହେବ ଏବଂ ପରିବେଶ ପ୍ରତି ପ୍ରଭାବ ପକାଇବ ବୋଲି କହିଛନ୍ତି ଆଇନଜୀବୀ ସନ୍ତୋଷ ମିଶ୍ର, ହରିନାରାୟଣ ବେହେରା। ବାହାରର ମୂର୍ତ୍ତିକାରମାନେ ଆସି ପ୍ଲାଷ୍ଟର ଅଫ୍ ପ୍ୟାରିସର ମୂର୍ତ୍ତି ଏଠାରେ ବିକ୍ରି କରିବା ଦ୍ୱାରା ସ୍ଥାନୀୟ ମୂର୍ତ୍ତିଶିଳ୍ପୀ ମାନେ ନିଜ ଜୀବନ ଓ ଜୀବିକାକୁ ହରାଉଛନ୍ତି।

ଗାଜଲବାଡ଼ି ଘାଟିରେ ବାରମ୍ବାର ଘଟୁଛି ଦୁର୍ଘଟଣା

ଦାରିଙ୍ଗବାଡ଼ି(ଅମୃତ ମିଡିଆ): ଗୋପାଳପୁରଠାରୁ ରାଇପୁରକୁ ସଂଯୋଗ କରୁଥିବା ୫୯ ନଂ ଜାତୀୟ ରାଜପଥର ଗାଜଲବାଡ଼ି ଘାଟିରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଗୋଟିଏ ସପ୍ତାହରେ ୨ଟି ଘଟଣା ଘଟିଥିବା ଏବେ ଜାତୀୟ ରାଜପଥ ବିଭାଗର ଭାରୀଯାନ କଟକଣା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଏକ କଣ୍ଟେନର ଦିଲ୍ଲୀରୁ କଳାହାଣ୍ଡି ଜିଲା ଭବାନୀପାଟଣା ଦେଇ ଉକ୍ତ ରାଜପଥରେ ବାଲିଗୁଡା, ଦାରିଙ୍ଗବାଡ଼ି ଦେଇ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ତେବେ ଉକ୍ତ ଅଣଓସାରିଆ ଘାଟି ରାସ୍ତାର ୧୩ନଂ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କଣ୍ଟେନର ଭିତରେ ରହିଥିବା ଚାଳକଙ୍କ ସମେତ ଅନ୍ୟମାନେ ସୁରକ୍ଷିତ ରହିଥିବା ଓ ଉକ୍ତ ଘାଟିରେ ଯାତାୟାତ କରୁଥିବା ଯାତ୍ରୀ ତାଙ୍କୁ ଉଦ୍ଧାର କରି ସୋରଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିବା କୁହାଯାଉଛି। ସୂଚନାଯୋଗ୍ୟ, ଉକ୍ତ ରାଜପଥର ଘାଟି ରାସ୍ତା ସଂପ୍ରସାରଣ ପାଇଁ ୭ ଶହ ୪୨ କୋଟି ଟଙ୍କା ଅନୁଦାନ ରହିଛି। ଫରେଷ୍ଟ କ୍ଲିୟରାନ୍ସ ସରିଛି କିନ୍ତୁ ଟେଣ୍ଡର ହୋଇ ନ ଥିବା ଓ ସଂପ୍ରସାରଣ ବିଳମ୍ବ ଯୋଗୁ ଦୁର୍ଘଟଣା ବାରମ୍ବାର ଘଟୁଛି। ବିଶେଷକରି ଗୁଗଲ ମ୍ୟାପ୍‌ରେ ଉକ୍ତ ରାଜପଥ ଦେଖାଉଥିବାରୁ ମ୍ୟାପ୍ ଦେଖି ଆସି ଅନେକ ଗାଡ଼ି ବୁଲାଣିରେ ବୁଲାଇ ନ ପାରି ଫସି ରହୁଥିବା ବେଳେ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଉଛି। ଜାତୀୟ ରାଜପଥ ବିଭାଗ ଉକ୍ତ ଘାଟିରାସ୍ତା ଆରମ୍ଭ ଓ ଶେଷରେ ୨ଟି ବଡ଼ ବଡ଼ ହୋର୍ଡିଂ ଲଗାଇ ଭାରୀଯାନ ଉକ୍ତ ଘାଟିରେ ଯାତାୟାତ ପାଇଁ ବାରଣ କରିଥିଲେ ମଧ୍ୟ ଅମାନିଆ ଗାଡ଼ିଚାଳକ ଭାରୀଯାନ ନେଇ ଯାତାୟାତ କରୁଛନ୍ତି। ଫଳରେ ଏଭଳି ଘଟଣା ଏବେ ଉକ୍ତ ଘାଟିରେ ନିୟମିତ ଘଟୁଥିବା ଦେଖିବାକୁ ମିଳୁଛି।

ବିରଳ ପ୍ରଜାତିର ସବୁଜ ଶାମୁକା

ମହାକାଳପଡ଼ା(ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ନିଜ ଜଳରାଶିର ସାମୁଦ୍ରିକ ବିରଳ ସବୁଜ ଶାମୁକା ଅନ୍ୟତମ। ଗହୀରମଥା ଅଞ୍ଚଳର ଲଞ୍ଚ ଘୋଲା ମାଦେଲି, ଚଟକା, ହୁକିଟୋଲା ଓ ଖୋଳ ମୁହାଣ ଆଦି ତ୍ରିକୋଣ ଭୂମି ଅବବାହିକା ଅଞ୍ଚଳରୁ ମତ୍ସ୍ୟଜୀବୀମାନେ ଟ୍ରଲର ଓ ବୋଟ୍ ଯୋଗେ ବେଆଇନ ଭାବେ ମାଛ ମାରିବା ସହ ବିରଳ ସାମୁଦ୍ରିକ ସବୁଜ ଶାମୁକା ଧରି ଜଳପଥରେ ଚାଲାଣ କରୁଥିବା ନିଜ ନାମ ଗୋପନ ରଖି ମତ୍ସ୍ୟଜୀବୀମାନେ କହିଛନ୍ତି। ଏହି ବିରଳ ସବୁଜ ଶାମୁକାର ମୂଲ୍ୟ ବିଦେଶରେ କିଗ୍ରା ପ୍ରତି ୫୦୦ ଟଙ୍କାରେ ବିକ୍ରି ହେଉଛି। ଏହାର ଲାଳ ଓ ମାଂସରୁ ବିଭିନ୍ନ ରୋଗର ମହୌଷଧି ପ୍ରସ୍ତୁତ ହେଉଥିବା କୁହାଯାଉଛି। ବିଶେଷକରି ବର୍ଷାଋତୁରେ ସମୁଦ୍ରକୂଳ ବାଲି ପଟୁମାଟିରେ ଜୀବନ୍ତ ସବୁଜ ଶାମୁକା ବିଚରଣ କରନ୍ତି। ଚତୁରତାର ସହିତ ମାଛଧରାଳି ଏହାକୁ ଧରି ବସ୍ତା ଓ ଜାଲରେ ଭର୍ତ୍ତି କରିଥାନ୍ତି। ପରେ ଦଲାଲମାନଙ୍କ ସହ ଯୋଗାଯୋଗ କରି ମଝି ସମୁଦ୍ରରେ ଅନ୍ୟ ଡଙ୍ଗାରେ ପଡ଼ୋଶୀ ଜିଲାକୁ ସମୁଦ୍ର ପଥରେ ଚାଲାଣ ହୋଇଥାଏ। ସେଠାରୁ ଟ୍ରକ୍ ଯୋଗେ କୋଲକାତା, ଭାଇଜାଗ୍ ଦେଇ ବିଦେଶକୁ ଚାଲାଣ ହୋଇଥାଏ ବୋଲି କହିଛନ୍ତି। ଏ ସମ୍ପର୍କରେ ରାଜନଗର ବନଖଣ୍ଡ ଅଧିକାରୀ ଭରଦ୍ୱାଜ ଗାଁଓଁକରଙ୍କ ମତାମତ ନେବାରେ ଖବର ନ ଥିଲା। ଏହା ପ୍ରତି ବନ ବିଭାଗ ସ୍ୱତନ୍ତ ଦୃଷ୍ଟି ଦେବା ସହିତ ଜଳପଥରେ କଡ଼ାକଡ଼ି ଚେକିଂ ହେବ ବୋଲି ସୂଚନା ଦେଇଛନ୍ତି।

ଗୋଟିଏ ରାତିରେ ତିନୋଟି ଦୋକାନରୁ ଚୋରି

ସୋର(ଅମୃତ ମିଡିଆ): ସୋର ଥାନା ମଙ୍ଗଳପୁର ବଜାରରେ ଥିବା ତିନୋଟି ଦୋକାନରୁ ଗତକାଲି ବିଳମ୍ବିତ ରାତିରେ ସିରିଜ ଚୋରି ହୋଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି।ସୂଚନା ଅନୁସାରେ ଦିଗୀ ଭଅଁରା ଗ୍ରାମର ନରେନ୍ଦ୍ର ସାହୁ ବଜାରରେ ଏକ ମିଠା ଦୋକାନ କରିଛନ୍ତି। ଗତକାଲି ରାତିରେ ସେ ଦୋକାନ ବନ୍ଦ କରି ଯାଇଥିଲେ। ଆଜି ସକାଳେ ଦୋକାନ ଖୋଲିବା ସମୟରେ ଦୋକାନ ଚାବି ଭଙ୍ଗା ଯାଇ ଦୋକାନ କେସ ବାକ୍ସରେ ଥିବା ନଗଦ ଟଙ୍କା ସହ ମିଠା ଚୋରି କରିନେଇଥିବା ଦେଖିବାକୁ ପାଇଥିଲେ। ସେହିପରି ନିକଟରେ ଥିବା ମହିନ୍ଦ୍ର ପଣ୍ଡାଙ୍କ ତେଜରାତି ଦୋକାନର ଚାବି ଭାଙ୍ଗି ଲକ୍ଷାଧିକ ଟଙ୍କାର ତେଜରାତି ସାମଗ୍ରୀ ଏବଂ ମାର୍କଣ୍ଡ ଜେନାଙ୍କ କୁକୁଡ଼ା ଦୋକାନରୁ ମାଂସ କାଟିବା ପାଇଁ ବ୍ୟବହାର କରାଯାଉଥିବା ଛୁରୀକୁ ଚୋର ମାନେ ଚୋରି କରି ନେଇଥିଲେ।

ସତ୍ୟ ବାଦି ପଣ୍ଡା ପାଇଲେ ଶ୍ରେଷ୍ଠ ଗୁରୁ ସମ୍ମାନ

ବଡ଼ଚଣା(ଅମୃତ ମିଡିଆ): ଯାଜପୁର ଜିଲ୍ଲା ବଡ଼ଚଣା ନବ୍ଲକ ପାରିଆ ପଞ୍ଚାୟତର ଏକମାତ୍ର ଉଚ୍ଚ ବିଦ୍ୟାଳୟ ନ ହରିଶଙ୍କର ନବିଦ୍ୟାଳୟର ସହକାରୀ ସଂସ୍କୃତ ଶିକ୍ଷକ ସତ୍ୟବାଦୀ ନପଣ୍ଡା ରୋଟାରୀ କ୍ଲବ୍ ଅଫ ଭୁବନେଶ୍ୱର କ୍ୟାପିଟାଲ ଦ୍ୱାରା ଯାଜପୁର ଜିଲ୍ଲାର ଏକମାତ୍ର ଶିକ୍ଷକ ଭାବେ। ରାଷ୍ଟ୍ରୀୟ ଶ୍ରେଷ୍ଠ ଗୁରୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି।ଶ୍ରୀ ପଣ୍ଡା ୨୯୮୯ ମସିହାରୁ ହରିଶଙ୍କର ବିଦ୍ୟାପୀଠ ବରୁଣାଆରେ ସଂସ୍କୃତ ଶିକ୍ଷକ ଭାବେ ଶିକ୍ଷକତା କରି ଆସୁଛନ୍ତି।ଶ୍ରୀ ପଣ୍ଡା ଜଣେ ଆଦର୍ଶ ଛାତ୍ର ବତ୍ସଳ, ମିଷ୍ଟ ଭାଷୀ, ସରଳ ନିଷ୍ଠାବାନ,ଶିକ୍ଷକ ଭାବେ ପରିଚିତ। ୧୯୯୪ ମସିହାରୁ ରହି କାର୍ଯ୍ୟ କରି ଆସୁଛନ୍ତି।ସେ ବଡ଼ଚଣା ବ୍ଲକର ଓଷ୍ଠାର ସମ୍ପାଦକ ଭାବେ ୬ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି। ରାଜ୍ୟ ସରକାରଙ୍କ ସଂସ୍କୃତ ସଂଗଠନ, ସାଂଗଠନିକ ସମ୍ପାଦକ ଓ ବିଭିନ୍ନ ଅନୁଷ୍ଠାନ ରଥ ଯାତ୍ରା ଆଦିରେ ସକ୍ରିୟ ଭାବେ କାର୍ଯ୍ୟ କରି ଆସୁଛନ୍ତି।

ଚାଷ ଜମିରେ ବଉଳା କୁମ୍ଭୀର ମାଛ ଧରିବା ଲାଞ୍ଜାରେ ପଡ଼ିଲା ୬ ଫୁଟର କୁମ୍ଭୀର

କେନ୍ଦ୍ରାପଡ଼ା(ଅମୃତ ମିଡିଆ): ବିଲରେ ବଉଳା କୁମ୍ଭୀର। ମାଛ ଧରିବା ପାଇଁ ବାସଯାଇଥିବା ଲଞ୍ଜାରେ ପଡିଲା ୬ ଫୁଟର ବଉଳା କୁମ୍ଭୀର । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଡ୍ରାହୁଣାକୋଲା ଗାଁ ଚାଷ ଜମିରେ ବର୍ଷାପାଣି ଜମି ରହିଛି । ଲୋକେ ମାଛ ଧରିବା ପାଇଁ ଗତକାଲି ରାତିରେ ଜମିର ଶେଷ ମୁଣ୍ଡରେ ଲଞ୍ଜା ବସାଇଥିଲେ । ଆଜି ସକାଳୁ ସେଥିରେ ଏକ ବିରାଟ ବଉଳା କୁମ୍ଭୀର ପଶିଥିବାର ଦେଖି ଲୋକେ ଭୟଭୀତ ହୋଇଯାଥିଲେ । ବନବିଭାଗ ଖବର ପାଇ ଘଟଣା ସ୍ଥଳରେ ପହଂଚି କୁମ୍ଭୀର ଟିକୁ ଉଦ୍ଧାର କରିଛି।ମାଛ ଖାଇବା ପାଇଁ କୁମ୍ଭୀରଟି ଚାଷ ଜମିକୁ ପ୍ରବେଶ କରିଥିବା କୁହାଯାଉଛି । ବାରମ୍ବାର ରାଜନଗର ଅଂଚଳରେ କୁମ୍ଭୀର ପାଦୁର୍ଭାବ ବଢ଼ିବାରେ ଲାଗିଛି । କେତେବେଳେ ଗାଁ କେନାଲ ତ ଆଉ କେତେବେଳେ ଲୋକଙ୍କ ପୋଖରୀ ମଧ୍ୟରେ କୁମ୍ଭୀର ପଶି ଲୋକଙ୍କୁ ଆତଙ୍କିତ କରୁଛି। ଚାଷ ଜମିରେ କୁମ୍ଭୀରକୁ ଦେଖି ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ଚାଷ ଜମିରେ ପାଣି ଭର୍ତି ହୋଇ ରହିଥିବାରୁ ଲୋକେ କୁମ୍ଭୀରକୁ ଦେଖିବା ପରେ ଜମି ମଧ୍ୟକୁ ଯିବାକୁ ଭୟ କରୁଛନ୍ତି ।

ପଲିଥିନ୍ ତଳେ ପଦ୍ମିନୀଙ୍କ ବିଡ଼ମ୍ବିତ ଜୀବନ

ଉମରକୋଟ(ଅମୃତ ମିଡିଆ) : କାନ୍ଥ ନାହିଁ । ପୋତାଯାଇଛି କେଇଖଣ୍ଡ କାଠ । ତାରି ଉପରେ ପଡ଼ିଛି ଚିରାଫଟା ପଲିଥିନ ଖଣ୍ଡିଏ । ନା ଅଛି କବାଟ, ନା ଝରକା । ବର୍ଷା ହେଲେ ଭିତରେ ପଶିଯାଉଛି ପାଣି-କାଦୁଅ । ରାତିହେଲେ ଜଙ୍ଗଲି ଜନ୍ତୁଙ୍କ ଭୟ । ଲଣ୍ଠନ ଜାଳିବା ପାଇଁ କିରାସିନି ଟିକିଏ ବି ନାହିଁ । ଏଭଳି ଅବସ୍ଥାରେ ବିଡମ୍ବିତ ଜୀବନ ଜିଉଁଛନ୍ତି ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା । ସେ ହେଉଛନ୍ତି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ତୋହରା ପଞ୍ଚାୟତ ଧୁଙ୍ଗିଆପାଣି ଗାଁର ପଦ୍ମିନୀ ମାଝୀ ,ବୟସ ୬୦ ବର୍ଷ । ଏଭଳି ଅବସ୍ଥା ସଂପର୍କରେ ଜାଣିବା ପରେ ଦୁର୍ଗମ ଢେଲାପଥର ରାସ୍ତା ପାରିହୋଇ ଧୁଙ୍ଗିଆପାଣି ଗାଁ ମୁଣ୍ଡରେ ରହୁଥିବା ପଦ୍ମିନୀଙ୍କ ପାଖରେ ପହଞ୍ଚିଥିଲେ ଆମ ପ୍ରତିନିଧି । ଘରର ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ଗରିବଗୁରୁବା ଓ ଅସହାୟଙ୍କ ପାଇଁ ଆବାସ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି, ତାହାର ବାସ୍ତବ ଚିତ୍ର ବଖାଣୁଥିଲା ପଦ୍ମିନୀଙ୍କ ଦଦରା କୁଡ଼ିଆ ଖଣ୍ଡିକ । ଭିତରକୁ ଯାଇ ଦେଖିଲା ବେଳକୁ ସଂପତ୍ତି ବୋଲି କିଛି ବି ନଥିଲା । ଗୋଟିଏ ପାଖରେ ଅଧାଭଙ୍ଗା ଚୁଲିଟିଏ ଥିଲା । ପାଖରେ ଏକ ମାଟି ପାତ୍ରରେ ରହିଥିଲା କିଛି ଚାଉଳ । ତେଲ କିମ୍ବା ଅନ୍ୟ କୌଣସି ରୋଷେଇ ସାମଗ୍ରୀ ନଥିଲା । କାଠରେ ଝୁଲୁଥିଲା କେଇଖଣ୍ଡ ଲୁଗାପଟା ।ପଚାରିବାରୁ ପଦ୍ମିନୀ କୋହଭରା କଣ୍ଠରେ କହିଥିଲେ, ସାତଜନ୍ମ ପାଇଁ ସାଥୀ କରିଥିବା ସ୍ୱାମୀ ଅଧାରେ ହାତ ଛାଡ଼ିଦେଲେ । ଅଜଣା ଜ୍ୱରରେ ଆରପାରିକୁ ଚାଲିଗଲା ପୁଅ । ଝିଅ ବାହାହୋଇ ନିଜ ସଂସାରରେ ବ୍ୟସ୍ତ । ଏଥିଲାଗି ନିସଙ୍ଗ ଜୀବନ ବିତାଉଛନ୍ତି । କାମ କରିବାକୁ ଦେହରେ ଜୁ ନାହିଁ । ସରକାରୀ ସହାୟତା କହିଲେ କେବଳ ୫ କେଜି ଚାଉଳ । ପରିବା, ତେଲଲୁଣ ତାଙ୍କ ପାଇଁ ଏକପ୍ରକାର ସ୍ୱପ୍ନ । ପାଖ ପଡ଼ୋଶୀ ଡାକିଲେ ଛୋଟମୋଟ କାମ କରୁଛନ୍ତି । ଯିଏ ଯାହା ଦେଲେ ତାକୁ ନେଇ ତେଲଲୁଣ କିଣୁଛନ୍ତି । ମୋଟାମୋଟି ଗାଁ ଲୋକଙ୍କ ସହାୟତାରେ ଜୀବନ ଜିଉଁଛନ୍ତି । ଅଧାଦିନ ଓପାସରେ ରହୁଛନ୍ତି । ପଦ୍ମିନୀଙ୍କ ଏଭଳି ସ୍ଥିତି ଜାଣିବା ପରେ ଆମ ପ୍ରତିନିଧି ପହଞ୍ଚିଥିଲେ ବିଡିଓଙ୍କ ନିକଟରେ । ସବୁକଥା ଜାଣିବା ପରେ ସେ ପଦ୍ମିନୀଙ୍କ ଘର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଘଟଣା ସଂପର୍କରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦମୟନ୍ତୀ ନାୟକଙ୍କୁ ବି ଅବଗତ କରାଯାଇଥିଲା । ସେ କହିଛନ୍ତି, ପଦ୍ମିନୀ ସ୍ୱାମୀ ପରିତ୍ୟକ୍ତା ହୋଇଥିବାରୁ ଭତ୍ତା ପାଇବାକୁ ଯୋଗ୍ୟ । ସରକାରୀ ନିୟମ ଅନୁସାରେ ଖୁବଶୀଘ୍ର ତାଙ୍କୁ ମାସିକ ୧ ହଜାର ଟଙ୍କା ଭତ୍ତା ଯୋଗାଇ ଦିଆଯିବ । ପଦ୍ମିନୀଙ୍କ ଦୁର୍ଦ୍ଦଶାକୁ ନେଇ ପୂର୍ବତନ ସାଂସଦ ତଥା ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରଦୀପ ମାଝୀ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି । କହିଛନ୍ତି, ସରକାରଙ୍କ 'ବିକାଶର ଧାରା' ରାଜ୍ୟବ୍ୟାପୀ ବିଫଳ ହୋଇଛି । ପୂର୍ବ ସରକାର ସମୟରେ ଚାଲିଥିବା ଜନମଙ୍ଗଳ କାର୍ଯ୍ୟ ଦୀର୍ଘ ଅଢ଼େଇ ବର୍ଷ ହେବ ଠପ୍ ହାଇଯାଇଛି ।

ପୋଲିସକୁ ନିଶା ମାଫିଆଙ୍କ ଆକ୍ରମଣ

ଜଗତସିଂହପୁର(ଅମୃତ ମିଡିଆ): ପୋଲିସକୁ ନିଶା ମାଫିଆଙ୍କ ଆକ୍ରମଣ । କାର୍ ଚଢ଼ାଇ ମାରିଦେବାକୁ ଉଦ୍ୟମ । ବିଳମ୍ବିତ ରାତିରେ ପାଟ୍ରୋଲିଂ ବେଳେ ଆକ୍ରମଣ କଲେ ଡ୍ରଗ୍ସ ମାଫିଆ । ଜଗତସିଂହପୁର ଜିଲ୍ଲା ସଦର ଥାନା କଲେଜ ଛକ ଠାରେ ଆକ୍ରମଣ ହୋଇଛି । କାର ଚଢାଇ ମାରି ଦେବାକୁ ଉଦ୍ୟମ କରିଥିଲେ ମାଫିଆ । ଏଥିରେ ପୋଲିସ କନେଷ୍ଟବଳ ନିତ୍ୟାନନ୍ଦ ସେନାପତି ଆହତ ହୋଇଛନ୍ତି । ଡ୍ରଗ୍ସ ମାଫିଆ ଭିକି ପରିଜା

ମହିଳା ଏସିଆ କପ୍: ଅଷ୍ଟମଥର ଏସିଆ କପ୍ ଚମ୍ପିଆନ ହେଲା ଭାରତ

ଫାଇନାଲରେ ଶ୍ରୀଲଙ୍କାକୁ ୭୨ ରନ୍‌ରେ ହରାଇଲା

ନୂଆଦିଲ୍ଲୀ: ମହିଳା ଏସିଆ କପ୍ ୨୦୨୬ର ଫାଇନାଲ୍ ମୁକାବିଲାରେ ଶ୍ରୀଲଙ୍କାକୁ ଶୋଚନୀୟ ଭାବେ ପରାସ୍ତ କରି ଭାରତୀୟ ମହିଳା କ୍ରିକେଟ୍ ଦଳ ଚାମ୍ପିୟନ୍ ହୋଇଛି । ଭାରତ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୧୮୪ ରନ୍ ବିଜୟ ଲକ୍ଷ୍ୟକୁ ପିଛା କରିବାରେ ବିଫଳ ହୋଇଥିଲା ଶ୍ରୀଲଙ୍କା ଦଳ । ଭାରତୀୟ ବୋଲରଙ୍କ ଘାତକ ପ୍ରଦର୍ଶନ ବଳରେ ଟିମ୍ ଇଣ୍ଡିଆ ଏହି ମ୍ୟାଚକୁ ୭୨ ରନ୍ରେ ଜିତିଟ୍ରଫି ନିଜ ନାମରେ କରିଛି । ୧୮୪ ରନ୍ ବଡ଼ ଲକ୍ଷ୍ୟକୁ ପିଛା କରିବାକୁ ଓହ୍ଲାଇଥିବା ଶ୍ରୀଲଙ୍କା ଆରମ୍ଭରୁ ହିଁ ଭାରତୀୟ ବୋଲରମାନଙ୍କ ଆକ୍ରମଣର ସମ୍ମୁଖୀନ ହୋଇଥିଲା । ଦଳର କୌଣସି ବି ବ୍ୟାଟ୍ସମ୍ୟାନ୍ ଭାରତୀୟ ବୋଲିଂ ଆକ୍ରମଣ ଆଗରେ ବେଶି ସମୟ ଟିଷ୍ଟି ପାରି ନଥିଲେ । ନିୟମିତ ବ୍ୟବଧାନରେ ୱିକେଟ୍ ପଡ଼ିବା କାରଣରୁ ଶ୍ରୀଲଙ୍କା ଦଳ ନିର୍ଦ୍ଧାରିତ ଓଭରରେ ଆବଶ୍ୟକୀୟ ସ୍କୋରଠାରୁ ବହୁ ପଛରେ ରହିଯାଇଥିଲା ଏବଂ ମାତ୍ର ୧୧୧ ରନ୍ରେ ଅଲ୍-ଆଉଟ୍ ହୋଇଯାଇଥିଲା । ଭାରତ ପକ୍ଷରୁ ଶ୍ରୀଚରଣୀ ୪, ଦିପ୍ତୀ ଶର୍କା ୩ ୱିକେଟ ନେଇଛନ୍ତି । ଏହାସହ ସେଫାଲୀ ବର୍ମା, ପ୍ରେମା ରାୱତ, କ୍ରାନ୍ତି ଗୌଡ଼ ଗୋଟିଏ ଲେଖାଏ ୱିକେଟରେ ସନ୍ତୁଷ୍ଟ ହୋଇଛନ୍ତି ।

ଅଭିଷେକଙ୍କ ଧୂଆଁଧାର ପ୍ରଦର୍ଶନ, ୭ ୱିକେଟରେ ଜିତିଲା ଭାରତ

ନୂଆଦିଲ୍ଲୀ : ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ଟି-୨୦ରେ ଆଫଗାନିସ୍ତାନକୁ ୭ ୱିକେଟରେ ହରାଇଛି ଭାରତ । ଆଫଗାନିସ୍ତାନ ଦେଇଥିବା ୧୫୭ ରନର ଟାର୍ଗେଟକୁ ଟିମ୍ ଇଣ୍ଡିଆ ମାତ୍ର ୧୩.୪ ଓଭରରେ ହାସଲ କରିନେଇଛି । ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଭାରତ ୧-୦ରେ ଆଗୁଆ ହୋଇଛି । ଭାରତର ବିଜୟର ହିରୋ ଥିଲେ ଅଭିଷେକ ଶର୍ମା । ସେ ମାତ୍ର ୩୨ ବଲରେ ୮୨ ରନ୍ର ଧୂଆଁଧାର ଇନିଂସ ଖେଳି ଆଫଗାନ୍ ବୋଲରଙ୍କ ଉପରେ ଚାପ ସୃଷ୍ଟି କରିଥିଲେ । ୧୫୭ ରନର ଟାର୍ଗେଟକୁ ପିଛା କରିବାକୁ ଓହ୍ଲାଇଥିବା ଭାରତର ଆରମ୍ଭ କିନ୍ତୁ ଭଲ ହୋଇନଥିଲା । ତୃତୀୟ ଓଭରରେ ସଞ୍ଜୁ ସାମସନ୍ ଆଉଟ୍ ହୋଇଥିଲେ । ସେ ୮ ବଲରେ ୨ଟି ଚୌକା ସହ ୧୦ ରନ୍ କରିଥିଲେ । ହେଲେ ଅଭିଷେକ ଶର୍ମାଙ୍କ ବ୍ୟାଟ୍ ରହିନଥିଲା । ମଇଦାନର ଚାରିଆଡ଼େ ଚୌକା-ଛକା ବର୍ଷା କରି ସେ ମାତ୍ର ୨୨ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ । ଈଶାନ କିଶନ ମଧ୍ୟ ତାଙ୍କୁ ଭଲ ସାଥ୍ ଦେଇଥିଲେ । ଫଳରେ ଭାରତ ପାୱାରପ୍ଲେର ୬ ଓଭରରେ ହିଁ ୮୨ ରନ୍ ସଂଗ୍ରହ କରିଥିଲା । ଅଭିଷେକ ଶର୍ମା ମାତ୍ର ୩୨ ବଲରେ ୮୨ ରନ୍ କରି ଶତକରୁ ବଞ୍ଚିତ ହୋଇଥିଲେ । ତାଙ୍କ ଇନିଂସରେ ଥିଲା ୭ଟି ଚୌକା ଓ ୭ଟି ଛକା । ଅର୍ଥାତ୍ କେବଳ ବାଉଣ୍ଡାରୀରୁ ହିଁ ସେ ୭୦ ରନ୍ ସଂଗ୍ରହ କରିଥିଲେ । ଅଭିଷେକଙ୍କ ପରେ ଈଶାନ କିଶନ ମଧ୍ୟ ଉପଯୋଗୀ ଇନିଂସ ଖେଳିଥିଲେ । ସେ ୩୩ ବଲରେ ୪୨ ରନ୍ କରିଥିଲେ । ତାଙ୍କ ବ୍ୟାଟରୁ ୫ଟି ଚୌକା ଓ ଗୋଟିଏ ଛକା ଆସିଥିଲା । ଅଧିନାୟକ ଶ୍ରେୟସ ଆୟର ୫ ବଲରେ ୮ ରନ୍ କରିଥିବାବେଳେ ଉପଅଧିନାୟକ ତିଳକ ବର୍ମା ୪ ବଲରେ ୩ ରନ୍ କରି ଅପରାଜିତ ରହିଥିଲେ । ଏହା ପୂର୍ବରୁ ଭାରତର ବୋଲିଂ ଆକ୍ରମଣ ଆଫଗାନିସ୍ତାନକୁ ୧୫୬ ରନରେ ଅଟକାଇଥିଲା । ଅର୍ଶଦୀପ ସିଂହ ୪ ଓଭରରେ ମାତ୍ର ୧୯ ରନ୍ ଦେଇ ୩ଟି ୱିକେଟ୍ ନେଇଥିଲେ । ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ୧୬ ରନ୍ ଦେଇ ଗୋଟିଏ ୱିକେଟ୍ ନେଇଥିଲେ । ଆଫଗାନିସ୍ତାନ ପକ୍ଷରୁ ଅଜମତୁଲ୍ଲା ଓମରଜାଇ ସର୍ବାଧିକ ୬୪ ରନରେ ଅପରାଜିତ ରହିଥିଲେ । ପ୍ରଥମ ମ୍ୟାଚ୍ ଜିତି ଭାରତ ୩ ମ୍ୟାଚ୍ ସିରିଜରେ ୧-୦ରେ ଆଗୁଆ ହୋଇଛି । ଏବେ ସେହି ଅରୁଣ ଜେଟଲୀ ଷ୍ଟାଡିୟମରେ ସେପ୍ଟେମ୍ବର ୧୫ରେ ଦ୍ୱିତୀୟ ଟି-୨୦ ଖେଳାଯିବ ।

ପୁରୀରେ ମହିଳା ରଗବି ଖେଲୋ ଇଣ୍ଡିଆ
୨ ଶହ ଖେଳାଳୀଙ୍କ ଅଂଶଗ୍ରହଣ

ପୁରୀ(ବ୍ୟୁରୋ): ପୁରୀରେ କେବଳ ମହିଳା ରଗବି ଖେଳାଳି ମାନଙ୍କ ଦ୍ୱାରା ଖେଲୋ ଇଣ୍ଡିଆ ତରଫରୁ ଅସ୍ଥିତା ରଗବୀ ଟୁର୍ଣ୍ଣାମେଣ୍ଟ ପୁରୀ ଜିଲ୍ଲା ସ୍କୁଲ ଖେଳ ପଡିଆରେ ଶୁଭାରମ୍ଭ ହୋଇଯାଇଛି ।ଏଥିରେ ପୁରୀ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ, ବିଭିନ୍ନ କ୍ରୀଡା ଅନୁଷାନ ରୁ ଦୁଇ ଶହ ମହିଳା ଖେଳାଳି ମାନେ ଭାଗ ନେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଇନରହୁଇଲ କ୍ଲବ ର ସଭାପତି ରାଜଲକ୍ଷ୍ମୀ ଦାସ, ସରକାରୀ ବାଳିକା ବିଦ୍ୟାଳୟ ର କ୍ରୀଡା ଶିକ୍ଷୟତ୍ରୀ ପ୍ରିୟମ୍ବଦା ଜେନା ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଟ୍ରଫି ଓ ମେଡାଲ ପ୍ରଦାନ କରିଥିଲେ । ଏହି ସଂଘର୍ଷ ପୂର୍ଣ୍ଣ ରଗବି ଟୁର୍ଣ୍ଣାମେଣ୍ଟ ରେ ଜିଲ୍ଲା ସ୍କୁଲ ପ୍ରଥମ ସ୍ଥାନ, ପୁରୀ କ୍ଲବ ଦ୍ୱିତୀୟ ସ୍ଥାନ ଓ ଝଡ଼େଶ୍ୱରୀ କ୍ଲବ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶେଷରେ ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ପୁରୀ ମହିଳା ରଗବି ଖେଳାଳି ମାନଙ୍କୁ କହିଥିଲେ ପୁରୀ ରଗବି ଆସୋସେସନ ପାଇଁ ଏହା ଏକ ଗର୍ବ ଓ ଗୌରବ ଅଟେ।

ଦକ୍ଷିଣ କୋରିଆକୁ ହରାଇ ଜୁନିୟର ଏସିଆ କପ୍ ଚାମ୍ପିୟନ୍ ଭାରତ

ନୂଆଦିଲ୍ଲୀ : ଭାରତୀୟ ଜୁନିୟର ପୁରୁଷ ହକି ଟିମ୍ ପୁଣି ଥରେ ଚମତ୍କାର ପ୍ରଦର୍ଶନ କରି ଜୁନିୟର ଏସିଆ କପ୍ ୨୦୨୬ ଟାଇଟଲ୍ ନିଜ ନାମରେ କରିଛି । ଚୀନ୍‌ର ମୋକିଠାରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଭାରତ ଦକ୍ଷିଣ କୋରିଆକୁ ୪-୧ ଗୋଲ୍‌ରେ ପରାସ୍ତ କରି ନିଜର ପୂର୍ବ ଟାଇଟଲକୁ ସଫଳତାର ସହ ବଜାୟ ରଖିଛି । ଏହି ଐତିହାସିକ ବିଜୟ ସହ ଭାରତ ଆଗାମୀ ବର୍ଷ ହେବାକୁ ଥିବା ଏଫଆଇଏଚ୍ ଜୁନିୟର ହକି ବିଶ୍ୱକପ୍ ପାଇଁ ମଧ୍ୟ ନିଜର ସ୍ଥାନ ପକ୍କା କରିଛି । ଟିମ୍‌ର ଏହି ସଫଳତା ପାଇଁ ହକି ଇଣ୍ଡିଆ ସୋସିଆଲ ମିଡିଆ ମଞ୍ଚ 'ଏକ୍ସ'ରେ ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ନଗଦ ପୁରସ୍କାର ଘୋଷଣା କରିଛି । ଏହି ଘୋଷଣା ଅନୁଯାୟୀ, ଚାମ୍ପିଅନ୍ ଟିମ୍‌ର ପ୍ରତ୍ୟେକ ଖେଳାଳିଙ୍କୁ ୩ ଲକ୍ଷ ଟଙ୍କା ଏବଂ ସପୋର୍ଟ ଷ୍ଟାଫ୍‌ର ପ୍ରତ୍ୟେକ ସଦସ୍ୟଙ୍କୁ ୧.୫ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ଦିଆଯିବ । ମ୍ୟାଚ୍‌ର ଆରମ୍ଭରୁ ହିଁ ଭାରତୀୟ ଦଳର ଦବ୍‌ଦବା ଦେଖିବାକୁ ମିଳିଥିଲା । ପ୍ରଥମ କ୍ୱାର୍ଟରରେ ଅଧିନାୟକ ଅନମୋଲ ଇକ୍ସ ଏବଂ ଅଜିତ ଯାଦବ ଗୋଲ୍ ଦେଇ ଟିମ୍‌କୁ ୨-୦ରେ ଆଗୁଆ କରିଥିଲେ । ଏହା ପରେ ଦ୍ୱିତୀୟ କ୍ୱାର୍ଟରରେ ପ୍ରଭଦୀପ ସିଂହ ଅନ୍ୟ ଏକ ଗୋଲ୍ କରି ବ୍ୟବଧାନକୁ ୩-୦କୁ ବୃଦ୍ଧି କରିଥିଲେ । ଖେଳର ୫୦ତମ ମିନିଟ୍‌ରେ ଆଶୁ ମୌର୍ଯ୍ୟ ଚତୁର୍ଥ ଗୋଲ୍ ଦେଇ ଭାରତର ବିଜୟ ନିଶ୍ଚିତ କରିଥିଲେ। ଅନ୍ୟପଟେ ଦକ୍ଷିଣ କୋରିଆ ପକ୍ଷରୁ ଏକମାତ୍ର ଗୋଲ୍ ୫୪ତମ ମିନିଟ୍‌ରେ ସେମାନଙ୍କ ଅଧିନାୟକ ଲି ଜୁନ୍‌ହ୍ୟୁ.କ୍ ମିନ୍ ହ୍ୟେ.କ୍ କରିଥିଲେ। ପୁରୁଷ ଟିମ୍ ପୂର୍ବରୁ ଭାରତୀୟ ଜୁନିୟର ମହିଳା ହକି ଟିମ୍ ମଧ୍ୟ ଫାଇନାଲ୍‌ରେ ଆୟୋଜକ ଚୀନ୍‌କୁ ହରାଇ କ୍ରମାଗତ ତୃତୀୟ ଥର ପାଇଁ ଜୁନିୟର ଏସିଆ କପ୍ ଟ୍ରଫି ହାସଲ କରିଥିଲା । ଏହିପରି ଭାବେ ଭାରତର ଉଭୟ ପୁରୁଷ ଓ ମହିଳା ଜୁନିୟର ଟିମ୍ ଏସିଆରେ ନିଜର ଶ୍ରେଷ୍ଠତା ବଜାୟ ରଖିବା ସହ ଆଗାମୀ ବିଶ୍ୱକପ୍‌ରେ ନିଜ ସ୍ଥାନ ସୁରକ୍ଷିତ କରିଛନ୍ତି ।

ରାଇବାକିନା ଜିତିଲେ ପ୍ରଥମ ୟୁଏସ୍ ଓପନ୍ ଟାଇଟଲ୍

ନୂଆଦିଲ୍ଲୀ ; ୟୁଏସ୍ ଓପନ୍ ମହିଳା ସିଙ୍ଗଲ୍ସରେ ଚାମ୍ପିଅନ୍ ମିଳିଛି । ଆୟନା ସବାଲେଙ୍କାଙ୍କ ଯୁଗର ଅନ୍ତ ହୋଇଛି । ୟୁଏସ୍ ଓପନ୍ ୨୦୨୬ର ମହିଳା ଏକକ ବର୍ଗରେ ନୂଆ ବିଜେତା ହୋଇଛି ଏଲିନା ରାଇବାକିନା । କାଜିକସ୍ତାନର ରାଇବାକିନା ଆୟନା ସବାଲେଙ୍କାଙ୍କୁ ପରାସ୍ତ କରି ମହିଳା ୟୁଏସ୍ ଓପନ୍ ସିଙ୍ଗଲ୍ସ ଟାଇଟଲ୍ ନିଜ ନାମରେ କରିଛନ୍ତି । ନ୍ୟୁୟର୍କର ଅର୍�ର ଏସ ଷ୍ଟାଡିୟମରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା । ବିଶ୍ୱର ନମ୍ବର ୱାନ୍ ରାଇବାକିନା ସବାଲେଙ୍କାଙ୍କୁ ୬-୪, ୫-୭, ୬-୨ରେ ମାତ୍ ଦେଇଛନ୍ତି । ଏହା ରାଇବାକିନାଙ୍କ ପ୍ରଥମ ୟୁଏସ୍ ଓପନ୍ ଟାଇଟଲ । ଫାଇନାଲ୍ ମୁକାବିଲା ୨ ଘଣ୍ଟା ୨୧ ମିନିଟ୍ ଧରି ଚାଲିଥିଲା । ଏଲିନା ରାଇବାକିନା ଚଳିତ ବର୍ଷ ଦୁଇଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତିଥିଲେ । ଏହା ପୂର୍ବରୁ ସେ ଅଷ୍ଟ୍ରେଲିଆନ୍ ଓପନ୍ ୨୦୨୬ରେ ମଧ୍ୟ ଟାଇଟଲ୍ ଜିତିଥିଲେ । ମୋଟାମୋଟି ଭାବେ ଏହା ତାଙ୍କ କ୍ୟାରିୟରର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ । ୨୦୨୨ ରେ, ରାଇବାକିନା ୱିମ୍ବଲଡନ୍ ଚାମ୍ପିଅନସିପ୍ ରେ ମହିଳା ସିଙ୍ଗଲ୍ସ ଟାଇଟଲ୍ ମଧ୍ୟ ଜିତିଥିଲେ । ଟାଇଟଲ୍ ମୁକାବିଲାରେ ଏଲିନା ରାଇବାକିନାଙ୍କ ସବୁଠାରୁ ବଡ ଅସ୍ତ୍ର ଅର୍ଥାତ୍ ଏସ୍ ସହିତ ଶେଷ ହୋଇଥିଲା । ଚାମ୍ପିଅନସିପ୍ ପଏଣ୍ଟରେ, ସେ ଏକ ଶକ୍ତିଶାଳୀ ଏସ୍ ମାରିଥିଲେ ଏବଂ ଏହା ସହିତ ତାଙ୍କ କ୍ୟାରିୟରର ଆଉ ଏକ ପ୍ରମୁଖ ସଫଳତା ହାସଲ କରିଥିଲେ । ଏହା ତାଙ୍କ କ୍ୟାରିୟରର ତୃତୀୟ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ।

ବିବାହ ବନ୍ଧନରେ ବାନ୍ଧି ହେଲେ ଅଷ୍ଟ୍ରେଲିଆର ଅଲରାଉଣ୍ଡର କ୍ୟାମରନ ଗ୍ରୀନ

ଅଷ୍ଟ୍ରେଲିଆ : ଅଷ୍ଟ୍ରେଲିଆର ଅଲରାଉଣ୍ଡର ଖେଳାଳୀ କ୍ୟାମରନ ଗ୍ରୀନ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ସେ ରବିବାର ୧୩ସେପ୍ଟେମ୍ବରରେ ବିବାହର ଫଟୋ ସେୟାର କରି ଫ୍ୟାନ୍‌ଙ୍କୁ ଏହି ଖୁସି ଖବର ଦେଇଛନ୍ତି । ମାତ୍ର ବିବାହ ୪ସେପ୍ଟେମ୍ବରରେ ହୋଇଥିଲା । ଯେଉଁଥିରେ ତାଙ୍କର ନିକଟତର ବନ୍ଧୁ ଏବଂ ପରିବାରର ଲୋକ ସାମିଲ ହୋଇଥିଲେ । ତାଙ୍କ ଜୀବନ ସାଥୀ ଏମିଲୀ ରେଡ୍‌ବୁଡ୍ ଅଟନ୍ତି । ଯାହାଙ୍କୁ ସେ ୫ ବର୍ଷରୁ ଡେଟ୍ କରୁଥିଲେ । କ୍ୟାମରନ ଗ୍ରୀନ ଏବଂ ଏମିଲି ରେଡ୍‌ବୁଡ୍ ଏକ ମିଳିତ ପୋଷ୍ଟ କରି ବିବାହର ଫଟୋ ସେୟାର କରିଛନ୍ତି । ଯେଉଁଥିରେ କ୍ରିକେଟର ବ୍ଲାକ୍ ସୁଟରେ ଏବଂ ତାଙ୍କ ସ୍ତ୍ରୀ ହ୍ୱାଇଟ୍ ଗାଉନରେ ବହୁତ ସୁନ୍ଦର ଲାଗୁଥିଲେ । କୁହାଯାଉଛି କି ବିବାହ ସେପ୍ଟେମ୍ବର ୪ରେ ପର୍ଥର କୋଟେସ୍ଲୋ ସ୍ଥିତ ସିବିକ ସେଣ୍ଟର ଗ୍ରାଉଣ୍ଡରେ ହୋଇଥିଲା । ବିବାହ ପରେ ଉଭୟେ କପଲ୍ ଡ୍ୟାନ୍ସ କରିଥିଲେ । ବିବାହରେ ମିଚେଲ ମାର୍ଶଙ୍କ ସମେତ କେତେକ ଅଷ୍ଟ୍ରେଲିଆ କ୍ରିକେଟର୍ସ ସାମିଲ ହୋଇଥିଲେ । ଯାହାଙ୍କ ଫଟୋ ଗ୍ରୀନ ଏକ ଅଲଗା ପୋଷ୍ଟରେ ସେୟାର କରିଛନ୍ତି । ଗ୍ରୀନ ଏବଂ ରେଡ୍‌ବୁଡ୍ ୨୦୨୦ରୁ ସାଥିରେ ଅଛନ୍ତି । ଗତ ବର୍ଷ ଫେବୃଆରୀରେ ଉଭୟଙ୍କ ନିର୍ବନ୍ଧ ହୋଇଥିଲା । ଏମିଲି ରେଡ୍‌ବୁଡ୍ ଡାଇଟିଶିୟନ ଅଟନ୍ତି ଯିଏ ପିଏଚଡି ବି କରୁଛନ୍ତି । ସେ ନ୍ୟୁଟ୍ରିଶନ ଏଣ୍ଡ ଫୁଡ୍ ସାଇନ୍ସରେ ବିଏସସି ଏବଂ ଏହାପରେ ମାଷ୍ଟର ଅଫ ଡାୟଟେଟିକ୍ସର କୋର୍ସ କରିଛନ୍ତି । ୨୭ବର୍ଷୀୟ କ୍ୟାମରନ ଗ୍ରୀନ ଅଷ୍ଟ୍ରେଲିଆ ଲାଗି ୩୯ଟେଷ୍ଟ, ୩୭ୱାନଡେ ଏବଂ ୨୮ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି । ଏଥିରେ ତାଙ୍କ ନାମରେ କ୍ରମଶ ୧୯୨୦, ୯୪୬ ଏବଂ ୬୩୮ ରନ୍ ଅଛି ।

୨୦୨୬ ବିଶ୍ୱକପ୍ ଖେଳିବେନି ରୋହିତ

ନୂଆଦିଲ୍ଲୀ : ୨୦୨୬ ବିଶ୍ୱକପ୍ ଖେଳିବେନି ରୋହିତ । ହିଟ୍‌ମ୍ୟାନ୍‌ଙ୍କ ଜବାବରେ ବଢ଼ିଲା ସସ୍‌ପେନ୍ସ । ବିଶ୍ୱକପ୍‌ରୁ ନେଇ ଦେଲେ ବଡ଼ ଖବର । ୨୦୨୬ରେ ହେବାକୁ ଯାଉଛି ବହୁ ପ୍ରତିକ୍ଷୀତ ଦିନିକିଆ ବିଶ୍ୱକପ । ଆଉ ଏହି ଗୋଟିଏ କଥା ଏବେ ଭାରତୀୟ କ୍ରିକେଟ୍‌ରେ ବଡ଼ ଚର୍ଚ୍ଚା, ଆଗାମୀ ଦିନିକିଆ ବିଶ୍ୱକପ୍‌ରେ ଟିମ୍ ଇଣ୍ଡିଆର ଜର୍ସିରେ ଦେଖାଯିବେ କି ନାହିଁ ହିଟ୍‌ମ୍ୟାନ୍ ରୋହିତ ଶର୍ମା ଏହା ଜାଣିବାକୁ ଖୁବ ଆଗ୍ରହ କ୍ରିକେଟ୍ ଫ୍ୟାନ୍ । ତେବେ ଏହି ପ୍ରଶ୍ନର ଉତ୍ତର ନିଜେ ଦେଇଛନ୍ତି ରୋହିତ । ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ୨୦୨୬ ବିଶ୍ୱକପ୍‌ରେ ଖେଳିବା ନେଇ ପଚରାଯିବାରୁ ରୋହିତ କହିଛନ୍ତି "ଅକ୍ଟୋବର ୨୦୨୬ ଏବେ ବହୁତ ଦୂର, ସେତେବେଳେ ଦେଖିବା।" ଅର୍ଥାତ୍ ହିଟ୍‌ମ୍ୟାନ୍ ଏବେ ବିଶ୍ୱକପ୍ ଖେଳିବା ନେଇ 'ହଁ' କିମ୍ବା ନାଁ ସ୍ପଷ୍ଟ ଭାବେ କହିନାହାନ୍ତି । ରୋହିତ ଏବେ ଟେଷ୍ଟ ଓ ଟି-୨୦ ଫର୍ମାଟ୍‌ରୁ ଅବସର ନେଇସାରିଛନ୍ତି। ତେଣୁ ସେ ଅନ୍ତର୍ଜାତୀୟ କ୍ରିକେଟ୍ ହିସାବରେ କେବଳ ଦିନିକିଆ ଫର୍ମାଟ୍ ଖେଳୁଛନ୍ତି ।

୮୦ ଦଶକର ଲୁକ୍‌ରେ ଟିମ୍ ଇଣ୍ଡିଆ



ନୂଆଦିଲ୍ଲୀ : ୧୯୮୦ ଦଶକ ବହୁତ ଆଗରୁ ବିତିଯାଇଥିଲେ ମଧ୍ୟ, ଟିମ ଇଣ୍ଡିଆର ଖେଳାଳିମାନଙ୍କୁ ହଠାତ ସେହି ସମୟର ଲୁକ୍ ବା ବେଶଭୂଷାରେ ଦେଖିବାକୁ ମିଳିଥିଲା। ଆଫଗାନିସ୍ତାନ ବିପକ୍ଷ ଟି-୨୦ ସିରିଜ ପୂର୍ବରୁ, ବିସିସିଆଇ ଖେଳାଳିମାନଙ୍କୁ ନେଇ ଏକ ମଜାଦାର ଭିଡିଓ ଶେୟାର କରିଛି । ଏହି ଭିଡିଓରେ କ୍ରିକେଟରମାନଙ୍କୁ ୧୯୮୦ ଦଶକର ଫ୍ୟାଶନରେ ସଜ୍ଜିତ ନିଜ ଫଟୋ ଦେଖି ପ୍ରତିକ୍ରିୟା ଦେଉଥିବାର ଦେଖିବାକୁ ମିଳିଥିଲାକେତେବେଳେ ସେମାନେ ଆଶ୍ଚର୍ଯ୍ୟ ହେଉଥିଲେ ତ ପୁଣି କେତେବେଳେ ନିଜ ଫଟୋ ଦେଖି ହସୁଥିଲେ। ସେମାନଙ୍କୁ ସେହି 'ରିଟ୍ରୋ' (ପୁରୁଣା ଶୈଳୀର) ଲୁକରେ ଥିବା ନିଜର ଫଟୋ ଦେଖାଯାଇଥିଲା; ପୁରୁଣା କେଶ-ସଜ୍ଜା ଓ ସେହି ଯୁଗର ଫ୍ୟାଶନରେ ନିଜକୁ ଦେଖି ଅନେକ ଖେଳାଳି କିଛି ମୁହୂର୍ତ୍ତ ପାଇଁ ନିଜକୁ ଚିହ୍ନି ପାରିନଥିଲେ। ପରସ୍ପରର ଫଟୋ ଦେଖିବା ସମୟରେ ସେମାନେ ମଧ୍ୟ ପରସ୍ପରକୁ ଥଟ୍ଟା-ମଜା କରି ବେଶ ଭଲ ସମୟ ବିତାଇଥିଲେ। ଭିଡିଓରେ ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରତିକ୍ରିୟା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ୮୦ ଦଶକର ନିଜ ଫଟୋ ଦେଖି ବୈଭବ ନିଜେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ; ଫଟୋଟିକୁ ଦେଖି ସେ କହିଥିଲେ ଯେ ସେଥିରେ ସେ ବେଶ ସ୍ମାର୍ଟ ଦେଖାଯାଉଥିଲେ। ସେହି ଛବି ଦେଖି ଅକ୍ଷର ପଟେଲ ନିଜ ହସକୁ ରୋକିପାରିନଥିଲେ, ଯାହା ଫଳରେ ଖେଳାଳିମାନଙ୍କ ମଧ୍ୟରେ ହାସ୍ୟ-ପରିହାସର ଏକ ପର୍ଯ୍ୟାୟ ଆରମ୍ଭ ହୋଇଯାଇଥିଲା। ବୈଭବଙ୍କ ବ୍ୟତୀତ, ୮୦ ଦଶକର ଲୁକରେ ସଜ୍ଜିତ ଈଶାନ କିଶନ ଏବଂ ଅଭିଷେକ ଶର୍ମାଙ୍କ ଫଟୋ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ନିଜର ଏହି ନୂଆ ରୂପକୁ ଦେଖି ଉଭୟ ଖେଳାଳି ମଜାଦାର ପ୍ରତିକ୍ରିୟା ଦେଉଥିବାର ଦେଖିବାକୁ ମିଳିଥିଲା। ରେଟ୍ରୋ (ପୁରୁଣା ଶୈଳୀର) ହେୟାରଷ୍ଟାଇଲ ଏବଂ ପୋଷାକରେ ସେମାନଙ୍କୁ ଦେଖି ସହ-ଖେଳାଳିମାନେ ମଧ୍ୟ ବେଶ ଖୁସି ହୋଇଥିଲେ। ସଞ୍ଜୁ ସାମସନଙ୍କ ସମେତ ଅନେକ ଖେଳାଳି ନିଜର ୮୦ ଦଶକର ଶୈଳୀ ଥିବା ଫଟୋ ଦେଖି ହାସ୍ୟରସାତ୍ମକ ପ୍ରତିକ୍ରିୟା ଦେଇଥିଲେ। ଏହି ସମୟରେ, ଏକ ପୁରୁଣା ଫଟୋ ଦେଖି ଯୁବରାଜ ସିଂହଙ୍କ ନାମ ଉଲ୍ଲେଖ ହେବା ଫଳରେ ଖେଳାଳିଙ୍କ ମଧ୍ୟରେ ହାଲୁକା ମଜା-ମସ୍ତି ଓ ଥଟ୍ଟା-ପରିହାସ ଦେଖିବାକୁ ମିଳିଥିଲା; ଜଣେ ଖେଳାଳି ମଜାକରେ କହିଥିଲେ ଯେ ସେ ସେଥିରେ ଦେଖାଯାଉଥିବା ରୂପ ଅପେକ୍ଷା ଅଧିକ ଭଲ ଦେଖାଯାଆନ୍ତି। ଏହି ଭିଡିଓରେ ଯଶପ୍ରୀତ ବୁମରାହ, ଶ୍ରେୟସ ଆୟର, ଅକ୍ଷର ପଟେଲ ଏବଂ ଶିବମ ଦୁବେଙ୍କ ସମେତ ଅନେକ ଭାରତୀୟ ଖେଳାଳିଙ୍କୁ ଦେଖିବାକୁ ମିଳିଥିଲା। ଖେଳାଳିମାନେ ଏହି ସେସନକୁ ବେଶ ଉପଭୋଗ କରିଥିଲେ ଏବଂ ନିଜର ଫଟୋ ଦେଖି ହସୁଥିବାର ନଜର ଆସିଥିଲେ। ସିରିଜ ପୂର୍ବରୁ ଦଳର ଏହି ଭିନ୍ନ ରୂପ ସୋସିଆଲ ମିଡିଆରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ଭିଡିଓର ମୁଖ୍ୟ ଆକର୍ଷଣ କେବଳ ଖେଳାଳିଙ୍କ ବଦଳିଥିବା ରୂପ ନଥିଲା, ବରଂ ନିଜ ଫଟୋ ଦେଖି ସେମାନଙ୍କର ମଜାଦାର ପ୍ରତିକ୍ରିୟା ମଧ୍ୟ ଥିଲା। ବିଶେଷକରି ବୈଭବ ସୂର୍ଯ୍ୟବଂଶୀଙ୍କ ଫଟୋ ଖେଳାଳିଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ନିଜ ସହ-ଖେଳାଳିମାନଙ୍କୁ ୮୦ ଦଶକର ଷ୍ଟାଇଲରେ

ସାଇବର ଠକେଇର ବଡ଼ ନେଟୱର୍କ

ଓଡ଼ିଶାରୁ ଜାରି ହୋଇଥିଲା ୭୦୦ରୁ ଅଧିକ ସିମ୍

ଭୁବନେଶ୍ୱର(ବ୍ୟୁରୋ) : ସିମ୍ କାର୍ଡରେ ସାଇବର ଠକେଇର ସାଂଘାତିକ ପ୍ଲାନ । ଗୋଟିଏ କି ଦୁଇଟି ନୁହେଁ, ୭୦୦ରୁ ଅଧିକ ସିମ୍ କାର୍ଡର ଲିଙ୍କ ପହଞ୍ଚିଛି ଓଡ଼ିଶାରେ। ବେଆଇନ ସିମ୍ ବକ୍ସ ଅପରେସନ ଜରିଆରେ ସାଇବର ଠକେଇ ଅଭିଯୋଗରେ ଜଣେ ଐରଟେଲ ଏରିଆ ଡିସଟ୍ରିବ୍ୟୁଟରଙ୍କୁ ଗିରଫ କରିଛି ସିବିଆଇ। ସାଇବର ଠକେଇ ପାଇଁ ବ୍ୟବହାର ହେଉଥିବା ବେଆଇନ ସିମ୍ ବକ୍ସ ଅପରେସନର ପର୍ଦ୍ଦାଫାସ କରିଛି ସିବିଆଇ । ବିହାରର ଭଭସାଲି ଜିଲ୍ଲା ଏବଂ ଓଡ଼ିଶାର ଜଗତସିଂହପୁର ଜିଲ୍ଲାର ମୋଟ ୧୦ଟି ସ୍ଥାନରେ ଚଢ଼ାଉ କରିଛି ତଦନ୍ତକାରୀ ସଂସ୍ଥା। ଚଢ଼ାଉ ବେଳେ ମୋବାଇଲ ଫୋନ୍, ଲାପଟପ୍ ସମେତ ବିଭିନ୍ନ ଡିଜିଟାଲ ଉପକରଣ ଏବଂ ସିମ୍ କାର୍ଡ ଜବତ ହୋଇଛି। ତଦନ୍ତରେ ୧୩୦୦ରୁ ଅଧିକ ସିମ୍ କାର୍ଡ ସମ୍ପର୍କିତ ତଥ୍ୟ ସାମ୍ନାକୁ ଆସିଛି। ସବୁଠୁ ବଡ଼ କଥା ହେଲା,



ଏଥିମଧ୍ୟରୁ ୭୦୦ରୁ ଅଧିକ ସିମ୍ କାର୍ଡ ଓଡ଼ିଶାର ଜଣେ ଏୟାରଟେଲ୍ ଡିଷ୍ଟ୍ରିବ୍ୟୁଟରଙ୍କ ଜରିଆରେ ଜାରି ହୋଇଥିବା ସିବିଆଇ ତଦନ୍ତରୁ ଜଣାପଡ଼ିଛି। ଏହି ସିମ୍ କାର୍ଡଗୁଡ଼ିକୁ ବିହାରର ଭଭସାଲି ଜିଲ୍ଲାର ବିଭିନ୍ନ ପଏଂଟ ସେଲ୍‌କୁ ପଠାଯାଇଥିବା ଅଭିଯୋଗ ରହିଛି। ବିହାରର ସୁପଉଲ ଜିଲ୍ଲାରେ ଗତବର୍ଷ ଏହି ବେଆଇନ ସିମ୍ ବକ୍ସ ଅପରେସନ ଠାବ ହୋଇଥିଲା। ଏହି ସିମ୍ ବକ୍ସ ନେଟୱର୍କର ଲିଙ୍କ ଦେଶର ବିଭିନ୍ନ ସ୍ଥାନରେ ଘଟିଥିବା ଅତିକମରେ ୭୩ଟି ସାଇବର ଅପରାଧ ସହ ରହିଥିବା ଜଣାପଡ଼ିଛି। ଏଥିରେ ଡିଜିଟାଲ ଆରେଷ୍ଟ ମାମଲା ମଧ୍ୟ ରହିଛି । ତଦନ୍ତରେ ଏହା ମଧ୍ୟ ସାମ୍ନାକୁ ଆସିଛି ଯେ, ଅନେକ ସିମ୍ ଗ୍ରାହକଙ୍କ ନାମରେ ଜାରି ହୋଇଥିଲେ ମଧ୍ୟ ସେମାନେ ସିମ୍ ନେଇଥିବା କଥା ଜାଣିନଥିବା କହିଛନ୍ତି। କେଓ୍ୱାଇସି ସମୟରେ ଠକେଇ କରି କିମ୍ବା ଅନ୍ୟ କାମ ପାଇଁ ସଂଗ୍ରହ ହୋଇଥିବା ବାୟୋମେଟ୍ରିକ୍ ତଥ୍ୟର ଅପବ୍ୟବହାର କରାଯାଇଥିବା ସନ୍ଦେହ କରାଯାଉଛି। ଓଡ଼ିଶାରୁ ସିମ୍, ବିହାରରେ ସିମ୍ ବକ୍ସ ଆଉ ଦେଶବ୍ୟାପୀ ସାଇବର ଠକେଇ ! ଏହି ବଡ଼ ନେଟୱର୍କ ପଛରେ ଆଉ କିଏ କିଏ ଅଛନ୍ତି, ତାହାର ଖୋଳତାଡ଼ କରୁଛି ସିବିଆଇ।

ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା: ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର(ବ୍ୟୁରୋ): ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଗତ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ମାଲକାନଗିରି ଜିଲ୍ଲାରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ସେପଟେ ସାରା ରାଜ୍ୟରେ ଗତ ୧୨ ଦିନରେ ହାରାହାରି ୨୫ ପ୍ରତିଶତ ଅଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂଚନା ଦେଇଛି। ଏଣୁ ରାଜ୍ୟ ସରକାର ପାଣିପାଗ ତଥା ନଦୀର ସ୍ଥିତି ଉପରେ କଡ଼ା ଓ ନିରନ୍ତର ନଜର ରଖିଛନ୍ତି। ରାଜ୍ୟର ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ଓ ସବୁ ନଦୀର ଜଳସ୍ତର ବିପଦସଙ୍କେତ ତଳେ ଥିବା ରାଜ୍ୟ ସରକାର କହିଛନ୍ତି। ସେପଟେ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ସୃଷ୍ଟ ଲଘୁଚାପ କ୍ଷେତ୍ର ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ

ହାରାହାରି ୨୪.୫ ମିମି ବର୍ଷା ରେକର୍ଡ କରାଯାଇଛି। ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ବ୍ଲକ୍‌ରେ ସର୍ବାଧିକ ୧୯୨ ମିମି ବର୍ଷା ହୋଇଛି। ୫ଟି ବ୍ଲକ୍‌ରେ ୧୦୦ ମିମିରୁ ଅଧିକ ଏବଂ ୩୩ଟି ବ୍ଲକ୍‌ରେ ୫୦ରୁ ୧୦୦ ମିମି ମଧ୍ୟରେ ବର୍ଷା ରେକର୍ଡ କରାଯାଇଛି। ସେପ୍ଟେମ୍ବର ୧ରୁ ୧୨ ତାରିଖ ମଧ୍ୟରେ ମୋଟ ବର୍ଷା ପରିମାଣ ୯୦.୨ ମିମି ରହିଛି, ଯାହା ସ୍ୱାଭାବିକ ବର୍ଷାର ହାରାହାରି ୯୬.୬ ମିମି ତୁଳନାରେ ୬.୬ ପ୍ରତିଶତ କମ୍। ଅନ୍ୟପକ୍ଷରେ, ଜୁନ୍ ୧ରୁ ସେପ୍ଟେମ୍ବର ୧୨ ମଧ୍ୟରେ ମୋଟ ବର୍ଷା ପରିମାଣ ୧୨୪୭.୫ ମିମି ରହିଛି, ସ୍ୱାଭାବିକ ହାରାହାରି ବର୍ଷାଠାରୁ ୯୯୭.୦ ମିମି ତୁଳନାରେ ୨୫.୧ ପ୍ରତିଶତ ଅଧିକ। ଅପରପକ୍ଷେ, ଉତ୍ତର-ପଶ୍ଚିମ ଓ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଏହା ସଂଲଗ୍ନ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅଧିକ ଘନୀଭୂତ ହେବା ସହ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗକୁ ଗତି କରି ଉତ୍ତର ଉପକୂଳବର୍ତ୍ତୀ ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ଅତିକ୍ରମ କରିବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏହା ବ୍ୟତୀତ ବାଲେଶ୍ୱର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ବିଜୁଳି, ଘଡଘଡ଼ି ସହ ବର୍ଷା ଓ ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି।

ଦୟା ସେତୁ ଉପରେ ବିଳମ୍ବିତ ରାତିରେ ନିଶାସକ୍ତ ମହିଳାଙ୍କ ଉନ୍ମତ୍ତକାଣ୍ଡ

ଭୁବନେଶ୍ୱର(ବ୍ୟୁରୋ): ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଧଉଳି ଥାନା ଅଧୀନ ଦୟା ସେତୁ ଉପରେ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ନିଶାଶକ୍ତ ମହିଳା ଉନ୍ମତ୍ତକାଣ୍ଡ କରିଛନ୍ତି । ବାରମ୍ବାର ଦୟା ସେତୁରୁ ସେ ଡେଇଁବାକୁ ଉଦ୍ୟମ କରିଥିଲେ । ତାଙ୍କୁ ବୁଝାଇବାକୁ ଯାଇ କିନ୍ନର ଆକ୍ରମଣର ଶିକାର ହୋଇଥିବାବେଳେ ପୁଲିସକୁ ମଧ୍ୟ ନାକେଦମ ହେବାକୁ ପଡିଛି । ଶେଷରେ ରାତି ପାହିବା ପରେ ନିଶା ଖସିବାରୁ ମହିଳା ଜଣଙ୍କ ସ୍ୱାଭାବିକ ହୋଇଥିଲେ । ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳରେ ମହିଳା ଜଣଙ୍କ ରୁହନ୍ତି । ରାତିରେ ସେ ନିଶାସକ୍ତ ଅବସ୍ଥାରେ ଦୟା ସେତୁ ଉପରେ ହଙ୍ଗାମା କରିଥିଲେ । ସେତୁ ଉପରୁ ଦୟା ନଦୀକୁ ଡେଇଁବା ପାଇଁ ବାରମ୍ବାର ଉଦ୍ୟମ କରିଥିଲେ । ଏହା ଦେଖି ଜଣେ କିନ୍ନର ତାଙ୍କୁ ବୁଝାଇଥିଲେ ଓ ନଦୀକୁ ଡେଇଁବାକୁ ବାରଣ କରିଥିଲେ । ମାତ୍ର ମହିଳା ଜଣଙ୍କ ତାଙ୍କୁ ଗାଳିଗୁଲଜ କରିବା ସହ

ଆକ୍ରମଣ କରିଥିଲେ । ଫଳରେ କିନ୍ନର ଜଣଙ୍କ ଥାନାକୁ ଫୋନ୍ କରି ଜଣାଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ବହୁତ ବୁଝାଶୁଝା କରିଥିଲେ ମଧ୍ୟ ସେ ଶୁଣିବା ବଦଳରେ ଗାଳିଗୁଲଜ କରିବା ସହିତ ଧକ୍କା ମାରିବାକୁ ପଛାଇ ନଥିଲେ । ପ୍ରାୟ ୩ ଘଣ୍ଟା ବୁଝାଶୁଝା ପରେ ମହିଳାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ମହିଳା ଜଣଙ୍କ ଏବେ ସ୍ୱାଭାବିକ ଅଛନ୍ତି । ପୁଲିସ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଶିଶୁଙ୍କ ପୋଷଣ ସ୍ଥିତିକୁ ନେଇ ୬ ଜିଲାରେ ସ୍ଥିତି ଚିନ୍ତାଜନକ

ଭୁବନେଶ୍ୱର(ବ୍ୟୁରୋ): ରାଜ୍ୟରେ ୫ ବର୍ଷରୁ କମ୍ ବୟସର ଶିଶୁଙ୍କ ପୋଷଣ ସ୍ଥିତିକୁ ନେଇ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେକ୍ଷଣ (ଏନ୍.ଏଫ୍.ଏଚ୍.ଏସ୍.-୫ରୁ ଏନ୍.ଏଫ୍.ଏଚ୍.ଏସ୍.-୬)ର ଏକ ତୁଳନାତ୍ମକ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁଯାୟୀ ରାଜ୍ୟରେ ଶିଶୁଙ୍କ ଶାରୀରିକ ବାମନତା ବା ଗେଡ଼ାପଣ (ଷ୍ଟଣ୍ଟିଂ) ଏବଂ 'ଗୁରୁତର କ୍ଷୀଣକାୟତା' (ସିଭିୟର ୱେଷ୍ଟିଂ ବା ଉଚ୍ଚତା ଅନୁପାତରେ କମ୍ ଓଜନ)ରେ ସୁଧାର ଆସିଥିବା ବେଳେ କମ୍ ଓଜନ (ଅଣ୍ଡରୱେଟ୍) ଏବଂ 'ସାଧାରଣ କ୍ଷୀଣକାୟତା' ବୃଦ୍ଧି ପାଇବା ଚିନ୍ତାର କାରଣ ସାଜିଛି। ରାଜ୍ୟ ସ୍ତରରେ ଗେଡ଼ାପଣ ହାର ଏନ୍.ଏଫ୍.ଏଚ୍.ଏସ୍.-୫ରେ ୩୧.୦% ଥିବାବେଳେ ଏନ୍.ଏଫ୍.ଏଚ୍.ଏସ୍.-୬ରେ ଏହା ୨୬.୮%କୁ ହ୍ରାସପାଇଛି, ଯାହା ୪.୨% ସୁଧାର ଦର୍ଶାଉଛି। ରାଜ୍ୟର ୩୦ ଜିଲା ମଧ୍ୟରୁ ୨୪ ଜିଲାରେ ଏଥିରେ ସୁଧାର ଆସିଥିବାବେଳେ ସମ୍ବଲପୁର ଜିଲାରେ ସବୁଠାରୁ ଅଧିକ ସୁଧାର (୪୦.୭%ରୁ ୨୪.୩% କୁ ହ୍ରାସ) ଦେଖିବାକୁ ମିଳିଛି। ଏହା ପଛକୁ ଭଦ୍ରକ ଓ ବରଗଡ଼ ରହିଛି। ଅପରପକ୍ଷରେ ୬ ଜିଲାରେ ଏହା ବୃଦ୍ଧି ପାଇଛି, ଯେଉଁଥିରେ ବଲାଙ୍ଗୀର (୩୨.୭%ରୁ ୩୬.୪%) ଶୀର୍ଷରେ ରହିଛି। ବର୍ତ୍ତମାନ ରାୟଗଡ଼ା (୪୭.୨%), ନୂଆପଡ଼ା (୪୩.୧%), କୋରାପୁଟ (୩୮.୭%), ମାଲକାନଗିରି (୩୭.୩%) ଏବଂ ବଲାଙ୍ଗୀର (୩୬.୪%)ରେ ଗେଡ଼ାପଣର ସ୍ଥିତି ଗୁରୁତର ରହିଛି। ଅନ୍ୟପଟେ ରାଜ୍ୟ ସ୍ତରରେ ଉଚ୍ଚତା ଅନୁପାତରେ କମ୍ ଓଜନ ବା କ୍ଷୀଣକାୟତା ହାର ୧୮.୧%ରୁ ୨୨.୧%କୁ ବୃଦ୍ଧିପାଇଛି (୪% ବୃଦ୍ଧି)। ମାତ୍ର ୯ ଜିଲାରେ ସୁଧାର ଆସିଥିବା ବେଳେ ୨୧ ଜିଲାରେ ଏହା ବୃଦ୍ଧି ପାଇଛି। ମାଲକାନଗିରିରେ ଏହା ସବୁଠୁ ଅଧିକ (୧୯.୩%ରୁ ୩୦.୭%) ବୃଦ୍ଧି ପାଇଥିବା ବେଳେ ମୟୂରଭଞ୍ଜ (୩୩.୦%), କେନ୍ଦୁଝର (୩୧.୬%) ଏବଂ ମାଲକାନଗିରି (୩୦.୭%)ରେ କ୍ଷୀଣକାୟତା ହାର ସର୍ବାଧିକ ରହିଛି। ତୀବ୍ର କୁପୋଷଣର ପ୍ରତୀକ ହୋଇଥିବାରୁ ଏହି ବୃଦ୍ଧି ସିଧାସଳଖ ଚିନ୍ତାର ବିଷୟ ପାଲଟିଛି। ସେହିପରି ରାଜ୍ୟ ସ୍ତରରେ 'ଗୁରୁତର କ୍ଷୀଣକାୟତା' ହାର ୬.୧%ରୁ ୫.୮%କୁ ସାମାନ୍ୟ ହ୍ରାସ ପାଇଛି। ୧୫ ଜିଲାରେ ସୁଧାର ଏବଂ ୧୫ ଜିଲାରେ ବୃଦ୍ଧି ରେକର୍ଡ କରାଯାଇଛି। କନ୍ଧମାଳ ଜିଲାରେ ସବୁଠାରୁ ବଡ଼ ସୁଧାର (୧୨.୪% ରୁ ୩.୧%କୁ ହ୍ରାସ) ହୋଇଛି। ଗଜପତିରେ ଏହା ୪.୩%ରୁ ୯.୧%କୁ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ (୧୦.୮%) ଓ କେନ୍ଦୁଝର (୧୦.୦%)ରେ ଏହା ଅଧିକ ରହିଛି। ଅନ୍ୟପକ୍ଷରେ ବୟସ ଅନୁପାତରେ କମ୍ ଓଜନ (ଅଣ୍ଡରୱେଟ୍) ଥିବା ଶିଶୁଙ୍କ ହାର ରାଜ୍ୟ ସ୍ତରରେ ୨୯.୭%ରୁ ୩୧.୬%କୁ ବୃଦ୍ଧି ପାଇଛି (୧.୯% ବୃଦ୍ଧି)। ୧୭ ଜିଲାରେ ସ୍ଥିତି ବିଗିଡ଼ିଥିବାବେଳେ ୧୪ ଜିଲାରେ ସୁଧାର ଆସିଛି। ବାଲେଶ୍ୱର ଜିଲାରେ ସବୁଠାରୁ ଅଧିକ ବୃଦ୍ଧି (୨୨.୬%ରୁ ୩୩.୭%) ରେକର୍ଡ ହୋଇଛି। ରାୟଗଡ଼ା (୪୬.୮%), ମାଲକାନଗିରି (୪୬.୧%), କେନ୍ଦୁଝର (୪୫.୨%), ମୟୂରଭଞ୍ଜ (୪୪.୩%) ଏବଂ କୋରାପୁଟ (୪୨.୬%)ରେ କମ୍ ଓଜନ ସ୍ଥିତି ସବୁଠୁ ଚିନ୍ତାଜନକ ରହିଛି। ତେବେ ରାଜ୍ୟରେ ଅଧିକ ଓଜନ (ଓଭରୱେଟ୍) ବିଶିଷ୍ଟ ଶିଶୁଙ୍କ ହାର ୩.୫%ରୁ ୨.୧%କୁ ହ୍ରାସ ପାଇବା ସହ ୨୪ ଜିଲାରେ ଏଥିରେ ସୁଧାର ଆସିଛି। ଜିଲାୱାରୀ ଏହି ବ୍ୟାପକ ତାରତମ୍ୟକୁ ଦୃଷ୍ଟିରେ ରଖି ଭୌଗୋଳିକ ଭିତ୍ତିରେ ସ୍ୱତନ୍ତ୍ର ପୋଷଣ କାର୍ଯ୍ୟକ୍ରମ ଏବଂ ତୁରନ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ଭୁବନେଶ୍ୱରରେ ବାଲିଯାତ୍ରାର ପ୍ରଥମ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର(ବ୍ୟୁରୋ): ଚଳିତ ବର୍ଷ ଭୁବନେଶ୍ୱର ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ, ସୁନ୍ଦର, ଶୃଙ୍ଖଳିତ ଓ ସଫଳ କରିବା ନିମନ୍ତେ ବାଲିଯାତ୍ରାର ପ୍ରଥମ ପ୍ରସ୍ତୁତି ବୈଠକ କମିଟିର କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କ୍ରୀଡ଼ା, ଉଚ୍ଚଶିକ୍ଷା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଏକାମ୍ର ବିଧାୟକ ବାବୁ ସିଂହ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଜେପି ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ବାଲିଯାତ୍ରା କମିଟିର ସମ୍ପାଦକ ସୁବାସ ପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ । ବୈଠକରେ ଭୁବନେଶ୍ୱର ବାଲିଯାତ୍ରାକୁ ଓଡ଼ିଆ ଅସ୍ମିତା, ଐତିହ୍ୟ ଓ ସମୃଦ୍ଧ ସାମୁଦ୍ରିକ ପରମ୍ପରାର ଏକ ପ୍ରମୁଖ ପ୍ରତୀକ ଭାବେ ଅଧିକ ଲୋକପ୍ରିୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବାଲିଯାତ୍ରାର ଐତିହାସିକ ମହତ୍ତ୍ୱ ଓ ଓଡ଼ିଆ ଅସ୍ମିତାର ଗୌରବମୟ ପରମ୍ପରାକୁ ଆଗାମୀ ପିଢ଼ି ନିକଟରେ ପହଞ୍ଚାଇବା ପାଇଁ ସମସ୍ତେ ମିଳିତ ଭାବେ ପ୍ରୟାସ କରିବାକୁ ଆହ୍ୱାନ ଦିଆଯାଇଥିଲା । ଚଳିତ ବର୍ଷ ଏହାକୁ କିପରି ସମ୍ପ୍ରସାରଣ କରାଯାଇ ପାରିବ ଏବଂ ଅଧିକ ଷ୍ଟଲ ପଡିବ, ବାହାର ରାଜ୍ୟରୁ ସାଂସ୍କୃତିକ ଟ୍ରୁପ ଆସିବେ ସେ ଦିଗରେ ଆଲୋଚନା ହୋଇଥିଲା । ବିଭିନ୍ନ ସରକାରୀ ବିଭାଗର ସମନ୍ୱୟ, ଉତ୍ତମ ପରିଚାଳନା, ଆଗନ୍ତୁକଙ୍କ ପାଇଁ ଆବଶ୍ୟକ ସୁବିଧା, ସୁରକ୍ଷା ଓ ଶୃଙ୍ଖଳା ସହିତ ଓଡ଼ିଆ କଳା, ସଂସ୍କୃତି, ଖାଦ୍ୟ, ହସ୍ତଶିଳ୍ପ ଓ ପରମ୍ପରାକୁ ପ୍ରାଧାନ୍ୟ ଦେଇ ଏକ ମନୋଜ୍ଞ ଆୟୋଜନ କରିବା ନିମନ୍ତେ ବୈଠକରେ ବିଭିନ୍ନ ପ୍ରସ୍ତାବ ଓ ମତାମତ ଉପରେ ଆଲୋଚନା ହୋଇଥିଲା ।

ଅନଲାଇନ୍ ଟ୍ରେଡିଂ ନାଁରେ ୨ କୋଟିରୁ ଅଧିକ ଟଙ୍କା ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ବ୍ୟୁରୋ) : ଅନଲାଇନ୍ ଟ୍ରେଡିଂ ନାଁରେ ୨ କୋଟିରୁ ଅଧିକ ଟଙ୍କାର ଠକେଇ ! ଅଭିଯୁକ୍ତକୁ ବାନ୍ଧିଲା ପୋଲିସ । ଅଭିଯୁକ୍ତ ସୁନୀଲ କୁମାର ସାହୁକୁ ଗିରଫ କରିଛି ନୟାପଲ୍ଲୀ ଥାନା ପୋଲିସ। ସୁନୀଲ ଭୁବନେଶ୍ୱରରେ ଠକେଇ କାରବାରର ନେଟୱର୍କ ଚଲାଇଥିଲା। ଅଭିଯୋଗ ଅନୁସାରେ, ଅନଲାଇନ୍ ଟ୍ରେଡିଂ ନାମରେ ଲୋକଙ୍କୁ ଫସାଇ ଠକେଇ କରୁଥିଲା ସୁନୀଲ କୁମାର

ସାହୁ। ଟ୍ରେଡିଂ ନାଁରେ ଟଙ୍କା ନେଇ ୨ କୋଟିରୁ ଅଧିକ ଟଙ୍କାର ଠକେଇ କରିଥିବା ଅଭିଯୋଗ ହୋଇଛି। ଦାଶରଥି ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଶେଷରେ ଅଭିଯୁକ୍ତ ସୁନୀଲକୁ ଗିରଫ କରିଛି ପୋଲିସ ।

ଭୁବନେଶ୍ୱରର ସଡ଼କ ଦୁର୍ଘଟଣା ନିରୋଧ ଫୋରମ୍‌କୁ ବ୍ରିଜ୍‌ଷ୍ଟୋନ୍ ଇଣ୍ଡିଆର ସାମାଜିକ ପ୍ରଭାବର ଉପବିଜେତା ପୁରସ୍କାର

ଭୁବନେଶ୍ୱର(ବ୍ୟୁରୋ): ଭୁବନେଶ୍ୱରସ୍ଥିତ ସଡ଼କ ଦୁର୍ଘଟଣା ନିରୋଧ ଫୋରମ୍‌କୁ ବ୍ରିଜ୍‌ଷ୍ଟୋନ୍ ଇଣ୍ଡିଆର 'ଗତିଶୀଳତା ସାମାଜିକ ପ୍ରଭାବ ପୁରସ୍କାର-୨୦୨୬'ରେ ଉପବିଜେତା ଭାବେ ଘୋଷଣା କରାଯାଇଛି। ସଡ଼କ ଦୁର୍ଘଟଣା ନିରୋଧ ଫୋରମ୍ ୨୦୧୦ ମସିହାରୁ ସୁରକ୍ଷିତ ସଡ଼କ ଓ ସୁରକ୍ଷିତ ସମୁଦାୟ ଗଠନ ଲକ୍ଷ୍ୟରେ କାର୍ଯ୍ୟ କରିଆସୁଛି। ସଚେତନତା ସୃଷ୍ଟି, ଯୁବପିଢ଼ିର ସଂପୃକ୍ତି, ନୀତିଗତ ପ୍ରଚାର ଏବଂ ତଥ୍ୟଭିତ୍ତିକ ସଡ଼କ ସୁରକ୍ଷା ପଦକ୍ଷେପ ମାଧ୍ୟମରେ ସଂଗଠନ ଏହି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାମ କରୁଛି। ଶିକ୍ଷାନୁଷ୍ଠାନ, ସରକାରୀ ସଂସ୍ଥା, ଟ୍ରାଫିକ୍ ପୁଲିସ ଏବଂ ସ୍ଥାନୀୟ ସମୁଦାୟ ସହଯୋଗୀଙ୍କ ସହ ମିଶି ଫୋରମ୍ ପକ୍ଷରୁ ଦୁର୍ଘଟଣା ନିରୋଧ, ସଡ଼କ ସୁରକ୍ଷା ଶିକ୍ଷା, ସମୁଦାୟ ସଚେତନତା ଓ ଦୁର୍ଘଟଣା ପୀଡ଼ିତଙ୍କୁ ସହାୟତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବ୍ରିଜ୍‌ଷ୍ଟୋନ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ରାଜର୍ଷି ମୋଇତ୍ରା କହିଛନ୍ତି, ସଡ଼କକୁ ଅଧିକ ସୁରକ୍ଷିତ କରିବା, ସମୁଦାୟକୁ ସଶକ୍ତ କରିବା ଏବଂ ସାରା ଭାରତରେ ସକାରାତ୍ମକ ସାମାଜିକ ପରିବର୍ତ୍ତନ ଆଣିବା ଦିଗରେ ଫୋରମ୍‌ର ଉଦ୍ୟମକୁ ସ୍ୱୀକୃତି ଦେଇ ଆମେ ଗର୍ବିତ। ସଡ଼କ ଦୁର୍ଘଟଣା ନିରୋଧ ଫୋରମ୍‌ର ପ୍ରତିଷ୍ଠାତା ଡ. ବିକାଶ ମହାପାତ୍ର କହିଛନ୍ତି, ଏହି ସ୍ୱୀକୃତି ପାଇ ଆମେ ସମ୍ମାନିତ। ସମସ୍ତଙ୍କ ପାଇଁ ସୁରକ୍ଷିତ ସଡ଼କ ଓ ସୁରକ୍ଷିତ ସମୁଦାୟ ବାସ୍ତବତାରେ ପରିଣତ ହେବା ପର୍ଯ୍ୟନ୍ତ ଆମର ପ୍ରୟାସ ଜାରି ରହିବ।

ହର୍ଣ୍ଣ ମାରିବା ଘଟଣା,ବନ୍ଧାହେଲେ ଦୁଇ ଯୁବକ

ଭୁବନେଶ୍ୱର(ବ୍ୟୁରୋ): ସାମାନ୍ୟ ହର୍ଣ୍ଣ ମାରିବାକୁ କେନ୍ଦ୍ରକରି ରାତି ଅଧରେ ଜଣେ ଏଏସ୍ଓଙ୍କୁ କାରରୁ ଘୋଷାଡ଼ି ନେଇ ନିଷ୍ଠୁର ମାଡ଼ ମାରିବା ଓ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ଜଣେ ସାମ୍ବାଦିକଙ୍କୁ ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ ମାମଲାରେ କମିଶନରେଟ୍ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ୨ ନିଶାସକ୍ତ ଯୁବକଙ୍କୁ ଖାରବେଳନଗର ଥାନା ପୁଲିସ ଆଜି ଗିରଫ କରିଛି । ସେମାନେ ହେଲେ ଶାସ୍ତ୍ରୀନଗରରେ ରହୁଥିବା ଗଞ୍ଜାମ ଲାଞ୍ଜିପଲ୍ଲୀର ସିପୁନ ପାଢ଼ୀ (୨୪) ଏବଂ ଯାଜପୁର ଦାନଗ

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.146, Monday, 14 September 2026, Puri, Pages - 20, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୪୬, ସୋମବାର, ୧୪ ସେପ୍ଟେମ୍ବର ୨୦୨୬, ପୁରୀ, ୨୦ ପୃଷ୍ଠା, ମୂଲ୍ୟ - ୯ ଟଙ୍କା